# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୬/୨୦୨୬ (୧୬ ପୃଷ୍ଠା) | Bhubaneswar, Friday, February 6/2026 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 74 | ମୂଲ୍ୟ₹୭/-



16001/12/2526

GFTN



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନ୍ୟବର ରାଷ୍ଟ୍ରପତି



ଡ଼. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା

## କୃତ୍ରିମ ବୁଦ୍ଧିମତ୍ତା : ଫିନଟେକ୍ : ଇନସ୍ୟୋରଟେକ୍
## ନୂତନ ଭାରତର ବିକାଶ ଓ ନିଯୁକ୍ତି ଇଞ୍ଜିନ

ବ୍ଲାକ୍ ସ୍ୱାନ୍ ସମ୍ମିଟ୍ | ୫-୬ ଫେବୃଆରୀ ୨୦୨୬

ଭୁବନେଶ୍ୱର
ଭାରତ ସଂସ୍କରଣ

**ମୁଖ୍ୟ ଅତିଥି**

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନ୍ୟବର ରାଷ୍ଟ୍ରପତି

**ଗରିମାମୟ ଉପସ୍ଥିତି**

ଡ଼. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ,
ଓଡ଼ିଶା

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସଂସଦୀୟ ବ୍ୟାପାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ଓଡ଼ିଶା ହେବ ଭବିଷ୍ୟତ ଫିନଟେକ୍‌ର ପଥପ୍ରଦର୍ଶକ**

- ଓଡ଼ିଶାକୁ ଏକ ଉଦୀୟମାନ ବିଶ୍ୱସ୍ତରୀୟ ଫିନଟେକ୍ ଏବଂ ଇନସ୍ୟୋରଟେକ୍ ହବ୍ ରୂପେ ପ୍ରତିଷ୍ଠିତ କରିବ
- ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ଓ ଫିନଟେକ୍ ପ୍ରତିଷ୍ଠାନମାନଙ୍କରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ
- ଶିଳ୍ପ କ୍ଷେତ୍ରରେ ପ୍ରବେଶ କରିବା ପାଇଁ ଫିନଟେକ୍ ପ୍ରମାଣପତ୍ର ସହ ପ୍ରସ୍ତୁତ ଏକ ପ୍ରତିଭାପୁଞ୍ଜ ପ୍ରଦାନ କରିବ
- ସ୍ଥାନୀୟ ପ୍ରତିଭାକୁ ବିଶ୍ୱ ଆର୍ଥିକ ମୂଲ୍ୟ ଶୃଙ୍ଖଳାରେ ସାମିଲ କରିବ
- ଭୁବନେଶ୍ୱରକୁ ବିଶ୍ୱ ଫିନଟେକ୍ ନବସୃଜନ ଓ ପୁଞ୍ଜି ନିବେଶ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ



OIPR-16001/16003/2/25-26/0012

GFTN | MUFG | BHARATNETRA One Vision · One Finance · One Future | NUS National University of Singapore | Asian Institute of Digital Finance

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର



ଶିକ୍ଷାନୁଷ୍ଠାନ ପରିସରରେ ଜାତିଭିତ୍ତିକ ପକ୍ଷପାତ ରୋକିବା ଲାଗି ଗୁରୁବାର ୨୦୨୬ ୟୁଜିସି ନିୟମାବଳୀ ବିରୋଧରେ ବିକ୍ଷୋଭ କରୁଥିବା ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ)ର ଜଣେ ସଦସ୍ୟଙ୍କୁ ପୋଲିସ ଅଟକ ରଖୁଛି।

## ବିହାର ନିର୍ବାଚନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲା ଜନସୁରାଜ ପାର୍ଟି

ନୂଆଦିଲ୍ଲୀ,୫।୨(ପି.ଟି.)

୨୦୨୫ର ବିହାର ବିଧାନସଭା ନିର୍ବାଚନକୁ ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ସହ ସାନି ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଶୁକ୍ରବାର ଏହା ଉପରେ ଶୁଣାଣି କରିପାରନ୍ତି। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୨୦୨ ଆସନ ଜିତି କ୍ଷମତା ବଜାୟ ରଖିଥିବାବେଳେ ଇଣ୍ଡିଆ ବ୍ଲକ୍‌କୁ ମାତ୍ର ୩୫ ଆସନ ମିଳିଥିଲା। ଜନସୁରାଜ ପାର୍ଟି ଖାତା ଖୋଲିପାରି ନ ଥିଲା। ନିର୍ବାଚନ ତାରିଖ ଘୋଷଣା ପରେ ବିହାର ସରକାର ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରି ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ନାମରେ ପ୍ରତ୍ୟେକ ମହିଳାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ଲେଖାଏ ପଠାଇଥିଲେ। ଅନୁଚ୍ଛେଦ ୩୨୪ ଏବଂ ଜନପ୍ରତିନିଧି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିବେଦନ କରାଯାଇଛି।

## ମାର୍ଚ୍ଚରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର: ଗୋୟଲ

ନୂଆଦିଲ୍ଲୀ,୫।୨(ପି.ଟି.)

ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ସ୍ୱାକ୍ଷରିତ ହୋଇପାରେ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଗୁରୁବାର କହିଛନ୍ତି। ଚୁକ୍ତି ସ୍ୱାକ୍ଷର ହେଲେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ। ସେହିପରି ଆମେରିକାରୁ ଆମଦାନୀ ସାମଗ୍ରୀଗୁଡ଼ିକ ଉପରେ ଭାରତ ଆମଦାନୀ ଶୁଳ୍କ କମାଇବ। ଆଗାମୀ ୪-୫ ଦିନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ଉପରେ ମିଳିତ ବିବୃତି ଚୂଡ଼ାନ୍ତ ହୋଇ ସ୍ୱାକ୍ଷରିତ ହେବା ଆଶା କରାଯାଉଛି। ଏହା ପରେ ଆମେରିକା ଲଗାଇଥିବା ଟାରିଫ୍ ୧୮ ପ୍ରତିଶତକୁ ହ୍ରାସ ପାଇବ।

ଚଳିତ ସପ୍ତାହ ଆରମ୍ଭରେ ଭାରତ ଓ ଆମେରିକା ଚୁକ୍ତିନାମା ଚୂଡ଼ାନ୍ତ କରିଥିଲେ। ତଦନୁଯାୟୀ ଆମେରିକାରେ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ୫୦ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ ପାଇବ। ସମ୍ପ୍ରତି ଭାରତୀୟ ସାମଗ୍ରୀ ଉପରେ ଆମେରିକା ୨୫ ପ୍ରତିଶତ ଜବାବୀ



ପୀୟୂଷ ଗୋୟଲ

ଶୁଳ୍କ ଏବଂ ରୁଷିଆରୁ ଅଶୋଧିତ ତୈଳ କିଣାକୁ ନେଇ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲା। ଗୋୟଲ କହିଛନ୍ତି, ଆନୁଷ୍ଠାନିକ ଚୁକ୍ତିନାମାର ଡ୍ରାଫ୍ଟ ପ୍ରସ୍ତୁତ ହେଉଛି। ଏଥିପାଇଁ ଦେଢ଼ମାସ ସମୟ ଲାଗିପାରେ। ତେଣୁ ଔପଚାରିକ ବାଣିଜ୍ୟ ଚୁକ୍ତିନାମା ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ସ୍ୱାକ୍ଷର ହେବ ବୋଲି ଗୋୟଲ ଗଣମାଧ୍ୟମକୁ କହିଛନ୍ତି। ମିଳିତ ବିବୃତି ସ୍ୱାକ୍ଷର ହେବାର ଦିନେ ଦୁଇଦିନ ପରେ ଆମେରିକାର ଏକ୍‌ଜିକ୍ୟୁଟିଭ୍ ଅର୍ଡର ବଳରେ ଭାରତୀୟ ସାମଗ୍ରୀ ଉପରେ ଟାରିଫ୍ ୧୮ ପ୍ରତିଶତକୁ ହ୍ରାସ ପାଇବ। ତେବେ ଉକ୍ତ ଚୁକ୍ତିରେ ନିବେଶ ପାଇଁ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ।

## ଗଦ୍ଦାଫିଙ୍କ ପୁଅଙ୍କୁ ହତ୍ୟା



ସୈଫ୍ ଅଲ-ଇସ୍‌ଲାମ୍ ଗଦ୍ଦାଫି

ତ୍ରିପୋଲି,୫।୨

ଲିବ୍ୟାର ପୂର୍ବତନ ନେତା ମୁଆମାର୍ ଗଦ୍ଦାଫିଙ୍କ ପୁତ୍ର ତଥା ଲିବ୍ୟାର ଜଣାଶୁଣା ନେତା ସୈଫ୍ ଅଲ-ଇସ୍‌ଲାମ୍ ଗଦ୍ଦାଫିଙ୍କୁ ହତ୍ୟା କରାଯାଇଛି। ତ୍ରିପୋଲିଠାରୁ ପ୍ରାୟ ୧୩୬ କି.ମି. ଦୂର ଜିନ୍‌ତାନ୍ ସହରରେ ତାଙ୍କ ଆବାସିକ ଘରେ କେତେଜଣ ସଶସ୍ତ୍ର ବ୍ୟକ୍ତି ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏ ସମ୍ପର୍କରେ ସୈଫ୍‌ଙ୍କ ରାଜନୈତିକ ପରାମର୍ଶଦାତା ଅବଦୁଲା ଓଥ୍‌ମ୍ୟାନ୍ ଫେସ୍‌ବୁକ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ପରେ ପରେ ସୈଫ୍‌ଙ୍କ ରାଜନୈତିକ ଟିମ୍ ପକ୍ଷରୁ ମଧ୍ୟ ଏହି ଖବର ସମ୍ପର୍କରେ ସୂଚନା ଜାରି କରାଯାଇଛି। ୪ ଜଣ ସଶସ୍ତ୍ର ବ୍ୟକ୍ତି ସୈଫ୍‌ଙ୍କ ଘରେ ପ୍ରବେଶ କରି ଅତ୍ୟନ୍ତ ଜଘନ୍ୟ ଭାବେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ଏହି ଟିମ୍ କହିଛି। ହାଇଷ୍ଟେଟ୍ କାଉନ୍‌ସିଲ୍‌ର ପୂର୍ବତନ ମୁଖ୍ୟ ଖାଲିଦ୍ ଅଲ-ମିଶ୍ରି ସୈଫ୍‌ଙ୍କ ହତ୍ୟା ଘଟଣାର ତରନ୍ତ ନିରପେକ୍ଷ ଯାଞ୍ଚ ପାଇଁ ଦାବି କରିଛନ୍ତି।

# 'ଭାରତ ଗ୍ଲୋବାଲ୍ ସାଉଥ୍‌ର ସ୍ୱର'

## ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ବେଳେ ବିରୋଧୀଙ୍କ କକ୍ଷତ୍ୟାଗ

ନୂଆଦିଲ୍ଲୀ,୫।୨(ପି.ଟି.)

ବିଶ୍ୱ ଏକ ନୂତନ ବ୍ୟବସ୍ଥା ଦିଗରେ ଅଗ୍ରସର ହେଉଛି ଏବଂ ଭାରତ ଗ୍ଲୋବାଲ୍ ସାଉଥ୍‌ର ଏକ ବଡ଼ ସ୍ୱର ଭାବେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଜ୍ୟ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ଉତ୍ତର ରଖିଛନ୍ତି। ବିରୋଧୀ ଦଳ ନେତାଙ୍କୁ କହିବାକୁ ଦିଆଯାଉ ସ୍ଲୋଗାନ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବା ଆରମ୍ଭ କରିଥିଲେ। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ବସିଥିବାବେଳେ ସେ ମଧ୍ୟ ସ୍ଲୋଗାନ ଦିଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଆକ୍ଷେପ କରିଥିଲେ। ଏହାପରେ ବିରୋଧୀ ଏମ୍‌ପିମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, କୋଭିଡ୍-୧୯ ମହାମାରୀ ପରେ ବିଶ୍ୱ ଏକ ନୂଆ ବୈଶ୍ୱିକ ବ୍ୟବସ୍ଥା ଦିଗରେ ଅଗ୍ରସର ହେଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱ ବ୍ୟବସ୍ଥା ସୃଷ୍ଟି ହୋଇଥିବାବେଳେ ଏବେ ତାହା ଏକ ନୂଆ ବୈଶ୍ୱିକ ବ୍ୟବସ୍ଥା ଦିଗରେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ଗତି କରୁଛି। ଯଦି ତାହାକୁ ନିରପେକ୍ଷ ଭାବେ ଅନୁଧ୍ୟାନ କରାଯାଏ, ତାହା ଭାରତ ଆଡ଼କୁ ଢଳୁଛି। ବିଶ୍ୱ ଗ୍ଲୋବାଲ ସାଉଥ୍‌କୁ ନେଇ ଚର୍ଚ୍ଚା କରୁଥିବାବେଳେ ଭାରତ ଏହାର ବଡ଼ ସ୍ୱର ପାଲଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବିଭିନ୍ନ ଦେଶ ସହ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି। କିଛିଦିନ ମଧ୍ୟରେ ୟୁରୋପୀୟ ସଂଘ ସହ ବୃହତ୍ ଡିଲ୍ ହେବା ସହ ୯ଟି ଚୁକ୍ତିନାମା ହୋଇଛି। ଏହା ପୂର୍ବରୁ କକ୍ଷତ୍ୟାଗ କରିଥିବା ବିରୋଧୀଙ୍କୁ ଲକ୍ଷ୍ୟକରି ପ୍ରଧାନମନ୍ତ୍ରୀ କହିଥିଲେ, ସେମାନେ କ୍ଲାନ୍ତ ହୋଇ ଚାଲିଯାଇଛନ୍ତି। ଦିନେ ସେମାନଙ୍କୁ ଉତ୍ତର ରଖିବାକୁ ହେବ। ସେମାନେ ଭାରତକୁ ଏଭଳି ସ୍ତରକୁ ଆଣିଥିଲେ ଯେ କୌଣସି ଦେଶ ଆମ ସହ ବାଣିଜ୍ୟ ଚୁକ୍ତି କରିବାକୁ ଆସୁ ନ ଥିଲେ। ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ସରକାର ଭାରତର ଭାବମୂର୍ତ୍ତିକୁ ଧ୍ୱଂସ କରିଦେଇଥିଲେ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ସାରା ବିଶ୍ୱ ପ୍ରଶଂସା କରୁଛି। ଏହି ଡିଲ୍ ମୁଖ୍ୟତଃ ଭାରତୀୟ ଯୁବବର୍ଗଙ୍କ ପାଇଁ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ପ୍ରଧାନମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି। କ୍ଷମତାରେ ଥିବା ଲୋକେ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁ ନ ଥିଲେ। ଟିଏମ୍‌ସି ସଦସ୍ୟମାନେ ବହୁତ କିଛି କହୁଛନ୍ତି, ସେମାନେ ଆତ୍ମନିରୀକ୍ଷଣ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନିର୍ଦ୍ଦୟ ସରକାର ଲୋକଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେଉଥିବା ମୋଦି ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ସରକାରକୁ ଆକ୍ଷେପ କରି କହିଛନ୍ତି। ସେମାନେ କେବଳ କ୍ଷମତା ଚାହାନ୍ତି। ବହୁ ଧନୀ ଦେଶ ବେଆଇନ ଅନୁପ୍ରବେଶକାରୀଙ୍କୁ ତଡ଼ିଦେଲେଣି। କିନ୍ତୁ ଆମ ଦେଶରେ ସେମାନଙ୍କୁ ସୁରକ୍ଷା ଦେବା ଲାଗି ଅଦାଲତଗୁଡ଼ିକ ଉପରେ ଚାପ ପକାଯାଉଛି। ଅନୁପ୍ରବେଶକାରୀମାନଙ୍କ ମାମଲା ଲଢ଼ିବାକୁ ଉଦ୍ୟମ କରୁଥିବା ଲୋକମାନଙ୍କୁ ଦେଶର ଯୁବବର୍ଗ କିପରି କ୍ଷମାଦେବେ ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେମାନେ ଆମ ଯୁବବର୍ଗଙ୍କ ଅଧିକାର, ସେମାନଙ୍କ ଜୀବିକା ଏବଂ ଆଦିବାସୀମାନଙ୍କ ଜମିକୁ ଛଡ଼ାଇ ନେଇଛନ୍ତି। ସେମାନେ କେବଳ କ୍ଷମତା ଚିନ୍ତା କରୁଥିବାବେଳେ ଆମକୁ ଉପଦେଶ ଦେଉଛନ୍ତି ବୋଲି ମୋଦି କ୍ଷୋଭର ସହ କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଉପରେ ଜବାବ ରଖିବା ପାଇଁ ନିଜେ ବୁଧବାର ସୁପ୍ରିମକୋର୍ଟରେ ଉପସ୍ଥିତ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ତାଙ୍କୁ କଟାକ୍ଷ କରିଛନ୍ତି। ବିରୋଧୀଙ୍କୁ ଟାର୍ଗେଟ କରି ମୋଦି କହିଥିଲେ, ଆପଣମାନେ ଦୁନିଆକୁ କେତେ ଧୋକା ଦେବ, ଆଇନା ଦେଖିବ ତ ନିଜ ସତକୁ କିପରି ଲୁଚାଇବ। ପୂର୍ବରୁ ଚୁକ୍ତି କହିଲେ କେବଳ ବୋଫର୍ସ ଡିଲ୍ ଥିଲା, ଯେଉଁଠି ସରକାରରେ ଥିବା ଲୋକେ ନିଜ ପକେଟ ଭରୁଥିଲେ। ଲୋକମାନଙ୍କ ଜୀବନ ଧାରଣ ମାନରେ ପରିବର୍ତ୍ତନ କରିବାକୁ ସେମାନେ ପ୍ରାଥମିକତା ଦେଉ ନ ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ୧୭ ଡିଏନ୍ଏ ପରୀକ୍ଷାରୁ ଜଣାପଡ଼ିଲା ବାପା ବଳାତ୍କାରୀ

ନୂଆଦିଲ୍ଲୀ,୫।୨(ପି.ଟି.)

ମୁମ୍ବାଇରେ ଜଣେ ମୂକ ବଧିର ଯୁବତୀଙ୍କୁ ବଳାତ୍କାର କରି ଗର୍ଭବତୀ କରାଇବା ଅଭିଯୋଗରେ ୧୭ ଜଣଙ୍କ ଡିଏନ୍ଏ ପରୀକ୍ଷା ପରେ ପୀଡ଼ିତାଙ୍କ ବାପାଙ୍କୁ ଗିରଫ କରାଯାଇଛି। ଯୁବତୀଙ୍କ ଗର୍ଭରେ ଥିବା ଭ୍ରୂଣ ସହ ତାଙ୍କ ବାପାଙ୍କ ସମ୍ପର୍କ ରହିଥିବା ଡିଏନ୍ଏ ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ପୂର୍ବରୁ ଅନ୍ୟ ଜଣକୁ ଗିରଫ କରାଯିବା ସହ ଜଣେ ୧୭ ବର୍ଷୀୟଙ୍କୁ ଅଟକ ରଖାଯାଇଥିଲା। ସୂଚନା ଅନୁଯାୟୀ, ଯୁବତୀ ଜଣକ ପେଟରେ ଯନ୍ତ୍ରଣା ଅନୁଭବ କରୁଥିବା ନେଇ ଗତବର୍ଷ ସେପ୍ଟେମ୍ବରରେ ତାଙ୍କ ଜେଜେମା'ଙ୍କୁ ଜଣାଇଥିଲେ। ଯୁବତୀଙ୍କ ପେଟରେ କିଛି ଗୋଟାଏ ଗୁରୁଣ୍ଡୁଥିବା ବୃଦ୍ଧା ଅନୁଭବ କରିଥିଲେ। ହସ୍ପିଟାଲରେ ଯାଞ୍ଚ ପରେ ଯୁବତୀ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଯୁବତୀ ଜଣକ ମୂକ ଏବଂ କୌଣସି ବୟାନ ଦେବାକୁ ଚାହୁଁ ନ ଥିବାରୁ ପୋଲିସ ଅସୁବିଧାରେ ପଡ଼ିଥିଲା। ତାଙ୍କ ବାପାଙ୍କୁ ପ୍ରଶ୍ନ ହେବାରୁ ଯୌନ ନିର୍ଯାତନା ପ୍ରଶ୍ନକୁ ସେ ଖଣ୍ଡନ କରିଥିଲେ ମଧ୍ୟ ଝିଅ କିପରି ଗର୍ଭବତୀ ହେଲା କହିପାରି ନ ଥିଲେ। ଏହା ପରେ ୧୭ ଜଣ ସନ୍ଦିଗ୍ଧଙ୍କ ଡିଏନ୍ଏ ନମୁନା ପରୀକ୍ଷା ପାଇଁ ନିଆଯାଇଥିଲା। ସେଥିରୁ ଗୋଟିଏ ପଜିଟିଭ୍ ଏବଂ ତାହା ଯୁବତୀଙ୍କ ବାପା ବୋଲି ଜାନୁଆରୀ ୨୭ରେ ଜଣାପଡ଼ିଥିଲା।

# ୧୪୦ କୋଟି ଲୋକଙ୍କ ପାଇଁ ଉର୍ଜା ସୁରକ୍ଷା ଆମର ପ୍ରାଥମିକତା

ନୂଆଦିଲ୍ଲୀ,୫।୨

ଭାରତ-ଆମେରିକା ବାଣିଜ୍ୟ ବୁଝାମଣା ପ୍ରସଙ୍ଗରେ ରୁଷିଆରୁ ଭାରତ ତେଲ କିଣିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯାହା କହିଛନ୍ତି ତାହାକୁ ନେଇ ଚର୍ଚ୍ଚା ଆହୁରି ଜୋର୍ ଧରିଛି। ରୁଷିଆଠାରୁ ଭାରତ ତେଲ ନ କିଣି ଭେନେଜୁଆଲା କିମ୍ବା ଆମେରିକା ଠାରୁ କିଣିବ ବୋଲି ଟ୍ରମ୍ପ କହିଥିଲା ବେଳେ ଏହାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପରୋକ୍ଷରେ ଅସ୍ୱୀକାର କରାଯାଇଛି। ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈଶୱାଲ୍ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଭାରତର ୧୪୦ କୋଟି ଲୋକଙ୍କ

### ଟ୍ରମ୍ପଙ୍କୁ ଭାରତର ପରୋକ୍ଷ ଜବାବ

ପାଇଁ ଉର୍ଜା ନିଶ୍ଚିତ କରିବା ଆମର ପ୍ରାଥମିକତା। ଅନ୍ତର୍ଜାତୀୟ ସ୍ତରରେ କେଉଁ ଦେଶରୁ ଭାରତ ତେଲ କିଣିବ ତାହା ସମ୍ପୂର୍ଣ୍ଣ ଭାରତ ସରକାରଙ୍କ ଉପରେ ନିର୍ଭର କରେ। ବିଶେଷକରି ବଜାର ସ୍ଥିତି ଏବଂ ପରିବର୍ତ୍ତିତ ଭୂ-ରାଜନୀତିକୁ ଦୃଷ୍ଟିରେ ରଖି ସରକାର ଏ ବିଷୟରେ ନିଷ୍ପତ୍ତି ନେବେ ବୋଲି ଜୈଶୱାଲ୍ କହିଛନ୍ତି। ୨୦୧୯-୨୦ ପର୍ଯ୍ୟନ୍ତ ଭାରତ ଭେନେଜୁଆଲାଠାରୁ ତେଲ ଆମଦାନୀ କରୁଥିଲା। ଏହାପରେ କିଛି ସମୟ ପାଇଁ ଆମଦାନୀ ବନ୍ଦ ରହିଥିଲା ବେଳେ ପୁଣି ୨୦୨୩-୨୪ରେ ତେଲ ଆମଦାନୀ କରାଯାଇଥିଲା। ପରବର୍ତ୍ତୀ ସମୟରେ ଭେନେଜୁଆଲା ଉପରେ କଟକଣା ଜାରି କରାଯିବାରୁ ଭାରତ ଆମଦାନୀ ବନ୍ଦ କରିଥିଲା। ତେବେ ସାମ୍ପ୍ରତିକ ସ୍ଥିତିରେ ଭାରତ ତେଲ କେଉଁଠୁ ଆମଦାନୀ କରିବ ତାହା ସମ୍ପୂର୍ଣ୍ଣ ଆମର ଦାୟିତ୍ୱ ବୋଲି ଜୈଶୱାଲ୍ କହିଛନ୍ତି।

### ଭାରତ ପାଇଁ ରୁଷିଆର ପୁଣି ରିହାତି

ଭାରତ-ଆମେରିକା ଟାରିଫ୍ ପ୍ରସଙ୍ଗରେ ରୁଷିଆ ପୂର୍ବରୁ ନିଜର ପ୍ରତିକ୍ରିୟା ରଖି ଭାରତ ନିଜ ସୁବିଧା ଅନୁସାରେ ଯେକୌଣସି ଦେଶରୁ ତେଲ କିଣିପାରିବ ବୋଲି କହିଥିଲା। କିନ୍ତୁ ଭାରତକୁ ନିଜ ପଟରେ ରଖିବାକୁ ରୁଷିଆ ନୀତିଗତ ନିଷ୍ପତ୍ତି ନେଇ ତେଲ ଦରରେ ପୁଣି ରିହାତି ଘୋଷଣା କରିଛି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁସାରେ ବ୍ରେଣ୍ଟ କ୍ରୁଡ୍ ତୁଳନାରେ ରୁଷିଆର ଉତ୍ତମ ଶ୍ରେଣୀର ଅଶୋଧିତ ତେଲ ଭାରତୀୟ କମ୍ପାନୀଗୁଡିକ ପାଇଁ ଆହୁରି ଶସ୍ତା କରାଯାଇଛି। ପୂର୍ବରୁ ବ୍ୟାରେଲ୍ ପିଛା ମୂଲ୍ୟ ଯାହା ରହିଥିଲା ସେଥିରେ ଆଉ ୧୦ ଡଲାର ହ୍ରାସ କରାଯାଇଥିବା କୁହାଯାଇଛି।

# ଷଡ଼ଯନ୍ତ୍ର କରି ସ୍ୱାମୀଙ୍କୁ ଗାଡ଼ି ଚଢ଼ାଇ ମାରିଲା ସ୍ତ୍ରୀ

### ପୁଣି ଏକ ହନିମୁନ୍ ମର୍ଡର

ଜୟପୁର,୫।୨

ପରକୀୟା ପ୍ରୀତିକୁ ନେଇ ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରିବା ଘଟଣା ଦେଶରେ ବଢ଼ି ଚାଲିଛି। ଏଭଳି ଘଟଣାକୁ 'ହନିମୁନ୍ ମର୍ଡର' କୁହାଯାଉଥିବା ବେଳେ ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ପୁଣି ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଜଣେ ନବ ବିବାହିତା ସ୍ତ୍ରୀ ଷଡ଼ଯନ୍ତ୍ର କରି ବୁଲିବା ବାହାନାରେ ବାହାରକୁ ଯାଇ ନିଜ ସ୍ୱାମୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଛନ୍ତି। ସ୍ଥାନୀୟ ଅଞ୍ଚଳର ୨୭ ବର୍ଷର ଯୁବକ ଆଶିଷ କୁମାର ଗତ ଅକ୍ଟୋବର ମାସରେ ୨୩ ବର୍ଷୀୟା ଅଞ୍ଜଳିଙ୍କୁ ବିବାହ କରିଥିଲେ। ଦୁଇ ଦିନ ତଳେ ଉକ୍ତ ଦମ୍ପତି ସନ୍ଧ୍ୟା ଭ୍ରମଣରେ ଯାଇଥିଲା ବେଳେ ଅତ୍ୟନ୍ତ ତୀବ୍ର ବେଗରେ ଆସୁଥିବା ଏକ ବାଇକ୍ ଆଶିଷଙ୍କୁ ଧକ୍କା



ଆଶିଷ କୁମାର | ଅଞ୍ଜଳି | ସଞ୍ଜୟ କୁମାର

ଦେଇ ଚାଳକ ଫେରାର ହୋଇଯାଇଥିଲା। ଆଶିଷଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ପୋଲିସ ଯାଞ୍ଚ କରିବା ବେଳେ ଅଞ୍ଜଳି କହିଥିଲେ ଯେ ବାଇକ୍‌ରେ ଆସିଥିବା ଦୁର୍ବୃତ୍ତ ଜଣଙ୍କ ଆଶିଷଙ୍କ ବେକରୁ ଚେନ୍ ଛିଣ୍ଡାଇବାକୁ ଉଦ୍ୟମ କରି ତାଙ୍କୁ ଧକ୍କା ଦେଇ ପଳାଇଥିଲେ। ହେଲେ ଅଞ୍ଜଳିଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ପୋଲିସର ସନ୍ଦେହ ବଢ଼ିଥିଲା। ପୋଲିସ ଖୋଳତାଡ଼ କରିବା ପରେ ଅଞ୍ଜଳି ସତ ଓଗାଳିବାକୁ ବାଧ୍ୟ ହୋଇଥିଲେ। ସେ ସଞ୍ଜୟ ନାମକ ଜଣେ ଯୁବକଙ୍କୁ ୭ ବର୍ଷ ଧରି ପ୍ରେମ କରିଆସୁଥିଲେ ଏବଂ ଆଶିଷଙ୍କୁ ବିବାହ କରିବାକୁ ଚାହୁଁ ନ ଥିଲେ। କିନ୍ତୁ ପରିବାର ଲୋକ ଜୋର ଜବରଦସ୍ତି ବିବାହ କରିଦେବାରୁ ସେ ଏବଂ ତାଙ୍କ ପ୍ରେମିକ ସଞ୍ଜୟ ମିଶି ଆଶିଷଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଞ୍ଜଳି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

## ଜାମସେଦପୁରରେ ଆତଙ୍କବାଦୀ ସକ୍ରିୟ

### ଇଣ୍ଟରପୋଲ୍ ସୂଚନା ପରେ ହାଇଆଲର୍ଟ

ରାଞ୍ଚି,୫।୨

ଝାଡ଼ଖଣ୍ଡର ଜାମସେଦପୁରରେ ଆତଙ୍କବାଦୀ ସେଲ୍ ସକ୍ରିୟ ଥିବା ନେଇ ଇଣ୍ଟରପୋଲ୍ ସତର୍କ ସୂଚନା ଜାରି କରିବା ପରେ ଉକ୍ତ ଶିଳ୍ପାଞ୍ଚଳ ସହରକୁ ଆଲର୍ଟରେ ରଖାଯାଇଛି। ଅନ୍ତର୍ଜାତୀୟ ଗୋଇନ୍ଦା ସୂଚନା ଆଧାରରେ ପୋଲିସ ଏବଂ ପ୍ରଶାସନିକ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସହରର ସମ୍ବେଦନଶୀଳ ଅଞ୍ଚଳ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ଜନଗହଳି ସ୍ଥାନରେ ଯାଞ୍ଚ କରାଯାଉଛି। ସୂଚନା ଅନୁଯାୟୀ, ୧୨ରୁ ଊର୍ଦ୍ଧ୍ୱ ସ୍ଲିପର ସେଲ୍ ଜାମସେଦପୁରରେ ସକ୍ରିୟ ରହିଛି। ଉକ୍ତ ସେଲ୍‌ଗୁଡ଼ିକର ପାକିସ୍ତାନ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପର୍କ ରହିଛି। ଜାମସେଦପୁରର ସୟେଦ ମହମ୍ମଦ ଆଶୟାନ୍ ଉକ୍ତ ନେଟ୍‌ୱର୍କର ନେତା ବୋଲି ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ଆର୍ଶିୟାନ୍ ଗତ ୭/୮ ବର୍ଷ ହେଲା ଫେରାର ଥିଲେ। ଇଣ୍ଟରପୋଲ୍ ତାଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିବା ସହ ଅନ୍ତର୍ଜାତୀୟ ସ୍ତରରେ ଖାନତଲାସି ଚଳାଇଛି।

## ଆରବ ରାଷ୍ଟ୍ର ସହ ବାଣିଜ୍ୟ ଚୁକ୍ତି କରିବ ଭାରତ



ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ଜିସିସିର ମହାସଚିବ ଏବଂ ଅନ୍ୟ ଅଧିକାରୀ।

ନୂଆଦିଲ୍ଲୀ,୫।୨

ୟୁରୋପୀୟ ୟୁନିୟନ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ସହିତ ଆମେରିକା ସହ ଟାରିଫ୍‌କୁ ନେଇ ରହିଆସିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଏହାପରେ ଆରବ ରାଷ୍ଟ୍ରଗୁଡିକ ସହ ଭାରତ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ କଥାବାର୍ତ୍ତା ଆରମ୍ଭ କରିବ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଗୁରୁବାର ଏଥିନେଇ ଉଭୟ ପକ୍ଷଙ୍କ ମଧ୍ୟରେ 'ଟର୍ମ ଅଫ୍ ରେଫରେନ୍ସ' ସ୍ୱାକ୍ଷରିତ ହୋଇଛି। ସାଉଦି ଆରବ, ୟୁଏଇ, କାତାର, ବାହାରିନ୍, ଓମାନ ଏବଂ କୁଏତକୁ ନେଇ ଗଠିତ ଗଲ୍ଫ କୋପରେସନ କାଉନ୍‌ସିଲ(ଜିସିସି) ସହିତ ଏନେଇ ଖୁବ୍‌ଶୀଘ୍ର ଆଲୋଚନା ଆରମ୍ଭ କରାଯିବ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଆହୁରି ସୁଦୃଢ଼ କରାଯିବ ବୋଲି ପୀୟୂଷ କହିଛନ୍ତି। ଏହିସବୁ ଦେଶଗୁଡିକରେ ଏକ କୋଟିରୁ ଅଧିକ ଭାରତୀୟ ବସବାସ କରିବା ସହିତ ଆର୍ଥିକ ବିକାଶରେ ସହଯୋଗ କରୁଛନ୍ତି। ଗତବର୍ଷ ପାକିସ୍ତାନ ସାଉଦି ଆରବ ସହିତ ବାଣିଜ୍ୟ କାରବାର ନେଇ ବୁଝାମଣା କରିଥିଲା। ଭାରତ ଜିସିସିର ଏହି ଦେଶ ସମେତ ଅନ୍ୟ ଆରବ ଦେଶମାନଙ୍କ ସହ ମୁକ୍ତ ବାଣିଜ୍ୟ କାରବାରକୁ ଗୁରୁତ୍ୱ ଦେଇଥିବା ଗୋୟଲ କହିଛନ୍ତି।

## ସିଇସିଙ୍କ ବିପକ୍ଷରେ ମହାଭିଯୋଗ ଆଣିବେ ବିରୋଧୀ

ନୂଆଦିଲ୍ଲୀ(ପି.ଟି),୫।୨

ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସାମୂହିକ ଭାବେ ମହାଭିଯୋଗ ଆଣିବାକୁ ପ୍ରମୁଖ ବିରୋଧୀ ଦଳ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏ ସମ୍ପର୍କରେ ବୁଧବାର ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗରେ ଏସ୍ଆଇଆର୍‌କୁ ନେଇ ସିଇସିଙ୍କ ବିରୋଧରେ ଏଭଳି ପଦକ୍ଷେପ ନେବାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଦାବି କରିବା ପରେ କଂଗ୍ରେସ ସମେତ ଅନ୍ୟ ବହୁପ୍ରମୁଖ ବିରୋଧୀ ଦଳ ଏହାକୁ ସମର୍ଥନ କରିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମମତାଙ୍କ ପ୍ରସ୍ତାବକୁ ସମର୍ଥନ ଜଣାଇବା ସହିତ ସବୁ ବିରୋଧୀ ଦଳ ଏକାଠି ହୁଅନ୍ତୁ ବୋଲି କହିଛନ୍ତି। ସେହିପରି ଶିବସେନା(ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି। ସିଇସିଙ୍କୁ ଉପଯୋଗ କରି ଭାଜପା ଏସ୍ଆଇଆର୍ ନାଁରେ ଯେଭଳି ଭୋଟରଙ୍କ ଅଧିକାର ଛିନ୍ନ କରୁଛି,ତାହା ବିରୋଧରେ ସବୁ ବିରୋଧୀ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି।

## ନାଇଜେରିଆରେ ୧୬୨ ଜଣଙ୍କୁ ହତ୍ୟାକଲେ ଉଗ୍ରପନ୍ଥୀ

ଆବୁଜା,୫।୨

ପଶ୍ଚିମ ନାଇଜେରିଆର କ୍ୱାରା ପ୍ରଦେଶର ଦୁଇଟିଗାଁରେ ବୁଧବାର ରାତିରେ ରକ୍ତର ନଦୀ ବହିଛି। ଇସ୍‌ଲାମିକ୍ କଟୋରପନ୍ଥୀମାନେ ସମ୍ପୃକ୍ତ ଦୁଇଟି ଗାଁରେ ନରସଂହାର ଚଳାଇ ୧୬୨ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପଶ୍ଚିମ ନାଇଜେରିଆର ବିଭିନ୍ନ ଇଲାକାରେ ଇସ୍‌ଲାମିକ ଉଗ୍ରବାଦୀଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିଲା ବେଳେ ଗତ କିଛି ମାସ ମଧ୍ୟରେ ଏହା ସବୁଠାରୁ ଜଘନ୍ୟ ଘଟଣା ବୋଲି କ୍ୱାରା ପ୍ରଦେଶର ଜଣେ ସାଂସଦ କହିଛନ୍ତି। ଉଗ୍ରବାଦୀଙ୍କୁ ଦମନ କରିବା ଲାଗି ବର୍ତ୍ତମାନ ନାଇଜେରିଆ ସରକାରଙ୍କ ପକ୍ଷରୁ ସେନା ଅପରେଶନ ଚାଲିଛି। ଏହାପୂର୍ବରୁ ନାଇଜେରିଆ ସରକାରଙ୍କ ଅନୁରୋଧକ୍ରମେ ଆମେରିକା ସେନା ଦ୍ୱାରା



ଅଞ୍ଚଳରେ ଅନେକ ଉଗ୍ରବାଦୀ ଠିକଣା ଉପରେ ଆକାଶମାର୍ଗରୁ ଆକ୍ରମଣ କରି ଧୂଳିସାତ୍ କରିଦେଇଥିଲା। ସରକାରଙ୍କ ଏହି ଆଭିମୁଖ୍ୟକୁ ବିରୋଧ କରି ଉଗ୍ରବାଦୀମାନେ ନିରୀହ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି ବୋଲି କ୍ୱାରା ଗଭର୍ନର ନିନ୍ଦା କରି କହିଛନ୍ତି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୬/୨୦୨୬ | Bhubaneswar, Friday, February 6/2026




## ‘ଧୁରନ୍ଧର-୨’ରେ ୟାମୀ ଗୌତମ


ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର ‘ଧୁରନ୍ଧର’ର ସଫଳତା ପରେ ଏବେ ଏହାର ଦ୍ୱିତୀୟ ଭାଗ ‘ଧୁରନ୍ଧର: ଦି ରିଭେଞ୍ଜ’ରେ ୟାମୀ ଏକ ବିଶେଷ ଭୂମିକାରେ ଅଭିନୟ କରୁଛନ୍ତି।

୦୨

୧୪

## ଅନୁରାଗ ଠାକୁରଙ୍କୁ ଆଶ୍ୱସ୍ତି

ସୁପ୍ରିମକୋର୍ଟଙ୍କ ରାୟ ପରେ କ୍ରିକେଟ ପ୍ରଶାସନକୁ ଫେରିବା ଲାଗି ଅନୁରାଗ ଠାକୁରଙ୍କ ପାଇଁ ପଥ ଉନ୍ମୁକ୍ତ ହୋଇଛି।






ଇଟାଲୀର ମିଲାନ୍‌ସ୍ଥିତ ଡୁଓମୋ ଡି ମିଲାନୋରେ ୨୦୨୬ ୱିଣ୍ଟର ଅଲିମ୍ପିକ୍ସ ଆରମ୍ଭର ଅବ୍ୟବହିତ ପୂର୍ବରୁ ଗୁରୁବାର ପିପୁଲ୍ ଫର୍ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ (ପେଟା) ସମର୍ଥକମାନେ କେବଳ ଅଣ୍ଡରଗାର୍ମେଣ୍ଟ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ସେମାନେ ପ୍ରାଣୀଙ୍କ ଚମଡ଼ା ଓ ପକ୍ଷୀଙ୍କ ପର ଚାଲାଣକୁ ବିରୋଧ କରି ସ୍ଲୋଗାନ୍ ଲେଖାଥିବା ଏକ ବ୍ୟାନର୍ ଧରିଛନ୍ତି।

# ମେଘାଳୟ କୋଇଲା ଖଣିରେ ବିସ୍ଫୋରଣ: ୧୬ ଶ୍ରମିକ ମୃତ

## ଅନେକେ ଚାପିହୋଇ ରହିଛନ୍ତି, ବଢ଼ିପାରେ ମୃତ୍ୟୁସଂଖ୍ୟା

**ମେଘାଳୟର ଇଷ୍ଟ ଜଇନ୍ତିଆ ହିଲ୍ସ ଜିଲାସ୍ଥିତ ଏକ କୋଇଲା ଖଣିରେ ଗୁରୁବାର ବଡ଼ ଧରଣର ଅଘଟଣ ଘଟିଛି। ବେଆଇନ କୋଇଲା ଖନନ ଚାଲିଥିବାବେଳେ ଡିନାମାଇଟ୍ ବିସ୍ଫୋରଣରେ ଅନ୍ୟୂନ ୧୬ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନେକ ଶ୍ରମିକ ଚାପିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏବଂ ସୁପ୍ରିମକୋର୍ଟ ମେଘାଳୟରେ ର୍‌ୟାଟ୍ ହୋଲ୍ ମାଇନିଂକୁ ନିଷିଦ୍ଧ ଘୋଷଣା କରିବା ସତ୍ତ୍ୱେ ମାଫିଆଙ୍କ ପ୍ରଲୋଭନର ବଶବର୍ତ୍ତୀ ହୋଇ ଶ୍ରମିକମାନେ ଖନନ କାର୍ଯ୍ୟରେ ନିୟୋଜିତ ହେଉଥିବାରୁ ପରିବେଶ ଓ ସ୍ଥାନୀୟ ଲୋକଙ୍କ ଜୀବନ ପ୍ରତି ବିପଦ ବଢ଼ିଚାଲିଛି।**

ଶିଲଂ,୫।୨(ପି.ଟି.)

ଇଷ୍ଟ ଜଇନ୍ତିଆ ଜିଲାର ଥାଙ୍ଗସ୍କୁ ଖଣି ଅଞ୍ଚଳରେ ଦୀର୍ଘ ସମୟ ଧରି ବେଆଇନ ଭାବେ କୋଇଲା ଉତ୍ତୋଳନ ଚାଲିଆସିଛି। ଅଧିକ ଲାଭ ଆଶାରେ ମାଫିଆମାନେ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରି ରାଜ୍ୟ ବାହାରକୁ କୋଇଲା ପଠାଉଛନ୍ତି। ଏହିକ୍ରମେ ଗୁରୁବାର ସକାଳେ ଅନେକ ଶ୍ରମିକ କୋଇଲା ଖନନ କରୁଥିବାବେଳେ ହଠାତ୍ ଡିନାମାଇଟ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଶ୍ରମିକମାନେ ଖଣି ତଳେ ଚାପିହୋଇଯାଇଥିଲେ। ଖବର ପାଇ ପୋଲିସ ବିସ୍ଫୋରଣ ସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଚଳାଇଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ଏଯାଏ ୧୬ ଶ୍ରମିକଙ୍କ ମୃତଦେହ ଠାବ ହୋଇଥିବାବେଳେ ଅନ୍ୟମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚାଲିଛି ବୋଲି ମେଘାଳୟ ପୋଲିସ ମହାନିର୍ଦ୍ଦେଶକ ଆଇ. ନୋଙ୍ଗରାଙ୍ଗ୍ କହିଛନ୍ତି। ପ୍ରଥମେ ୪ ଓ ପରେ ୧୦ ଜଣଙ୍କ ପ୍ରାଣହାନି ଘଟିଥିବା ଅନୁମାନ କରାଯାଉଥିଲା। କିନ୍ତୁ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଛି। ପ୍ରକୃତ ମୃତ୍ୟୁସଂଖ୍ୟା ଉଦ୍ଧାର କାର୍ଯ୍ୟ ଶେଷରେ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି। ବିସ୍ଫୋରଣରେ ଆହତ ଜଣେ ବ୍ୟକ୍ତିଙ୍କୁ ସୁତ୍‌ଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଶିଲଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଇଷ୍ଟ ଜଇନ୍ତିଆ ହିଲ୍ସ ଏସ୍‌ପି ବିକାଶ କୁମାର କହିଛନ୍ତି। ବିସ୍ଫୋରଣର ପ୍ରକୃତ କାରଣ ନେଇ ତଦନ୍ତ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମେଘାଳୟରେ କୋଇଲା ଓ ଅନ୍ୟ ଖଣିଗୁଡ଼ିକରେ ଚାଲିଥିବା ର୍‌ୟାଟ୍-ହୋଲ୍ ମାଇନିଂ ଉପରେ ୨୦୧୪ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିଷେଧାଦେଶ ଜାରି କରିଥିଲେ। ପରିବେଶ ସୁରକ୍ଷା ଓ ଶ୍ରମିକଙ୍କ ନିରାପତ୍ତା ଦୃଷ୍ଟିରୁ ଏନ୍‌ଜିଟି ଏପରି ନିଷ୍ପତ୍ତି ନେଇଥିଲେ। ଏନ୍‌ଜିଟି ରାୟକୁ ସୁପ୍ରିମକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ। ଏହାସତ୍ତ୍ୱେ ବେଆଇନ ଖନନ ଚାଲିଥିବାରୁ ଏଭଳି ଘଟଣା ଘଟିଚାଲିଛି।

# ସବୁ ତହସିଲରେ ଖୋଲିଲା ସବ୍-ରେଜିଷ୍ଟ୍ରାର ଅଫିସ

ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)

## ୫୭ ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ‘ଆମ ସାଥୀ’ ହ୍ୱାଟ୍ସଆପ୍ ବଟ୍ ବ୍ୟବସ୍ଥା ଲୋକାର୍ପିତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟର ୧୭ ଜିଲାର ୫୬ଟି ତହସିଲରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରାର (ଉପନିବନ୍ଧନ) କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମସ୍ତ ୩୧୭ଟି ତହସିଲରେ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଏଥିରେ କଟକ ତହସିଲ ଅଧୀନରେ ଗୋଟିଏ ଅତିରିକ୍ତ ସବ୍ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ ମଧ୍ୟ ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବରୁ ଜମିଜମା ସଂକ୍ରାନ୍ତୀୟ କାମ ପାଇଁ ଲୋକଙ୍କୁ ଜିଲା ମୁଖ୍ୟାଳୟକୁ ଯିବାକୁ ପଡୁଥିଲା। ଏଥିଲାଗି ସଂକଳ୍ପ ନିଆଯାଇଥିଲା ଲୋକେ ସରକାରଙ୍କ ପାଖକୁ ଆସିବେ ନାହିଁ, ବରଂ ସରକାର ଲୋକମାନଙ୍କ ନିକଟକୁ ଯିବେ। ସେଥିଲାଗି ସବୁ ତହସିଲରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମକରି ଏ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରାଯାଇଛି। ଉଭୟ ତହସିଲ ଓ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକରିପାରିବେ ଓ ରେଜିଷ୍ଟ୍ରେଶନ ପରେ ମ୍ୟୁଟେଶନ ପଟ୍ଟା ସହଜରେ ହେବା ସହ ରେଜିଷ୍ଟ୍ରେଶନ କ୍ଷେତ୍ରରେ ପାରଦର୍ଶିତା ବଢ଼ିବା ସାଙ୍ଗକୁ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ରହିବ ନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା ହ୍ୱାଟ୍ସଆପ୍ ଚାଟ୍‌ବଟ୍‌ରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ କରିଥିଲେ। ଏଣିକି ଜନସାଧାରଣ ୯୪୩୭୨ ୯୨୦୦୦ ନମ୍ବର ଜରିଆରେ ମ୍ୟୁଟେଶନ କେସ୍, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜନଜାତି ପ୍ରମାଣପତ୍ର, ଓବିସି ପ୍ରମାଣପତ୍ର, ଏସ୍‌ଇବିସି ପ୍ରମାଣପତ୍ର, ଲିଗାଲ ଏଆର ପ୍ରମାଣପତ୍ର, ଇନ୍‌କମ୍ ଆଣ୍ଡ୍ ଆସେଟ୍ସ ପ୍ରମାଣପତ୍ର, ଗାଡିଆନଶିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବା ପାଇଁ ତହସିଲ କାର୍ଯ୍ୟାଳୟ ନ ଯାଇ ହ୍ୱାଟ୍ସଆପ୍ ନମ୍ବର ମାଧ୍ୟମରେ ଦରଖାସ୍ତକରି ପାଇପାରିବେ। ସେବା କ୍ଷେତ୍ରରେ ସଂସ୍କାର ଆଣି ରାଜସ୍ୱ ପ୍ରଶାସନ ଏହାକୁ ସରଳ ଓ ବ୍ୟବସ୍ଥିତ କରିଥିବାରୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବିଭାଗକୁ ଧନ୍ୟବାଦ ଦେଇଥିଲେ। ଭାଗଚାଷୀଙ୍କ ଆଇନଗତ ଅଧିକାର ନ ଥିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାଗଚାଷୀ ଓ ଜମି ମାଲିକଙ୍କୁ ଆଇନଗତ ସୁରକ୍ଷା ଦିଆଯିବା ସହିତ ଯେପରି ଉଭୟଙ୍କ ସ୍ୱାର୍ଥ ରକ୍ଷା ହେବ ସେ ଦିଗରେ ଆଇନ ଆଣିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି, ନୀତିଗତ ଭାବେ ସବୁ ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିଲେ। ଗତବର୍ଷ ନଭେମ୍ବରରେ ରାଜ୍ୟର ୧୩ ଜିଲାର ୪୪ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲାଯାଇଥିଲା। ଅବଶିଷ୍ଟ ୧୭ ଜିଲାର ୫୬ଟି ତହସିଲରେ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଗଲା। ଆଗାମୀ ଦିନରେ ସେବା ମିଳିବାରେ ବିଳମ୍ବ ହେଲେ ସେ ସମ୍ପର୍କିତ ଅଭିଯୋଗ ହ୍ୱାଟ୍ସଆପ୍ ଜରିଆରେ ☞ପୃଷ୍ଠା-୨

## ଦେଓରଞ୍ଜନଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ, ବିଷ୍ଣୁପଦଙ୍କୁ ବନ ନିଗମ ସହ କେବିକେ

### ସଚିବସ୍ତରରେ ଅଦଳବଦଳ

ଭୁବନେଶ୍ୱର,୫।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ସଚିବସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଉନ୍ନୟନ ଆୟୁକ୍ତ ତଥା ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓରଞ୍ଜନ କୁମାର ସିଂଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାରଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ମୂଳ ଦାୟିତ୍ୱ ସହିତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଟିକା ବିରୋଧୀ ଦୃଷ୍ଟିକୋଣ

# ୭ ଜିଲାର ଇଂଲିଶ ବନାନ ବଦଳିବ

ଭୁବନେଶ୍ୱର,୫।୨(ରବିନାରାୟଣ ଜେନା)

## ଓଡ଼ିଆ ଅସ୍ମିତାକୁ ସରକାରଙ୍କ ଗୁରୁତ୍ୱ

## କଟକକୁ ବାଦ୍ ଦେବା ନେଇ ଅସନ୍ତୋଷ

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଅସ୍ମିତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ୭ ଜିଲା ସମେତ ୨୪ଟି ସ୍ଥାନର ଇଂଲିଶ୍ ନାମ ପରିବର୍ତ୍ତନ କରାଯିବ। ପୂର୍ବରୁ ଇଂଲିଶରେ ଯେଉଁ ସ୍ପେଲିଂ ଶବ୍ଦ ତଥା ଉଚ୍ଚାରଣ ରହିଥିଲା ତାହା ଏବେ ଓଡ଼ିଆର ବାସ୍ତବ ନାମ ଅନୁସାରେ ଉଲ୍ଲେଖ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ଏକ ଡ୍ରାଫ୍ଟ ପବ୍ଲିକ ନୋଟିସ ଜାରି କରାଯାଇଛି। ଯଦି ଏହାକୁ ନେଇ କୌଣସି ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନର କିଛି ଆପତ୍ତି ଓ ସୁଚିନ୍ତିତ ପରାମର୍ଶ ଥାଏ ତେବେ ସେ ବିଜ୍ଞପ୍ତିର ୧୫ଦିନ ମଧ୍ୟରେ ସରକାରଙ୍କ ନିର୍ଦ୍ଦିଷ୍ଟ ଫର୍ମାଟରେ ଜଣାଇବାକୁ କୁହାଯାଇଛି।

ରାଜସ୍ୱ ବିଭାଗ ପକ୍ଷରୁ ଜାରି ଚିଠା ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟର ୭ଟି ଜିଲାର ଇଂଲିଶ ନାଁ ସଂଶୋଧନ କରାଯାଇ ଓଡ଼ିଆରେ ନାମକରଣ ହେବ। ସେଥିମଧ୍ୟରେ ଦେବଗଡ଼, ଖୋର୍ଦ୍ଧା, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ନୟାଗଡ଼ ରହିଛି। ତେବେ ପୂର୍ବରୁ ଦେବଗଡ଼କୁ ଇଂଲିଶରେ Deogarh (ଦେଓଗର) ଉଲ୍ଲେଖ ରହିଥିବାବେଳେ ଏବେ ଏହା ସମ୍ପୂର୍ଣ୍ଣ ଭାବେ ଦେବଗଡ଼, Khurda (ଖୁର୍ଦା) ବଦଳରେ ଖୋରଧା, Angul (ଅନୁଗୁଳ) ବଦଳରେ ଅନୁଗୋଳ, Balasore ☞ପୃଷ୍ଠା-୨

# ଓଟଙ୍କୁ ମିଳିବ ପାସ୍‌ପୋର୍ଟ

## ସାଉଦି ସରକାରଙ୍କ ନିଷ୍ପତ୍ତି

ରିଆଦ୍,୫।୨

ଓଟଙ୍କୁ ନେଇ ସାଉଦି ଆରବ ସରକାର ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି, ଯାହାକି ସାରା ଙ୍କ ପକ୍ଷରୁ ପାସ୍‌ପୋର୍ଟ ଦିଆଯିବ। ପାରମ୍ପରିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ସାଉଦି ସାମ୍ରାଜ୍ୟରେ ଓଟଙ୍କୁ ନେଇ ରହିଆସିଥିବା ପ୍ରାଧାନ୍ୟକୁ ଗୁରୁତ୍ୱ ଦେବା ସହିତ ସେମାନଙ୍କ ପରିଚାଳନା ଏବଂ କ୍ରୟ-ବିକ୍ରୟ କ୍ଷେତ୍ରରେ ଆହୁରି ସୁବିଧା ହାସଲ କରିବା ପାଇଁ ଓଟଙ୍କୁ ପାସ୍‌ପୋର୍ଟ ଦିଆଯିବ ବୋଲି ସେଠାକାର ସରକାର କହିଛନ୍ତି। ଏଥିପାଇଁ ସାଉଦି ଆରବର ପରିବେଶ, ଜଳ ଏବଂ କୃଷି ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ଆରବ ସାମ୍ରାଜ୍ୟରେ ଅନେକ ହଜାର ବର୍ଷ ଧରି ଓଟଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ରହିଆସିଛି। ୨୦୨୧ରେ ଏ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ଗବେଷଣାତ୍ମକ ତଥ୍ୟ ଅନୁସାରେ ପ୍ରାୟ ୭ ହଜାର ବର୍ଷ ତଳୁ ସାଉଦି ଅଞ୍ଚଳରେ ଓଟଙ୍କ ଚଳପ୍ରଚଳ ରହିଆସିଛି।



ପରିବହନ ବ୍ୟତୀତ ଓଟ ଏଠାକାର ଲୋକଙ୍କ ସମ୍ପତ୍ତି ଏବଂ ପାରିବାରିକ ସ୍ଥିତିକୁ ସୂଚାଇବାରେ ବିଶେଷ ମହତ୍ତ୍ୱ ବହନ କରିଥାଏ। ଏଥିପାଇଁ ଅନ୍ୟ ଯେକୌଣସି ଜିନିଷ ତୁଳନାରେ ଏଠାରେ ଓଟଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଏ। ସାଉଦି ରାଜାଙ୍କ ପକ୍ଷରୁ ପ୍ରତିବର୍ଷ ଏଠାରେ ସୁନ୍ଦର ଓଟ ପ୍ରତିଯୋଗିତା ଆୟୋଜନ କରାଯାଏ ଏବଂ ଯେଉଁ ଓଟ ସର୍ବଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୁଏ, ତାହାକୁ ଅନେକ ଲକ୍ଷ ଡଲାରରେ ବିକ୍ରି କରାଯାଏ। ଓଟଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ମଧ୍ୟ ଏଠାକାର ସାମାଜିକ ଦିଗର ଅନ୍ୟତମ ମୁଖ୍ୟ ବିଷୟ। ଓଟଙ୍କୁ ଅଯଥାରେ ରାସାୟନିକ ସୌନ୍ଦର୍ଯ୍ୟ ସାମଗ୍ରୀରେ ସଜାଇବା କିମ୍ବା ସେମାନଙ୍କ ଶରୀରରେ ପ୍ଲାଷ୍ଟିକ୍ ଜିନିଷ ବ୍ୟବହାର କରିବା ବେଆଇନ। ୨୦୨୪ ସୁଦ୍ଧା ସାଉଦି ଆରବରେ ରହୁଥିବା ଓଟଙ୍କ ସଂଖ୍ୟା ୨୦ ଲକ୍ଷ ୨୦ ହଜାର ଏବଂ ଓଟ ମାଲିକଙ୍କ ସଂଖ୍ୟା ଅନ୍ୟୂନ ୮୦ ହଜାର ରହିଛି। ☞ପୃଷ୍ଠା-୨

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଆଇଟି ପକ୍ଷରୁ ୫୧ତମ ନ୍ୟାଶନାଲ ଥିଏଟର୍ ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ କ୍ଲାସିକାଲ୍ ମ୍ୟୁଜିକ୍ କନ୍‌ସର୍ଟ୍, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଧଉଳି କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତି ବିହାର, ଧଉଳି ଶାନ୍ତିସ୍ତୁପ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ଥିଏଟର୍ ସଂସ୍ଥା ପକ୍ଷରୁ 'ଲାବଣ୍ୟ ନାଟ୍ୟ ମହୋତ୍ସବ' ଉପଲକ୍ଷେ ନାଟକ ବାଉଁଶ ଠେଙ୍ଗାରେ ସ୍ୱାଧୀନତା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ପିଏମ୍ ବିଶ୍ୱକର୍ମା ହିତାଧିକାରୀଙ୍କ ବାଣିଜ୍ୟ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ଟେନିସ ପଡ଼ିଆ, ବଡ଼ମ୍ବା, ସମୟ: ଅପରାହ୍ନ ୪ଟା ୩୦।
- ଚତୁର୍ଦ୍ଦଶ ଶିଶିର ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ବର୍ଣ୍ଣ ପରିଚୟ ଓ ତିନି ତପସ୍ୱୀ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମ ଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଲବଣଗିରି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଲବଣଗିରି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ବାଲେଶ୍ୱର**
- ବାର୍ଷିକ ଉତ୍ସବ, ସ୍ଥାନ: ହୀରାପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା।
- ବିବେକାନନ୍ଦ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଯୁବ ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ–ଉତ୍କର୍ଷର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ହରିପ୍ଲାଜା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୧୫ତମ ରୂପ୍‌ସା ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡ଼ିଆ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**
- ବୈଦେହୀ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା ଶିକ୍ଷାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୁଦ୍ଧଗିରି ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବୀରଧନଞ୍ଜୟପୁର, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ଜୟପୁର, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୀଣାପାଣି ନର୍ସରୀ ସ୍କୁଲର ୩୯ତମ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ଦିଗପହଣ୍ଡି ଏନଏସି, ସମୟ: ଅପରାହ୍ନ ୫ଟା।

**କନ୍ଧମାଳ**
- ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର ଏବଂ ସୁରକ୍ଷା ଉପରେ କର୍ମଶାଳା, ସ୍ଥାନ: ଫୁଲବାଣୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଇଶୋ ବିଶ୍ୱକୁନ୍ତଳ ଶିଶୁ ଗୃହରେ ବାର୍ଷିକ ଉତ୍ସବ, ସ୍ଥାନ: ମହୁଲପଡା, ବଳଦିଆବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଆଠମଲ୍ଲିକ କପ୍ ଫୁଟବଲ ଟୁର୍ନାମେଣ୍ଟ ପଞ୍ଚମ ଦିବସର ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ : ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

**ଜଗତ୍‌ସିଂହପୁର**
- ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୁଢ଼ୀ ଜାଗୁଳାଇ ପୀଠ, ଏରସମା, ସମୟ: ଅପରାହ୍ନ ୩ ଟା।
- ଆନ୍ତର୍ଜାତିକ ନାଟକ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବର ଉଦ୍‌ଯାପନୀ ଏବଂ ମଞ୍ଚସ୍ଥ ହେବ ଓଡ଼ିଆ ନାଟକ ବେଗମ୍, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଗଣିତ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।

**ଯାଜପୁର**
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ରାମପୁର କଇଥା, ସମୟ: ସକାଳ ୮ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସ ସରୋବର ମେଳାର ନବମ ଦିବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୪ର୍ଥ ଦିବସରେ ସୂର୍ଯ୍ୟପୂଜା ସହ ସୀତାରାମ ବିବାହ, ପର୍ଶୁରାମ ଭେଟ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ସମୟ: ପ୍ରାତଃ ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୧୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ନୀଳମାଧବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ରାୟଗଡ଼ା**
- ମହଯୋଗୀ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ଚତୁର୍ବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ – ଅରୋଶ୍ରୀ ବିହାର, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଭୋଟର ତାଲିକା ସଂଯୋଗୀକରଣ କାର୍ଯ୍ୟକ୍ରମର ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ସଦ୍‌ଭାବନା ଗୃହ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**ନବରଙ୍ଗପୁର**
- ପରଜା ଦେଓପାଲି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟିସ୍ଥିତ ସ୍କୁଲ ପରିସର, ସମୟ, ପୂର୍ବାହ୍ନ ୧୧ଟା।
- ମାଘ ମଣ୍ଡେଇ ଯାତ୍ରା, ସ୍ଥାନ: କୋଷାଗୁମୁଡ଼ା, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ପ୍ରଭାବିତ ଅଞ୍ଚଳବାସୀଙ୍କ ନ୍ୟାୟ ନେଇ ପ୍ରତିବାଦ, ସ୍ଥାନ: ନାଲ୍‌କୋ ମେନ୍ ଗେଟ୍, ସମୟ: ସକାଳ ୬ଟା।
- ଦିବ୍ୟାଙ୍ଗଙ୍କ କ୍ରୀଡା ଏବଂ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, ଜୟପୁର, ସମୟ: ସକାଳ ୮ଟା।
- ଆଦିବାସୀ ପରିଚୟ ଓ କଳା ସଂସ୍କୃତି ନେଇ ଜାତୀୟସ୍ତରୀୟ ସେମିନାର, ସ୍ଥାନ: କୋଟସ ପରିସର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗଙ୍କ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶିବ ମନ୍ଦିର ନିକଟ ଖେଳପଡ଼ିଆ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ଶୁଣ୍ଡିପୁଟ ଗ୍ରାମ ମନ୍ଦିର ପରିସର, ସେମିଳିଗୁଡ଼ା ବ୍ଲକ୍, ସମୟ: ଅପରାହ୍ନ ୪ଟା।
- ଜିଲା ପର୍ଯ୍ୟଟନର ବିକାଶ ସମ୍ପର୍କିତ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସୁନାବେଡା–୧, ସମୟ: ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ସାଥି ଅନୁଷ୍ଠାନର ପ୍ରସ୍ତୁତି ବୈଠକ, ସ୍ଥାନ : ଅଇଁଠାପାଲିଛକସ୍ଥିତ ଡଲଫିନ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା
- ୨୪ ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ : ଜେ. ରେଙ୍ଗାଲି, ପୂର୍ବାହ୍ନ ୧୧ଟା।
- ସୁଇଟ୍ ପକ୍ଷରୁ ଦୁଇଦିନିଆ ସାଇବର ସୁରକ୍ଷା କର୍ମଶାଳା, ସ୍ଥାନ : ସୁଇଟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧।
- ବୀର ହନୁମାନଙ୍କ ମନ୍ଦିର ନିର୍ମାଣର ଭୂମିପୂଜନ କାର୍ଯ୍ୟକ୍ରମ. ସ୍ଥାନ : କଚେରୀ ଛକ, ସମୟ : ମଧ୍ୟାହ୍ନ ୧୨ଟା ୩୦।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ସିନିୟର କ୍ରିକେଟ ଚୟନ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୩୦।
- କ୍ଷେତରାଜପୁର ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବିଶାଳ ଜାଗରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : କ୍ଷେତରାଜପୁର ସ୍ଥିତ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- ସେଲିବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ସ୍ୱାସ୍ଥ୍ୟ ଶିବିର ଏବଂ ଫାର୍ମା ଏକ୍ସପୋ, ସ୍ଥାନ: ସରକାରୀ ଆୟୁର୍ବେଦିକ କଲେଜ, ବଲାଙ୍ଗୀର, ସମୟ: ସକାଳ ୯ଟା।

**ରାଉରକେଲା**
- ବାଲାଜୀ ମନ୍ଦିରରେ ବ୍ରହ୍ମୋତ୍ସବ, ସ୍ଥାନ: ପ୍ରଧାନପାଲି, ଛେଣ୍ଡ, ସମୟ: ସକାଳ ୭ଟା।
- ପୋଲିସ ପ୍ରଶାସନ ପକ୍ଷରୁ ପ୍ରତିରକ୍ଷା କର୍ମଶାଳା, ସ୍ଥାନ: ପାନ୍ଥ ନିବାସ, ସେକ୍ଟର–୫, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ଧବିଶ୍ୱାସ ସମ୍ପର୍କିତ କର୍ମଶାଳା, ସ୍ଥାନ: ସେକ୍ଟର–୫ ପାନ୍ଥନିବାସ, ସମୟ: ପୂର୍ବାହ୍ନ ୧୦ଟା ୪୦।
- ଭାଗବତ କଥା ପ୍ରବଚନ, ସ୍ଥାନ: ସେକ୍ଟର–୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।
- ସାହିତ୍ୟର ବ୍ୟାକରଣ ବ୍ୟବହାର ମାନ୍ୟତା, ସ୍ଥାନ: ସାହିତ୍ୟ ଶିଳ୍ପୀ ସମାଜ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ସାମୁହିକ ବ୍ରତ ପନୋୟନ, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ହାଟପଦା, ବରଗଡ଼, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ବିପିଜେପି ଆପାର୍ଟମେଣ୍ଟ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଏଆଇଏସ୍‌ଏଫ୍‌ର ରାଜ୍ୟସ୍ତରୀୟ ଛାତ୍ର ଅଧିକାର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଫଗୁ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା,ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବାବା କପ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିନ,ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ:ଅପରାହ୍ନ ୩ଟା।
- ଜିଲାସ୍ତରୀୟ ପି ଏମ ଉତ୍ସବ ଉଦ୍‌ଯାପନ, ସ୍ଥାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ସମୟ: ଅପରାହ୍ନ ୨ଟା।।
- ଛତରଙ୍ଗ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଉତ୍ସବ। ସ୍ଥାନ: ଛତରଙ୍ଗ ପ୍ରାଥମିକ ବିଦ୍ୟାଳୟ, ସମୟ:ସନ୍ଧ୍ୟା ୬ଟା।

**ସୁବର୍ଣ୍ଣପୁର**
- ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଓ ଚାଷୀଙ୍କ ସହିତ ଆଲୋଚନା, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ମାହେଶରୀ କ୍ରିକେଟ କପ୍‌ର ତୃତୀୟ ଦିବସ, ସ୍ଥାନ: ନୂଆଁଗଡ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ମେଳାର ଷଷ୍ଠ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୬ଟା।
- ଉଲୁଣ୍ଡା ଭଙ୍ଗାମୁଣ୍ଡା ଧନୁଯାତ୍ରା ନାମଯଜ୍ଞ ତୃତୀୟ ସନ୍ଧ୍ୟା, ସ୍ଥାନ: ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଖଡିଆଳ ମହୋତ୍ସବ ଉପଲକ୍ଷେ କବାଡି, ଖୋଖୋ ପ୍ରତିଯୋଗିତା, ସ୍ଥାନ: ସ୍ୱୟଂଶାସିତ ମହାବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୯ଟା।
- ଖଡିଆଳ ମହୋତ୍ସବ ଉପଲକ୍ଷେ ମଟକା ଫୋଡ ପ୍ରତିଯୋଗିତା, ସ୍ଥାନ– ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ବି ଓ ସି କ୍ଲାସ ଠିକାଦାର ସଂଘର ସାଧାରଣ ବୈଠକ, ସ୍ଥାନ: ବହୁମୁଖୀ ସମ୍ପ୍ରଦାୟ କେନ୍ଦ୍ର ନୂଆପଡା, ସମୟ: ଅପରାହ୍ନ ୧ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ତରବୋଡ ବସ୍ତିପଡା, ସମୟ: ପ୍ରାତଃ ୫ଟା ୧୦।
- ଖଡିଆଳ ମହୋତ୍ସବ ଉପଲକ୍ଷେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ଅପରାହ୍ନ ୪ଟାରୁ ରାତି ୮ଟା।
- ଖଡିଆଳ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।

**ଝାରସୁଗୁଡ଼ା**
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ଝାରସୁଗୁଡ଼ା ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଦ୍ୱିଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ:ଭଉଁରଖୋଲ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## 'ଧୁରନ୍ଧର-୨'ରେ ୟାମୀ ଗୌତମ



ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ଧୁରନ୍ଧର'ର ସଫଳତା ପରେ ଏବେ ଏହାର ଦ୍ୱିତୀୟ ଭାଗ 'ଧୁରନ୍ଧର: ଦି ରିଭେଞ୍ଜ'କୁ ନେଇ ଚର୍ଚ୍ଚା ବଢ଼ିଛି। ନିକଟରେ ରିଲିଜ ହୋଇଥିବା ଟିଜର ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିବା ବେଳେ ଏବେ ଅଭିନେତ୍ରୀ ୟାମୀ ଗୌତମଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ସ୍ୱାମୀ ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ୟାମୀ ଏକ ବିଶେଷ ଭୂମିକାରେ ନଜରକୁ ଆସିବେ। ଏହି ଚଳଚ୍ଚିତ୍ରରେ ୟାମୀଙ୍କ ଭୂମିକା ଛୋଟ ହେଲେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଏବଂ ଆକ୍ସନରେ ଭରପୂର ରହିବ। ସୂଚନା ଅନୁସାରେ, ସେ ପ୍ରାୟ ୫ ଦିନର ଶୁଟିଂ ମଧ୍ୟ ଶେଷ କରିସାରିଛନ୍ତି। ପୂର୍ବରୁ ଏକ ସାକ୍ଷାତକାରରେ ୟାମୀ କହିଥିଲେ, 'ଧୁରନ୍ଧର'ର ସ୍କ୍ରିପ୍ଟ ଏତେ ଚମତ୍କାର ଯେ ସେ ନିଜେ ଏହାର ଅଂଶବିଶେଷ ହେବାକୁ ଚାହୁଁଥିଲେ। ୟାମୀ ମଧ୍ୟ ସ୍ପଷ୍ଟ କରିଛନ୍ତି,ସ୍ୱାମୀ ନିର୍ଦ୍ଦେଶକ ହୋଇଥିଲେ ମଧ୍ୟ ସେମାନେ ନିଜର ବୃତ୍ତିଗତ ସୀମାକୁ ସମ୍ମାନ ଦିଅନ୍ତି ଏବଂ ସ୍କ୍ରିପ୍ଟର ଆବଶ୍ୟକତା ଅନୁସାରେ ହିଁ ସେ ଏହି ଫିଲ୍ମରେ ସାମିଲ ହୋଇଛନ୍ତି। ରଣବୀର ସିଂ, ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଆର. ମାଧବନ ଏବଂ ଅର୍ଜୁନ ରାମପାଲଙ୍କ ଭଳି ବଡ଼ କଳାକାରଙ୍କ ଅଭିନୀତ ଏହି ସ୍ପାଇ–ଥ୍ରୀଲର ଆସନ୍ତା ମାର୍ଚ୍ଚ ୧୯ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଶୁଣିବାକୁ ମିଳୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଧରେ ତାହାର ମଧୁର ହାସ,**
**ମୋହି ହୁଅନ୍ତି ଦେଖିଣ ତ୍ରିଦଶ।**
**ଅତି ସୁକୁମାର କୋମଳ ତନୁ,**
**କଣ୍ଟକ ଭିତରେ ସେ ବାଳଭାନୁ।**

ରକ୍ତ ଗୋଲାପ ଫୁଲ ଅତି ସୁକୁମାର ବା କୋମଳ ହୋଇଥିବାବେଳେ ଗୋଲାପ ଗଛଟି କଣ୍ଟକଯୁକ୍ତ ହୋଇଥାଏ। ସେହିପରି ରକ୍ତ ଗୋଲାପ ଫୁଲ ସବୁରି ମନକୁ ମୋହିନେବାକୁ ସକ୍ଷମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟି ଛୁରି ତଣ୍ଟି କାଟେ।**

ବ୍ୟକ୍ତି ନିଜର ବ୍ୟବହାର ପାଇଁ ଛୁରିଟିକୁ ନିଜ ଅଣ୍ଟି ବା କମର ପାଖରେ ରଖି ଥାଏ।ଏହାଦ୍ୱାରା ସେ ନିଜକୁ ଅନେକ ବିପତ୍ତିରୁ ରକ୍ଷା କରିପାରିଥାଏ। ତେବେ ବେଳେବେଳେ ସେହି ଛୁରିଟି ତାଙ୍କର ଅନେକ କ୍ଷତିସାଧନ କରୁଥିବା ଭଳି ଅତି ଆତ୍ମୀୟ ଲୋକ ନିଜର ଅନେକ ଅପକାର ବା କ୍ଷତି କରିଥାନ୍ତି। ଆତ୍ମୀୟ ବ୍ୟକ୍ତିର ବିଶ୍ୱାସଘାତକତା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...




ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରିପୋଟ୍ ବଟନ୍ ଚିପି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍‌ର ଶୁଭାରମ୍ଭ କରୁଛନ୍ତି।

### ସବୁ ତହସିଲରେ...

ପଠାଯିବାର ବ୍ୟବସ୍ଥା କରାଯାଉଛି। ଆଭାସି ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲା ସଦର ମହକୁମା ଓ ବ୍ଲକ୍ ମୁଖ୍ୟାଳୟରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ସରକାରୀ ପଦାଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇନ୍ସପେକ୍ଟର ଜେନେରାଲ (ରେଜିଷ୍ଟ୍ରେଶନ) ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଦେଓରଞ୍ଜନଙ୍କୁ ଇସ୍ପାତ...

ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଦୀର୍ଘଦିନ ଧରି ଓଏସ୍‌ଡି ଭାବେ ରହିଥିବା ୧୯୯୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ଓଡ଼ିଶା ବନ ନିଗମ ଅଧ୍ୟକ୍ଷ ସହିତ କେବିକେ ମୁଖ୍ୟ ପ୍ରଶାସକ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଏସିଏସ୍ ଚିତ୍ରା ଅରୁମୁଗମଙ୍କୁ ଶ୍ରମ ବିଭାଗର ମୂଳ ଦାୟିତ୍ୱ ସହିତ ବିଜ୍ଞାନ କାରିଗରୀ, ଗୋପବନ୍ଧୁ ଏକାଡେମୀର ମହାନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଏସିଏସ୍ ଡ. ଅରବିନ୍ଦ କୁମାର ପାଢ଼ୀଙ୍କୁ ରାଜସ୍ୱ ବିଭାଗର ମୂଳ ଦାୟିତ୍ୱ ସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅତିରିକ୍ତ ଦାୟିତ୍ୱ ଏବଂ ଏସିଏସ୍ ଉଷା ପାଢ଼ୀଙ୍କୁ ନଗର ଉନ୍ନୟନ ବିଭାଗ ମୂଳ ଦାୟିତ୍ୱ ସହିତ ଇଡ୍‌କୋ ଅଧ୍ୟକ୍ଷ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ବଦଳି କରାଯାଇଥିବାବେଳେ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କୁ ଜଳସମ୍ପଦ ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ମୂଳ ଦାୟିତ୍ୱ ସହିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ପଞ୍ଚାୟତିରାଜ ବିଭାଗ ସଚିବ ଗିରୀଶ ଏସ୍.ଏନ୍.ଙ୍କୁ ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହାସହିତ ଡ. ମୃଣାଳିନୀ ଦର୍ଶୱାଲଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗ ସଚିବ ମୂଳ ଦାୟିତ୍ୱ ସହିତ ଓଡ଼ିଶା ବିପଣନ ନିଗମ ଅଧ୍ୟକ୍ଷ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ସହ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଭାର ଦିଆଯାଇଛି। ଅନୁରୂପ ଭାବେ ସଚିନ ରାମଚନ୍ଦ୍ର ଯାଦବଙ୍କୁ କୃଷି ବିଭାଗ ସଚିବ ଦାୟିତ୍ୱ ସହିତ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଅତିରିକ୍ତ ଦାୟିତ୍ୱ, ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣିନିଗମ ପରିଚାଳନା ନିର୍ଦ୍ଦେଶକ ସହିତ କେନ୍ଦ୍ରାଞ୍ଚଳ ରେଭିନ୍ୟୁ ଡିଭିଜନାଲ କମିଶନର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ରଶ୍ମିତା ପଣ୍ଡାଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ମୂଳ ଦାୟିତ୍ୱ ସହିତ ଭୁବନେଶ୍ୱର ସ୍ମାର୍ଟସିଟି ପରିଚାଳନା ନିର୍ଦ୍ଦେଶକ ଏବଂ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଅତିରିକ୍ତ ଦାୟିତ୍ୱ ଏବଂ ମହମ୍ମଦ ସଦିକ୍ ଆଲାମଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଛି।

ମାନସୀ ନିମ୍ଭଲଙ୍କୁ ମିଶନ ଶକ୍ତି ବିଭାଗ ସଚିବ, ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ସଚିବ, ଅନୁପମ ଶାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ମୂଳ ଦାୟିତ୍ୱ ସହିତ ଓଡ଼ିଶା ସେତୁ ନିର୍ମାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ ଏବଂ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦକ୍ଷିଣାଞ୍ଚଳ ଆରଡିସି ମୂଳ ଦାୟିତ୍ୱ ସହିତ ଉତ୍ତରାଞ୍ଚଳ ଆର୍‌ଡିସି ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

### ୭ ଜିଲାର ଇଂଲିଶ..

(ବାଲାସୋର) ପରିବର୍ତ୍ତେ ବାଲେଶ୍ୱର, Keonjhar (କେଉଁଝର) ବଦଳରେ କେନ୍ଦୁଝର, Nayagarh (ନୟାଗର) ସ୍ଥାନରେ ନୟାଗଡ଼ ଏବଂ Kendrapara (କେନ୍ଦ୍ରାପରା) ବଦଳରେ କେନ୍ଦ୍ରାପଡ଼ା ଉଲ୍ଲେଖ କରାଯିବ। ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ୧୧ଟି ଜିଲାରେ ସମୁଦାୟ ୨୪ଟି ସ୍ଥାନର ନାମ ପରିବର୍ତ୍ତନ କରାଯିବାକୁ ରହିଛି। ସେଥିମଧ୍ୟରେ ମାଲକାନଗିରି ଜିଲାର ପୋଡ଼ିଆ ବ୍ଲକ ବଦଳରେ ପଡ଼ିଆ ବ୍ଲକ ଉଲ୍ଲେଖ କରାଯିବାକୁ ରହିଥିବାବେଳେ ଦେବଗଡ଼ର ରିଆମାଳ, କନ୍ଧମାଳର ଖଣ୍ଡମାଳ ପରିବର୍ତ୍ତେ କନ୍ଧମାଳ, ଖୁରଦା ହେବ ଖୋରଧା, ବୋଲଗର ହେବ ବୋଲଗଡ଼, ବାନପୁର ହେବ ବାଣପୁର, ଜଟନୀ ହେବ ଜଟଣୀ, ଅନୁଗୁଲ ହେବ ଅନୁଗୋଳ, ପାଲଲହରା ହେବ ପାଲଲହଡା, ସାଲିପୁର ହେବ ସାଲେପୁର, ବରମ୍ବା ହେବ ବଡ଼ମ୍ବା, ନୀଲଗିରି ହେବ ନିଲଗିରି, ଅଉଲ ହେବ ଆଳି, କେନ୍ଦ୍ରାପରା ହେବ କେନ୍ଦ୍ରାପଡ଼ା, ମହାକାଲପରା ହେବ ମହାକାଳପଡ଼ା। ସେହିପରି ବଡ଼ବିଲ, କେନ୍ଦୁଝରଗଡ଼, ରେଢ଼ାଖୋଲ, ନୟାଗଡ଼ ଏବଂ ଦଶପଲ୍ଲାକୁ ନାମ ପରିବର୍ତ୍ତନ ହେବାକୁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

ତେବେ କଟକ ଜିଲାର ଦୁଇଟି ସ୍ଥାନ ଯଥା ଆଠଗଡ଼ ଏବଂ ସାଲେପୁରର ଓଡ଼ିଆ ନାମକରଣ ହେଉଥିବାବେଳେ କଟକର ଇଂଲିଶ ନାମ କୁଟକକୁ କାହିଁକି ପରିବର୍ତ୍ତନ କରାଯିବା ତାଲିକାରେ ରଖାଗଲା ନାହିଁ ବୋଲି ଭାଷାପ୍ରେମୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଓଟଙ୍କୁ ମିଳିବ...

ଦେଶର ବିଭିନ୍ନ ଇଲାକାରେ ପରିବହନ କ୍ଷେତ୍ରରେ ଓଟମାନଙ୍କୁ ଉପଯୋଗ କରାଯାଉଛି। କିନ୍ତୁ ଏତେ ସଂଖ୍ୟକ ଓଟଙ୍କ ପରିଚାଳନା ଏବଂ ସେମାନଙ୍କ ମାଲିକାନାତ୍ୱକୁ ନେଇ ଅନେକ ସମୟରେ ସମସ୍ୟା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ଓଟ ପରିଚାଳନା ଦିଗର ସମସ୍ତ ଦିଗକୁ ସହଜ କରିବା ଲାଗି ସରକାର ପାସ୍‌ପୋର୍ଟ ବ୍ୟବସ୍ଥା କରିବାକୁ ଯାଉଛନ୍ତି ବୋଲି ଏଠାକାର ସରକାରୀ ଖବରଦାତା ସଂସ୍ଥା 'ଅଲ ଆକବରିୟା' କହିଛି। ଓଟଙ୍କୁ ଦିଆଯିବାକୁ ଥିବା ପାସ୍‌ପୋର୍ଟରେ ଏକ ମାଇକ୍ରୋଚିପ୍ ନମ୍ବର ରହିବ, ଯେଉଁଥିରେ ଚିହ୍ନଟ ପାଇଁ ବ୍ୟାପକ ତଥ୍ୟ ରହିବ। ପାସ୍‌ପୋର୍ଟ ନମ୍ବରଠାରୁ ଆରମ୍ଭ କରି ଓଟର ନାମ, ଜନ୍ମ ତାରିଖ, ଜନ୍ମ ସ୍ଥାନ, ରଙ୍ଗ, ପ୍ରଜାତି, ଲିଙ୍ଗ ଏବଂ ଫଟୋ ରହିବ। ଏହାବ୍ୟତୀତ ଠିକଣା ସମୟରେ ଓଟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଟିକାକରଣ ହୋଇଛି କି ନାହିଁ ସେ ସମ୍ପର୍କିତ ତଥ୍ୟ ମଧ୍ୟ ପାସ୍‌ପୋର୍ଟରେ ରହିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଥିବାରୁ ଉଦାସ ରହିପାରନ୍ତି ଏବଂ କାମ ସକାଶେ ନିରୁତ୍ସାହିତ ରହିବେ। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ସମ୍ପର୍କିତ ଆଲୋଚନା କରିପାରନ୍ତି। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଅସୁସ୍ଥତାବଶତଃ କେତେକ ଅତ୍ୟାବଶ୍ୟକ କାମଗୁଡ଼ିକ ସ୍ଥଗିତ ରହିଯିବାର ସୂଚନା ମଧ୍ୟ ରହିଛି।

**ବୃଷ** – କର୍ମକ୍ଷେତ୍ରସ୍ଥ ଗ୍ରହଙ୍କ ପ୍ରଭାବରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମରେ ସାହାଯ୍ୟ, ସହଯୋଗ ପାଇବା ସହ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅନୁତାପ କରିପାରନ୍ତି। ଅନ୍ୟମନସ୍କ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ହେବ।

**ମିଥୁନ** – ତୃତୀୟାଧିପତି ଅଷ୍ଟମଭାବସ୍ଥ ଯୋଗୁ ଭାଇ, ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ। ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ମାଙ୍ଗଳିକ କାମ ସକାଶେ ପରିବାର ସହ ଆଲୋଚନା କରିପାରନ୍ତି। ଅର୍ଥନୈତିକ ଆଲୋଚନା, ଶିଳ୍ପ, ବାଣିଜ୍ୟ ଓ ନିର୍ମାଣ ସକାଶେ କୌଣସି ଅସୁବିଧା ହେବନାହିଁ। ଦୈହିକ ଦୁର୍ବଳତା ଲାଗିରହୁଥିବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ।

**କର୍କଟ** – ରାଶିକୁ ରବି ଓ ମଙ୍ଗଳଙ୍କ ଦୃଷ୍ଟିରୁ ଆଶା ଓ ଅଭିଳାଷର ପୂର୍ଣ୍ଣତା ମାନସିକ ଶାନ୍ତି ପ୍ରଦାନ କରିବ। ବନ୍ଧୁଙ୍କ ସହାନୁଭୂତି, ଶତ୍ରୁମାନଙ୍କ ଅଧୋଗତି, ବିବାଦର ଅବସାନ ପ୍ରଭୃତିରୁ ଆଶ୍ୱସ୍ତି ଅନୁଭବ କରିବେ। ଯାନବାହନଚାଳନା ସମୟରେ ସତର୍କତା ଅବଲମ୍ବନ କରିବା ଭଲ। ପରିବାର କିମ୍ବା ସମ୍ପର୍କୀୟଙ୍କ ସହ କଳହ ସୃଷ୍ଟି ହୋଇପାରେ।

**ସିଂହ** – ଆଜି ଦୂରଯାତ୍ରା,ପାରିବାରିକ ବ୍ୟୟବରାଦ,ସନ୍ତାନଙ୍କ ସମସ୍ୟା ଯୋଗୁ ଚିନ୍ତିତ ରହିପାରନ୍ତି। ପାରିବାରିକ ଜୀବନରେ ମଧ୍ୟ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ଆନୁଷ୍ଠାନିକ କାର୍ଯ୍ୟ, ବନ୍ଧୁମିଳନ ଓ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ହୋଇପାରେ।

**କନ୍ୟା** – ରବି ଓ ମଙ୍ଗଳଙ୍କ କୁପ୍ରଭାବରୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ସ୍ୱାର୍ଥସାଧନାର ଆଶା ନ ଥିବାରୁ ନିଜ ଲୋକ ଦୂରେଇ ରହିବେ। ଆଜିର ବ୍ୟବସାୟିକ ସ୍ଥିତି, ନିର୍ମାଣ କାର୍ଯ୍ୟ, ବନ୍ଧୁଙ୍କ ସହ ଆଲୋଚନାରୁ ସୁଫଳ ପାଇବେ।

**ତୁଳା** – ଧନ ଏବଂ ଲାଭାଧିପତି କୋଣଭାବସ୍ଥ ଯୋଗୁ ଅର୍ଥସମ୍ପର୍କିତ ସମସ୍ୟାର ସମାଧାନ ହେବ। ଭୁଲ୍ ବୁଝାମଣାରୁ ଯୁକ୍ତିତର୍କଜନିତ ମତପାର୍ଥକ୍ୟ ପାରିବାରିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିପାରେ। ଆଜିର ସକାଳ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ। ଆନୁଷ୍ଠାନିକ କାମରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** – ରାଶ୍ୟାଧିପତି ଲାଭାଧିପତିଙ୍କ ସହିତ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଉଚ୍ଚ ସମ୍ମାନ ସହ ବହୁଜନ ପ୍ରଶଂସିତ ହେବେ। ପୁନଶ୍ଚ ଅର୍ଥଲାଭ ସହିତ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ଘରୋଇ କଳହଜନିତ ସାମୟିକ ବିତର୍କ ଲାଗିପାରେ।

**ଧନୁ** – କର୍ମସ୍ଥାନ ଶନି ଦୃଷ୍ଟିରେ ରହିଥିବାରୁ ପ୍ରତିଟି କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ସହିତ ପ୍ରତିଯୋଗିତା ମନୋଭାବ ସୃଷ୍ଟିହେବ। ପାରିବାରିକ କ୍ଷେତ୍ରରେ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ସମ୍ପର୍କ ବୃଦ୍ଧି, ପରିବହନରେ ଉନ୍ନତି, ବ୍ୟବସାୟିକ ଉତ୍କର୍ଷ ହେତୁ ଖୁସି ରହିବେ।

**ମକର** – ମଙ୍ଗଳଙ୍କ ସୁପ୍ରଭାବରେ ପରିସ୍ଥିତି ଯାହାହେଉନା କାହିଁକି ଆପଣଙ୍କ ଆଶା ପୂରଣରେ ପ୍ରତିବନ୍ଧକ ରହିବ ନାହିଁ। ବିବାଦୀୟ ପରିସ୍ଥିତି ଲାଗିରହିଥିବାରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପ୍ରତ୍ୟାବର୍ତ୍ତନ ପଥରେ ବନ୍ଧୁଙ୍କ ସକାଶେ ଦୀର୍ଘସମୟର ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** – ବୃହସ୍ପତିଙ୍କ ପ୍ରଭାବରେ ସମସ୍ୟା ରହିଥିଲେ ମଧ୍ୟ ଆତ୍ମୀୟତାର ସହ କାମକରି ପ୍ରଶଂସିତ ହେବେ। ବ୍ୟବସାୟରୁ ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହେବେ। ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ସାହିତ୍ୟରେ, ଆନୁଷ୍ଠାନିକ କ୍ଷେତ୍ରରେ ଶତଭିଷା ସମସ୍ୟାର ସମ୍ମୁଖୀନ ହେବେ।

**ମୀନ** – ଆଜି ମାପିଚୁପି କଥାବାର୍ତ୍ତା ନ କଲେ ସମ୍ମାନହାନି ଘଟିପାରେ। ଦୁଃସ୍ଥାନସ୍ଥ ବୁଧଜନିତ ପାରିବାରିକ ସମସ୍ୟା ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ସାମାଜିକ ସ୍ତରରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ ଏବଂ କାର୍ଯ୍ୟମଧ୍ୟ ଅଟକିବ ନାହିଁ।

ଆଜି ଫେବୃଆରୀ ୬ ତାରିଖ, ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ ଶୁକ୍ରବାର। ରାଶି ନକ୍ଷତ୍ର ହସ୍ତା/କନ୍ୟା, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୩ ଗତେ, ଘ.୦୭।୦୮ ମଧ୍ୟେ, ଘ.୦୭।୫୩ ଗତେ, ଘ.୦୯।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୬ ଗତେ, ଘ.୧୨।୦୦ ମଧ୍ୟେ ରାହୁ କାଳ।



ଯାଜପୁର ଜିଲା ଯଖପୁରାଠାରେ ଗୁରୁବାର ଲାଇନଚ୍ୟୁତ ହୋଇଥିବା ଚେନ୍ନାଇ ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ୍ ।

# ଭାରତୀୟ ସଂଗଠନ ସହ ଜଡ଼ିତ ୨୦୦ ୱେବ୍‌ସାଇଟ୍ ବନ୍ଦ କଲା ଆମେରିକା

**ନ୍ୟୁୟର୍କ,୫।୨(ପି.ଟି.)**



ଭାରତ ଏକ ଅନ୍ତର୍ଜାତୀୟ ଅପରାଧ ସଂଗଠନ ସହ ଜଡ଼ିତ ୨୦୦ରୁ ଊର୍ଦ୍ଧ୍ୱ ୱେବ୍‌ସାଇଟ୍ ଠିକଣାକୁ ଆମେରିକା ସଂଘୀୟ କର୍ତ୍ତୃପକ୍ଷ ଜବତ କରିଛନ୍ତି। ଉକ୍ତ ସଂଗଠନ ବେଆଇନ ଭାବେ ଅନ୍‌ଲାଇନ ଫାର୍ମାସି ଚଳାଇବା ସହ ଅନ୍ୟୂନ ୬ଟି ଘାତକ ଏବଂ ୪ଟି ଅଣଘାତକ ଓଭରଡୋଜ୍ ପାଇଁ ଦାୟୀ ବୋଲି ସଂଘୀୟ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ଆମେରିକାର ଡ୍ରଗ୍ ଏନ୍‌ଫୋର୍ସମେଣ୍ଟ ଆଡମିନିଷ୍ଟ୍ରେଶନ (ଡିଇଏ) ଫିଲ୍ଡ ଅଫିସରମାନେ ଦେଶବ୍ୟାପୀ ଅଭିଯାନ ଚଳାଇବା ସହ ୪ ଜଣଙ୍କୁ ଗିରଫ କରିଛନ୍ତି। ୨୦୨୨ରୁ ଡିଇଏର ରକି ମାଉଣ୍ଟେନ୍ ଫିଲ୍ଡ ଡିଭିଜନ ବେଆଇନ ଅନ୍‌ଲାଇନ ଫାର୍ମାସି ସହ ସମ୍ପୃକ୍ତ ଅନ୍ତର୍ଜାତୀୟ ଅପରାଧ ସଂଗଠନଗୁଡ଼ିକ ଉପରେ ତଦନ୍ତ ଚଳାଇଥିଲା। ଡିଇଏ ଏନେଇ ଭାରତ ସରକାରଙ୍କ ଆଇନ ପ୍ରବର୍ତ୍ତନକାରୀ ସଂଗଠନଗୁଡ଼ିକର ସହଯୋଗ ନେଇଥିଲା। ଡିଇଏ ମିଳିତ ଅଭିଯାନରେ ଅବୈଧ ଔଷଧ ବିତରକମାନଙ୍କ ବିରୋଧରେ ଉଚ୍ଚ ସ୍ତରରୁ ଗୁରୁତ୍ୱପୂର୍ଣ୍ଣ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ଏବଂ ଯେଉଁ ଅବୈଧ ଔଷଧ ଆମେରିକୀୟମାନଙ୍କ ଜନସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରେ, ତାହାକୁ ରୋକିବା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିବ ବୋଲି କହିଛି। ଗତମାସ ୨୭ରୁ ଡିଇଏ କ୍ଷେତ୍ର ଅଧିକାରୀମାନେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସମଗ୍ର ଆମେରିକାରେ ଅଭିଯାନ ଚଳାଇଆସୁଥିଲେ। ଏଥିସହିତ ୫ଟି ତୁରନ୍ତ ସ୍ଥଗିତ ନିର୍ଦ୍ଦେଶ ଏବଂ ଗୋଟିଏ କାରଣ ଦର୍ଶାଅ ନିର୍ଦ୍ଦେଶ ଜାରି କରାଯାଇଛି। ବୈଧ ପ୍ରେସ୍କ୍ରିପ୍‌ଶନ ବିନା ଅନ୍ୟ ଉତ୍ସରୁ ଅଣାଯାଇଥିବା ଔଷଧ ଓ ନକଲି ବଟିକା ପାଇଁ ଲକ୍ଷାଧିକ ଅର୍ଡର ଫାଇଲ ହୋଇଥିବା ୨୦୦ରୁ ଊର୍ଦ୍ଧ୍ୱ ଅନ୍‌ଲାଇନ ଫାର୍ମାସିକୁ ଆମେରିକା ସରକାର ବନ୍ଦ କରିଦେଇଛନ୍ତି।

**LIC ଭାରତୀୟ ଜୀବନ ବୀମା ନିଗମ**
ପାଟନା ମଣ୍ଡଳ କାର୍ଯ୍ୟାଳୟ-I
''ଜୀବନ ପ୍ରକାଶ'' ବିଲ୍ଡିଂ, ମଝାରୁଲ ହକ୍ ପଥ, ପାଟନା-୮୦୦୦୦୧

**ଟେଣ୍ଡର ବିଜ୍ଞପ୍ତି**

କଷ୍ଟମାଇଜ୍‌ଡ ଟ୍ରଫିଗୁଡ଼ିକର ଯୋଗାଣ ପାଇଁ ଆଗ୍ରହୀ ଭେଣ୍ଡର/ସପ୍ଲାୟର/ଫାର୍ମମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । କଷ୍ଟମାଇଜ୍‌ଡ ଟ୍ରଫିଗୁଡ଼ିକର ଯୋଗାଣ ସମ୍ପର୍କରେ ଅଧିକ ବିବରଣୀ ପାଇଁ ଇଚ୍ଛୁକ ଭେଣ୍ଡର/ଫାର୍ମମାନେ www.licindia.in/tender ପରିଦର୍ଶନ କରିପାରନ୍ତି କିମ୍ବା ପାଟନା ମଣ୍ଡଳ କାର୍ଯ୍ୟାଳୟ-Iର ବିକ୍ରୟ ବିଭାଗ ସହ କାର୍ଯ୍ୟାଳୟ ନିର୍ଘଣ୍ଟ ମଧ୍ୟରେ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରିପାରନ୍ତି ।
ଟେଣ୍ଡର ସହ ଆବଶ୍ୟକୀୟ ଦସ୍ତାବିଜକୁ ଉପରୋକ୍ତ ଠିକଣାରେ ପଠାଯିବା ଉଚିତ ଯାହା **ତା୨୦।୦୨।୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ । କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଦରଖାସ୍ତକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରୂପେ ଗ୍ରହଣ ବା ନାକଚ କରିବାର ଅଧିକାର ଭାରତୀୟ ଜୀବନ ବୀମା ନିଗମ ନିକଟରେ ସଂରକ୍ଷିତ ।
ତାରିଖ: ୦୬।୦୨।୨୦୨୬ — ବରିଷ୍ଠ ମଣ୍ଡଳ ପ୍ରବନ୍ଧକ

# ଚେନ୍ନାଇ ଏକ୍ସପ୍ରେସ୍ ଲାଇନଚ୍ୟୁତ

**■ ଯଖପୁରାଠାରେ ଲାଇନରୁ ଖସିଲା ୩ ବଗି**

**ଯାଜପୁର,୫।୨ (ହର୍ଷବର୍ଦ୍ଧନ ବେହେରା)**

ପୂର୍ବତଟ ରେଳପଥର ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ ପୂର୍ବରୁ ଯଖପୁରା ଜଙ୍କସନ୍‌ର ୪ନମ୍ବର ପ୍ଲାଟ୍‌ଫର୍ମରେ ଗୁରୁବାର ସକାଳ ୮ଟା ୫୧ ମିନିଟ୍‌ରେ ଚେନ୍ନାଇ ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ୍ ଟ୍ରେନ(ନଂ. ୨୨୬୧୧) ଲାଇନ୍‌ଚ୍ୟୁତ ହୋଇଛି। ଡାଉନ ଲାଇନରେ ଚାଲିଥିବା ଏହି ଏକ୍ସପ୍ରେସ ଟ୍ରେନର ମୋଟ ୨୨ଟି ବଗି ମଧ୍ୟରୁ ଇଞ୍ଜିନକୁ ଲାଗିଥିବା ବଗି ପରେ ୩ଟି ବଗି ଯଥା ଦୁଇଟି ଜେନେରାଲ ଏବଂ ଗୋଟିଏ ଏସି ବଗି ରେଳ ଧାରଣା ତଳକୁ ଖସିଯାଇଥିଲା। ସୌଭାଗ୍ୟବଶତଃ ଏଥିରେ କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇ ନାହିଁ। ଖବରପାଇ ରେଲୱେ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ଭଦ୍ରକ ଉଦ୍ଧାରକାରୀ ଦଳ ସହିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨ ଘଣ୍ଟା ପରେ ଦୁର୍ଘଟଣାଗ୍ରସ୍ତ ବଗିଗୁଡ଼ିକୁ ଅଲଗା କରାଯାଇ ଅବଶିଷ୍ଟ ବଗିରେ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ଏଥିସହ ଭୁବନେଶ୍ୱରରୁ ଆକ୍ସିଡେଣ୍ଟ ରିଲିଫ ଟ୍ରେନ୍(ଏଆରଟି) ଓ ଆକ୍ସିଡେଣ୍ଟ ରିଲିଫ ମେଡିକାଲ ଇକ୍ୟୁପ୍‌ମେଣ୍ଟ(ଏଆର୍‌ଏମ୍‌ଇ) ଟ୍ରେନକୁ ଖୋର୍ଦ୍ଧାରୋଡ୍‌ରୁ ୮ଟା୫୩ ମିନିଟ୍ ସମୟରେ ଛଡ଼ାଯାଇଥିଲା। ବରିଷ୍ଠ ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ତେବେ ଏହି ଦୁର୍ଘଟଣାରେ ଅନ୍ୟ କୌଣସି ଟ୍ରେନ୍ ଚଳାଚଳରେ ବାଧା ଉପୁଜି ନ ଥିବା ରେଲୱେ ପକ୍ଷରୁ ସୂଚନା ମିଳିଛି।

ଯଖପୁରା ଜଙ୍କସନ ଷ୍ଟେଶନଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ୨ଟି ରେଳଲାଇନ ରହିଛି। ଏହାବାଦ ଏଠାରୁ ବାଉଁଶପାଣିକୁ ନୂତନ ରେଳଲାଇନ କାର୍ଯ୍ୟ ଚାଲିଥିବାବେଳେ କେନ୍ଦୁଝରରୋଡ୍ ଷ୍ଟେଶନକୁ ମଧ୍ୟ ଏକ ରେଳଲାଇନ ରହିଛି। ସେହିପରି ହାଓଡା ଅଭିମୁଖେ ମୁଖ୍ୟ ରେଳଲାଇନ ଯୋଗେ ଦୈନିକ ଶତାଧିକ ☞ପୃଷ୍ଠା-୧୧

# ଚାଲି ଗାଁ ବୁଲିଲେ ରାଷ୍ଟ୍ରପତି

**ବାରିପଦା/ ରାଇରଙ୍ଗପୁର, ୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ମାନସ ମହାନ୍ତି)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ଗୁରୁବାର ଶାଶୁଘର ପାହାଡ଼ପୁର ଗ୍ରାମକୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ସକାଳେ ଗାଁରେ ପହଞ୍ଚିବା ପରେ ମହିଳାମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଆଦିବାସୀ ପରମ୍ପରା ଅନୁଯାୟୀ ମହିଳାମାନେ ରାଷ୍ଟ୍ରପତିଙ୍କ ଗୋଡ଼ ଧୋଇଦେବା ସହ ପ୍ରଣାମ କରିଥିଲେ। ମୁର୍ମୁ ଛକରେ ସ୍ୱାମୀ ଶ୍ୟାମ ଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ରାଷ୍ଟ୍ରପତି ପ୍ରୋଟୋକଲରୁ ବାହାରକୁ ଯାଇ ଗ୍ରାମବାସୀଙ୍କୁ ଭେଟିଥିଲେ। ସେଠାରୁ ଗାଁ ଦାଣ୍ଡରେ ଚାଲି ଚାଲି ଯାଇ ପୂଜାସ୍ଥଳ ଗୋଷାଣୀ ଓ ଜାହିରାରେ ପୂଜାର୍ଚ୍ଚନା କରିଥିଲେ। ପରେ ସ୍କିଲ୍ ହବ୍ ସେଣ୍ଟରରେ ମହିଳାଙ୍କ ସହ ଆଲୋଚନା କରିଥିଲେ। ଏସ୍‌ଏଲ୍‌ଏସ୍ ସ୍କୁଲକୁ ଯାଇ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ଛାତ୍ରୀଛାତ୍ରଙ୍କ ସହ



ପାହାଡ଼ପୁର ଗାଁ ରାସ୍ତାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚାଲିଚାଲି ଯାଉଛନ୍ତି।

ଭାବବିନିମୟ କରିଥିଲେ। ପାଠ ସହ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଅନ୍ତର୍ନିହିତ ଦକ୍ଷତାକୁ ପ୍ରତିପାଦନ କରି ଆତ୍ମନିର୍ଭର ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବର୍ତ୍ତମାନ ସମୟରେ ସମସ୍ତଙ୍କୁ ଚାକିରି ମିଳିବା ସହଜ ନୁହେଁ, ତେଣୁ ଚାକିରି ଅନ୍ୱେଷଣ ନ କରି ଚାକିରି ଦେବାପାଇଁ ନିଜ ଭିତରେ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଯୁବବର୍ଗ ଆତ୍ମନିର୍ଭର ହେଲେ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ସମ୍ଭବ ବୋଲି ରାଷ୍ଟ୍ରପତି କହିଥିଲେ। ସ୍ଥାନୀୟ ଯୁବକମାନଙ୍କ ସହ ଆଲୋଚନା କରି ରାଇରଙ୍ଗପୁରସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ସେଠାରେ ଦେବଦର୍ଶନ କରିବା ପରେ ପୂଜାର୍ଚ୍ଚନା କରି ୭ଜଣ ବ୍ରାହ୍ମଣଙ୍କୁ ଅନ୍ନବସ୍ତ୍ର ଦାନ କରିଥିଲେ। ମହାପ୍ରଭୁଙ୍କ ପ୍ରସାଦ ସେବନ କରି ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଅପରାହ୍ନ ୪ଟାରେ ଦାଣ୍ଡବୋଷ ହେଲିପ୍ୟାଡ୍‌ରୁ ଶିମିଳିପାଳ ଜାତୀୟ ଉଦ୍ୟାନ ଅଭିମୁଖେ ଯାତ୍ରା କରିଥିଲେ। ଯଶୀପୁରର ଅନୁକୂଳପୁରସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସଡ଼କପଥରେ ଶିମିଳିପାଳ ଯାଇଥିଲେ। ଗୁଡୁଗୁଡ଼ିଆସ୍ଥିତ ଫରେଷ୍ଟ ଡାକବଙ୍ଗଳାରେ ରାତ୍ରିଯାପନ କରିଥିଲେ। ଶୁକ୍ରବାର ପ୍ରଥମ କରି ଶିମିଳିପାଳ ଅଭୟାରଣ୍ୟର ଗୁଡୁଗୁଡ଼ିଆଠାରେ ନିର୍ମାଣ ହୋଇଥିବା ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ଟାୱାରକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବା ସହ ଆଦିବାସୀ ସମ୍ପ୍ରଦାୟ ସହ ଭାବବିନିମୟ କରିବା କାର୍ଯ୍ୟକ୍ରମ ରହିଛି।




# ରାଜ୍ୟ ବାହାରକୁ କଳାକେନ୍ଦୁ, ଖଇର କାଠ ଚାଲାଣ

**ବଲାଙ୍ଗୀର ବନ ବିଭାଗ ପକ୍ଷରୁ ଜବତ ହେଲାଣି ୪୦ ଟ୍ରିପ୍ ଚୋରାକାଠ**

**ବଲାଙ୍ଗୀର,୫।୨(ବୀରେନ୍ଦ୍ର କୁମାର ଝାଙ୍କର)**

ଜାତୀୟ, ଅନ୍ତର୍ଜାତୀୟ ବଜାରରେ କଳାକେନ୍ଦୁ, ଖଇର କାଠର ଚାହିଦା ବଢୁଛି। କଳା କେନ୍ଦୁ କାଠରେ ତିଆରି ହେଉଛି ଦାମୀ ସଙ୍ଗୀତ ଉପକରଣ ଓ ବିଭିନ୍ନ ପ୍ରକାର କାଷ୍ଠ କଳା। କଳାକେନ୍ଦୁ ଗଛରୁ ଆହୁରି ଅନ୍ୟାନ୍ୟ ବହୁମୂଲ୍ୟବାନ୍ ସାମଗ୍ରୀ ତିଆରି କରାଯାଉଥିବାରୁ ଏବେ ଏହି ଗଛ ଚୋରାଚାଲାଣ ପାଇଁ ବଡଧରଣର ରାକେଟ କାମ କରୁଛି। ଖାଲି କଳାକେନ୍ଦୁ ନୁହେଁ, ଖଇର କାଠର ଚାହିଦା ବି କାହିଁରେ କ'ଣ। ବିଭିନ୍ନ ପ୍ରକାର ପାନମସଲା, ଅନ୍ୟ ଖାଦ୍ୟ ସାମଗ୍ରୀ, ବିଭିନ୍ନ ଔଷଧ, ରଙ୍ଗ ଏବଂ ଡାଇଂରେ ଖଇର ଗଛର ବହୁଳ ବ୍ୟବହାର ହେଉଥିବାରୁ କାଠ ମାଫିଆମାନେ ଏହି ଚୋରାଚାଲାଣରେ ସକ୍ରିୟ ଅଛନ୍ତି। ଖାଲି ଏତିକି ନୁହେଁ, ଏହି ଗଛର ରସରୁ ଦାମୀ ଜିନିଷ ତିଆରି ହେଉଛି। ବିଶେଷକରି ଏହି କଳାକେନ୍ଦୁ ଓ ଖଇର କାଠରୁ ପ୍ରସ୍ତୁତ ସାମଗ୍ରୀର ଚାହିଦା ଅନ୍ତର୍ଜାତିକ ବଜାରରେ ଅଧିକ ରହିଥିବାରୁ ଏହା ଅଧିକରୁ ଅଧିକ ଚୋରାଚାଲାଣ ହେଉଥିବା ଏବଂ ଏଥିରେ ଏକ ବଡଧରଣର ରାକେଟ ସମ୍ପୃକ୍ତ ଥିବା ଜଣାପଡିଛି। ବଲାଙ୍ଗୀର ଜିଲା ସମେତ ପଡୋଶୀ କଳାହାଣ୍ଡି, ବରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲାରେ ଉନ୍ନତ ମାନର କଳାକେନ୍ଦୁ ଏବଂ ଖଇର ଗଛ ମିଳୁଥିବାରୁ ଏହି ଅଞ୍ଚଳରେ କାଠ ଚୋରାଚାଲାଣ ରାକେଟ ସକ୍ରିୟ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ବନ ବିଭାଗ ଗତ ପ୍ରାୟ ୮ରୁ ୧୦ ମାସ ମଧ୍ୟରେ ୪୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ଖଇର ଏବଂ କଳାକେନ୍ଦୁ କାଠ ଜବତ କରି ସାରିଲାଣି। ଗତ ଡିସେମ୍ବର ମାସରେ ବନ ବିଭାଗ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଖଇର ଏବଂ କଳାକେନ୍ଦୁ କାଠଗଣ୍ଡି ସହ ଗାଡି ଜବତ କରିଥିଲେ। ଡିସେମ୍ବର ୨୪ତାରିଖରେ କଣ୍ଟାବାଞ୍ଜି ଲାର୍କି ସେକ୍ସନର ଖରଖରା ଗାଁ ନିକଟରୁ ୧୫ କୁଇଣ୍ଟାଲ ଖଇର କାଠ ବୋଝେଇ ଗାଡି ଜବତ ହୋଇଥିଲା। ୨୬ ତାରିଖରେ କଣ୍ଟାବାଞ୍ଜି ରେଞ୍ଜର କାଦୋବସା ଗାଁ ନିକଟରୁ ୫୩ଟି କଳାକେନ୍ଦୁ ଗଣ୍ଡି ବୋଝେଇ ଗାଡିକୁ ଜବତ କରାଯାଇଥିଲା। ସେହିପରି ଡିସେମ୍ବର ୨୯ରେ ମୁରିବାହାଲ ରେଞ୍ଜର ଇଚ୍ଛାପଡା ଗାଁ ନିକଟରୁ ୧୯ଟି କଳାକେନ୍ଦୁ ବୋଝେଇ ଗାଡି ଜବତ କରାଯାଇଥିଲା। ବଲାଙ୍ଗୀର ଜିଲାର ବିଭିନ୍ନ ବନାଞ୍ଚଳରୁ କିଛି ବର୍ଷ ମଧ୍ୟରେ ଖଇର ଏବଂ କଳାକେନ୍ଦୁ କାଠ ବ୍ୟାପକ ପରିମାଣରେ ଚୋରାଚାଲାଣ ହୋଇଛି। ଏଥିରେ ଆନ୍ତଃରାଜ୍ୟ ଚୋରାଚାଲାଣ ରାକେଟ ସକ୍ରିୟ ରହିଛନ୍ତି। ବଲାଙ୍ଗୀର ଜିଲାରୁ ପଡୋଶୀ ଜିଲା ଦେଇ ଛତିଶଗଡ, ମହାରାଷ୍ଟ୍ର, ଗୁଜରାଟ ଓ ଅନ୍ୟ ରାଜ୍ୟକୁ କଳାକେନ୍ଦୁ ଓ ଖଇର କାଠ ଚାଲାଣ ହେଉଥିବା ଜଣାପଡିଛି। ବଲାଙ୍ଗୀର ଜିଲାର କେତେଜଣ କାଠ ମାଫିଆ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଚର୍ଚ୍ଚାର ବିଷୟ ହୋଇଛି। ବନ ବିଭାଗ କର୍ମଚାରୀମାନେ ଚାଲାଣ ହେଉଥିବା ବିପୁଳ ପରିମାଣର କାଠରୁ ଅଳ୍ପ କାଠ ଜବତ କରୁଥିବା ଏବଂ ଅଧିକାଂଶ କାଠ ଜବତ ଘଟଣାରେ ☞ପୃଷ୍ଠା-୧୧



ବଲାଙ୍ଗୀର ବନ ବିଭାଗ ପକ୍ଷରୁ ଜବତ କଳାକେନ୍ଦୁ କାଠ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍।

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ
सेन्ट्रल बैंक ऑफ़ इंडिया
Central Bank of India
1911 से आपके लिए "सेंट्रल" "CENTRAL" TO YOU SINCE 1911
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆପଣଙ୍କୁ ୭ ଫେବୃଆରୀ ୨୦୨୬ କାର୍ଯ୍ୟକ୍ରମରେ ଆମନ୍ତ୍ରିତ କରୁଅଛି ।
**ରାଷ୍ଟ୍ରୀୟ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ**
ବ୍ୟବସାୟିକ ବିସ୍ତାର ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରତ୍ୟେକ ଏମ୍‌ଏସ୍‌ଏମ୍‌ଇ ସ୍ୱପ୍ନକୁ ଉପଯୁକ୍ତ ଆର୍ଥିକ ସମାଧାନ ସହିତ ପୂରଣ କରିଥାଏ

**ସେଣ୍ଟ ବିଜିନେସ୍ ଲୋନ୍**
- ବ୍ୟବସାୟୀ, ନିର୍ମାତା ଓ ପ୍ରୋସେସରମାନଙ୍କ ପାଇଁ
- ସୁଧ ହାର ୭.୭୫%*ରୁ ଆରମ୍ଭ
- ଋଣ ରାଶି ଟ.୨୫ କୋଟି ପର୍ଯ୍ୟନ୍ତ

**ସେଣ୍ଟ ଇଞ୍ଜିନିୟରିଙ୍ଗ୍**
- ଇଞ୍ଜିନିୟରିଙ୍ଗ୍ ଉତ୍ପାଦଗୁଡିକର ନିର୍ମାଣ, ଫାବ୍ରିକେଶନ୍, ଟେଷ୍ଟିଙ୍ଗ୍ ଓ କମିସନିଙ୍ଗ୍ ପାଇଁ
- ସୁଧ ହାର ୭.୭୫%ରୁ ଆରମ୍ଭ
- ଋଣ ରାଶି ଟ.୫୦ କୋଟି ପର୍ଯ୍ୟନ୍ତ

**ସେଣ୍ଟ ହୋଟେଲ**
- ହୋଟେଲ, ରିସୋର୍ଟ, କାଫେ ଓ ହସ୍ପିଟାଲିଟୀ ୟୁନିଟ୍‌ଗୁଡିକ ପାଇଁ
- ସୁଧ ହାର ଆର୍‌ବିଏଲ୍‌ଆର୍ (ବର୍ତ୍ତମାନ ୮.୨୫%)ରୁ ଆରମ୍ଭ
- ଋଣ ରାଶି ଟ.୧୦୦ କୋଟି ପର୍ଯ୍ୟନ୍ତ

**ସେଣ୍ଟ ସଞ୍ଜିବନୀ**
- ହସ୍ପିଟାଲ, କ୍ଲିନିକ୍, ଲାବ୍ ଓ ହେଲ୍‌ଥ୍ କେୟାର ୟୁନିଟ୍‌ଗୁଡିକ ପାଇଁ
- ସୁଧ ହାର ଆର୍‌ବିଏଲ୍‌ଆର୍ (୮.୨୫%) + ୦.୧୫%*ରୁ ଆରମ୍ଭ
- ଋଣ ରାଶି ଟ.୧୦୦ କୋଟି ପର୍ଯ୍ୟନ୍ତ

ଏବଂ ଆହୁରି ବି ଅନେକ ଯୋଜନା...

ତାରିଖ: ୦୭.୦୨.୨୦୨୬
ସମୟ: ପୂର୍ବାହ୍ନ ୧୦.୦୦ ଘଟିକା
ସ୍ଥାନ: ଜନ ଶିକ୍ଷଣ ସଂସ୍ଥାନ, ସିଡିଏ, ସେକ୍ଟର-୮, କଟକ - ୭୫୩୦୧୪

Scan to apply Loan

ତାରିଖ: ୦୭.୦୨.୨୦୨୬
ସମୟ: ପୂର୍ବାହ୍ନ ୧୦.୦୦ ଘଟିକା
ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ରାଜା ବଗିଚା, ଏଡିଏମ୍ ଛକ ନିକଟ, ବାଲେଶ୍ୱର - ୭୫୬୦୦୧

ଆପଣଙ୍କ ସମସ୍ତ ପ୍ରକାର ଏମ୍‌ଏସ୍‌ଏମ୍‌ଇ ଆବଶ୍ୟକତା ନିମନ୍ତେ ସହଜ ଏବଂ ସୁଗମ ଅର୍ଥ ପ୍ରାପ୍ତ କରନ୍ତୁ
କୌଣସି ଅନୁସନ୍ଧାନ ନିମନ୍ତେ ଆପଣଙ୍କ ନିକଟସ୍ଥ ଶାଖା/କ୍ଷେତ୍ରୀୟ କାର୍ଯ୍ୟାଳୟ/ଅଞ୍ଚଳ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।
*ନିୟମ ଓ ସର୍ତ୍ତାବଳୀ ଲାଗୁ
GIVE US A MISSED CALL FOR LOAN ASSISTANCE 922 390 1111 | Toll Free Number 1800 30 30 | www.centralbank.bank.in

ଆଗରୁ ଯାହା ସବୁ ଦେଖାଯାଇଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି– ଆଗରୁ ଯାହାସବୁ ଗଠନ କରାଯାଇଛି ସେସବୁକୁ ପଛରେ ପକାଇ ଦିଅ। ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ। ବାସ– ଏତିକି। –ଶ୍ରୀମା



# ଟିକା ବିରୋଧୀ ଦୃଷ୍ଟିକୋଣ



ପିଟର ସିଙ୍ଗର

୨୦୨୫ରେ ଆମେରିକାରେ ଦୁଇ ପିଲାଙ୍କ ସମେତ ୩ ଜଣ ମିଳିମିଳାରେ ମୃତ୍ୟୁବରଣ କରିଥିଲେ। ସେମାନଙ୍କ ମୃତ୍ୟୁକୁ ରୋକାଯାଇପାରିଥାଆନ୍ତା। ଗତବର୍ଷ ଆମେରିକାରେ ୨,୨୬୭ ଲୋକ ମିଳିମିଳାରେ ଆକ୍ରାନ୍ତ ହୋଇଥିଲେ, ଯାହା ୨୦୨୪ଠାରୁ ୨୮୫ ଜଣ ବେଶି। ଏହି ଆକ୍ରାନ୍ତଙ୍କ ସଂଖ୍ୟା ୩୦ ବର୍ଷ ମଧ୍ୟରେ ସବୁଠୁ ବେଶି। ଏହିସବୁ ପୀଡ଼ିତ ଯଦି ସୁସ୍ଥ ହୋଇପାରିଲେ ତେବେ ୩ ଜଣ କାହିଁକି ଭଲ ହୋଇ ନ ଥାନ୍ତେ? ଗତ ବର୍ଷ ଫେବୃଆରୀରେ ରବର୍ଟ ଏଫ୍. କେନେଡି ଜୁନିୟର ଆମେରିକାର ସ୍ୱାସ୍ଥ୍ୟ ଓ ମାନବ ସେବା ବିଭାଗର ସଚିବ ଭାବେ ଦାୟିତ୍ୱ ନେଇଥିଲେ। ତେବେ କେନେଡି ଟିକାର ଅଟିଜମ୍ ସହିତ ସମ୍ପର୍କ ଥିବା ଅସତ୍ୟ ସିଦ୍ଧାନ୍ତକୁ ଉତ୍ସାହିତ କରିଆସିଛନ୍ତି। ସେ ଦାବି କରିଛନ୍ତି, ଟିକା ଆମେରିକୀୟ ପିଲାଙ୍କର ଏକ ପୂରା ପିଢ଼ିକୁ ନଷ୍ଟ କରିଦେଇଛି। ତାଙ୍କର ଏହି ମନ୍ତବ୍ୟ ଯୋଗୁ ଆମେରିକାରେ ଟିକାକରଣ ପ୍ରତିଶତ ହ୍ରାସ ପାଇବାର ଅଧିକ ସମ୍ଭାବନା ଅଛି। ଏହି କାରଣରୁ ମିଳିମିଳା ଆକ୍ରାନ୍ତଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିଛି।

କେନେଡି ଦାୟିତ୍ୱ ନେବା ପରେ ଟିକା ପରାମର୍ଶଦାତା କମିଟିରୁ ଅଭିଜ୍ଞ ବୈଜ୍ଞାନିକଙ୍କୁ ବାହାର କରିଦେଇ ସେମାନଙ୍କ ସ୍ଥାନରେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଅବସ୍ଥାପିତ କରିଛନ୍ତି। କୋଭିଡ୍-୧୯କୁ ପ୍ରତିହତ କରିବା ସକାଶେ ଶୀଘ୍ର ତଥା ଅଧିକ ପ୍ରଭାବୀ ଟିକା ପ୍ରସ୍ତୁତ କରି ଅନେକଙ୍କ ଜୀବନ ବଞ୍ଚାଇଥିବା ପଦ୍ଧତି ଏମ୍‌ଆର୍‌ଏନ୍‌ଏ ପାଇଁ ଆବଶ୍ୟକ ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି। କେନେଡି ପରାମର୍ଶ ଦେଇଥିଲେ, ଭିଟାମିନ୍ 'ଏ' ନେବା ମିଳିମିଳାର ଏକ ବିକଳ୍ପ ହେବ। ଏଭଳି କହିବା ପରେ ଟେକ୍ସାସର ମାତାପିତାମାନେ ସେମାନଙ୍କ ପିଲାଙ୍କୁ ଉଚ୍ଚ ଡୋଜର ଭିଟାମିନ୍ 'ଏ' ଦେଇଥିଲେ ଏବଂ ଏହା ଯୋଗୁ ପିଲାଙ୍କଠାରେ କ୍ଷତିକାରକ ପ୍ରଭାବ ପରିଲକ୍ଷିତ ହୋଇଥିଲା।

ଜନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେରିକା ସମେତ ଅନ୍ୟ କେତେକ ଦେଶ ବିଜ୍ଞାନର ମାନକଠାରୁ ଦୂରେଇ ଯାଇଥିବା ଦେଖାଯାଏ। ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋ ଦେଶରେ ମହାମାରୀର ପ୍ରତିକ୍ରିୟା ଉପରେ ତଦନ୍ତ ପାଇଁ ଜଣେ ଅସ୍ଥିଶଲ୍ୟ ଡାକ୍ତର ତଥା ଟିକା ବିରୋଧୀ ଆକ୍ଟିଭିଷ୍ଟ ପିଟର କୋଟଲାରଙ୍କୁ ନିଯୁକ୍ତ କରିଥିଲେ। ଅକ୍ଟୋବର ୨୦୨୪ରେ ସେ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ କୋଭିଡ୍-୧୯ ବାୟୋଟେରରିଜମ୍‌ର ଏକ କାର୍ଯ୍ୟ। ବିନା ପ୍ରମାଣରେ ରିପୋର୍ଟରେ ଦାବି କରାଯାଇଥିଲା ଯେ, ଏମ୍‌ଆର୍‌ଏନ୍‌ଏ ଟିକାଗୁଡ଼ିକ ମାନବ ଶରୀରରେ ଡିଏନ୍‌ଏକୁ ବଦଳାଇ ଦିଏ ଏବଂ ଏହା ଉପରେ କଟକଣା ଲଗାଇବା ଲାଗି ସୁପାରିସ କରିଥିଲେ।

ଏକ ସ୍ୱାଧୀନ ସମାଜରେ ବ୍ୟକ୍ତିମାନେ ଟିକାଗୁଡ଼ିକ ସମ୍ପର୍କରେ ନିରାଧାର ମତ ଦେଇପାରିବେ ଏବଂ ବୈଜ୍ଞାନିକମାନେ ସେଗୁଡ଼ିକୁ ଭୁଲ ପ୍ରମାଣିତ କରିପାରନ୍ତି। କିନ୍ତୁ ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀମାନେ ସବୁ ତଥ୍ୟ ଓ କାର୍ଯ୍ୟ ଉପରେ ଅନୁଧ୍ୟାନ କରିବା ଉଚିତ। ଖୁବ୍ କମ୍ ଘଟଣାରେ ବୈଜ୍ଞାନିକ ସହମତିକୁ ବିରୋଧ କରୁଥିବା ଦୃଷ୍ଟିକୋଣ ସତ୍ୟ ବୋଲି ଧରି ନିଆଯାଉଛି ଏବଂ ତାହା ସାଧାରଣରେ ଏକ



ନୂଆ ତଥା ଗ୍ରହଣୀୟ ସିଦ୍ଧାନ୍ତ ହୋଇଯାଉଛି। ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀଙ୍କର ସ୍ୱତନ୍ତ୍ର ଉତ୍ତରଦାୟିତ୍ୱ ରହିଛି, କାରଣ ଅନେକ ଲକ୍ଷଙ୍କୁ ପ୍ରଭାବିତ କରୁଥିବା ନୀତି ସେମାନେ ନିର୍ଦ୍ଧାରଣ କରିଥାନ୍ତି। ତେବେ ଟିକାଗୁଡ଼ିକ ହେଉଛି ଇତିହାସରେ ସବୁଠୁ ବ୍ୟାପକ ଭାବେ ପରୀକ୍ଷିତ ମେଡିକାଲ ଚିକିତ୍ସା ମଧ୍ୟରୁ ଅନ୍ୟତମ। ତଥାପି କେନେଡିଙ୍କ ଭଳି ଟିକାକୁ ନେଇ ସଂଶୟ ପ୍ରକାଶ କରୁଥିବା ବ୍ୟକ୍ତିମାନେ ଆହୁରି ଅଧିକ ଅନୁଧ୍ୟାନ ପାଇଁ ଦାବି କରୁଥିବାବେଳେ ଅନ୍ୟପଟେ ସେମାନଙ୍କ ଦାବି ପଛରେ ବହୁତ କମ୍ ପ୍ରାମାଣିକ ମାନକ ଥିବା ସତ୍ତ୍ୱେ ତାହାକୁ ଗ୍ରହଣ କରିନେଉଛନ୍ତି।

ଯେଉଁ ପରିମାଣରେ ଟିକାକରଣ ହେବା କଥା ତାହାଠାରୁ ଯେତେବେଳେ କମିଗଲା ସେତେବେଳେ ଅଧିକ ଟିକାକରଣ ହାରରୁ ବିପଦରେ ଥିବା ଲୋକମାନେ ଯେଉଁ ଦୃଢ଼ ପ୍ରତିରୋଧକ ଶକ୍ତି ପାଇବା କଥା ତାହା ସମ୍ଭବ ହେଲାନାହିଁ। ଫଳରେ ଯେଉଁ ରୋଗକୁ ରୋକାଯାଇପାରିଥାଆନ୍ତା ତାହା ପୁନର୍ବାର ଫେରିଛି। ଆମେ ଏହା ଇତିହାସର ଦୃଷ୍ଟାନ୍ତରୁ ମଧ୍ୟ ଜାଣିଛେ। ଏବକାର ବଡ଼ ଉଦାହରଣ ହେଉଛି ରୋମାନିଆ ଓ ଏବେ କାନାଡା। ଏସବୁ ଦେଶରେ ମିଳିମିଳା ଦୂର ହୋଇଛି ବୋଲି ବିଚାର କରାଯାଉଥିଲେ ମଧ୍ୟ ସେଠାରେ ଏହା ପୁଣି ଫେରିଛି। ରୋମାନିଆରେ କମ୍ୟୁନିଷ୍ଟ ଶାସନରେ ପିଲାଙ୍କ ଟିକାକରଣ ବାଧ୍ୟତାମୂଳକ ଥିଲା ଏବଂ ମିଳିମିଳା ସମ୍ପୂର୍ଣ୍ଣ ଦୂର ହୋଇଯାଇଥିଲା। ତେବେ ଏକଛତ୍ରବାଦୀ ଚାଓସେସ୍କୁଙ୍କ ଶାସନର ପତନ ପରେ ଯେତେବେଳେ ଲୋକେ ସ୍ୱାଧୀନତା ଏବଂ ଇୟୁ ସଦସ୍ୟତାର ଉନ୍ନତ ଜୀବନଶୈଳୀକୁ ଗ୍ରହଣ କରିନେଲେ ସେତେବେଳେ ସର୍ବସମ୍ମତକ୍ରମେ ଟିକା ନେବା ଇଚ୍ଛାଧୀନ ହୋଇଗଲା। ୨୦୨୩ ସୁଦ୍ଧା ରୋମାନିଆରେ ମିଳିମିଳା ଟିକାକରଣ ପ୍ରତିଶତ ତଳକୁ ଖସି ୬୨%ରେ ପହଞ୍ଚିଗଲା। ପ୍ରକୃତରେ ସେଠାରେ ଟିକାକରଣ ଆରମ୍ଭ ହେବା ସମୟରେ ଏହା ୯୫% ଥିଲା। ୨୦୨୪ରେ ଦେଶରେ ୩୦,୦୦୦ ମିଳିମିଳା ଆକ୍ରାନ୍ତଙ୍କ ମଧ୍ୟରୁ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନେକ ଅଧିକାରୀ କହନ୍ତି, ସେମାନେ ବ୍ୟକ୍ତି ସ୍ୱାଧୀନତାକୁ ସମ୍ମାନ ଦେଉଛନ୍ତି ବା ଗ୍ରହଣ କରୁଛନ୍ତି। କିନ୍ତୁ ନିଜେ ନିଷ୍ପତ୍ତି ନେବାର ବ୍ୟକ୍ତିଗତ ସ୍ୱାଧୀନତା ଥିବା ବୟସ୍କମାନେ ଅନ୍ୟମାନଙ୍କ କ୍ଷତି କରୁଥିବା ନିଷ୍ପତ୍ତିରେ ନିଜକୁ ସାମିଲ କରିବା କଥା ନୁହେଁ। ପିଲାଙ୍କ ଟିକାକରଣକୁ ସେମାନେ ମନା କରିଛନ୍ତି। ଶିଶୁବିହାର କିମ୍ବା ପ୍ରାଥମିକ ସ୍କୁଲରେ ପିଲାଙ୍କୁ ଟିକା ଦିଆଯିବା ଉଚିତ। ଏହା ସେମାନଙ୍କୁ ସୁରକ୍ଷା ଦେବା ସହ ମାନସିକ ସ୍ତରରେ ମଜଭୁତ କରିଥାଏ। ଟିକାକରଣକୁ ରୋକିବା ଦ୍ୱାରା ଟିକା ନେବା ଯୋଗ୍ୟ ପିଲା ଏବଂ ଟିକା ନ ନେଇ କମ୍ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି କରିଥାଏ। ଯେତେବେଳେ ଜନସମୁଦାୟରେ ରୋଗ ପ୍ରତିରୋଧକ ଶକ୍ତି କମେ ତାହା ସାମଗ୍ରିକ ଭାବେ ସମସ୍ତଙ୍କର କ୍ଷତି ଘଟାଏ।

ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକ ବିରୋଧରେ କେନେଡି ଲଢ଼ୁଛନ୍ତି ବୋଲି ନିଜକୁ ପ୍ରତିପାଦିତ କରିବା ସହ ଅକ୍ସିକୋନୋଟିନର ପ୍ରମୋଶନରେ ପୁର୍‌ଡିଉ ଫାର୍ମାର ଦୁର୍ନୀତିକୁ ସୂଚିତ କରିଛନ୍ତି। କିନ୍ତୁ କର୍ପୋରେଟର ଅବୈଧ କାର୍ଯ୍ୟର ମାମଲାଗୁଡ଼ିକୁ ଦର୍ଶାଇ ସ୍ୱାଧୀନ ଗବେଷକ, ସାରା ବିଶ୍ୱର ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍ଥା ଏବଂ ବୈଜ୍ଞାନିକ ତଥ୍ୟ ସମର୍ଥିତ ଏକ ସମ୍ପୂର୍ଣ୍ଣ ଚିକିତ୍ସାଗତ ପଦକ୍ଷେପକୁ ଅସ୍ୱୀକାର କରିବା ଯୁକ୍ତିଯୁକ୍ତ ନୁହେଁ। ଟିକାର ବିପଦକୁ ନେଇ ଥିବା ଅସତ୍ୟ ତଥ୍ୟକୁ ଯେତେବେଳେ ସରକାରୀ ଅଧିକାରୀମାନେ ବିଶ୍ୱାସ କରିବେ ସେତେବେଳେ ଟିକା ନ ନେଇ ମିଳିମିଳାରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥିବା ଟେକ୍ସାସର ପିଲାଙ୍କ ଭଳି ଲୋକେ ମରିବେ। ଯେଉଁମାନେ ସ୍ୱାସ୍ଥ୍ୟ ନୀତି ଉପରେ ସେମାନଙ୍କ ଶକ୍ତି ପ୍ରୟୋଗ କରୁଛନ୍ତି, ସେମାନେ ଏହି ପରିଣାମ ପାଇଁ ଉତ୍ତରଦାୟୀ ରହିବେ। ଅନେକ ସମୟ ଧରି ଲୋକେ ନିର୍ଭରକରି ଆସୁଥିବା ଅତ୍ୟଧିକ ପ୍ରମାଣସମ୍ମତ ତଥ୍ୟ ଏବଂ ଜ୍ଞାନକୁ ବେଖାତିରି କରିବା ପ୍ରକୃତରେ ଏକ ନୈତିକ ବିଫଳତା। ଟିକା ସୁରକ୍ଷାକୁ ନେଇ ରହିଥିବା ପ୍ରଶ୍ନଗୁଡ଼ିକର ଗଭୀର ଅନୁଧ୍ୟାନ କରାଯିବା ଦରକାର। ଏଥିପାଇଁ ଟିକା ସୁରକ୍ଷା ନିରୀକ୍ଷଣ ବ୍ୟବସ୍ଥା ରହିଛି ଏବଂ କ୍ୱଚିତ ପ୍ରତିକୂଳ ଘଟଣାଗୁଡ଼ିକ ଉପରେ ସତର୍କତାର ସହ ଗବେଷଣା କରାଯାଉଛି। କିନ୍ତୁ ଏକ ଉତ୍ତମ ଓ ବିଶ୍ୱସନୀୟ ତଦନ୍ତ ଏବଂ ଦୃଢ଼ ତଥ୍ୟକୁ ଅସ୍ୱୀକାର କରାଯିବା ମଧ୍ୟରେ ଅନ୍ତର ରହିଛି।

ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ, ଟିକା ବିରୋଧୀମାନେ ବୈଜ୍ଞାନିକ ତଥ୍ୟକୁ ଅସ୍ୱୀକାର କରିବା ଯୋଗୁ ଏବେ କ୍ଷତି ଘଟୁଛି। ରୋଗ ପୁନର୍ବାର ପ୍ରକାଶ ପାଉଛି, ଯେଉଁ ରୋଗରେ ମୃତ୍ୟୁ ହେବା କଥା ନୁହେଁ ସେଥିରେ ମୃତ୍ୟୁ ହେଉଛି ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରଗତିକୁ ଦୁର୍ବଳ କରୁଛି। ପରିଣାମ ବିନାଶକ ହେବା ପୂର୍ବରୁ ଏହାକୁ ବନ୍ଦ କରିବାକୁ ପଡ଼ିବ। ତଥ୍ୟକୁ ଗ୍ରହଣ କରୁଥିବା ବିଶ୍ୱସନୀୟ ବୈଜ୍ଞାନିକଙ୍କୁ ସରକାର ନିଯୁକ୍ତ ଦେବା ଦରକାର। ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ରାଜନୈତିକ ସିଦ୍ଧାନ୍ତ ଅନୁଯାୟୀ କାମ ନ କରି ସର୍ବସମ୍ମତ ବୈଜ୍ଞାନିକ ତଥ୍ୟ ଆଧାରରେ କାର୍ଯ୍ୟ କରିବାକୁ ହେବ। ଯେତେବେଳେ ଅଧିକାରୀମାନେ ତଥ୍ୟକୁ ବିରୋଧ କରୁଥିବା ଦୃଷ୍ଟିକୋଣ ସ୍ଥାୟୀ ଭାବେ ଜାରି ରଖିବେ ସେତେବେଳେ ସେମାନଙ୍କୁ ପଦବୀରୁ ବାହାର କରିଦେବା ଉଚିତ। ନଚେତ ସେମାନେ ସେହି ଦୃଷ୍ଟିକୋଣକୁ ଏକ ନୀତିରେ ପରିଣତ କରିଦେବେ, ଯାହା ଭୟଙ୍କର ପରିଣାମ ସୃଷ୍ଟି କରିବ।

**ପ୍ରଫେସର(ମେଡିକାଲ ଏଥିକ୍ସ), ସେଣ୍ଟର୍ ଫର୍ ବାୟୋମେଡିକାଲ ଏଥିକ୍ସ, ନ୍ୟାଶନାଲ ୟୁନିଭର୍ସିଟି, ସିଙ୍ଗାପୁର**

# ବହି କଥା



ଅଞ୍ଜନ ଚାନ୍ଦ

ଦିନ ଥିଲା ବହି ସହିତ ଅନ୍ତରଙ୍ଗ ହେବାପାଇଁ ନିଭୃତ କକ୍ଷଟିଏ ଲୋଡ଼ା ହେଉଥିଲା। ଯାହାର ନାଁ ଥିଲା ପଢ଼ା ଘର। ସେଇ ପଢ଼ାଘର ସବୁ ଆଜି ବି ରହିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ସରକାରଙ୍କ ସ୍ୱତନ୍ତ୍ର ପାଠାଗାରଗୁଡ଼ିକ ପୂର୍ବ ପରି ପ୍ରଚଳିତ ହେଉଛି। ଘରଗୁଡ଼ିକ ଆଧୁନିକ ଏବଂ ସୁସଜ୍ଜିତ। ବଡ଼ ବଡ଼ ଆଲମିରା ଭିତରେ ଅସଂଖ୍ୟ ପୁସ୍ତକ। ଅଥଚ ତାହାର ଅତୀତର ଆଦୃତି ଏବେ ଆଉ କେଉଁଠି ବି ନାହିଁ। ବହିର ଇତିହାସ ଅନୁସନ୍ଧାନ କଲେ ଜଣାଯାଏ ଆଜକୁ ୩୫୦୦ ବର୍ଷ ତଳେ ପ୍ରାୟ ଖ୍ରୀଷ୍ଟ ପୂର୍ବ ୧୫୦୦ରେ ବିଶ୍ୱର ପ୍ରଥମ ଗ୍ରନ୍ଥ ଋକବେଦ ସଂସ୍କୃତ ଭାଷାରେ ଭୂର୍ଜ ପତ୍ରରେ ଲେଖା ହୋଇଥିଲା। ମୁଦ୍ରିତ ପୁସ୍ତକ ପ୍ରକାଶିତ ହେବାକୁ ଏହାପରେ ଅନେକ ବର୍ଷ ବିତି ଯାଇଥିଲା। ନବମ ଶତାବ୍ଦୀରେ ସମ୍ଭବତଃ ୮୬୮ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ଚାଇନାରେ ଡାଇମଣ୍ଡ ସୂତ୍ର ନାମକ ପୁସ୍ତକ ମୁଦ୍ରିତ ହୋଇ ପ୍ରକାଶିତ ହେବା ପରେ ଏହା କ୍ରମଶଃ ଅନ୍ୟ ଦେଶକୁ ପ୍ରସାରିତ ହୋଇଥିଲା। କାଳକ୍ରମେ ମଣିଷର ଦୈନନ୍ଦିନ ଜୀବନ ସହିତ ବହି ଜଡ଼ିତ ହେଲା। ଗପ, ଗୀତ, ଇତିହାସ, ଖବର ସହିତ ବିବିଧ ଶିକ୍ଷା ବହି ମାଧ୍ୟମରେ ସମାଜକୁ ମିଳିପାରିଲା। ବହିର ଆବଶ୍ୟକତା ବଢ଼ିବାରୁ ମୁଦ୍ରଣ ଯନ୍ତ୍ରରେ ଉନ୍ନତି ଆସିଲା। ଏ କ୍ଷେତ୍ରରେ ଡିଜିଟାଲ ପ୍ରିଣ୍ଟିଂ ଏକ ନୂତନ ବିପ୍ଳବ ସୃଷ୍ଟି କଲା। ଏହାଦ୍ୱାରା ସହଜରେ ଏବଂ ଅଳ୍ପ ସମୟରେ ସୁନ୍ଦର ସୁନ୍ଦର ପୁସ୍ତକ ପ୍ରକାଶିତ ହୋଇ ବହି ବଜାରକୁ ସମୃଦ୍ଧ କରିଦେଲା। ଆକଳନରୁ ଜଣାଯାଏ ଏବେ ବର୍ଷକୁ ପ୍ରାୟ ୨.୨ ମିଲିୟନ ବହି ବିଶ୍ୱରେ ପ୍ରକାଶିତ ହେଉଅଛି। ଅଣପଞ୍ଜୀକୃତ ପୁସ୍ତକ ସଂଖ୍ୟାକୁ ମିଶାଇଲେ ଏହା ୪ ମିଲିୟନରୁ ଅଧିକ ହେବ। ଭାରତରେ ଏହି ସଂଖ୍ୟା ୯୦ ହଜାରରୁ ଅଧିକ ଏବଂ ଅଣପଞ୍ଜୀକୃତ ପୁସ୍ତକ କେତେ ପ୍ରକାଶିତ ହେଉଛି ତାହା ଠିକ୍ ଭାବେ କହି ହେବନାହିଁ। ବହିଗୁଡ଼ିକର ବିକ୍ରି ପରିମାଣ ମଧ୍ୟ ଅନିର୍ଦ୍ଦିଷ୍ଟ। କିନ୍ତୁ ଯେତେ ବହି ବିକ୍ରି ହେଉଛି ଅଧାରୁ ଅଧିକ ଇଂଲିଶ ଭାଷାରେ ଲିଖିତ। ଭାରତରେ ଇଂଲିଶ ଭାଷା ସମେତ ଅନ୍ୟ ପ୍ରାୟ ୨୪ଟି ଭାଷାରେ ବହି ପ୍ରକାଶିତ ହୁଏ। ୨୦୨୦ ମସିହା ପର୍ଯ୍ୟନ୍ତ ଭାରତୀୟ ପୁସ୍ତକ ବଜାର ୭୩ ହଜାର ୯୦୦ କୋଟି ଥିଲା। ପୁଣି ପ୍ରତିବର୍ଷ ଏହା ୨୦ ପ୍ରତିଶତ ହାରରେ ବୃଦ୍ଧି ହେଉଛି। ଭାରତର ବହି ବଜାର ସମ୍ପର୍କରେ ଏହି ଆକଳନ ଯଦି ସତ ହୋଇଥାଏ ତା'ହେଲେ ବର୍ତ୍ତମାନ ସମୟରେ ମଧ୍ୟ ଆମ ଦେଶରେ ବହି ବିକ୍ରି ଭଲ ଚାଲିଛି ବୋଲି ବୁଝିବାକୁ ହେବ। ଅଥଚ ଆମ ରାଜ୍ୟରେ ବହି ପ୍ରତି, ଏପରି କି ସାହିତ୍ୟ ପତ୍ରିକା ପ୍ରତି ମଧ୍ୟ ପାଠକଙ୍କ ରୁଚି ଦୟନୀୟ ଭାବରେ କମିଯାଇଛି।

ରାଜ୍ୟରେ ଅନେକ ସଙ୍ଗଠନ ଏବେ ସାହିତ୍ୟ ଓ ସଂସ୍କୃତି ସହିତ ଜଡ଼ିତ। ଗାଁରୁ ସହର ସବୁଠି ଅନେକ ସାହିତ୍ୟ ସଭା ଓ କବିତା ଆସର। ଅନେକ ପ୍ରକାଶନ ସଂସ୍ଥା କବିତା, ଗପ ଓ ନିବନ୍ଧ ପୁସ୍ତକ ଛାପିବାରେ ବ୍ୟସ୍ତ। ବର୍ଷ ଯାକ କେତେ କେତେ ପୁସ୍ତକ ଉନ୍ମୋଚନ ଏବଂ ସେଥିପାଇଁ ଆଡ଼ମ୍ବରପୂର୍ଣ୍ଣ ଉତ୍ସବମାନ ଅନୁଷ୍ଠିତ ହେଉଛି। ସମୀକ୍ଷକମାନେ ବହିର ଗୁଣ ଗ୍ରାମ ଏମିତି ବର୍ଣ୍ଣନା କରୁଛନ୍ତି, ଯେମିତି ବିଶ୍ୱର ଶ୍ରେଷ୍ଠ ବହିଟିଏ ପ୍ରକାଶିତ ହୋଇଛି। ଅଥଚ ସେ ବହି କେବେ ବଜାରକୁ ଯାଏନା। ପାଠକ ତାହାକୁ କିଣି ପଢ଼ନ୍ତି ନାହିଁ। ପ୍ରକାଶକଙ୍କ ସୌଜନ୍ୟରୁ ଯେତୋଟି ବହି ମିଳିଥାଏ ସେଗୁଡ଼ିକୁ ଲେଖକ ଆତ୍ମପ୍ରଚାର ପାଇଁ ମାଗଣା ବଣ୍ଟନ କରନ୍ତି।

ପୁସ୍ତକ ପ୍ରକାଶନ ବ୍ୟାପାର ଏବେ ଆମ ରାଜ୍ୟରେ କେବଳ ଲାଭଦାୟକ ବେପାରରେ ପରିଣତ ହୋଇଛି। ବହୁ ନାମକୁ ମାତ୍ର ପ୍ରକାଶକ, ଯେଉଁମାନଙ୍କର ପୁସ୍ତକ ବିକ୍ରୟ ପାଇଁ କୌଣସି ବ୍ୟବସାୟ କେନ୍ଦ୍ର ନାହିଁ, ବହିମେଳାରେ ମଧ୍ୟ କେବେହେଲେ ଯୋଗ ଦିଅନ୍ତି ନାହିଁ, ସେମାନେ ଲେଖକଙ୍କଠାରୁ ଅର୍ଥ ନେଇ ବହି ଛାପନ୍ତି। ବହିରେ କେଉଁ ବିଷୟ ଅଛି ତାହା ଜାଣିବାରେ ସେମାନଙ୍କର ଆଗ୍ରହ ନ ଥାଏ। ଅର୍ଥ ମିଳିଲେ ଯେ କୌଣସି ବହି ଛାପି ଦେଇପାରନ୍ତି। ନିଜ ନାମରେ ବହି ଖଣ୍ଡେ ଛପାଇ ଲେଖକର ପରିଚୟ ସାଉଁଟି ନେବାକୁ ଯେଉଁ ବିକଳ ମାନସିକତା ଆମ ଭିତରେ ପ୍ରବଳ ହେଉଛି ସେଇ ତଥାକଥିତ ପ୍ରକାଶକମାନେ ତାହାର ଫାଇଦା ନେଉଛନ୍ତି।

ପୁସ୍ତକ ପଠନ ପାଇଁ ମାନସିକତା ହିଁ ସବୁଠାରୁ ବଡ଼ କଥା। ଏବେ କିନ୍ତୁ ସେପରି ନାହିଁ। ବଡ଼ମାନେ ସମୟ ମିଳିବା ମାତ୍ରେ ମୋବାଇଲ ଉପରେ ଝୁଙ୍କି ପଡ଼ୁଛନ୍ତି। ପିଲାମାନେ ବହିରେ ଛବି ଦେଖିବା ଅଥବା ହାତରେ ଖଡ଼ି ଧରିବା ଆଗରୁ ମୋବାଇଲରେ ଟିପ ମାରି ଖୁସି ହୋଇ ଯାଉଛନ୍ତି। ବହି ପଢ଼ିବା ପ୍ରତି ରୁଚି ହ୍ରାସ ପାଇବାରେ କେବଳ ଆମର ବିବର୍ତ୍ତିତ ମାନସିକତା ହିଁ କାରଣ ବୋଲି ମନେହୁଏ। ବରିଷ୍ଠଙ୍କ ଆଚାର ବିଚାରରେ ସୁସ୍ଥତା କନିଷ୍ଠମାନଙ୍କୁ ପ୍ରଭାବିତ କଲେ ଏବେ ମଧ୍ୟ ପ୍ରକାଶ ପାଉଥିବା ଭଲ ବହି ଗୁଡ଼ିକ ପାଠକଙ୍କ ହାତରେ ଶୋଭା ପାଇବ ବୋଲି ଆଶା ଓ ବିଶ୍ୱାସ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ନବଜାତକଙ୍କ ଓଜନ କମ୍ ରହୁଥିବା ଦେଖାଯାଉଛି। ଗର୍ଭବତୀଙ୍କ ପୁଷ୍ଟିକର ଖାଦ୍ୟ ଅଭାବ ଯୋଗୁ ଏହା ଘଟୁଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହନ୍ତି। ଏହି ସମସ୍ୟା ଆଦିବାସୀ ଅଞ୍ଚଳରେ ଅଧିକ। ତେବେ ଛତିଶଗଡ଼ କୋରେଆ ଜିଲାର ଜିଲାପାଳ ଚନ୍ଦନ ରଞ୍ଜନ ତ୍ରିପାଠୀ ଗର୍ଭଧାରଣ ସମୟରେ ପୁଷ୍ଟିହୀନତା ଦୂର କରିବା ସକାଶେ ୨୦୨୫ରୁ 'କୋରେଆ ମୋଡାକ ଲଡୁ' ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଗର୍ଭବତୀଙ୍କୁ ପୁଷ୍ଟିକର ଲଡୁ ଖାଇବାକୁ ଦିଆଯାଉଛି। ଲଡୁ ଯୋଜନାକୁ ସଫଳ କରିବା ସକାଶେ ଜିଲାପାଳ ଏକ ଟିମ୍ ଗଠନ କରିଛନ୍ତି। ଅଟା, ଗୁଡ଼, ରାଶି, ବାର୍ଲି ଓ ଘିଅରେ ଲଡୁ କରାଯାଉଛି। ପ୍ରତ୍ୟେକ ଲଡୁର ଓଜନ ୨୦ ଗ୍ରାମ। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଲଡୁ ତିଆରିରେ ସହଯୋଗ କରୁଛନ୍ତି। ପ୍ରତିଦିନ ଜଣେ ଗର୍ଭବତୀଙ୍କୁ ଦୁଇଟି ଲଡୁ ଖାଇବାକୁ ଦିଆଯାଉଛି। ଅଙ୍ଗନୱାଡ଼ିକେନ୍ଦ୍ର, ପିଏଚ୍‌ସି ଏବଂ ଆଶାକର୍ମୀଙ୍କ ମାଧ୍ୟମରେ ଲଡୁ ବଣ୍ଟାଯାଉଛି। ଯୋଜନା ଆରମ୍ଭ ସମୟରେ ଗର୍ଭବତୀମାନେ ଏହି ଲଡୁ ଖାଉ ନ ଥିଲେ। କିନ୍ତୁ ପରେ ସେମାନଙ୍କ ପରିବାର ଏହାର ଆବଶ୍ୟକତା ଜାଣିବା ପରେ ଗର୍ଭବତୀମାନେ ଲଡୁ ଖାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୬ ଫେବୃଆରୀ ୧୯୭୭

- କ୍ଷୁଦ୍ରଶିଳ୍ପ ସଂସ୍ଥାଗୁଡ଼ିକ ପ୍ରତି କମ୍ପାନୀ ଆଇନର ୫୮ (କ) ଧାରା ଲାଗୁ ହେବନାହିଁ ବୋଲି ସରକାର ଏକ ବିଜ୍ଞପ୍ତି ଜରିଆରେ ଘୋଷଣା କରିଛନ୍ତି।
- ବଡ଼ ବଡ଼ ସହର ଓ ଜାତୀୟ ଗୁରୁତ୍ୱ ଥିବା ସଂସ୍ଥାଗୁଡ଼ିକର ଉନ୍ନୟନ ପାଇଁ କେନ୍ଦ୍ର ସରକାର ୯ଟି ରାଜ୍ୟକୁ ଯୋଜନା ସାହାଯ୍ୟ ଛଡ଼ା ଅତିରିକ୍ତ ୧୫ କୋଟି ୫୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 6 | 2 | | |
| 2 | | 1 | 7 | | | 3 | 6 | |
| | | | 3 | | 2 | | | 4 |
| | | | | | | | 4 | |
| | 1 | 8 | 4 | 9 | 5 | | | |
| 4 | | 5 | 6 | 2 | 7 | | | |
| | 6 | 2 | | | | | | |
| | 4 | 9 | 2 | 3 | | 6 | | 5 |
| 1 | | | 5 | | 9 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 8 | 1 | 4 | 7 | 5 | 9 | 6 |
| 7 | 6 | 9 | 5 | 8 | 2 | 4 | 1 | 3 |
| 4 | 1 | 5 | 3 | 9 | 6 | 7 | 2 | 8 |
| 1 | 5 | 6 | 4 | 7 | 9 | 8 | 3 | 2 |
| 2 | 9 | 7 | 8 | 1 | 3 | 6 | 5 | 4 |
| 8 | 4 | 3 | 6 | 2 | 5 | 9 | 7 | 1 |
| 5 | 3 | 2 | 9 | 6 | 4 | 1 | 8 | 7 |
| 6 | 7 | 1 | 2 | 5 | 8 | 3 | 4 | 9 |
| 9 | 8 | 4 | 7 | 3 | 1 | 2 | 6 | 5 |


ଗତକାଲିର ଉତ୍ତର

# ଗୋଟିଏ ଲାଉର ଦୁଇଟି ମଞ୍ଜି



ଡ. ମନୋଜ କୁମାର ମହାନ୍ତି

ଯାଯାବର ମଣିଷ ନଦୀକୂଳରେ ବସତି ସ୍ଥାପନ କରି କୃଷିକୁ ଜୀବିକାଭାବେ ଗ୍ରହଣ କଲା। କୃଷି ବଂଶାନୁକ୍ରମିକଭାବେ ଜୀବିକା-ନିର୍ବାହର ସ୍ରୋତ ପାଲଟିଗଲା। ସମୟକ୍ରମେ କୃଷି ସହ ଅନ୍ୟାନ୍ୟ କର୍ମକୁ ଜୀବିକାନିର୍ବାହ ପନ୍ଥାରୂପେ ଗ୍ରହଣ କଲା। ସମୟକ୍ରମେ ବିଜ୍ଞାନ ଓ ବୈଷୟିକ ବିଜ୍ଞାନ ସାହାରାରେ ସୃଷ୍ଟିହେଲା ଆତ୍ମନିଯୁକ୍ତିର ସୁବିଧା ସୁଯୋଗ। ଏଥିସହ ରାଷ୍ଟ୍ରକୁ ସୁଶାସନ, ଶିକ୍ଷା, ସ୍ୱାସ୍ଥ୍ୟ ସହ ସାଧାରଣ ଜନତାଙ୍କ ଜୀବନକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାପାଇଁ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଗଲା। ରାଷ୍ଟ୍ରର ସୁରକ୍ଷା ତଥା ସାଧାରଣ ଜନତାଙ୍କ ସେବକ ସାଜିଥିବା ଗଣତନ୍ତ୍ରର ବ୍ୟବସ୍ଥାପିକାର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ନେତାଙ୍କ ବୃତ୍ତିଭାବେ ରାଜନୀତି ଏକ ସ୍ୱତନ୍ତ୍ର ପରିଚୟ। ସାଧାରଣ ଜନତାଙ୍କୁ ସୁରକ୍ଷା, ସୁଶାସନ ସହ ନ୍ୟାୟଦେବା ଲକ୍ଷ୍ୟରେ ନିଜକୁ ଶାସକ ବୃତ୍ତିରେ ସାମିଲ କରି ଜନତାଙ୍କ ସୁଖଦୁଃଖର ସାଥୀଭାବେ ନିଜକୁ ପରିଚିତ କରାନ୍ତି। ରାଜତନ୍ତ୍ରରେ ଯେପରି ରାଜା ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଅଧିକାରୀ, ସମସ୍ତ ପ୍ରଜାମାନଙ୍କର ରକ୍ଷକ, ପାଳନ କର୍ତ୍ତା, ନ୍ୟାୟଦାତା, ଅନ୍ନଦାତା ଠିକ ସେମିତି ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚିତ ନେତାଙ୍କ ଭୂମିକା ଏକାପ୍ରକାରର। ରାଜତନ୍ତ୍ର ସମୟରେ ରାଜା ନିର୍ବାଚନ ଏକ ପାରିବାରିକ ସ୍ୱୀକୃତିଭିତ୍ତିକ କିନ୍ତୁ ଗଣତନ୍ତ୍ରରେ ଅବଶ୍ୟ ତାହା ସର୍ବସମ୍ମତିକ୍ରମେ। ଯଦିଓ ଗଣତନ୍ତ୍ରରେ ପରିବାରବାଦର ପ୍ରଭାବ ଏବେବି ବଳବତ୍ତର କିନ୍ତୁ ତାହା ନିର୍ବାଚିତ ପ୍ରକ୍ରିୟା ମାଧ୍ୟମରେ ସମ୍ପାଦିତ। ନିର୍ବାଚନ ପୂର୍ବରୁ ସାଧାରଣ ଜନତାଙ୍କୁ ହାତଯୋଡ଼ି, ମୁଣ୍ଡିଆମାରି, ମା-ଭଉଣୀ ଓ ମଉସା-ମାଉସୀର ପରିଚୟ ସୃଷ୍ଟିକରି ସବୁ ସମସ୍ୟାର ସମାଧାନ ସହ ନ୍ୟାୟପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଏ। ବାସ୍ତବରେ ରାଜନୀତିରେ ଯୁଗେଯୁଗେ ଜୟ। ସେ ରାଜା ହୁଅନ୍ତୁ କି ନେତା। ରାଜତନ୍ତ୍ରେ ରାଜା ଓ ଗଣତନ୍ତ୍ରେ ନେତାମନ୍ତ୍ରୀ, ରାଷ୍ଟ୍ର ଶାସନର ପରିଭାଷା। କୌଶଳପୂର୍ବକ ରାଜନୀତିରେ ତଥା ଶାସନଗାଦିରେ ନିଜକୁ ରାଜାଭିଷେକ କରିବାର ଆପ୍ରାଣ ଉଦ୍ୟମରେ ଅହରହ ବ୍ୟସ୍ତ। ରାଜନୀତିରେ ଯେଉଁ ଆନନ୍ଦ ଅଛି ତାହା ଆଉ କେଉଁଠି ନାହିଁ। ଅବଶ୍ୟ ପଥ ଟିକେ ବନ୍ଧୁର ତଥାପି ଥରେ ପଥିକ ହୋଇଗଲେ ପାଦ ଆପେଆପେ ସେ ବନ୍ଧୁର ପଥକୁ ଅତିକ୍ରମ କରିଚାଲେ। ଭାରତରେ ନିଜ ପ୍ରିୟଜନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ରାଜନୀତିର ପଶା ଖେଳାଯାଏ। ଯଦି ଉପରୁ ତଳ ପର୍ଯ୍ୟନ୍ତ ସବୁ ତାଳମେଳ ଠିକ-ଠାକ୍ ରହେ ତେବେ ମନ୍ତ୍ରୀପଦ ମିଳିବା ଥୟ। ଶାସକ ଦଳରେ ଯେକୌଣସି ବିଭାଗରେ ନେତାପଦ 'ସୌଭାଗ୍ୟ ଉପରେ ପାଟଛତା' ସଦୃଶ। ଶାସନକୁ ଆସିବା ପୂର୍ବରୁ ପୂର୍ବ ସରକାର ବିରୋଧରେ ଅନେକ ଅଭିଯୋଗ ସହ ସାଧାରଣଜନତାଙ୍କୁ ମୋହଗ୍ରସ୍ତକରି ଶାସନରେ ଅଧିଷ୍ଠିତ ହୋଇ ଶେଷରେ ସେମାନଙ୍କ ସହ ଚକ୍ରାନ୍ତ କରାଯାଉଛି। ସମସ୍ତ ଯୋଗ୍ୟତା ଥାଇ



ଶିକ୍ଷିତ ଯୁବସମାଜକୁ ତଥା ସାଧାରଣ ଜନତାଙ୍କୁ ନ୍ୟାୟ ଦେବାପାଇଁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ସେକଥା ଭୁଲି ଯାଉଛନ୍ତି। ସାଧାରଣ ଜନତାଙ୍କୁ ମାଗଣା ଟଙ୍କାକିଆ ଚାଉଳ, ରାଶନ କାର୍ଡ, ରାଜ୍ୟରେ ନାରୀଙ୍କୁ ଆର୍ଥିକ ସଶକ୍ତ କରାଇବା ପାଇଁ ଟଙ୍କା, ବୃଦ୍ଧାବୃଦ୍ଧଙ୍କୁ ମାସିକ ଭତ୍ତା ଦେଇ ନିଜର ମୋଟାଅଙ୍କର ବେତନ ସହ ସବୁପ୍ରକାର ଭତ୍ତା ରୁଣ୍ଡେଇବାପାଇଁ ଆଗଭର ନେତାଗଣ। ନେତାଙ୍କ ପାଇଁ ସବୁ ମାଗଣା। ପାଞ୍ଚବର୍ଷ ପୂରଣପରେ ବାକିଜୀବନ ପେନ୍‌ସନରେ। ଶାସନରେ ଅଧିଷ୍ଠିତ ପ୍ରତ୍ୟେକ ଶାସକ ସେ ରାଜତନ୍ତ୍ରରେ ରାଜା ହୁଅନ୍ତୁ କି ଗଣତନ୍ତ୍ରରେ ନେତା ସମସ୍ତଙ୍କର ସେଇ ଏକାପ୍ରକାରର ମନୋଭାବ। ନିଜକୁ ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରି ଜନତାଙ୍କୁ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ନିୟନ୍ତ୍ରଣ କରିବା ପ୍ରତ୍ୟେକ ଶାସକର ଲକ୍ଷ୍ୟ। ସେଦିନର ରାଜତନ୍ତ୍ରର ରାଜା ଏବର ଗଣତାନ୍ତ୍ରିକ ନେତା ମଧ୍ୟରେ କିଛି ପ୍ରଭେଦ ନାହିଁ। ଯେଉଁ ସ୍ୱେଚ୍ଛାଚାରିତା ରାଜତନ୍ତ୍ରରେ ଦେଖିବାକୁ ମିଳେ ତାହା ପୁନଶ୍ଚ ଗଣତନ୍ତ୍ରରେ ପ୍ରତିଫଳିତ ହେଉ ନାହିଁ ତ? କାରଣ ରାଜତନ୍ତ୍ର ଶାସକଗୋଷ୍ଠୀ ନିଜ ସୁଖସୁବିଧାର ପୂରଣ ଲକ୍ଷ୍ୟରେ ସାଧାରଣ ଜନତାଙ୍କ ଉପରେ ଅଯଥା ଭିନ୍ନଭିନ୍ନ 'କର' ଆଦାୟ କରିବାପରି ଗଣତନ୍ତ୍ର ଶାସକଗଣ ଜନତାଙ୍କ ସଂଗୃହୀତ 'ଦ୍ରବ୍ୟକର'ରୁ ରାଜକୋଷ ଭରିବା ପରେ ସେଥିରୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ନିଜପାଇଁ କିଛି ପ୍ରତିଶତ ଯୋଗାଡ଼ କରିବା ନେତାଙ୍କର ଭିତିରିଆ କାରବାର। ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ଜୀବନ ନିର୍ବାହ ଯାହାଯେମିତି ହେଉପଛେ, ତା'ପ୍ରତି ନେତାମନ୍ତ୍ରୀଙ୍କର ଟିକେ ଭ୍ରୂକ୍ଷେପ ନାହିଁ। ବିଧାନସଭା ନିକଟସ୍ଥ ଲୋୟର ପିଏମ୍‌ଜିରେ ଥିବା ଧାରଣା ସ୍ଥଳରେ ବର୍ଷସାରା ବିଭିନ୍ନ ବିଭାଗର ସରକାର ଚୁକ୍ତିଭିତ୍ତିକ କର୍ମଚାରୀ, ସ୍ୱଳ୍ପ ବେତନଭୋଗୀ ଏବଂ ପେନ୍‌ସନରୁ ବଞ୍ଚିତ ଅବିବାହିତ ଝିଅ, ବିବାହିତ ମହିଳା, ମଧ୍ୟ ବୟସ୍କ, ବୟସ୍କ ତଥା ଶାରୀରିକ ଅକ୍ଷମ ନାରୀପୁରୁଷ ଦିବାରାତ୍ରି ଧାରଣାରେ ଦେଉଥିବାର କ'ଣ କିଛି ମହତ୍ତ୍ୱ ନାହିଁ?

ଏବକାର ଗଣତନ୍ତ୍ର ଓ ସେବର ରାଜତନ୍ତ୍ର ଗୋଟିଏ ଲାଉର ଦୁଇଟି ମଞ୍ଜି ସଦୃଶ। ସେଦିନ ରାଜତନ୍ତ୍ରରେ ରାଜା ଏକଛତ୍ରବାଦ, ଯୁଦ୍ଧଖୋର, ଧର୍ମାନ୍ଧତା, ବିସ୍ତାରବାଦକୁ ନିଜର ପ୍ରମୁଖ ଅସ୍ତ୍ର କରୁଥିଲେ ଆଜି ମଧ୍ୟ ଗଣତନ୍ତ୍ରରେ ନେତୃବୃନ୍ଦଙ୍କ ମଧ୍ୟରେ ଏକଛତ୍ରବାଦ, ଯୁଦ୍ଧଖୋର, ଧର୍ମାନ୍ଧତା ସହ ବିସ୍ତାରବାଦର ମାନସିକତା ଦେଖିବାକୁ ମିଳୁଛି। ଯେମିତି ରାଜତନ୍ତ୍ରରେ ରାଜାମାନେ ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତାକୁ ପ୍ରଶ୍ରୟ ଦେଇ ଚାଲିଥିଲେ ଗଣତନ୍ତ୍ରରେ ନେତାମାନେ ମଧ୍ୟ ନିଜକୁ ଏକ ନିର୍ଦ୍ଦିଷ୍ଟ ଧର୍ମର ରକ୍ଷକଭାବେ ଗ୍ରହଣ କରି ସାମ୍ପ୍ରଦାୟିକ ହିଂସାକାଣ୍ଡ ସୃଷ୍ଟି କରି ଚାଲିଛନ୍ତି।

**ଦର୍ଶନ ବିଭାଗୀୟ ମୁଖ୍ୟ**
**ବି.ଏନ. ଏମ.ଏ. ମହାବିଦ୍ୟାଳୟ**
**ଭଦ୍ରକ, ମୋ:୮୮୯୫୩୪୧୦୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ବିମାନ ସେବା ପୁନଃ ଆରମ୍ଭ ହେଉ

ମହାଶୟ,

'ଉଡାନ' କେବଳ ମାତ୍ର ଏକ ଯୋଜନା ନୁହେଁ ବରଂ ଏହା ସମାବେଶୀ, ସ୍ଥାୟୀ ଏବଂ ଆମ ବିକାଶ ଯାତ୍ରାର ଏକ ଅଭିନ୍ନ ଅଙ୍ଗ। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ନିକଟସ୍ଥ ରଙ୍ଗେଇଲୁଣ୍ଡା 'ଉଡାନ' ଯୋଜନାରେ ସାମିଲ ହେଲା। ୫ ମାର୍ଚ୍ଚ ୨୦୨୩ ପଞ୍ଚାୟତିରାଜ ଦିବସ ଅବସରରେ ବହୁ ଆଡ଼ମ୍ବରରେ ଆରମ୍ଭ ହେଲା ଇଣ୍ଡିଆ ୱାନ୍ ଏୟାର କମ୍ପାନୀର ରଙ୍ଗେଇଲୁଣ୍ଡାରୁ ଭୁବନେଶ୍ୱର ୯ ସିଟ୍‌ବିଶିଷ୍ଟ ସପ୍ତାହରେ ତିନି ଦିନ ଚଳାଚଳ କରିବାକୁ ଥିବା ବିମାନ ସେବା। ବ୍ରହ୍ମପୁରରୁ ଭୁବନେଶ୍ୱର ୧୭୦ କିଲୋମିଟର ଦୂରତା ପାଇଁ ଉଡାଜାହାଜ ନିଏ ମାତ୍ର ୩୦ ମିନିଟ ସମୟ। ବିମାନ ଭଡ଼ା ୧୨୦୦ରୁ ୧୪୦୦ ଟଙ୍କା। ତେବେ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ବ୍ରହ୍ମପୁର ଆକାଶରେ ଆଉ ବିମାନ ଉଡୁନାହିଁ। ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ବିଭିନ୍ନ ସ୍ଥାନ ତଥା ପଡ଼ୋଶୀ ରାଜ୍ୟକୁ ବିମାନ ଚଳାଚଳ କରନ୍ତା ଯାହାର ସୁଫଳ ଓଡ଼ିଶାବାସୀ ପାଇ ପାରନ୍ତେ। ଦକ୍ଷିଣ ଓଡ଼ିଶାବାସୀଙ୍କ ଭାବ, ଓ ଆବେଗ ରଙ୍ଗେଇଲୁଣ୍ଡା ସହ ଜଡ଼ିତ। ବ୍ରହ୍ମପୁର ଏବଂ ଦକ୍ଷିଣ ଓଡ଼ିଶାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରୁ ଖୁବ୍‌ଶୀଘ୍ର ଯେପରି ବିମାନ ଚଳାଚଳ ଆରମ୍ଭ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ। ଆଉ ଅଧିକ ବିଳମ୍ବ ନ ହେଉ।

**–ପ୍ରତାପ ନାୟକ, କେ୯ଏ କଳିଙ୍ଗ ବିହାର, ଭୁବନେଶ୍ୱର**

## ଚିରନ୍ତନୀ

ରୂପର ଛଳନା ନ କର ଆଉ
ରୂପସି ଆଗୋ
ରୂପର ଉଢ଼ାଳେ ଲୁଚାଅ ନାହିଁ
ମନର ଦାଗ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଙ୍ଗଲ ନିଆଁ ନିବାରଣ ନେଇ ଯୁବ, ଛାତ୍ର ସମାଜକୁ କରାଯିବ ସଚେତନ

## ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ସାଇକେଲ ଯାତ୍ରା

ଅନୁଗୋଳ,୫।୨ (ଜ୍ୟୋତିରଞ୍ଜନ ସାହୁ)/(ଦିବ୍ୟଶାନ୍ତନୁ ନାଥ)

ଜଙ୍ଗଲ ନିଆଁ ନିବାରଣ ସହ ପ୍ରକୃତି ଓ ପରିବେଶ ସୁରକ୍ଷାକୁ ଜନାନ୍ଦୋଳନର ଆକାର ଦେବା ଉଦ୍ଦେଶ୍ୟରେ ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ବିଶାଳ ସଚେତନତାମୂଳକ ସାଇକେଲ ଶୋଭାଯାତ୍ରା ଗୁରୁବାର ଅନୁଗୋଳ ବ୍ଲକ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଶୁଭାରମ୍ଭ ହୋଇଛି। ଆସନ୍ତା ୯ ତାରିଖରେ ଶୈଳଶ୍ରୀକ୍ଷେତ୍ରରେ ଶେଷ ହେବାକୁ ଥିବା ଏହି ୫ ଦିନିଆ ସାଇକେଲ ଯାତ୍ରା ପ୍ରାୟ ୨୮୦ କିଲୋମିଟର ଦୂରତା ଅତିକ୍ରମ କରିବ। ଏହି ଯାତ୍ରା ସମୟରେ ୧୨୦ଟି ଗ୍ରାମର ଲୋକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବଣ୍ଟାଯିବ। ବିଶେଷକରି ଜଙ୍ଗଲ ନିଆଁକୁ କିପରି ପ୍ରତିରୋଧ କରାଯାଇପାରିବ, ସେ ସମ୍ପର୍କରେ ଯୁବ ଓ ଛାତ୍ର ସମାଜକୁ ସଚେତନ କରାଯିବା ଲକ୍ଷ୍ୟ ରଖାଯାଇଛି।

ସାଥୀ ପରିବାର ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ ଓ କର୍ମକର୍ତ୍ତା ସୁବ୍ରତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିରଠାରୁ ସକାଳ ୮ଟାରେ ଏହି ସାଇକେଲ ସଚେତନତା ଯାତ୍ରା ଆରମ୍ଭ ହୋଇଥିଲା। ମାଟିଆସାହି ସରପଞ୍ଚ ସତ୍ୟବ୍ରତ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଞ୍ଚଳରେ ଉତ୍ସାହଜନକ ପରିବେଶ ସୃଷ୍ଟି ହୋଇଥିଲା। ନାମ ସଂକୀର୍ତ୍ତନ ସହ ପରିବେଶ ପ୍ରେମୀ, ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଧିବାସୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଛୋଟ ପିଲାମାନେ ନିଜ ସାଇକେଲ ନେଇ ଏହି ଶୋଭାଯାତ୍ରାରେ ଯୋଗଦେବା ଅଭିଯାନକୁ ଆକର୍ଷଣୀୟ କରିଥିଲା। ସ୍ଥାନୀୟ ଲୋକେ ମଧ୍ୟ ଏହି ସାଇକେଲ ଯାତ୍ରାକୁ ସ୍ୱାଗତ କରି ପରିବେଶ ସୁରକ୍ଷାରେ ସହଯୋଗ କରିବାକୁ ଆଗେଇ ଆସିଥିଲେ। ଏହି ଅବସରରେ ସୁଶାନ୍ତ ଓ ସୁବ୍ରତ କହିଥିଲେ, ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁ ବନ୍ୟପ୍ରାଣୀ, ବୃକ୍ଷଲତା, ମାଟି ଓ ଜଳବାୟୁ କିପରି ଘୋର ପ୍ରଭାବିତ ହେଉଛି, ସେ ସମ୍ପର୍କରେ ଲୋକଙ୍କୁ ବୁଝାଯିବ। ପାହାଡ଼ ଓ ଜଙ୍ଗଲର ଶୁଖିଲା ପତ୍ରରେ ନିଆଁ ଲଗାଯିବା କାର୍ଯ୍ୟ ବର୍ଜନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯିବ। ଦୈନନ୍ଦିନ ଜୀବନରେ ପରିବେଶମୂଳକ ଅଭ୍ୟାସ ଗଢ଼ି ତୋଳିବାକୁ ଉତ୍ସାହିତ କରାଯିବ। ଗ୍ରାମେ ଗ୍ରାମେ ଚାରାରୋପଣ ସହ ସେଗୁଡ଼ିକର ଯତ୍ନ ନେବା ପାଇଁ ଲୋକଙ୍କୁ ଆହ୍ୱାନ ଦିଆଯିବ। ପଲିଥିନ୍, ପ୍ଲାଷ୍ଟିକ ବୋତଲ, ଗ୍ଲାସ ଓ ପ୍ଲେଟ ଭଳି ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ଦିଆଯିବ। ଶକ୍ତି, ଜଳ ସଂରକ୍ଷଣ ସହ ସ୍ଥାନୀୟ ବନ୍ୟପ୍ରାଣୀ ଓ ପକ୍ଷୀ ସୁରକ୍ଷା ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ। ରାସାୟନିକ ସାର ବଦଳରେ ଜୈବିକ ଖତ ବ୍ୟବହାର ସହ ପ୍ରାକୃତିକ କୃଷି ଓ ଗୋ-ସମ୍ପଦ ସୁରକ୍ଷା ଉପରେ କୃଷକମାନଙ୍କ ସହିତ ଆଲୋଚନା କରାଯିବ ବୋଲି ଉଭୟେ କହିଛନ୍ତି।

ଏହି ସାଇକେଲ ସଚେତନତା ଯାତ୍ରା ଅନୁଗୋଳ ବନଖଣ୍ଡ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ଆଠମଲ୍ଲିକ ବନଖଣ୍ଡର ୧୨୦ରୁ ଅଧିକ ଗ୍ରାମ ପରିକ୍ରମା କରି ଗ୍ରାମବାସୀ, ମାତୃଶକ୍ତି, ଯୁବଶକ୍ତି ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ସାଥୀ ପରିବାର ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତାଙ୍କ ସହ ଏହି କାର୍ଯ୍ୟକ୍ରମରେ ସଭାପତି ସିଦ୍ଧାର୍ଥ ପ୍ରଧାନ, ସୁବ୍ରତ ପ୍ରଧାନ, ସଦସ୍ୟ ପିଣ୍ଟୁ ବେହେରା, ରାଜେଶ ରଞ୍ଜନ ସାହୁ, ଶୁଭେନ୍ଦୁ ସାହୁ, ଦିଲୀପ ସାହୁ, ସୌମ୍ୟରଞ୍ଜନ ଅନ୍ଧ, ଗୁରୁଦେବ ସାହୁ, ବିଜୟ କୁମାର ଜେନା, ପପୁନ ସାହୁ, ଯୁବ ସାମାଜିକ କର୍ମୀ ସୁବ୍ରତ କୁମାର ସାହୁ, ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ବିନୋଦ ମାଝୀ ଓ ଦିବ୍ୟରଞ୍ଜନ ସାହୁ, ସୁମନ୍ତ ସାହୁ, ସେକେଣ୍ଡ ୟୁଥ୍ ଲାଇଟ୍ ଆସୋସିଏଶନର ଶିପୁନ ସାହୁ, ସୁନୀଲ ଦଳବେହେରା ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପରିବାରର ଅନୁଗୋଳ ଜିଲା ସଦସ୍ୟମାନେ ଉପସ୍ଥିତ ଥିଲେ।



ଅନୁଗୋଳ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ସଚେତନତା ସାଇକେଲ ଯାତ୍ରାର ଶୁଭାରମ୍ଭ କରାଯାଉଛି।

### ୫ ଦିନରେ ୨୮୦ କି.ମି. ପରିକ୍ରମା, ୧୨୦ ଗ୍ରାମରେ ବଣ୍ଟାଯିବ ସଚେତନତା ବାର୍ତ୍ତା

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ୧୮ ଯାଏ ବୃଦ୍ଧି

ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମା ବୃଦ୍ଧି କରାଯାଇଛି। ପୂର୍ବରୁ ଏହାକୁ ଫେବୃଆରୀ ୫ ତାରିଖ ଯାଏ ବଢ଼ାଯାଇଥିଲାବେଳେ ଏବେ ଆସନ୍ତା ୧୮ ତାରିଖକୁ ପୁନଃ ବୃଦ୍ଧି କରାଯାଇଛି। ଏଥିପାଇଁ www.msp.odisha.gov.inରେ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍‌ସାଇଟରେ ସମସ୍ତ ସୂଚନା ଉପଲବ୍ଧ ରହିଥିବା କୁହାଯାଇଛି।

# ୧୪ରୁ ତୋଷାଳି ସ୍ୱଦେଶୀ ମେଳା

## ଗଡ଼ିଲା ପ୍ରଚାର ରଥ

ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)

ଆସନ୍ତା ୧୪ ତାରିଖରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ୨୦ତମ ତୋଷାଳି ସ୍ୱଦେଶୀ ମେଳା ଆରମ୍ଭ ହେବ। ୧୩ଦିନ ଧରି ଅର୍ଥାତ୍ ୨୬ ତାରିଖ ଯାଏ ଚାଲିବାକୁ ଥିବା ଏହି ମେଳା ପାଇଁ ଗୁରୁବାର ଏକାମ୍ର ହାଟରୁ ପ୍ରଚାର ରଥ ଗଡିଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ପ୍ରଚାର ରଥ କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ପ୍ରମୁଖ ସହର ପରିକ୍ରମା କରିବ। ଚଳିତବର୍ଷ ତୋଷାଳି ସ୍ୱଦେଶୀ ମେଳାର ଥିମ୍ ରହିଛି 'ସ୍ୱଦେଶୀ ଏବଂ ଆତ୍ମନିର୍ଭର'। ମେଳାରେ ମୋଟ ୮୪୦ଟି ଷ୍ଟଲର ଆୟୋଜନ ହୋଇଥିବା ସୂଚନା ଦିଆଯାଇଛି। ପ୍ରଚାର ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ସେରିଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ସିଡାକ୍‌ର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ଶାସନ ସଚିବ ସୁବ୍ରତ କୁମାର ବେହେରାଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ସୁନା, ରୁପା ଦରରେ ନିୟମିତ ଉପର ତଳ




# ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ଆସିବାକୁ ମନା କରିଥିଲେ ବାଚସ୍ପତି

- କଂଗ୍ରେସ ଏମ୍‌ପି ଅବାଞ୍ଛିତ କାର୍ଯ୍ୟ କରିବାର ବଳିଷ୍ଠ ସୂଚନା ଥିଲା
- ବାଚସ୍ପତିଙ୍କ ପଛରେ ଲୁଚିଲେ ମୋଦି: ବିରୋଧୀ

ନୂଆଦିଲ୍ଲୀ,୫।୨ (ପି.ଟି.)

ଲୋକ ସଭାରେ ପ୍ରଧାନମନ୍ତ୍ରୀ ବସୁଥିବା ଆସନ ପାଖରେ କେତେଜଣ କଂଗ୍ରେସ ଏମ୍‌ପି ପହଞ୍ଚି ଅବାଞ୍ଛିତ କାର୍ଯ୍ୟ କରିପାରନ୍ତି ବୋଲି ବଳିଷ୍ଠ ସୂଚନା ପାଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ସେଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ଆସି ଉଦ୍‌ବୋଧନ ଦେବା ପାଇଁ ମନା କରିଥିଲେ ବୋଲି ଗୁରୁବାର କହିଛନ୍ତି। ଏଭଳି ଘଟଣା ଘଟିଥିଲେ ତାହା ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ଚୂରମାର କରିଦେଇଥାନ୍ତା ବୋଲି ଅପରାହ୍ନ ୩ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି କହିଛନ୍ତି। ଏଭଳି ଯୋଜନା ହୋଇଥିଲା ବୋଲି କେହି କହିବା ସମ୍ପୂର୍ଣ୍ଣ ଭୁଲ୍ ବୋଲି ୱାୟନାଡ ଏମ୍‌ପି କହିଛନ୍ତି।

ବିର୍ଲାଙ୍କ ମନ୍ତବ୍ୟ ଉପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ପ୍ରଧାନମନ୍ତ୍ରୀ ବାଚସ୍ପତିଙ୍କ ପଛରେ ଲୁଚିଲେ ବୋଲି ସେ ଅଭିଯୋଗ କରିଛନ୍ତି। ମୋଦିଙ୍କୁ ଆଘାତ ଦେବା ନେଇ କୌଣସି ଯୋଜନା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରିୟଙ୍କା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉପରେ କେହି ହାତ ଉଠାଇବା କିମ୍ବା ତାଙ୍କୁ ଆଘାତ ଦେବା ବା ସେଭଳି କିଛି କରିବାର ପ୍ରଶ୍ନ ଉଠୁନାହିଁ। ସୁରକ୍ଷା ଚିନ୍ତା ନେଇ ବାଚସ୍ପତିଙ୍କ ଅଭିଯୋଗକୁ କଂଗ୍ରେସ ନେତା ପୱନ ଖେରା ଖଣ୍ଡନ କରିଛନ୍ତି। ମହିଳା ଏମ୍‌ପିମାନେ ଗୃହରେ ପ୍ରତିବାଦ ଜଣାଉଥିଲେ ବୋଲି ସେ କହିଛନ୍ତି।

ବିରୋଧୀଙ୍କୁ ସମାଲୋଚନା କରି ବାଚସ୍ପତି କହିଥିଲେ, ବୁଧବାର ତାଙ୍କ କାର୍ଯ୍ୟାଳୟରେ କେତେଜଣ ବିରୋଧୀ ସଦସ୍ୟଙ୍କ ଆଚରଣ ଉପଯୁକ୍ତ ନ ଥିଲା ଏବଂ ବାସ୍ତବରେ ତାହା ଏକ କଳାଦାଗ ଭଳି ଥିଲା। ଦୁଃଖର ସହ ଜଣାଇବାକୁ ଚାହୁଁଛି ଯେ, ବୁଧବାର ଗୃହରେ କେତେଜଣ ସଦସ୍ୟ ଯେଭଳି ବ୍ୟବହାର ଦେଖାଇଲେ ପାର୍ଲାମେଣ୍ଟ ଇତିହାସରେ କେବେ ଦେଖାଦେଇ ନ ଥିଲା ବୋଲି ବାଚସ୍ପତି କହିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ଗୃହରେ ଉଦ୍‌ବୋଧନ ଦେବା ସମୟ ପୂର୍ବରୁ କେତେଜଣ ବିରୋଧୀ ମହିଳା ସଦସ୍ୟ ବ୍ୟାନର ଧରି ତାଙ୍କ ଆସନ ଆଡ଼େ ମାଡ଼ିଯାଇଥିଲେ। ଫଳରେ ଦିନକ ପାଇଁ ଗୃହକୁ ମୁଲତବୀ ରଖାଯାଇଥିଲା। ସେତେବେଳେ ମୋଦି ଗୃହରେ ନ ଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଭାଜପା ସଦସ୍ୟ ପି.ପି. ଚୌଧରୀ ଧନ୍ୟବାଦ ପ୍ରସ୍ତାବରେ ମନ୍ତବ୍ୟ ରଖିଥିଲେ। ଏହି ସମୟରେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ମାଡ଼ିଯାଇଥିଲେ।

ବିର୍ଲା କହିଛନ୍ତି, ସମ୍ବିଧାନରେ ଗୃହ ଅଧ୍ୟକ୍ଷଙ୍କ ମର୍ଯ୍ୟାଦା ପ୍ରତିଷ୍ଠିତ ରହିଆସିଛି। ଇତିହାସରେ କେବେ ରାଜନୈତିକ ମତାନ୍ତରକୁ ଗୃହ ମଧ୍ୟକୁ ଟଣାଯାଇ ନାହିଁ। ବାଚସ୍ପତିଙ୍କ କାର୍ଯ୍ୟାଳୟରେ ବିରୋଧୀ ସଦସ୍ୟମାନଙ୍କ ଆଚରଣ ଉପଯୁକ୍ତ ନ ଥିଲା ବୋଲି ସେ କହିଛନ୍ତି। ଗୃହର ନେତା ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବାକୁ ଥିବାବେଳେ ତାଙ୍କ ଆସନ ପାଖରେ କଂଗ୍ରେସ ସଦସ୍ୟମାନେ ଅବାଞ୍ଛିତ କାର୍ଯ୍ୟ କରିବା ନେଇ ବଳିଷ୍ଠ ସୂଚନା ପାଇବା ପରେ ତାଙ୍କୁ ଗୃହକୁ ଆସିବାକୁ ମନା କରିଥିଲେ ବୋଲି ବିର୍ଲା କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଅନୁରୋଧ ରକ୍ଷାକରି ଲୋକ ସଭାରେ ଅପ୍ରିୟ ଦୃଶ୍ୟକୁ ଏଡ଼ାଇଯାଇଥିବାରୁ ବାଚସ୍ପତି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିରୋଧୀ ଯଦି ଗୃହକୁ ପୋଷ୍ଟର ଏବଂ ପାମ୍ପଲେଟ୍ ନେଇ ଆସନ୍ତି, ତେବେ ଗୃହକାର୍ଯ୍ୟ ଚାଲିବ ନାହିଁ ବୋଲି ବାଚସ୍ପତି ସେମାନଙ୍କୁ ଚେତାବନୀ ଦେଇଥିଲେ। ବିରୋଧୀ ହଙ୍ଗାମା କରିବା ସହ ସ୍ଲୋଗାନ ଜାରି ରଖିବାରୁ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ପାଇଁ ହେବ ଭବ୍ୟ ଆୟୋଜନ

## ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ସାଧାରଣ ଲୋକ ଅଂଶଗ୍ରହଣକୁ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୫।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ନେଇ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳନ ହେବ ଓଡ଼ିଆ ପକ୍ଷ। ଗତବର୍ଷ ପ୍ରଥମଥର ଓଡ଼ିଆ ପକ୍ଷ ପାଳନ କରାଯାଇଥିବାବେଳେ ଚଳିତବର୍ଷ ଏହାକୁ ଆହୁରି ଭବ୍ୟ ରୂପେ ପାଳନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର କଳିଙ୍ଗ ଷ୍ଟାଡିୟମସ୍ଥିତ କନଫରେନ୍ସ ହଲ୍‌ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ପକ୍ଷ ପାଳନ ସମୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଆୟୋଜନ କରାଇବା ଏବଂ ଏଥିରେ ଜନସାଧାରଣଙ୍କ ଅଂଶୀଦାରିତାକୁ ସୁନିଶ୍ଚିତ କରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ଦିବସ, ଖଡ଼ିଛୁଆଁ ଦିବସ, ପାରମ୍ପରିକ ପୋଷାକ ଦିବସ, ବର୍ଣ୍ଣ ଦିବସ, ଲୋକକଳା ଦିବସ, ପାରମ୍ପରିକ ଖାଦ୍ୟ ଦିବସ, ସ୍ୱଚ୍ଛତା ଦିବସ, ରକ୍ତଦାନ ଅଭିଯାନ, ଓଡ଼ିଆରେ ନାମ ଫଳକ ଅଭିଯାନ, ଐତିହ୍ୟ ଗଣଦୌଡ଼, ଯୁବ ଲେଖକ ସମ୍ମିଳନୀ, ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ। ଓଡ଼ିଆ ପକ୍ଷ ପାଇଁ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତି ସହ ଏକ ସତନ୍ତ୍ର ୱେବ୍‌ସାଇଟ୍ ଖୋଲିବ। ଓଡ଼ିଆ ପକ୍ଷ କୁଇଜ ପ୍ରତିଯୋଗିତା କରାଯାଇ ସମସ୍ତ ପ୍ରତିଯୋଗୀଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରବାସୀ ଓଡ଼ିଆମାନଙ୍କୁ ମଧ୍ୟ ଓଡ଼ିଆ ପକ୍ଷ ପାଳନରେ ସାମିଲ କରିବା ପାଇଁ ଯୋଜନା ରହିଛି। ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବ। ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ବ୍ଲକଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଯେପରି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରାଯିବ ତାହା ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ସଂସ୍କୃତି ମନ୍ତ୍ରୀ ସୂରଜ କହିଛନ୍ତି। ବୈଠକରେ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତାଙ୍କ ସମେତ ସଂସ୍କୃତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଓଡ଼ିଶାପକ୍ଷ ପାଳନ ନେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି



ସନ୍ତୋଷ କୁମାର ତ୍ରିପାଠୀ

ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)

ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ କାର୍ଯ୍ୟକାଳ ପୁଣି ୬ ମାସ ବୃଦ୍ଧି କରିଛନ୍ତି ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟି। ଜାନୁଆରୀ ୨୧ ତାରିଖରୁ ଆଗାମୀ ଛଅ ମାସ ଯାଏ ସେ ନିଜର ଦାୟିତ୍ୱ ନିର୍ବାହ କରିବେ ଲୋକଭବନରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ପ୍ରଫେସର ତ୍ରିପାଠୀ ୨୦୨୧ରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଜୁଲାଇ ୨୦୨୫ରେ ତାଙ୍କ କାର୍ଯ୍ୟକାଳ ୬ମାସ ବୃଦ୍ଧି କରାଯାଇଥିଲା।

# ମାଓବାଦୀମୁକ୍ତ ହେଲା କୋରାପୁଟ ଜିଲା

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

କୋରାପୁଟ,୫।୨ (ଅମିତାଭ ବେହେରା)

ମାଲକାନଗିରି ପରେ କୋରାପୁଟ ଜିଲା ମାଓବାଦୀ ବିରୋଧୀ ଅଭିଯାନରେ ପୋଲିସକୁ ବଡ଼ ସଫଳତା ମିଳିଛି। ଦୀର୍ଘଦିନ ଧରି ମାଓବାଦୀ ସଙ୍ଗଠନ ସହ ସମ୍ପୃକ୍ତ ଥିବା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଏସିଏମ୍ କ୍ୟାଡର ମହିଳା ମାଓବାଦୀ ମମତା ପଡ଼ିଆମୀ ଓରଫ ସୋନି ଓରଫ ମମିତା(୨୬) ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂଙ୍କ ନିକଟରେ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ଏହା ପରେ ଡିଆଇଜି ସିଂ କୋରାପୁଟ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି କୋରାପୁଟ ଜିଲାକୁ ମାଓବାଦୀ ମୁକ୍ତ ଅଞ୍ଚଳ ବୋଲି ଘୋଷଣା କରିଛନ୍ତି। ଜିଲାରେ ଗାଁରେ ଗାଁରେ ବିକାଶ ପହଞ୍ଚିବା ସହ ମାଓବାଦୀ ଗତିବିଧି ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ସେ କହିଛନ୍ତି। ଛତିଶଗଡ ବିଜାପୁର ଜିଲା ଲିଙ୍ଗପୁରମ୍‌ର ମହିଳା ମାଓବାଦୀ ମମତା ଏକ ୭.୬୨ ଏମ୍‌ଏମ୍ ଏସ୍‌ଏଲ୍‌ଆର୍ ରାଇଫଲ ଓ ମାଗାଜିନ ସହ ଆତ୍ମସମର୍ପଣ କରିଥିଲେ। ତାଙ୍କଠାରୁ ଲ୍ୟାଣ୍ଡମାଇନ, ଡିଟୋନେଟର, ଗୁଳି, ୧୦ ପ୍ରକାର ଅସ୍ତ୍ରଶସ୍ତ୍ର, ମାଓବାଦୀ ପୋଷାକ, ମାଓବାଦୀ ପୁସ୍ତିକା ପୋଲିସ ଜବତ କରିଛି। ସୂଚନାନୁଯାୟୀ, ମମତା ଦୀର୍ଘ ସମୟ ଧରି ମାଓବାଦୀ ସଙ୍ଗଠନରେ ସକ୍ରିୟ ରହି ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରରେ ଏକାଧିକ ବିସ୍ଫୋରଣ, ଗୁଳିବିନିମୟ ଓ ଅନ୍ୟ ଆପରାଧିକ ଘଟଣାରେ ଜଡ଼ିତ ଥିଲେ। ସରକାରଙ୍କ ଆତ୍ମସମର୍ପଣ ନିୟମ, ସୁବିଧା ସୁଯୋଗ ଏବଂ ମାଓବାଦୀ ସଙ୍ଗଠନରେ ଦୁର୍ବଳ ନେତୃତ୍ୱ, ମାଓବାଦୀ ଚିନ୍ତାଧାରାରେ ପରିବର୍ତ୍ତନ ଆଦି ସ୍ଥିତି ଯୋଗୁ ସେ ମାଓ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆତ୍ମସମର୍ପଣ କରିଥିବା ମମତା ପୋଲିସକୁ କହିଛନ୍ତି। ମାଓବାଦୀ ଆଦର୍ଶରେ ନିରାଶ ହୋଇ ଓ ସାଧାରଣ ଜୀବନକୁ ଫେରିବା ଆଶାରେ ସେ ଆତ୍ମସମର୍ପଣ କରିଥିବା ଡିଆଇଜି କହିଛନ୍ତି। ରାଜ୍ୟ ସରକାରଙ୍କ ସରେଣ୍ଡର୍ ଓ ପୁନର୍ବାସ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ମହିଳାଙ୍କୁ ୭ ଲକ୍ଷ ୧୫ ହଜାର ଆର୍ଥିକ ସହାୟତା, ଗୃହ ସୁବିଧା ଓ ଜୀବିକା ପାଇଁ ସମସ୍ତ ସରକାରୀ ସୁଯୋଗ ଦିଆଯିବ ବୋଲି ପୋଲିସ ସୂଚନା ଦେଇଛି। ଜିଲାରେ ଶାନ୍ତି ଓ ବିକାଶ ପଥକୁ ଆହୁରି ସୁଦୃଢ଼ କରିବ ବୋଲି ଡିଆଇଜି ପ୍ରକାଶ କରିଛନ୍ତି। ଏହି ଅବସରରେ କୋରାପୁଟ ଏସ୍‌ପି ରୋହିତ ବର୍ମା, ଜୟପୁର ଏସ୍‌ଡିପିଓ ପାର୍ଥ କଶ୍ୟପ, ବିଏସ୍‌ଏଫ୍ ଡିଆଇଜି ଓ ପୋଲିସର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।



ମମତା ପଡ଼ିଆମୀ ଆତ୍ମସମର୍ପଣ କରୁଛନ୍ତି।

## ସଂକ୍ଷେପରେ

### ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀଙ୍କ ଗଜପତି ଜିଲା ଗସ୍ତ

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା): ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଦିନିକିଆ ଗଜପତି ଜିଲା ଗ୍ରସ୍ତରେ ଆସି ଗୋସାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ଓ ଜଙ୍ଗଲପାଡୁ ଧାନ କ୍ରୟ ମଣ୍ଡି ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସ୍ଥାନୀୟ ଚାଷୀଙ୍କ ସହ ଧାନ କ୍ରୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଧାନ କ୍ରୟ ନେଇ ସମୀକ୍ଷା ବୈଠକ କରିଥିଲେ। ଏଥିରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନନାଗା, ଉପଜିଲାପାଳ ଅନୁପ ପଣ୍ଡା ଉପସ୍ଥିତ ଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ସହ ଚଳିତ ୨୦୨୫-୨୬ ଖରିଫ ବର୍ଷ ଧାନ କ୍ରୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜିଲାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ସରକାର ୭ଟି ଶିଳ୍ପ ପ୍ରତିଷ୍ଠା କରିବାକୁ ମଞ୍ଜୁର କରିଛନ୍ତି। ଏହି ସମସ୍ତ ଶିଳ୍ପ ସମୟ ସୀମା ମଧ୍ୟରେ ସାରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଆଲୋଚନା ବେଳେ ନିର୍ଦ୍ଦେଶ ଦେଇଥିଲେ।

### ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ବ୍ରହ୍ମପୁର,୫।୨(ଅଶୋକ କୁମାର ସାହୁ)

ପୋଲସରା ବ୍ଲକ ମଥୁରା ଗ୍ରାମ ଧନେଇ କେନାଲ ନିକଟରେ ଏକ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫.୫ କୋଟି ଟଙ୍କା ବ୍ୟୟରେ ଏହି ୬ କିମି ରାସ୍ତା ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଧନେଇ ଜଳସେଚନ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ସଂଜୀବ ପଣ୍ଡା ଯୁବନେତା ପ୍ରଭାକର ପଣ୍ଡା, ମଥୁରା ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଜେନା ସହିତ ଭାଜପାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଖାଦ୍ୟ ଓ ବସ୍ତ୍ର ବାଣ୍ଟିଲା ନୃତ୍ୟତରଙ୍ଗିନୀ

ବ୍ରହ୍ମପୁର,୫।୨
(ଅଶୋକ କୁମାର ସାହୁ)

ବ୍ରହ୍ମପୁର ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୃତ୍ୟତରଙ୍ଗିନୀ ପକ୍ଷରୁ ମୋହନା ବ୍ଲକର ଦୁର୍ଗମ ଆଦିବାସୀ ଗ୍ରାମରେ ଗରୀବ ବୃଦ୍ଧାଙ୍କୁ ଶୃଙ୍ଖଳା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଛି । ଅନୁଷ୍ଠାନର କର୍ମକର୍ତ୍ତା କଳ୍ପନା ରାଣୀ ନୟକ, ସୁନମ ଦାସ, ସୁନିତା ଗୌଡ଼, ସନ୍ତୋଷ ପାଣିଗ୍ରାହୀ, ଅଭିଜ୍ଞାନ ପାଢ଼ୀ, ତ୍ରିତମ ତ୍ରିପାଠୀ, ସୀତାରାମ ଗୌଡ଼, ଓକିଲ ସିମାଞ୍ଚଳ କାର୍ଜି, ସାମ୍ବାଦିକ ଲକ୍ଷ୍ମଣ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଭିକାରୀ ନୟକ ପରିଚାଳନା କାରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା ଅସହାୟଙ୍କୁ ସାହାଯ୍ୟ କରିବା ବୋଲି ପରିଚାଳନା କମିଟି କର୍ମକର୍ତ୍ତା ମାନେ ନିଜ ନିଜ ମତ ବ୍ୟକ୍ତ କାରିଥିଲେ।

# ଗଞ୍ଜେଇ କାରବାରରୁ ହୋଇଥିଲା ହତ୍ୟା, ୪ ଗିରଫ

ଶେରଗଡ଼,୫।୨(ସୂର୍ଯ୍ୟ ନାରାୟଣ ଦାଶ)



ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ବନ୍ଧାଗୁଡାସ୍ଥିତ ଜଗନ୍ନାଥ ବିଦ୍ୟାପୀଠ ପାର୍ଶ୍ୱରୁ ଗତ ୩୦ ତାରିଖରେ ଦରପୋଡା ମୃତଦେହ ଜବତ ଘଟଣାରେ ୪ ଜଣଙ୍କୁ ଗୁରୁବାର ଶେରଗଡ଼ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନଳଣ୍ଠୋ ଗାଁର ବଳରାମ ପାହାନ, ଲେମନ ପରିଡ଼ା, ବନ୍ଧାଗୁଡାର ସମ୍ବିତ ଗୌଡ଼ ଓ ଷଡଙ୍ଗୀପଲ୍ଲି ଗାଁର ଅଜିତ ଗୌଡ଼। ଜବତ ହୋଇଥିବା ଦରପୋଡା ମୃତଦେହର ପରିଚୟ ମିଳିଛି। ସେ ହେଲେ ଚାଣ୍ଟି ଓରଫ ବି.ଗୌରୀନାଥ(୨୩)। ଏନେଇ ୪୦/୨୬ରେ ଏକ ମାମଲା ରୁଜୁ ହୋଇଛି।

ଖବରରୁ ଜଣାପଡିଛି, ଗୌରିନାଥ ହାଇଦ୍ରାବାଦାର ସାଇଦାବାଦ ଅଞ୍ଚଳରେ ରହନ୍ତି। ନଳଣ୍ଠୋ ଗାଁର ବଳରାମ ପାହାନ,ଲେମନ ପରିଡା ଓ ଗୌରୀନାଥ ତିରୁପତି ଅଞ୍ଚଳରେ ଗଞ୍ଜେଇ କାରବାର କରୁଥିଲେ। ଏହା ତ୍ରିତୁନର ପୋଲିସ ଜାଣିବା ପରେ ଗୌରୀନାଥ ଓ ବଳରାମଙ୍କୁ ଗିରଫ କରି ତିରୁପତି କୋର୍ଟଚାଲାଣ କରିଥିଲା। ସେତେବେଳେ ସେମାନଙ୍କଠାରୁ ପୋଲିସ ଗଞ୍ଜେଇ ଜବତ କରି ଜେଲ ପଠାଇ ଦେଇଥିଲା। ଜେଲରେ କୌଣସି କଥାକୁ ନେଇ ବଳରାମ ଓ ଗୌରିନାଥ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଗୌରୀନାଥ ଓ ବଳରାମଙ୍କୁ ଗୌରୀନାଥଙ୍କ ପରିବାର ଲୋକେ ଜାମିନରେ ଆଣିଥିଲେ। ଗଞ୍ଜେଇ ବ୍ୟବସାୟରେ ଅଧିକ ଲାଭ ଥିବାରୁ ଜେଲରୁ ବାହାରିବା ପରେ ବଳରାମ ଓ ଲେମନ ମିଶି ଗୌରୀନାଥଙ୍କୁ କିପରି ଏଥିରୁ ହଟାଇ ନିଜେ ବ୍ୟବସାୟ କରି ଅଧିକ ଲାଭ ପାଇବେ ସେନେଇ ଯୋଜନା କରିଥିଲେ। ଗୌରୀନାଥଙ୍କୁ ଉଭୟେ ହାଇଦ୍ରାବାଦରୁ ଗତ ୩୦ ତାରିଖରେ ଟ୍ରେନରେ ଧରି ବ୍ରହ୍ମପୁର ଆସି ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ ପାର୍ଶ୍ୱରେ ଥିବା ବାଉରିପଲ୍ଲି ପଦରରେ ରାତି ୧୦ଟାରେ ପହଞ୍ଚିଥିଲେ। ସେଠାରେ ସମସ୍ତେ ମିଶି ମଦ ପିଇଥିଲେ। ବଳରାମ ତାଙ୍କ ଦୁଇ ସହଯୋଗୀ ସମ୍ବିତ ଗୌଡ଼ ଓ ଅଜିତ ଗୌଡ଼ଙ୍କୁ ଡକାଇଥିଲେ। ସମସ୍ତେ ବସି ମଦ ପିଇବା ବେଳେ ବଳରାମ ଓ ପାହାନ ଗୌରୀନାଥଙ୍କ ବେକ କାଟି ଦେଇ ହତ୍ୟା କରିଥିଲେ। ପରେ ସେମାନେ ମୃତଦେହକୁ ପେଟ୍ରୋଲ ପକାଇ ନିଆଁ ଲଗାଇ ପୋଡି ଦେଇ ଦରପୋଡା ଅବସ୍ଥାରେ ଫିଙ୍ଗି ଚାଲିଯାଇଥିଲେ। ଏନେଇ ସୂଚନା ପାଇ ଶେରଗଡ଼ ପୋଲିସ ୩୧ ତାରିଖରେ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଗୌରିନାଥ ପରିବାର ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ ବୋଲି ଏକ ଖରଦାତା ସମ୍ମିଳନୀରେ ବରିଷ୍ଠ ପୋଲିସ ଅଧିକାରୀ ସୀମା ସ୍ୱାଇଁ, ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ଓ ଥାନା ଅଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି।

# ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଭଞ୍ଜନଗର,୫।୨(ବାବୁଲା ପ୍ରଧାନ):

ଭଞ୍ଜନଗର ଥାନା ଅନ୍ତର୍ଗତ ବୁଡିଅମ୍ବା ଗ୍ରାମର ଅଚ୍ୟୁତାନନ୍ଦ ସାହୁ (୪୩) ଗତ ୨୯ ତାରିଖ ସନ୍ଧ୍ୟାରେ ମଲାସପଦର ଛକ ନିକଟରେ କୌଣସି ଏକ ଗାଡି ଧକ୍କାରେ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଥିଲେ। ବୁଧବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ଗ୍ରାମରେ ପହଞ୍ଚିଥିଲା। ଗ୍ରାମର ଲୋକେ ଜିଲୁଣ୍ଡି ଠାରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ଭଞ୍ଜନଗର-ବ୍ରହ୍ମପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଭାଜପା ନେତା ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଧକ୍କା ଦେଇଥିବା ଗାଡ଼ିକୁ ଧରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ଉକ୍ତ ରାସ୍ତା ବନ୍ଦ ରହିବା ପରେ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏଥିସହ ପ୍ରଶାସନ ପକ୍ଷରୁ ରେଡକ୍ରସ ଫଣ୍ଡରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ଦିଆଯାଇଛି।



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ଶୀତ ମହୋତ୍ସବ ତୁଷାର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କୁ ମୁଗ୍ଧ କଲେ ସ୍ଥାନୀୟ କଳାକାର

ଜି.ଉଦୟଗିରି,୫।୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଶୀତ ମହୋତ୍ସବ ତୁଷାରର ତୃତୀୟ ଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ ଦର୍ଶକଙ୍କୁ ମୁଗ୍ଧ କରିଛନ୍ତି। ଏହାସହ ମୁଖ୍ୟ ଆକର୍ଷଣ ଗୁରୁବାର କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ଟମ୍ ସଂଗୀତ ପରିବେଷଣ କରିଛନ୍ତି। ଏହି ଅବସରରେ ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ ପୋଲିସ ଅଧିକ୍ଷକ ବିଭୁତି ଭୂଷଣ ମହାପାତ୍ର, ସାହିତ୍ୟକର ପ୍ରବୀଣ ବଣୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ତହସିଲଦାର ରଞ୍ଜନ ସାହୁ, ଶୀତ ମହୋତ୍ସବ ଅଧ୍ୟକ୍ଷ ସତ୍ୟ ନାରାୟନ ମିଶ୍ର, କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ, ସମ୍ପାଦକ ମହମ୍ମଦ ଜିଆଉଦିନ ଅହମ୍ମଦ, ଉପାଧ୍ୟକ୍ଷ ସନ୍ତୋଷ ବାଘ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ଓ କାଉଁସିଲରମାନେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।



## ଜେଲ ଗଲେ ସ୍ୱାମୀ

ଦିଗପହଣ୍ଡି,୫।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଜକରାପଲ୍ଲୀ ଗ୍ରାମରେ ଅଧିକା ଯୌତୁକ ପାଇଁ ନବବଧୂ ସନ୍ଧ୍ୟା ବିଷୋୟୀ(୨୩)ଙ୍କୁ ବୁଧବାର ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ମିଶି ବିଷ ପିଆଇ ହତ୍ୟା କରିଥିଲେ। ଏନେଇ ସନ୍ଧ୍ୟାଙ୍କ ମା' ମା ସବିତା ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ୩୯/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣା ସହ ସମ୍ପୃକ୍ତ ସ୍ୱାମୀ ଅଜିତ ବିଷୋୟୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ପୋଲିସ ତାଙ୍କୁ ଗୁରୁବାର ଗିରଫ କରି ଜାମିନ ନାମଞ୍ଜୁର ପରେ ଜେଲକୁ ପଠାଇଛି। ତେବେ ଏଥିରେ ସମ୍ପୃକ୍ତ ଶାଶୂ, ଶ୍ୱଶୁର ଓ ଦିଅର ଫେରାର ହୋଇଯାଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଅଜିତଙ୍କ ଘରେ ତଦନ୍ତ ବେଳେ ଘର ଭିତରୁ କୀଟନାଶକ ପ୍ୟାକେଟ ଖୋଳ, ବିଷ ପ୍ରକ୍ରିୟା ପରେ ସନ୍ଧ୍ୟା କରିଥିବା ବାନ୍ତି ଓ ତାଙ୍କ ପିନ୍ଧା ଲୁଗାକୁ ଜବତ କରି ପରୀକ୍ଷା ପାଇଁ ଫରେନ୍ସିକ୍ ଲାବୋରେଟୋରିକୁ ପଠାଯାଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ସୋଫିଆ ମିଶ୍ର କହିଛନ୍ତି। କୁକୁଡ଼ାଖଣ୍ଡି ବ୍ଲକ ଲାଠି ଗ୍ରାମର କାଳିଆ ସ୍ୱାଇଁଙ୍କ ଝିଅ ସନ୍ଧ୍ୟା ୨୦୨୧ ଡିସେମ୍ବର ୧୧ରେ ଜକରାପଲ୍ଲୀ ଗ୍ରାମର ନିରଞ୍ଜନ ବିଷୋୟୀଙ୍କ ପୁଅ ଅଜିତଙ୍କୁ ବିବାହ କରିଥିଲେ। ସନ୍ଧ୍ୟାଙ୍କ ଚରିତ୍ରକୁ ନେଇ ଅଜିତ୍ ସନ୍ଦେହ କରୁଥିଲେ। ତାଙ୍କ ଘରେ ଜଣାଇବା ପରେ ସନ୍ଧ୍ୟା ନ ସୁଧୁରିବାରୁ ଅଜିତ ତାଙ୍କୁ ଏକାଧିକ ଥର ମାଡ଼ ମାରିବା ସହ ବାପ ଘରୁ ଅଧିକା ଯୌତୁକ ଆଣିବାକୁ ବାଧ କରୁଥିଲେ। ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଅଜିତ କିଛିଦିନ ତଳେ ଗାଁକୁ ଫେରି ଶ୍ୱଶୁର ଘରକୁ ଯାଇଥିଲେ। ଘରେ ଶ୍ରାଦ୍ଧ ଭୋଜି ଥିବା କହି ସନ୍ଧ୍ୟାଙ୍କୁ ତାଙ୍କ ଘରକୁ ପଠାଇବାକୁ ଶାଶୁଙ୍କୁ କହି ଆସିଥିଲେ। ୧ ତାରିଖରେ ସନ୍ଧ୍ୟାଙ୍କ ଭାଇ ବିଜୁଳି ଭଉଣୀ ଓ ଭଣଜାଙ୍କୁ ନେଇ ଜକରାପଲ୍ଲୀ ଗାଁରେ ଛାଡିଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ସନ୍ଧ୍ୟାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୭ ହଜାର ଉପଭୋକ୍ତାଙ୍କୁ ଟିପିଏସଓଡିଏଲର ଗୁଣାତ୍ମକ ସେବା



ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ)

କୋରାପୁଟ ଜିଲା ସୁନାବେଡ଼ା ଓ ଆଖପାଖ ଅଞ୍ଚଳରେ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିଛି ଟିପିଏସଓଡିଏଲ। ସୁନାବେଡ଼ା ପ୍ରାଇମେରୀ ସବଷ୍ଟେସନରେ ଏକ ନୂତନ ୮ ଏମଭିଏ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରାଯାଇଛି । ଯାହା ଫଳରେ ସବଷ୍ଟେସନର ସାମଗ୍ରିକ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି । ସୁନାବେଡ଼ା ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ୭ ହଜାର ଉପଭୋକ୍ତାଙ୍କୁ ଏହି ଗୁଣାତ୍ମକ ସେବା ମିଳିପାରିଛି । ଏଥି ମଧ୍ୟରେ ସୁନାବେଡ଼ା ଏନଏସି ଟାଉନ, ସୁନାବେଡ଼ା ଏନଏସି ଗ୍ରାମୀଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଜାଡ଼ଗୁଡ଼ା ଓ ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଅନେକ ଅଞ୍ଚଳ ସାମିଲ ରହିଛି । ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଦ୍ରୁତ ବିକାଶଶୀଳ ସହରାଞ୍ଚଳଗୁଡ଼ିକର ବିଜୁଳି ଚାହିଦାକୁ ମେଣ୍ଟାଇବା କ୍ଷେତ୍ରରେ କମ୍ପାନୀ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି ।

# ମଦ ପିଇବାକୁ ଆସି ଗୋଷ୍ଠୀ ସଂଘର୍ଷ ଘଟଣାରେ ୭ ଗିରଫ

ମୋହନା, ୫।୨(ମନ୍ମଥ ମିଶ୍ର)



ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଖାରିଡେପ ଗାଁରେ ମଦ ବସାରୁ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ୭ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଚାନ୍ଦିପୁଟ ଗାଁର ରାଜୁ ପାଇକ, ଉଦୟ ପାଇକ, ଖାରିଢ଼େପ ଗାଁର ଚିକୁନ ମଲ୍ଲିକ, ସୁମନ୍ତ ମଲ୍ଲିକ, ସମ୍ପଦ ମଲ୍ଲିକ, ପ୍ରଦୀପ ମଲ୍ଲିକ ଓ ସଂଜୟ ମଲ୍ଲିକ। ଖଫବରୁ ଜଣାପଡିଛି, ଗତମାସ ୩୧ ତାରିଖରେ ଖାରିଢ଼େପ ଗାଁକୁ ଚାନ୍ଦିପୁଟ ଗାଁର କେତେ ଜଣ ଯୁବକ ଆସି ମଦ ପିଇବା ପାଇଁ ନିକଟସ୍ଥ ବଣକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ଉଭୟ ଗାଁର କେତେ ଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳରେ ଖାରିଢ଼େପ ଗାଁର ୧୨ ଯୁବକ ଆହତ ହୋଇଥିଲେ। ଏନେଇ ମୋହନା ଥାନାରେ ଖାରିଢ଼େପ ଗାଁ ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫେବୃୟାରୀ ୨ରେ ଖାରିଡେପ ଗାଁର କେତେ ଜଣ ଯୁବକ ସଂଘବଦ୍ଧ ଭାବେ ଚାନ୍ଦିପୁଟ ଗ୍ରାମର କେତେ ଜଣ ଯୁବକଙ୍କୁ ଆକ୍ରମଣ କରିଥିଲେ। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଖବର ପାଇ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପରାମର୍ଶ ଦେଇଥିଲା। ଏହି ମାମଲାରେ ଅନ୍ୟ ସମ୍ପୃକ୍ତ ଥିଲେ ତାଙ୍କୁ ଆଗକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

# ମଧୁବାବୁ ଥିଲେ ଓଡ଼ିଆ ଜାତୀୟତାର ମୂର୍ତ୍ତିମନ୍ତ ପ୍ରତୀକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ) ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଉତ୍କଳ ଆଶ୍ରମରେ ମଧୁବାବୁଙ୍କ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଛି। ସଭାପତି ଡକ୍ଟର୍ ସୁବ୍ରତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମଧୁବାବୁ ଓଡ଼ିଆ ଜାତୀୟତାର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ଅତିଥିମାନେ କହିଥିଲେ। ଜିଲା ଶାଖା ଉପସଭାପତି ଡ.ବନମାଳୀ ପାଣିଗ୍ରାହୀ ମଧୁସୂଦନ ଦାସଙ୍କ ଜୀବନୀ ବର୍ଣ୍ଣନା କରିଥିଲେ । ଶାଖା ସଂପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିନାୟକ ଆଚାର୍ଯ୍ୟ କଲେଜ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡକ୍ଟର୍ କୁଳମଣି ଓଝା ମୁଖ୍ୟବକ୍ତା ରୂପେ ଯୋଗଦେଇ ମଧୁବାବୁଙ୍କ ତ୍ୟାଗପୂଜ ଜୀବନୀ ବିଷୟରେ କହିଥିଲେ। ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ ସମ୍ମାନିତ ବକ୍ତା ରୂପେ ମଧୁବାବୁଙ୍କ ଜୀବନର କେତେକ ଅନାଲୋଚିତ ଘଟଣା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# କବିସୂର୍ଯ୍ୟ ପ୍ରିମିୟର ଲିଗ: ମହାମାୟୀ-୧୧ ବିଜୟୀ




କବିସୂର୍ଯ୍ୟନଗର, ୫।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଶିବଶକ୍ତି ଖେଳ ପଡିଆଠାରେ ଚାଲିଥିବା କବିସୂର୍ଯ୍ୟ ପ୍ରିମିୟର ଲିଗ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ୪ଟି ଟିମ ଜିତ ବ୍ରଦର୍ସ-୧୧, ଆଦିଲକ୍ଷ୍ମୀ-୧୧, ମହାମାୟୀ-୧୧ ଓ କେଏଲ-୧୧କୁ ନେଇ କ୍ରିକେଟ ଲିଗ ଚାଲିଥିଲା । ଗୁରୁବାର ଫାଇନାଲ ମ୍ୟାଚ ଜିତ ବ୍ରଦସ-୧୧ ସହ ମହାମାୟୀ-୧୧ ମଧ୍ୟରେ ହୋଇଥିଲା। ଏଥିରେ ଜିତ ବ୍ରଦସ-୧୧ ନ' ଓଭରରେ ସବୁ ୱିକେଟ ହରାଇ ୧୧୫ ରନ କରିଥିଲା। ଏହାର ଜବାବରେ ମହାମାୟୀ-୧୧ ବାର ଓଭରରେ ୬ ଉଇକେଟ ହରାଇ ୧୧୮ ରନ କରି ବିଜୟୀ ହୋଇଥିଲା। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଭାଜପା ନଗର ସଭାପତି ଅଶୋକ ଜେନା, ବାବୁରାମ ବିଷୋୟୀ, ଶଙ୍କର ପାତ୍ର, ବିଶ୍ୱଜିତ ମହାପାତ୍ର, ପ୍ରଭାକର ପ୍ରଧାନ ଓ ବରିଷ୍ଠ କ୍ରିକେଟ ଖେଳାଳି କୃପାସିନ୍ଧୁ ସ୍ୱାଇଁ ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ।

## ଦିଗପହଣ୍ଡି ଶାଗୁଆନ ଜଙ୍ଗଲରେ ନିଆଁ

ଦିଗପହଣ୍ଡି,୫।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ରେଞ୍ଜ ବମକେଇ ପଞ୍ଚାୟତ ମାଟିଆପଲ୍ଲୀ ଗ୍ରାମ ଶାଗୁଆନ ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରେ ନିଆଁ ଲାଗିଥିଲା। ଏହା ଜଣାପଡିବା ପରେ ସାମାଜିକ କର୍ମୀ ରାଜକିଶୋର ମହାନ୍ତି, ବିକ୍ରମ ସିଂ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ସହ ରେଞ୍ଜର ଦିବ୍ୟ ରଞ୍ଜନ ସାହୁଙ୍କୁ ଫୋନ କରି ଜଣାଇଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ପାରା ବନ କର୍ମଚାରୀ ସାଗର ପ୍ରଧାନ ଏବଂ ସଂଗ୍ରାମ ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଛନ୍ତି। ସିନ୍ଧୁଖାଲି ଗାଁ ନିକଟ ମାଟିଆପଲ୍ଲୀ ଶାଗୁଆନ ବଗିଚାଟି ଜଣେ ବ୍ୟକ୍ତିର ବୋଲି ରେଞ୍ଜର ଜଣାଇଛନ୍ତି। ବହୁ ସଂଖ୍ୟକ ଶାଗୁଆନ ଗଛକୁ ନିଆଁ ଦାଉରୁ ରକ୍ଷା କରାଯାଇଥିବାରୁ ସାମାଜିକ କର୍ମୀ ଦ୍ୱୟଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ୩ ମାସ ହେଲା କନକଙ୍କୁ ମିଳୁନି ଭତ୍ତା

## ବ୍ୟାଙ୍କର ଆଇଏଫ୍‌ଏସ୍‌ସି କୋଡ୍ ବଦଳିଥିବାରୁ ସମସ୍ୟା ହୋଇଛି: ବିଏସ୍‌ଏସ୍‌ଓ

ଦାରିଙ୍ଗବାଡ଼ି, ୫।୨(ଅରୁଣ ସାହୁ )



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବୁଡ଼ାଗୁଡ଼ା କୁମ୍ଭାରସାହିର କନକ ବେହେରା ୩ ମାସ ହେଲା ଭତ୍ତା ଟଙ୍କା ପାଉନାହାନ୍ତି। ପ୍ରତିମାସରେ ଭତ୍ତା ଟଙ୍କା ତାଙ୍କ ଆକାଉଣ୍ଟକୁ ଆସୁଥିବା ବେଳେ ୩ ମାସ ହେଲା ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଫଳରେ କନକ ଚଳିବାରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରିକି ଗୋଟିଏ ଓଳି ଖାଇଲେ ଆରଓଳି ତାଙ୍କୁ ଉପବାସ ରହିବାକୁ ପଡୁଛି।

ଏନେଇ କନକ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି। ଗତ ୨୬ ତାରିଖରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସିମନବାଡ଼ି ଆସିଥିବା ବେଳେ ବୁଡ଼ାଗୁଡ଼ାରୁ ୧୭ କି.ମି. ଦୂର ସିମନବାଡ଼ି ଆସି କନକ ତାଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି। ଏହାର ଅନୁଧ୍ୟାନ କରି କନକଙ୍କୁ ଭତ୍ତା ଟଙ୍କା ଦେବାକୁ ଭାଜପାର ପୂର୍ବତନ ଜିଲା ସଭାପତି ଜଗନ୍ନାଥ ସାହୁ ଦାବି କରିଛନ୍ତି। ଏନେଇ ଦାରିଙ୍ଗବାଡ଼ି ବିଏସ୍‌ଏସ୍‌ଓ କ୍ଷେତିଶ ପ୍ରିୟଦର୍ଶୀ ସାହୁଙ୍କୁ ପଚାରିବାରୁ ସେ କହିଲେ, ସେ ଯେଉଁ ବ୍ୟାଙ୍କରେ ଏହି ଭତ୍ତା ଟଙ୍କା ପାଉଥିଲେ ସେହି ବ୍ୟାଙ୍କର ଆଇଏଫ୍‌ଏସ୍‌ସି କୋଡ୍ ବଦଳିଯାଇଛି। ଏବେ ସଂଶୋଧନ ପରେ ନୂତନ କୋଡ୍ ଫିଡିଂ ହୋଇଛି। କେତେଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ଜାନୁଆରୀରେ ସେମାନଙ୍କ ଭତ୍ତା ଟଙ୍କା ଯାଇଥିଲା, ସେମାନେ ପାଇଛନ୍ତି। ରହିଯାଇଥିବା ହିତାଧିକାରୀଙ୍କ ଭତ୍ତା ଟଙ୍କା ଫେବୃଆରୀରେ ଏକାଥରକେ ସେମାନଙ୍କୁ ସବୁ ମିଳିଯିବ ବୋଲି ସାହୁ କହିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୫।୨(ଗିରିଧାରୀ ପରିଛା): ଗୋଷାଣି ବ୍ଲକ ଅନ୍ତର୍ଗତ ତାପିପାଟି ଗ୍ରାମ ପୋଖରୀରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋକାର୍ଲା ରାମାରାଓ (୫୭)। ଗୋକାର୍ଲା ଗୁରୁବାର ଅପରାହ୍ନ ୪ଟାରେ ପୋଖରୀକୁ ଗାଧୋଇ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବାପା ଭାସୁଥିବା ଦେଖି ରାମାରାଓଙ୍କ ପୁଅ ତୁରନ୍ତ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ରାମାରାଓଙ୍କର ମୃତ୍ୟୁଦେହକୁ ପାଣିରୁ ବାହାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲାମୁଖ୍ୟ ଚିକିତ୍ସାଳୟକୁ ମହାପ୍ରଣାୟ ଗାଡିରେ ପଠାଇଥିଲେ । ଶୁକ୍ରବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ରାମାରାଓ ଜଣେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ପରିବାର ଅତ୍ୟନ୍ତ ଗରୀବ ଶ୍ରେଣୀର । ତାଙ୍କ ପରିବାର ବର୍ଗଙ୍କୁ ସରକାର କିମ୍ବା ପ୍ରଶାସନ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜଳ ଯୋଗାଣ ଠପ୍, ହଟହଟା ଲୋକେ

ବୁଗୁଡ଼ା,୫।୨(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଗୋଲିଆ ଗ୍ରାମରେ ଏକ ସପ୍ତାହ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯିବା ଯୋଗୁ ପମ୍ପ ହାଉସ୍ ମୋଟର ଅଚଳ ହୋଇଯାଇଛି। ଫଳରେ ଜଳ ଯୋଗାଣ ପୁରାପୁରି ଠପ୍ ହୋଇଛି। ଲୋକେ ପାଣି ପାଇଁ ହଟହଟାର ହେଉଛନ୍ତି। ପୂର୍ବରୁ ସେତେଟା ବ୍ୟବହାରରେ ଆସୁ ନ ଥିବା କୂପ ଓ ନଳକୂପ ଗୁଡ଼ିକରେ ପାଣି ପାଇଁ ଭିଡ ଜମୁଛି। ବହୁ ବିଳମ୍ବରେ ନଳକୂପରୁ ପାଣି ହାଣ୍ଡିଏ କିମ୍ବା ବାଲଟିଏ ମିଳୁଛି। ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏଣୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଡେଙ୍ଗାପଦରରେ ହିନ୍ଦୁ ସମ୍ମିଳନୀ

ଶେରଗଡ ୫।୨(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକର ଡେଙ୍ଗାପଦରରେ ଏକ ହିନ୍ଦୁ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମହନ୍ତ ରୂପେ ସୁନ୍ଦରାରାମ ଦାସ ଜୀ ମହାରାଜ, ମୁଖ୍ୟ ବ୍ୟକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଞ୍ଜାମ ଜିଲା ପ୍ରଚାରକ ରଶ୍ମୀ ରଞ୍ଜନ ମହାକୁଡ, ସମ୍ମାନିତ ଅତିଥି ରୂପେ ସନ୍ଥ କମଳାକ୍ଷା ଦାସ ମହାରାଜ ଉପସ୍ଥିତ ଥିଲେ। ସମ୍ମିଳନୀରେ ଡେଙ୍ଗାପଦର ରଘୁନାଥ ମଠର ମହନ୍ତ ପରମାନନ୍ଦ ଦାସ ଜୀ ମହାରାଜ ସଭାପତିତ୍ୱ କରି ମଞ୍ଚ ପରିଚାଳନା କରିଥିଲେ। ସଂଯୋଜକ ଭାବେ ପିଙ୍କୁ ସ୍ୱାଇଁ, ସହ ସଂଯୋଜକ ରୂପେ କାହ୍ନୁ ଚରଣ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ଉପ ସଭାପତି ସ୍ୱରାଜ୍ୟ ପାତ୍ର, ବ୍ୟବସ୍ଥା ପ୍ରମୁଖ ରାମକୃଷ୍ଣ ପୋଲାଇ, କୃଷ୍ଣ ଚନ୍ଦ୍ର ଦାସ, ଗୁଙ୍ଗୁରୁ ସ୍ୱାଇଁ, ମଗୁଲୁ ସ୍ୱାଇଁଓ ଅନ୍ୟମାନେ ପରିଚାଳନା କରିଥିଲେ।

# ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

ଚିକିଟି, ୫।୨ (ପ୍ରକାଶ ଚନ୍ଦ୍ର ସାହୁ)



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଚିକିଟି ବ୍ଲକ୍ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ୩ ଦିନ ଧରି ଚାଲିଥିବା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଅନ୍ତିମ ସନ୍ଧ୍ୟାରେ ବଲିଉଡ୍‌ର କଣ୍ଠଶିଳ୍ପୀ ଅରୁନିତା କାଞ୍ଜିଲାଲ ଗୀତ ଗାଇ ଦର୍ଶକଙ୍କ ମନ ମୋହିଥିଲେ। ବାଲାଜୀ ଠାକୁର ନାଟ୍ୟ ସଙ୍ଘର ପ୍ରହ୍ଲାଦ ନାଟକ, କଳବାଡ ଓମଶ୍ରୀ ମାଆ ଦଣ୍ଡକାଳୀ ଗଣନାଟ୍ୟର ଦଣ୍ଡନାଚ, ସାକ୍ଷୀ ଗୋପାଳ ନୀଳାଦ୍ରିର ଗୋଟିପୁଅ ନୃତ୍ୟ ପରିଷଦ ସଙ୍ଘର ଗୋଟିପୁଅ ନୃତ୍ୟ, ବ୍ରହ୍ମପୁର ପଦ୍ମ ବିଭୂଷଣ ଗୁରୁ କେଳୁ ଚରଣ କଳାକେନ୍ଦ୍ରର ସମ୍ବଲପୁରୀ ନୃତ୍ୟ, ବ୍ରହ୍ମପୁର ଡବ୍ଲୁଓଡବ୍ଲୁ ଡ୍ୟାନ୍ସ ଷ୍ଟୁଡ଼ିଓର ମଡନ ଡ୍ୟାନ୍ସ, ବ୍ରହ୍ମପୁର ଆୟାନୀ ଡ୍ୟାନ୍ସ ଗ୍ରୁପର ସମ୍ବଲପୁରୀ ନୃତ୍ୟ, ବ୍ରହ୍ମପୁର ସଂସ୍କୃତି ଭବନମ ଗ୍ରୁପର ଭାରତ ନାଟ୍ୟମ ପରିବେଷଣ କରିଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଲୋକ ନୃତ୍ୟ, ସଂଗୀତ, ନାଟକ ଆଦିକୁ ସୁରକ୍ଷିତ ରଖିବା ପାଇଁ ପାରମ୍ପରିକ କଳାକାରଙ୍କୁ ଉତ୍ସାହ କରିବା, ଯୁବ ପିଢିଙ୍କୁ ନିଜ ସଂସ୍କୃତି ପ୍ରତି ଆକର୍ଷିତ କରିବା ଏବଂ ଦେଶ ବିଦେଶରେ ଆମ ସଂସ୍କୃତିର ପରିଚୟ ବଢ଼େଇବା ପାଇଁ ଏହି ଭଳି ମହୋତ୍ସବ କରାଯାଏ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଚିକିଟି ନିର୍ବାଚନମଣ୍ଡଳୀର ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସରୋଡା ବିଧାୟକ ନୀଳମଣି ବିଷୋୟୀ, ବ୍ରହ୍ମପୁର ଏସ୍‌ପି ଡ.ଶ୍ରବଣ ବିବେକ ଏମ୍, ଏଡିଏମ୍ ପ୍ରମୋଦ ପୃଷ୍ଟି, ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ, ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ମୀନାଦ୍ୟାନ ସାମନ୍ତରା, ଗଞ୍ଜାମ ଜିଲା ଭାଜପା ସଭାପତି ସରୋଜ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ।

# ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କଲେ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ

ତୁମୁଡିବନ୍ଧ,୫।୨(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ତହସିଲ କାର୍ଯ୍ୟାଳୟ ପରିସରରେ ଉପ ନିବନ୍ଧକ କାର୍ଯ୍ୟାଳୟ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନସେଠ, ତୁମୁଡିବନ୍ଧ ସରପଞ୍ଚ ପ୍ରିୟଙ୍କା ପଡାରା, କରୁକୁତୁପା ସରପଞ୍ଚ ବିଶେଷଣ ମାଝି, ଭାଜପା ମଣ୍ଡଳ ସଭାପତି ସର୍ବେଶ୍ୱର ମାଝୀ, ଅତିରିକ୍ତ ତହସିଲଦାର କୁଙ୍କୁମ ପ୍ରଧାନ, ଅଗ୍ନିଶମ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ସାହୁ, ତୁମୁଡିବନ୍ଧ ସହ ସରକାରୀ ଓକିଲ ହରେଶ ମଣ୍ଡଳ, ଉପ କୋଷାଗାର ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ଏଏସଆଇ ସଞ୍ଜୟ ପ୍ରଧାନ, ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଚନ୍ଦ୍ର ପରାସେଠ, ବରିଷ୍ଠ ନାଗରିକ ଲକ୍ଷ୍ମୀଧର ସାହୁ ଉପସ୍ଥିତ ଥିଲେ। ଏହି ଉପନିବନ୍ଧକ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଅପରାହ୍ନ ୧୨.୪୫ ମିନିଟରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟାଳୟ ପ୍ରତିଷ୍ଠା ପରେ ଅଞ୍ଚଳବାସୀଙ୍କୁ ଭୁସମ୍ପତ୍ତି କିଣାବିକା ପାଇଁ ଆଉ ବାଲିଗୁଡା ଯିବାକୁ ପଡିବନାହିଁ। ଆବଶ୍ୟକ ସମୟରେ ତୁମୁଡିବନ୍ଧ ଅଞ୍ଚଳର ଲୋକେ ବାଲିଗୁଡା ଯାଇ ହଇରାଣ ହେଉଥିଲେ। ତୁମୁଡିବନ୍ଧ ଉପନିବନ୍ଧକ କାର୍ଯ୍ୟାଳୟରେ ପ୍ରତ୍ୟେକ ବୁଧବାର ଭୂସମ୍ପତ୍ତି କିଣା ବିକା ନେଇ ରେଜିଷ୍ଟ୍ରେସନ ହେବ ବୋଲି ତୁମୁଡିବନ୍ଧ ତହସିଲଦାର ଦୋଳ ଗୋବିନ୍ଦ ସାହୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏପରି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

# ଗଜପତି ଜିଲା ପାଇଁ ୩ ଉପ ନିବନ୍ଧକ କାର୍ଯ୍ୟାଳୟ

ପାରଳାଖେମୁଣ୍ଡି,୫।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାରେ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟନ ଓ 'ଆମ ସାଥୀ'ୟୁନିଫାଏଡ ହ୍ୱାଟ୍ସଆପ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ନାଗରିକ-କୈନ୍ଦ୍ରିକ ସେବାଗୁଡିକ ଲୋକାର୍ପଣ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ସଚିବ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଓଡିଶାର ୫୭ଟି ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିବା ବେଳେ ସେଥିରୁ ଗଜପତି ଜିଲା ପାଇଁ ୩ଟି କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଛି। ଗୁମ୍ମା ବ୍ଲକ, ରାୟଗଡ଼ ଓ ନୂଆଗଡ ବ୍ଲକରେ ଏହି ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ଭିଡିଓ କନଫରେନ୍ସିଂ ଉଦ୍‌ଘାଟନୀ କର୍ଯ୍ୟକ୍ରମରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମୁନିନ୍ଦ୍ର ହୋନନାଗା, ଡେପୁଟି କଲେକ୍ଟର ମିତାଳି ମଧୁମିତା ପାଢ଼ୀ, ସହକାରୀ ଜିଲାପାଳ ତ୍ରିନାଥ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବେଳାଭୂମି ମହୋତ୍ସବରେ କବିତା ଆସର

ପାତ୍ରପୁର,୫।୨(ଉମା ଚରଣ ନେପାକ):

ଚିକିଟି ବ୍ଲକ ସୁନାପୁର ବେଳାଭୂମି ମହୋତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପାତ୍ରପୁର ଉପାନ୍ତ ସାଂସ୍କୃତିକ ସାହିତ୍ୟ ସେବା ସଂସଦ ପକ୍ଷରୁ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଦୀପ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଏମପି ପ୍ରତିନିଧି ମୀନା ଦ୍ୟାନସାମନ୍ତରା, ମୁଖ୍ୟବକ୍ତା ଭାବେ ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ, ସମ୍ମାନିତ ଅତିଥି ଭାବେ ଉପସଭାପତି ଶଶାଙ୍କ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କବୟିତ୍ରୀ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସଞ୍ଜୁ କୁମାରୀ ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ସମ୍ପାଦକ ମାଧବ ବାଡତ୍ୟା ପରିଚାଳନା କରିଥିଲେ। ସେବା ସମ୍ପାଦକ ନିଶାମଣି ପ୍ରଧାନ, ସହ ସମ୍ପାଦିକା ମଞ୍ଜୁଶ୍ରୀ ମହାରଣା, କବୟିତ୍ରୀ ତେଜେଶ୍ୱରି ଆଚାରି, ନୀଳାଞ୍ଚଳ ପଟନାୟକ, ସଙ୍ଗୀତା ପ୍ରଧାନ, ଗାୟତ୍ରୀ ଚୌଧୁରୀ, ନିବେଦିତା ପ୍ରଧାନ, କବି ବନ ବିହାରି ବିଶାଳ, ହିନମଣି ବେହେରା,ତ୍ରିଲୋଚନ କାର୍ଜୀ, ଭଗବାନ ମଲ୍ଲିକ,ଆଲୁ ଜୟ ପ୍ରକାଶ, ଗୌରାଙ୍ଗ ପ୍ରଧାନ, ଶିଶୁ କବି ଶ୍ରୀୟଂସୁ ବାଡତ୍ୟା, ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ। କବୟିତ୍ରୀ କବି ମାନଙ୍କୁ ଅତିଥିଙ୍କ ସମେତ ଚିକିଟି ବିଡିଓ ବିବେକାନନ୍ଦ ମିଶ୍ର, ଚିକିଟି ତହସିଲଦାର ବିଶ୍ୱରଂଜନ କହଁର ଓ ପାତ୍ରପୁର ତହସିଲଦାର ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା ସିଲ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

# କଂଗ୍ରେସର ପଦଯାତ୍ରା

ଶେରଗଡ଼,୫।୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ କଂଗ୍ରେସ ପକ୍ଷରୁ ଭି ବି ଜୀ ରାମ ଜୀ ହଟାଅ ଏମଜିଏନଆର୍‌ଇଜିଏସ ବଞ୍ଚାଅ ନେଇ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଦକ୍ଷିଣ କାଳୀ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ, ହିଞ୍ଜିଳିକାଟୁର ଶିବରାମ ପ୍ରଧାନ, ଜିଲା ସଭାପତି ଦେବକାନ୍ତ ଶର୍ମା ଓ ଅନ୍ୟମାନେ ଏପରି ନାମ ପରିବର୍ତ୍ତନକୁ ସମାଲୋଚନା କରିଥିଲେ। ସୁବାସ ଚନ୍ଦ୍ର ପଶୁପାଳକ,ପ୍ରକାଶ ଚନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଏସ୍‌ଏପି ଅଷ୍ଟମ ବାଟାଲିୟନର ବାର୍ଷିକୋତ୍ସବ

ଗଞ୍ଜାମ,୫।୨(ବିଦ୍ୟାଧର ସାହୁ):

ଗଞ୍ଜାମ ଥାନା ଅନ୍ତର୍ଗତ ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଶୁଭ ଉଦଘାଟନ କରିବା ସହ ଓପନ ଜିମ ଓ ଶିଶୁ ଉଦ୍ୟାନ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ପାଇଁ ଘୋଷଣା କରିଥିଲେ। ଏଥିସହ ହାଇମାଷ୍ଟ ଲାଇଟ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ତଥା କେନ୍ଦ୍ର ପରାମର୍ଶଦାତା ଖାଦ୍ୟ ନିଗମ ସଦସ୍ୟ ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ଏନଏସି ଅଧ୍ୟକ୍ଷା ପ୍ରତିନିଧି ଚନ୍ଦ୍ର ଶେଖର ରେଡି, ମୁଖ୍ୟବକ୍ତା ରାଜ୍ୟ ପୋଲିସ ମହାସଂଘ ସମ୍ପାଦକ କିଶୋର କୁମାର ମହାନ୍ତି ଯୋଗଦେଇ ବାଟାଲିୟନରେ ରହିଥିବା ବିଭିନ୍ନ ସମସ୍ୟା ଓ ହାବିଲଦାର ଓ ସିପାହୀ ମାନଙ୍କ ବିଭିନ୍ନ ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ହାବିଲଦାର ଓ ସିପାହୀ ଶାଖା ସଂଘ ସଭାପତି ଯଶୋବନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ସେଠୀ ସଂଯୋଜନା କରିଥିଲେ। ସମ୍ପାଦକ ଜଗନ୍ନାଥ ସେଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଉପସଭାପତି ବିଶ୍ୱନାଥ ସେଠୀ ସହ ସମ୍ପାଦକ କେ. ହେମାନନ୍ଦ ରେଡି, ଆର. ସାତ୍ୟୁମ ରେଡି କୋଷାଧ୍ୟକ୍ଷ ମାରୁତ କୁମାର ପରିଡା, କାଯ୍ୟକାରୀ ସଭ୍ୟ ଜୟଧର ଶବର, ଲକ୍ଷଣ ସାହୁ, ରତିକାନ୍ତ ସାହୁ, ଏସ. ଜଗନ୍ନାଥ ରେଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି./ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କ୍ର.ସଂ.; କାର୍ଯ୍ୟର ନାମ; ଟେଣ୍ଡର ବିଜ୍ଞପ୍ତି ନଂ.; ଟେଣ୍ଡର ମୂଲ୍ୟ ଏବଂ ଇଏମ୍‌ଡି** ଯଥାକ୍ରମେ: (୧) ସିକେପି-ଓ୍ୱେଷ୍ଟ-୨୫-୨୬-୪୧; ଏଡିଇଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲ୍‌ୱେ ଟ୍ରାକ୍‌ର ଇଆର୍‌ସି, ଟି/ଓ ପ୍ଲେଟ୍ ସ୍କ୍ରୁ, ଏସ୍‌ଇଜେ ଆଦିର ଲୁବ୍ରିକେଶନ୍ । ₹୧,୨୩,୭୯,୨୮.୫୯; ₹୨,୧୧,୯୦୦.୦୦। (୨) ସିକେପି-ଓ୍ୱେଷ୍ଟ-୨୫-୨୬-୪୨; ଏଡିଇଏନ୍/ଝାରସୁଗୁଡ଼ାଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲ୍‌ୱେ ଟ୍ରାକ୍‌ର ଇଆର୍‌ସି, ଟି/ଓ ପ୍ଲେଟ୍ ସ୍କ୍ରୁ, ଏସ୍‌ଇଜେ ଆଦିର ଲୁବ୍ରିକେଶନ୍; ₹୩,୫୧,୩୨,୪୨୮.୬୮; ₹୩,୨୫,୭୦୦.୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦.୦୦ (କ୍ର.ସଂ. ୧ ଓ ୨ ପାଇଁ) । **ଖୋଲାଯିବା ତାରିଖ:** ତା୨୫।୦୨।୨୦୨୬ରିଖ (କ୍ର.ସଂ. ୧ ଓ ୨ ପାଇଁ); ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-1147)



**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SHIKSHA, PURI**
ଓଡ଼ିଶା ସରକାର
E-mail ID: dpcpurissa.opepa@nic.in

**"e" Procurement Notice**

**Bid Identification No.-DPC/SS/PURI/01 of 2025-26**
**Letter No.419/Civil/Date: 3.2.2026**

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Puri on behalf of Government of Odisha inviting percentage rate bid in Single Cover System on ONLINE mode from eligible contractors with valid licenses for "Construction of Additional Classroom (Civil+Electrical+PH) in the schools" as detailed in DTCN. | | |
| 2. | Nature of Work | : | Construction of Additional Classroom (Civil+ Electrical+ PH) in the schools. |
| 3. | No. of Works | : | 04 (Four Nos.) |
| 4. | Cost of Tender Paper | : | Rs.6,000/- |
| 5. | Class of Contractor | : | "D" & "C" in 3 Project and "C" & "B" in 1 Projects |
| 6. | Availability of bid document in the website | : | From 10.00 hours of date-06.02.2026 to 17.00 hours of date- 25.02.2026 |
| 7. | Date of Opening of Bid | : | 11.00 AM on Dt.26.02.2026 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | | |

Sd./-
District Project Co-ordinator
Samagra Shiksha, Puri



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ତରଫରୁ ଯୋଗ୍ୟ ଫର୍ମମାନଙ୍କ ଠାରୁ ଦୁଇ-ଭାଗୀୟ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧିକାରୀମାନଙ୍କ ଲାଉଞ୍ଜ ଏବଂ ଡାଇନିଂ ରୁମ (OLDR), କର୍ମଚାରୀ କ୍ୟାଣ୍ଟିନ ଏବଂ ଟା ପ୍ୟାଣ୍ଟ୍ରିର ପରିଚାଳନା ସହ କ୍ୟାଟରିଂ ସେବା ପ୍ରଦାନ ପାଇଁ ଅଟେ। ଏହି କାର୍ଯ୍ୟର ଆନୁମାନିକ ମୂଲ୍ୟ ₹44,00,000/- ଅଟେ।

ଆଗ୍ରହୀ ଫର୍ମମାନେ ବ୍ୟାଙ୍କର ୱେବସାଇଟ www.rbi.org.in ଦର୍ଶନ କରିପାରିବେ କିମ୍ବା ଅଧିକ ସୂଚନା ପାଇଁ ମାନବ ସମ୍ପଦ ପରିଚାଳନା ବିଭାଗ (HRMD), ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ସହ ସମ୍ପର୍କ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 12 ମାର୍ଚ୍ଚ 2026, 12:00 ଘଣ୍ଟା ପର୍ଯ୍ୟନ୍ତ ଅଟେ।

ବ୍ୟାଙ୍କ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖିଛି।

ଆଞ୍ଚଳିକ ନିର୍ଦ୍ଦେଶକ,
ଭାରତୀୟ ରିଜର୍ଭ ବ୍ୟାଙ୍କ,
ଭୁବନେଶ୍ୱର



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇ-ପର୍ଯ୍ୟାୟ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି, ଯାହାର ଉଦ୍ଦେଶ୍ୟ ହେଉଛି ଚା/କଫି ଭେଣ୍ଡିଂ ମେସିନ୍‌ର ସ୍ଥାପନା ଏବଂ ଭେଣ୍ଡିଂ ମେସିନ୍‌ର ରକ୍ଷା-ରଖା ପାଇଁ ମାନବଶକ୍ତି ପ୍ରଦାନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ। ଏହି କାମର ଆନୁମାନିକ ମୂଲ୍ୟ **₹31,00,000/-** (ଟଙ୍କା ଏକତିଶ ଲକ୍ଷ ମାତ୍ର) ଅଟେ।

ରୁଚି ରଖୁଥିବା ସଂସ୍ଥାମାନେ ବ୍ୟାଙ୍କର ୱେବସାଇଟ www.rbi.org.in ଦେଖିପାରିବେ କିମ୍ବା ଅଧିକ ସୂଚନା ପାଇଁ HRMD, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହିତ ସଂପର୍କ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ମାଧ୍ୟମରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 12 ମାର୍ଚ୍ଚ 2026, ଦୁପର 12:00 ଘଣ୍ଟା ପର୍ଯ୍ୟନ୍ତ ଅଟେ।

ବ୍ୟାଙ୍କ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**Odisha State Road Transport Corporation**
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ
No.38001/4/2526 Paribahan Bhawan, Ashok Nagar, Bhubaneswar, Unit-II,
Ph : 0674-2530719, 2530368, Fax : 0674-2530719, Email : osrtc@nic.in, website : www.osrtc.in

**Procurement Notice No. - 04/OSRTC/2025-26**

**INVITATION FOR BIDS (IFB)**

| | | | |
|---|---|---|---|
| 1. | **The Additional Secretary, C&T Dept.-cum-G.M. (Estates)**, OSRTC, Odisha, Bhubaneswar invites **Percentage rate** bids in **Single cover** system in **ONLINE MODE** only, for works as detailed below :- | | |
| 2. | Nature of work | : | 1, Boundary Wall Works |
| 3. | No. of Works | : | 02 Nos. |
| 4. | Value of Tender | : | 1. Rs.23,03,147.00<br>2. Rs.27,07,170.00 |
| 5. | Bid Cost | : | 1. Rs.7,080.00 **(To be paid online)** |
| 6. | Class of Contractor | : | 1. 'C' class to 'B' class **(Empanelled Contractor of OSRTC)** |
| 7. | Availability of Bid Documents in the website | : | Dt.05.02.2026 to Dt.20.02.2026 up to 5.00 P.M. |
| 8. | Last date / time of Receipt of Bids in the Portal | : | Dt.20.02.2026 up to 5.00 P.M. |
| 9. | Date of Opening Bid | : | Dt.21.02.2026 at 12.30 P.M. |
| 10. | The Bidders have to participate in ONLINE bidding only. Further details can be seen from the website : **https://tendersodisha.gov.in**. Any addendum/ corrigendum/cancellation of tender can also be seen in the said website. | | |

**N.B. The quoted rate should be all inclusive but excluding G.S.T as applicable Under works contract.**

Sd./- Additional Secretary, C&T Dept.-cum
General Manager (Estates), OSRTC
Bhuabneswar

OIPR-38001/38002/1/25-26/0004



obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No.34001/26/2526
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)
ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଦୂରଭାଷ-୦୬୭୪-୨୩୯୦୦୪୩,
CIN-U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel : 0674-2390043,
Website : www.obcc.in, Email : md@obcc.in;info@obcc.in

No.673 Date : 31.01.2026
File : SMT-2099

**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | **Construction of (1) Amenity block at North parking, (2) Toilet block at different locations such as near Kedargouri temple, near Taranga club, near Crafts pavilion, drop off facility & (3) Ritual pavilion at Ekamra Kshetra under EKAMRA Conservation Plan.** |
| 2. | Bid Identification No. | : | **49/Tender/OBCC/2025-26** |
| 3. | Date of availability of bid document in e-procurement portal | : | From Dt.10.02.2026 |
| 4. | Last date & time of receipt of online bid | : | Up to 05.00 P.M. of Dt.25.02.2026 |
| 5. | Date of Bid Opening | : | Dt.26.02.2026 at 11:30 A.M. |
| 6. | Project Completion duration | : | 11 (Eleven) Calendar Months |
| 7. | Further details can be seen from the e-Procurement portal https://www.tendersodisha.gov.in | | |
| 8. | OBCC has the right to accept or reject the Notice/DTCN without assigning any reason thereof. | | |

OIPR-34001/34161/1/25-26/0026 Sd./- Chief Engineer-II



**HDFC BANK** **ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍**
ଖାରବେଳ ନଗର ଶାଖା, ପ୍ଲଟ୍ ନଂ.: ୯୮, ୩ୟ ମହଲା, କେଶରୀ ଟକିଜ୍ ଅଫିସ୍ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧,
CINL65920MH1994PLC080618, ୱେବ୍‌ସାଇଟ୍: www.hdfcbank.com

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ।

ନିମ୍ନ ସ୍ୱାକ୍ଷରକାରୀ **ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍‌ର** (ମାନ୍ୟବର ଏନ୍‌ସିଏଲଟି- ମୁମ୍ବାଇର ତା.୧୭.୦୩.୨୦୨୩ର ଆଦେଶ ଅନୁଯାୟୀ ଅନୁମୋଦିତ ମିଶ୍ରଣ ଯୋଜନା ଅନୁସାରେ ପୂର୍ବତନ ଏଚ୍‌ଡିଏଫ୍‌ସି ଲିମିଟେଡ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ ହୋଇଛି) **(ଏଚ୍‌ଡିଏଫ୍‌ସି)** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ୍ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ନିମ୍ନସ୍ୱାକ୍ଷରକାରୀ ତାଙ୍କୁ ଜ୍ଞାତଥିବା କଥିତ ଋଣଗ୍ରହୀତା(ମାନ)/ଆଇନଗତ ଉତ୍ତରାଧିକାରୀ(ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କ ବାସଗୃହରେ ଏହି ନୋଟିସର ଏକ ନକଲ ସଂଲଗ୍ନ କରିଥିଲେ । ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ କଥିତ ନୋଟିସର ନକଲ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି (ମାନେ) ଯଦି ଆବଶ୍ୟକ କରନ୍ତି ତେବେ ଉକ୍ତ ନକଲ ଗୁଡ଼ିକୁ ଯେକୌଣସି କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ ।

ଉପରୋକ୍ତ କ୍ରମେ, ପୁନଶ୍ଚ କଥିତ ଋଣଗ୍ରହୀତା(ମାନ) / ଆଇନଗତ ଉତ୍ତରାଧିକାରୀ(ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ **ଏଚ୍‌ଡ଼ିଏଫ୍‌ସି** କୁ ଏହି ନୋଟିସ୍ ପ୍ରକାଶନ ତାରିଖର **୬୦ ଦିନ** ମଧ୍ୟରେ ନିମ୍ନରେ ସେମାନଙ୍କ ନାମ କ୍ରମରେ ସୂଚିତ କରାଯାଇଥିବା ବକେୟା ଦେୟ ସହିତ କଥିତ ଡ଼ିମାଣ୍ଡ ନୋଟିସ୍‌ରେ ଦର୍ଶିତ ବାର୍ଷିକ ୧୮% ପରବର୍ତ୍ତୀ ସୁଧ ଯାହା ଚୁକ୍ତି ଏବଂ ଅନ୍ୟାନ୍ୟ କାଗଜାତ / ଦଲିଲ ଦ୍ରଷ୍ଟବ୍ୟ, ସେ ଅନୁଯାୟୀ ଦେୟ ପରିଶୋଧ ତାରିଖ / ଦେୟମୁକ୍ତ ତାରିଖ ପର୍ଯ୍ୟନ୍ତ ତାହା ପରିଶୋଧ କରିବେ । କଥିତ ଋଣଗ୍ରହୀତା(ମାନ)ଙ୍କ ଦ୍ୱାରା **ଏଚ୍‌ଡ଼ିଏଫ୍‌ସି** ନିକଟରେ ଋଣ ଦେୟ ପରିଶୋଧ ନିମନ୍ତେ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି ବନ୍ଧକ ରଖାଯାଇଥିଲା ।

**ଏତଦ୍‌ଦ୍ୱାରା ଋଣଗ୍ରହୀତା(ମାନ)/ ଆଇନଗତ ଉତ୍ତରାଧିକାରୀ (ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଆଇନଗତ ପ୍ରତିନିଧି (ମାନଙ୍କ) ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ମୋଟ ବକେୟା ଦେୟ/ଲୋନ୍ ଆକାଉଣ୍ଟ ନଂ. | ଡ଼ିମାଣ୍ଡ ନୋଟିସ୍ | ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ସାହୁ | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୯,୮୪,୩୭୨/-✱ (ନଅ ଲକ୍ଷ ଚଉରାଅଶି ହଜାର ତିନି ଶହ ବାସ୍ତରି ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୦୪୮୭୮୫୪୦ | ୧୦.୧୧.୨୦୨୫ | "ସେଭେନ ହିଲ୍ସ ସାଣ୍ଡସ୍" ନାମକ ଅପାର୍ଟମେଣ୍ଟର ୫ମ ମହଲାରେ ଅବସ୍ଥିତ ଫ୍ଲାଟ୍ ଯାହାର ନଂ.: ୫୦୮୫, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୪୩୮.୩୩ ବର୍ଗଫୁଟ ସହିତ ଏକ କାର ପାର୍କିଂ ସ୍ଥାନ ଯାହାର ପ୍ଲଟ୍ ନଂ.: ୩୫୧, ଖାତା ନଂ.: ୩୬, ମୌଜା: ସିପାସରୁବାଲି, ଥାନା: ପୁରୀ ସଦର ନଂ.: ୭୮, ତହସିଲ: ପୁରୀ ସଦର, ଏସ୍‌ଆରଓ: ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ବଗିଚ଼ା, ପଶ୍ଚିମ: କରିଡର, ଉତ୍ତର: ଲିଫ୍ଟ ଏରିଆ, ଦକ୍ଷିଣ: ଫ୍ଲାଟ୍ ନଂ.: ୫୦୮୭ |
| ଋଣଗ୍ରହୀତା: ଶ୍ରୀ ବ୍ରଜ କିଶୋର ମିଶ୍ର | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୧୦,୨୧,୮୬୪/-✱ (ଦଶ ଲକ୍ଷ ଏକୋଇଶ ହଜାର ଆଠ ଶହ ଚଉଷଠି ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୧୭୭୭୬୧୧୯ | ୧୦.୧୧.୨୦୨୫ | "ଜଗନ୍ନାଥ ଓ୍ୱାରିୟର୍ସ ରେସିଡେନ୍ସି" ନାମକ ଅପାର୍ଟମେଣ୍ଟ, ବ୍ଲକ୍-ବି୧ର ୧ମ ମହଲାରେ ଅବସ୍ଥିତ ଫ୍ଲାଟ୍ ଯାହାର ନଂ.: ୧୦୬, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୭୦୨ ବର୍ଗଫୁଟ ସହିତ ଏକ କାର ପାର୍କିଂ ସ୍ଥାନ ଯାହାର ପ୍ଲଟ୍ ନଂ.: ୩୯୬, ୩୮୯, ୩୮୮/୭୩୬, ୩୯୦, ୩୮୯/୭୨୮, ୩୮୮/୭୨୭, ୩୮୭/୭୨୬, ୩୩୫/୭୨୫, ୩୩୪/୭୨୪, ଖାତା ନଂ.: ୨୩୭/୮୩, ୨୩୭/୬୫, ମୌଜା: କାଇମାଟିଆ, ଥାନା: ଜଟଣୀ ନଂ.: ୬୦, ତହସିଲ: ଜଟଣୀ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା |
| ଋଣଗ୍ରହୀତା: ଶ୍ରୀ ଘନଶ୍ୟାମ ନାୟକ, ଶ୍ରୀମତୀ ପ୍ରଭାସିନୀ ନାୟକ | ତା.୨୮.୦୨.୨୦୨୫ରିଖ ସୁଦ୍ଧା ଟ.୧୩,୩୫,୦୨୪/-✱ (ତେର ଲକ୍ଷ ପଇଁତିରିଶ ହଜାର ଚବିଶ ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୪୦୨୧୪୮୭୭ | ୨୭.୦୩.୨୦୨୫ | ୧ଟି ପ୍ଲଟ୍ ଯାହାର ସମୁଦାୟ ପରିମିତ କ୍ଷେତ୍ର: ୧୧୨୫ ବର୍ଗଫୁଟ, ପ୍ଲଟ୍ ନଂ.: ଏ/୧୨୧, ଏଲ୍‌ଆଇଜି କୋର ହାଉସିଂ ସ୍କିମ୍, ପ୍ରକାର: ଏଲ୍‌ଆଇଜି "ଏ", କୋର ହାଉସ୍‌ର ପ୍ଲିନ୍ଥ ଏରିଆ: ୩୯୮.୩୦ ବର୍ଗଫୁଟ, ତୁମୁଡୁମା, ଫେଜ୍-୫, ହାଉସିଂ ସ୍କିମ୍, ଖଣ୍ଡଗିରି, ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଏ-୧୧୯, ଦକ୍ଷିଣ: ଏ-୧୨୩, ପୂର୍ବ: ରାସ୍ତା, ପଶ୍ଚିମ: ଏ-୧୨୨ |

✱ଦେୟ ମୁକ୍ତ ଏବଂ / କିମ୍ବା ପରିଶୋଧ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୧୮% ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ସହିତ ।

ଯଦି କଥିତ ଋଣଗ୍ରହୀତାମାନେ **ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କକୁ** ଉପରୋକ୍ତ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ତେବେ **ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ** କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) / ସ୍ଥାବର ସମ୍ପତ୍ତି (ଗୁଡ଼ିକ) ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ) / ଆଇନଗତ ପ୍ରତିନିଧି(ମାନେ) ସମସ୍ତ ଆଇନଗତ ଖର୍ଚ୍ଚ / ଫଳାଫଳ ନିମନ୍ତେ ଦାୟୀ ରହିବେ ।

କଥିତ ଋଣଗ୍ରହୀତା(ମାନେ)/ ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ) କଥିତ ଆକ୍ଟ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକୁ) / ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଏଚ୍‌ଡ଼ିଏଫ୍‌ସିର** ଲିଖିତ ଅନୁମତି ବିନା କୌଣସି ପ୍ରକାରରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କୌଣସି ବ୍ୟକ୍ତି ଯଦି ଏହି ଆକ୍ଟର କିମ୍ବା ନିୟମର ଉପରୋକ୍ତ ଧାରାକୁ ଉଲଙ୍ଘନ କରି କାର୍ଯ୍ୟ କରନ୍ତି ତେବେ ଆଇନ ଅନୁଯାୟୀ ଜୋରିମାନା ଏବଂ / କିମ୍ବା କାରାଦଣ୍ଡ ନିମନ୍ତେ ଦାୟୀ ରହିବେ ।

**ପଞ୍ଜିକୃତ କାର୍ଯ୍ୟାଳୟ : ଏଚ୍‌ଡିଏଫ୍‌ସି ବ୍ୟାଙ୍କ ହାଉସ୍, ସେନାପତି ବାପଟ ମାର୍ଗ, ଲୋୟର ପାରେଲ୍ (ୱେଷ୍ଟ), ମୁମ୍ବାଇ - ୪୦୦୦୧୩**

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୨.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ



**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

**e- Procurement Notice**
**(VERY SHORT TENDER)**
**(3rd Call)**

**e-Tender Reference no.- RCD/SAHIBGANJ/76/2025-26**
**Dated : 05.02.2026**

| | | |
|---|---|---|
| 1 | Name of Work | **IRQP/Strengthening work of Lalbandh (MDR-210) to Mohanpur (NH-80) Road via Babupur and Jonka Link Road (Total length-14.305 KM) under Road Division, Sahibganj for the year 2024-25** |
| 2 | Estimated Cost (Rs) | **Rs. 9,09,08,833.00** (Rupees Nine Crores Nine Lacs Eight Thousand Eight Hundred Thirty Three and Zero Paise) Only. |
| 3 | Time of Completion | 05 (Five) Months |
| 4 | Last date / Time for receipt of bids | 23.02.2026 upto 12.00 Noon |
| 5 | Date of Publication of Tender on website | 09.02.2026 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website
http://jharkhandtenders.gov.in

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 372374 Road(25-26).D

**ସଂକ୍ଷେପରେ**

## ଆମ୍ବ ତୋଟାରୁ ଯୁବକଙ୍କ ମୃତଦେହ ଜବତ

ବୁଗୁଡ଼ା,୫।୨ (କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ିଆବୋରଦା ଗ୍ରାମ ନିକଟସ୍ଥ ଏକ ଆମ୍ବ ତୋଟାର ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ବେଲଗୁଣ୍ଠା ଥାନା ଅଧିନସ୍ଥ ଇନ୍ଦ୍ରଗଡ଼ ଗ୍ରାମର ଶ୍ରୀକାନ୍ତ କୁମାର ସ୍ୱାଇଁ। ଏନେଇ କେଶ୍ ନଂ. ୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଶ୍ରୀକାନ୍ତ ପିଲାବେଳୁ ଗୌଡିଆବୋରଦା ମାମୁ ଘରେ ରହୁଥିବା ବେଳେ ସେ କିଡନି ରୋଗରେ ଆକ୍ରାନ୍ତ ହୋଇଥିଲେ। ରୋଗକୁ ନେଇ ସେ ମାନସିକ ଚିନ୍ତାରେ ରହିଥିବା ବେଳେ ଜାନୁଆରୀ ୧୬ରୁ ନିଖୋଜ ଥିଲେ। ଗୁରୁବାର ସକାଳୁ ଗ୍ରାମର କିଛି ଲୋକ ଆମ୍ବ ତୋଟାକୁ ଯାଇଥିବା ବେଳେ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି ପରେ ଗଛରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ମାନସିକ ଅବସାଦରେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ଲୋକ ସନ୍ଦେହ କରୁଥିବା ବେଳେ ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ରଘୁନାଥ ସଂସ୍କୃତି ମଣ୍ଡପ ଉଦ୍‌ଘାଟିତ

କାଶୀନଗର,୫।୨ (ପି.ମୁରଲୀ)– ଗଜପତି ଜିଲା କାଶୀନଗର ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ରଘୁନାଥ ସଂସ୍କୃତି ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସମାବେଶରେ ବିଦ୍ୟାଳୟ ଅଧ୍ୟକ୍ଷା ସଂଯୁକ୍ତା ପାଢ଼ୀ ସଭାପତିତ୍ୱ କରିଥିଲେ। କାଶୀନଗର ଏନ୍‌ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମଣ୍ଡପ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ମଣ୍ଡପ ନିର୍ମାଣ ପାଇଁ ଜମି ଦାନ କରିଥିବା ଭୂପତି ଚିନ୍ନାୟା ଓ ମୁଖ୍ୟବକ୍ତା ଭାବେ କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର ଉପସ୍ଥିତ ଥିଲେ। ବିଭିନ୍ନ ପ୍ରକାର ସାଂସ୍କୃତିକ ଉତ୍ସବ ଆୟୋଜନ କରିବାରେ ଏହି ମଣ୍ଡପ ବେଶ୍ ଉପଯୋଗୀ ହେବ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଦିବଂଗତ ରଘୁନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟାପକ ଅଜିତ ପାଢ଼ୀ ସ୍ୱାଗତ ଭାଷଣ ସୂଚନା ଓ ଅଧ୍ୟାପକ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ।

## ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି,୫।୨ (ଗିରିଧାରୀ ପରିଛା):

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟ ୧୦୫ ବର୍ଷ ପୂରଣ କରିଛି। ଏଠାରେ ପଢ଼ିଥିବା ଛାତ୍ରୀମାନେ ଏବେ ଦେଶବିଦେଶରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ବିଦ୍ୟାଳୟର ସୁନାମ ଆଣିଛନ୍ତି । ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇ ଛାତ୍ରୀମାନଙ୍କୁ ଉଚ୍ଚ ସ୍ୱପ୍ନ ଦେଖିବାପାଇଁ କହିଥିଲେ। ସେ କହିଥିଲେ, ଏହି ପୁରାତନ ବିଦ୍ୟାଳୟର ଉନ୍ନତି ପାଇଁ ଯାହା ସହାୟତା ଆବଶ୍ୟକ ପୂରଣ କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନ ଶିକ୍ଷକ ଏସ. କିରଣ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପ୍ରାକ୍ତନ ପୌରାଧ୍ୟକ୍ଷ ନୃସିଂହ ଚରଣ ପଟ୍ଟନାୟକ, ଜିଲା ଉପଶିକ୍ଷା ଅଧିକାରୀ ଏସ. ଗିରିଧାରୀ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଜି ସୁଦର୍ଶନ ରାଓ, ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୫୦ ଜନସଂଖ୍ୟା ବିଶିଷ୍ଟ ୧୬ ଗାଁକୁ ହେବ ରାସ୍ତା

■ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ପଞ୍ଚାୟତିରାଜ ମନ୍ତ୍ରୀ

■ପାନୀୟ ଜଳ ପ୍ରକଳ୍ପ ଶୀଘ୍ର ନ ସାରିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୫।୨ (ଦିଲୀପ ସାମଲ):




ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବିଭାଗୀୟ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଞ୍ଜାମ ଜିଲାରେ ଏମଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା, ପ୍ରଧାନମନ୍ତ୍ରୀ ଜନମନ, ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଅନ୍ତର୍ଗତ ବାହ୍ୟ ମଳମୁକ୍ତ ଗ୍ରାମ, ରାସ୍ତା, ପୋଲ, ପାନୀୟ ଜଳ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ । ଜିଲାରେ ଯୋଜନା ଓ ପ୍ରକଳ୍ପଗୁଡିକର ଅଗ୍ରଗତି ହୋଇଥିବା ଜାଣିବା ପରେ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଲବଣାକ୍ତ ଜଳ ଯୋଗୁ ଜିଲାରେ ପାନୀୟ ଜଳ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସୁବଳ, ସୁନାପୁରଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ପାନୀୟ ଜଳ ପ୍ରକଳ୍ପଗୁଡିକୁ ୨/୩ ମାସ ମଧ୍ୟରେ ସାରିବା ପାଇଁ ସମ୍ପୃକ୍ତ ଏଜେନ୍ସିଗୁଡିକୁ ନିର୍ଦ୍ଦେଶ ଦେବା ସହ ଏଥିରେ ବ୍ୟତିକ୍ରମ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଗାଁ ଗୁଡିକୁ କିପରି ପଲିଥିନ ମୁକ୍ତ କରାଯାଇପାରିବ ସେ ନେଇ ସୁନ୍ଦରଗଡ ଜିଲା ପ୍ରଶାସନ ଭଳି ପ୍ରୟାସ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି । ଖୁବଶୀଘ୍ର ଏକ ଦଳ ସୁନ୍ଦରଗଡ ଜିଲା ଗସ୍ତ କରି ସେ ବିଷୟରେ ଅବଗତ ହେବେ । ସେହିପରି ଗ୍ରାମୀଣ ଆବାସ ଯୋଜନା ଉପରେ ମନ୍ତ୍ରୀ ଆଲୋକପାତ କରି କହିଛନ୍ତି ଯେ, ସମସ୍ତ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ପକ୍କା ଘର ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଗଞ୍ଜାମ ଜିଲାର ୧୫୦ ଜନସଂଖ୍ୟା ବିଶିଷ୍ଟ ୧୬ଟି ଦୂରବର୍ତ୍ତୀ ଗାଁକୁ ଆସନ୍ତା ବର୍ଷ ସୁଦ୍ଧା ରାସ୍ତା ପହଞ୍ଚିବ । ଏହାର ଡିପିଆର ପ୍ରସ୍ତୁତି ଚାଲିଛି। ଖୁବଶୀଘ୍ର ରାସ୍ତା ହେବ ଏବଂ ଜନସାଧାରଣ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି । ବୈଠକରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲାପାଳ ଭି. କୀର୍ତି ଭାସନ, ଜିଲା ପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବରିଷ୍ଠ ବିଭାଗୀୟ ଅଧିକାରୀ ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଟ୍ରାଫିକ ଭିଡରେ ଫଶିଲେ ଛାତ୍ରୀଛାତ୍ର

## ଭୋକରେ କଲବଲ, ଘଣ୍ଟାଏ ପରେ ମୁକୁଳିଲେ




ରମ୍ଭା,୫।୨ (ବନବାସୀ ସେଠୀ)

ରମ୍ଭା ସହରର ମୁଖ୍ୟ ରାସ୍ତାରେ ଗୁରୁବାର ଅପରାହ୍ନ ୧.୩୦ ମିନିଟରେ ଟ୍ରାଫିକ ଜାମ ହୋଇଥିଲା। ଫଳରେ ଏହି ସମୟରେ ସ୍କୁଲରୁ ଫେରୁଥିବା କୁନିକୁନି ଛାତ୍ରୀଛାତ୍ରମାନେ ଟ୍ରାଫିକ ଭିଡରେ ଫଶି ରହିଥିଲେ। ଦୀର୍ଘ ସମୟ ଧରି ଛାତ୍ରୀଛାତ୍ରମାନେ ସେଠାରେ ଭୋକରେ ରହିଥିବା ଦେଖିବାକୁ ମିଳିଥିଲା। ଏକ ଘଣ୍ଟା ପରେ ଏକ ଥଣ୍ଡା ପାନୀୟ ଗାଡିକୁ ଠେଲି ସାଇଟ୍ କରିବାକୁ ସ୍କୁଲ ବସ୍‌କୁ ରାସ୍ତା ମିଳିଥିଲା। ଛାତ୍ରୀଛାତ୍ରମାନେ ସେମାନଙ୍କ ଘର ଅଭିମୁଖେ ଯାଇଥିଲେ। ଖବରରୁ ଜଣାପଡିଛି,

ଖବରରୁ ଜଣାପଡିଛି, ଗୁରୁବାର ସକାଳ ସମୟରୁ ସହରର ମୁଖ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱରେ ଥଣ୍ଡା ପାନୀୟ ଗାଡି ରହିଥିବା ବେଳେ ଅନ୍ୟ ପାର୍ଶ୍ୱରେ ଏକ କାର (ନଂ. ଓଡ଼ି ୩୩ ଏଭି–୯୧୫୪) ରହିଥିଲା। ଫଳରେ ଯାତାୟାତରେ ଗାଡି ଚଳାଚଳ ଅସୁବିଧା ହେଉଥିଲା। ଏହି ଦୁଇ ଗାଡି ଏପରି ରହିଥିବା ବେଳେ ରାସ୍ତା କଡରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ପାଖକୁ ବିଭିନ୍ନ ସାମଗ୍ରୀ ପାଇଁ ଆସୁଥିବା ଲୋକେ ଦୋକାନ ସମ୍ମୁଖରେ ସେମାନଙ୍କ ଗାଡିମାନ ରଖି ଦେଇ କିଣାକିଣି କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଦ୍ୱିପହରରେ ବିଦ୍ୟାଳୟ ଛୁଟି ପରେ ସ୍କୁଲ ବସ୍‌ରେ ଆସୁଥିବା ପିଲାମାନେ ଟ୍ରାଫିକ ଭିଡ ଭିତରେ ଫଶି ଯାଇଥିଲା। ବାରମ୍ବାର ରାସ୍ତା ସମ୍ପ୍ରସାରଣ ପାଇଁ ଦାବି ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ହେତୁ ସର୍ବଦା ଏହି ରାସ୍ତାରେ ଭିଡ ହେଉଛି। ଛାତ୍ରୀଛାତ୍ରମାନେ ଘଣ୍ଟାଘଣ୍ଟା ଧରି ଭିଡରେ ଫଶି ରହୁଛନ୍ତି। ତୁରନ୍ତ ଟ୍ରାଫିକ ଭିଡ କମ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ମହେନ୍ଦ୍ରଗିରିରେ ୧୪ରୁ ଜାଗର ଯାତ୍ରା

ପାରଳାଖେମୁଣ୍ଡି,୫।୨ (ଗିରିଧାରୀ ପରିଛା):


ପ୍ରସ୍ତୁତି ବୈଠକରେ ଆଲୋଚନା ଚାଲିଛି।

ଗଜପତି ଜିଲାର ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ପର୍ବତ ଶିଖରରେ ଚଳିତବର୍ଷ ଆଡମ୍ବରରେ ମହାଶିବରାତ୍ରି ପାଳନ କରାଯିବ। ଏଥିନିମନ୍ତେ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥବୀରାଜ ମଣ୍ଡଳ, ଉପଜିଲାପାଳ ଅନୁପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୪ ଓ ୧୫ ତାରିଖରେ ଦୁଇ ଦିନଧରି ମହେନ୍ଦ୍ରଗିରି ପର୍ବତ ଶିଖରରେ ମହାଶିବରାତ୍ରୀ ଅବସରରେ ଜାଗର ଯାତ୍ରା ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରଯାଇଥିଲା। ମହେନ୍ଦ୍ରଗିରିରେ ମହାଶିବରାତ୍ରିରେ ଠାକୁର ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ତେଣୁ ରାସ୍ତାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯିବ। ସେହିପରି ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୧୦ ଟଙ୍କାର ସୁଲଭ ଦରରେ ପ୍ରସାଦ ବିକ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି। ମହେନ୍ଦ୍ରଗିରି ଶିଖର ମଧ୍ୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ଯୋଗାଇ ଦିଆଯିବ। ପର୍ବତ ଶିଖରରେ ଯାନବାହାନ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସେହିପରି କୁନ୍ତୀ ମନ୍ଦିର ଓ ଯୁଧିଷ୍ଠିର ମନ୍ଦିର ଦର୍ଶନ ପାଇଁ ପ୍ରତି ମନ୍ଦିର ପିଛା ୨୦ ଟଙ୍କା ରଖାଯାଇଛି। ପ୍ରବଳ ଜନସମାଗମକୁ ଆଖି ଆଗରେ ରଖି ପୋଲିସ ଫୋର୍ସ ନିୟୋଜିତ ରହିବେ। ଅଗ୍ନିଶମ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହିବେ। ସେହିପରି ଚିକିତ୍ସା ପାଇଁ ମେଡିକାଲ ଟିମ ନିୟୋଜିତ ରହିବା ସହିତ ଔଷଧ ସାମଗ୍ରୀ ରଖି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୁରୁଖତ ଠାରୁ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ଆଲୋକ ବ୍ୟବସ୍ଥା କରାଯିବ। ପର୍ବତ ଶିଖରେ ମାଦକ ଦ୍ରବ୍ୟ ନିଷେଧ କରାଯାଇଛି। ଜିଲାପାଳପ୍ଲାଷ୍ଟିକ ବ୍ୟବାହର ଉପରେ କଟକଣା ଜାରି କରିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ,ଉପଖଣ୍ଡ ପୋଲିସ ଅଧିକାରୀ ପାରଳାଖେମୁଣ୍ଡି ମାଧବ ନନ୍ଦ ନାୟକ, ତହସିଲଦାର ରାୟଗଡ଼ ସୁକାନ୍ତ ପ୍ରଧାନ, ରାୟଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକଙ୍କ ସମେତ ରାୟଗଡ଼ା ବ୍ଲକର ସମସ୍ତ ଜନପ୍ରତିନିଧି ଓ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଚିକିଟି,୫।୨ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିଗଡ଼ ସ୍ଥିତ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଦୀର୍ଘ ୮ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଡ.ଭବାନୀ ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାହିଁକି ଏହି ତାଲିମ ଶିବିର କରାଯାଏ ସେନେଇ ଆଲୋକପାତ କରିଥିଲେ। ଏହି ଶିବିରରେ ପ୍ରାୟ ୧୫୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ମମତା ପ୍ରଧାନଙ୍କ ଠାରୁ ଆତ୍ମସୁରକ୍ଷା କୌଶଳ ଶିକ୍ଷା ପ୍ରାପ୍ତ କରିଥିଲେ। ଏହି ଶିବିରରେ ଶିଖିଥିବା ଆତ୍ମସୁରକ୍ଷା କୌଶଳ ପ୍ରଦର୍ଶନ କରିବା ସହ ଏଥିରେ ଯୋଗଦେଇ ସେମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି ପାଇଛି ବୋଲି ଛାତ୍ରୀମାନେ କହିଥିଲେ। ଆଇଆରପିଏମ ବିଭାଗ ମୁଖ୍ୟ ଅଧ୍ୟାପକ ସୁନୀଲ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ସଶକ୍ତ କରିବା ସମ୍ଭବପର ହୋଇପାରୁଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଡ.ସୁଜାତା ସାମନ୍ତରାୟ ଓ ଅଧ୍ୟାପିକା ରଶ୍ମିତା ଶବର ଶିବିର ପରିଚାଳନା କରିଥିଲେ।

# କ. ନୂଆଗାଁରେ ହିନ୍ଦୁ ସମ୍ମିଳନୀ

କ.ନୂଆଗାଁ,୫।୨ (କାଳୀ ପ୍ରସାଦ ତ୍ରିପାଠୀ):

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକର ଗହିଙ୍ଗିଆ ଯଜ୍ଞ ମଣ୍ଡପଠାରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପୂର୍ବରୁ ପ୍ରଥମେ ଯଜ୍ଞ ଓ ପ୍ରବଚନ ହୋଇଥିଲା । ନୀଳକଣ୍ଠ ପାଇକଙ୍କ ସଭାପତିତ୍ୱରେ ଆୟୋଜିତ ବୈଦ୍ଧିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାମେଶ୍ୱର ବିଶିମାଝୀ, ଅତିଥି ଭାବେ ତପୋବନ ଆଶ୍ରମ ଆଚାର୍ଯ୍ୟ ବୈକୁଣ୍ଠ ପ୍ରଧାନ, ବିକ୍ରମ ବିଶିମାଝି, ତପସ୍ୱିନୀ ଦାସ, ଜିଲା କାର୍ଯ୍ୟବାହ ଅରବିନ୍ଦ ପ୍ରଧାନ, ଜିଲା ସହ ସଂଘଚାଳକ କୁବେର କହଁର, ଜିଲା ପ୍ରଚାରକ କର୍ଣ୍ଣ ପ୍ରଧାନ, ଧର୍ମ ଜାଗରଣ ପ୍ରମୁଖ ଗୁରୁରାମ ପାତ୍ର, ସଂସ୍କାର ଭାରତୀ ପ୍ରମୁଖ ବିଚିତ୍ରା ନନ୍ଦ ପ୍ରଧାନ, ଜିଲା ସାମାଜିକ ସଦଭାବନା ସଂଯୋଜକ ବିରେନ୍ଦ୍ର ପ୍ରଧାନ, ଚଣାପଦର ନାମ ଗୁରୁ କୃଷ୍ଣ ବେହେରା, କୁଇ ସମାଜର ବ୍ଲକ ରଲ୍ଲି ମଲ୍ଲିକ ପ୍ରମୁଖ ଯୋଗଦେଇ ହିନ୍ଦୁ ସମାଜର ଏକତା, ବର୍ତ୍ତମାନ ପରିସ୍ଥିତିରେ ସମାଜରେ ନାଗରିକର କର୍ତ୍ତବ୍ୟ, ସ୍ୱଦେଶୀ ଜିନିଷର ବ୍ୟବହାର, ଜଳ ସଂରକ୍ଷଣର ଗୁରୁତ୍ୱ ବିଷୟରେ କହିଥିଲେ। ଭାଜପା ଜିଲା ସଭାପତି ପଣ୍ଡିତ କୁମାର ବିଶି ମାଝୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ମାର୍ଗ ଦର୍ଶନ ଦେଇଥିଲେ । ମଣ୍ଡଳ ସଭାପତି ନିଗମାନନ୍ଦ ପୁଜାରୀ, ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, କୁତୁତୁଲି ସରପଞ୍ଚ ଶ୍ରୀଚନ୍ଦ୍ର ପ୍ରଧାନ, ଶରତ କୁମାର ବିଶିମାଝୀ ପ୍ରମୁଖ ସହଯୋଗ କରିଥିଲେ। ଜୟବାନ ପ୍ରଧାନ ମଞ୍ଚ ପରିଚାଳନା କରିଥଲେ।

# ଜିଲାସ୍ତରୀୟ ଭାରତ ସ୍କାଉଟ, ଗାଇଡ ଶିବିର ଉଦ୍‌ଘାଟିତ

ଦାରିଙ୍ଗବାଡ଼ି, ୫।୨ (ଅରୁଣ ସାହୁ)



ଅତିଥିମାନେ ମଶାଲ ଗ୍ରହଣ କରୁଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ୍ ସିମନବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ୨୨ତମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ ଶିବିର ଉଦ୍‌ଘାଟିତ ହୋଇଛି। ଏହା ୩ ଦିନ ଧରି ଚାଲିବାକୁ ଥିବାବେଳେ ଗୁରୁବାର ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା କରାଯାଇଥିଲା। ପରେ ଏହାକୁ କନ୍ଧମାଳ ଜିଲା ଶିକ୍ଷା ଅଧିକାରୀ ତଥା ସ୍କାଉଟର ଜିଲା ମୁଖ୍ୟ କମିଶନର ରାଜେଶ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫୁଲବାଣୀ ଏଜେଓ ଉଚ୍ଚବିଦ୍ୟାଳୟର ଖେଳଶିକ୍ଷକ ତଥା ସ୍କାଉଟ ଓ ଗାଇଡର ଡିସିଓ ରାକେଶ ବିଶୋଇ ମଞ୍ଚ ସଂଯୋଜନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସିମନବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର ପଟ୍ଟନାୟକ, ଜିଲା ସ୍କାଉଟ ଗାଇଡର ସୁଶ୍ରୀ ପୁନମ, ସହ ସମ୍ପାଦକ ରଙ୍କନିଧି ବେହେରା, ସ୍କାଉଟ ଓ ଗାଇଡର ଜିଲା ସମ୍ପାଦକ ସଞ୍ଜୟ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଉଦଘାଟନୀ ଉତ୍ସବରେ ସ୍କାଉଟ ଓ ଗାଇଡ କ୍ୟାମ୍ପରେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ କନ୍ଧମାଳ ଜିଲାରେ ୨୧ ବର୍ଷ ଧରି ବିଭିନ୍ନ ବ୍ଲକ୍‌ରେ ଆୟୋଜନ କରାଯାଇଥିବା ବେଳେ ଦାରିଙ୍ଗବାଡ଼ି ବ୍ଲକରେ ଏହା ପ୍ରଥମଥର ଆୟୋଜିତ ହୋଇଛି। ସେହିପରି ସ୍କାଉଟ ଓ ଗାଇଡ କେବେ ଠାରୁ ଆରମ୍ଭ ଓ ୧୯୧୦ ମସିହାରୁ ଏହାକୁ ଗ୍ରହଣ କରିଥିବା କୁହାଯାଇଥିଲା। ଏହି ଶିବିରର ୩ ଦିନ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାରର ଖେଳ, କୁଦ ତାଲିମ ପ୍ରଦାନ କରାଯିବ। ପ୍ରଥମ ଦିନରେ ୭୭ଟି ବିଦ୍ୟାଳୟର ୩୯୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ସ୍କାଉଟର ୧୮୦ ଓ ଗାଇଡ ୧୧୮ ଜଣ ଅଂଶ ଗ୍ରହଣ କରିଥିବା ବେଳେ ଗାଇଡ କ୍ୟାପଟେନ ୨୨ ଏବଂ ୬୨ ଜଣ ସ୍କାଉଟ ମାଷ୍ଟର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀଙ୍କ ସମେତ ସିମନବାଡ଼ି ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଞ୍ଜଳୀ ପ୍ରଧାନ, ସ୍ମିତାରାଣୀ ମହାପାତ୍ର, ଦୀପ୍ତି ନାୟକ ସନିତା ପ୍ରଧାନ, ବନ୍ଦନା ଜେନା, ସାମନ୍ତ ପ୍ରଧାନ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ରି କଥାମୃତ

ବୁଗୁଡ଼ା,୫।୨ (କାଳି ଚରଣ ଦାଶ)

ଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର, ପ୍ରସାର ଓ ବିଶ୍ୱକଲ୍ୟାଣ ନିମନ୍ତେ ବୁଗୁଡ଼ା ବ୍ଲକ୍ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ଲୋକନାଥପୁର ଗ୍ରାମରେ ଶନିବାର ଠାରୁ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ପଞ୍ଚରାତ୍ରି କଥାମୃତ କାର୍ଯ୍ୟକ୍ରମ ବୁଧବାର ଉଦଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦାନ କରି ପ୍ରତ୍ୟେକ ରାତିରେ ଜଗନ୍ନାଥଙ୍କ କଥାମୃତ ପ୍ରଦାନ କରୁଥିବା ବେଳେ ସଂଖ୍ୟକ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ। ଦୈନିକ ବେଦିକ ରୀତିନୀତିରେ ପୂଜାପାଠ ସହିତ ଘୃତଯଜ୍ଞ, ପାରାୟଣ ଓ ଅନ୍ନଯଜ୍ଞ ଯୋଗୁ ଗ୍ରାମରେ ଶ୍ରଦ୍ଧାଳୁଙ୍କ ସମାବେଶ ହେଉଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ଜଗନ୍ନାଥଙ୍କ କଥାମୃତ ଶ୍ରବଣ କରିବା ସହ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ପ୍ରାକ୍ତନ ଆସିକା ଏମ୍‌ପି ଲଡୁକିଶୋରଙ୍କ ଶ୍ରାଦ୍ଧବାର୍ଷିକୀ



କବିସୂର୍ଯ୍ୟନଗର/ଆସିକା,୫।୨ (କୃପାସିନ୍ଧୁ ସ୍ୱାଇଁ/ସୁରେନ୍ଦ୍ରନାଥ ସାହୁ):

କବିସୂର୍ଯ୍ୟନଗର ପଥରାସ୍ଥିତ ବାସଭବନଠାରେ ଗୁରୁବାର ଆସିକାର ପ୍ରାକ୍ତନ ଏମ୍‌ପି ଲଡୁକିଶୋର ସ୍ୱାଇଁଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାର ବହୁ ବିଜେଡି ନେତା, କର୍ମକର୍ତ୍ତା ଓ ଶୁଭେଚ୍ଛୁ ଲଡୁକିଶୋରଙ୍କ ବାସଭବନକୁ ଆସିଥିଲେ। ସେଠାରେ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଶୋକସଭା ହୋଇଥିଲା। ମହିଳା ସଂକୀର୍ତ୍ତନ ଦଳ ଦ୍ୱାରା ଭଜନ, ଜଣାଣ ଓ ପ୍ରାର୍ଥନା ହୋଇଥିଲା। ମହିଳା ସଂକୀର୍ତ୍ତନ ଦଳକୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ସ୍ୱାଇଁ ଏକାଧାରରେ ଜଣେ ଶିକ୍ଷାବିତ, ସୁସଂଗଠକ, ଦରଦୀ, ମିଷ୍ଟଭାସି, ପରୋପକାରୀ ଥିଲେ ବୋଲି ନେତାମାନେ କହିଥିଲେ। ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଚନ୍ଦ୍ରଶେଖର ସାହୁ, ପ୍ରମିଳା ବିଷୋୟୀଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଇଁ ପରିବାର ପକ୍ଷରୁ ସହଧର୍ମିଣୀ ତଥା ପ୍ରାକ୍ତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୁଅ ନଚିକେତା ସ୍ୱାଇଁ ଓ ଅଶ୍ୱିନୀ ସ୍ୱାଇଁ , ଜ୍ୟୋତିମୟୀ, ମମତା ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ବିଜୟୀ

**ରାଜ୍ୟସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍**

ବାଲିଗୁଡ଼ା,୫।୨ (ସଞ୍ଜୟ କୁମାର ପାଣିଗ୍ରାହୀ)


ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି

ବାଲିଗୁଡ଼ା ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ କ୍ୱାଟର ଫାଇନାଲରେ ଦୋସ୍ତି ବ୍ରଦର ସୁନ୍ଦରଗଡ଼ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇ ସୁନ୍ଦରଗଡ଼ ଦଳ ୧–୦ ଗୋଲରେ ବିଜୟୀ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ସମୀର ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କ୍ରୀଡ଼ାବିତ ମୃତ୍ୟୁଞ୍ଜୟ ପ୍ରଧାନୀ, ଯୁବ ଆଇନଜୀବୀ ବି.ଶ୍ରୀକାନ୍ତ, ତୃପ୍ତି ରେଷ୍ଟରାର ସତ୍ୟାଧିକାରୀ ଶ୍ରୀଧର ପାଳ, ଉପଦେଷ୍ଟା ଶେଖ ସାଦିକ, ଉପ ସଭାପତି ସତ୍ୟ ନାରାୟଣ ପାଢ଼ୀ, ସମ୍ପାଦକ ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଖେଳକୁ ଉଦ୍‌ଘାଟନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସୁନ୍ଦରଗଡ଼ର ଖେଳାଳୀ ଅଶାନ୍ତ କେରକେଟାଙ୍କୁ ଘୋଷଣା କରାଯାଇଥିଲା। ଦ୍ୱିତୀୟ କ୍ୱାଟର ଫାଇନାଲ ଖେଳକୁ ମୁଖ୍ୟ ରେଫେରୀ ଭାବେ ଜିତେନ୍ଦ୍ର ସ୍ୱାଇଁ, ଶଶାଙ୍କ ପ୍ରଧାନ, ଶମ୍ଭୁ ନାଥ ମଲ୍ଲିକ ଓ କାମାକ୍ଷା ପ୍ରସାଦ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଉପଦେଷ୍ଟା ମଣ୍ଡଳୀର ଦେବବ୍ରତ ସିଂ ଦେଓ, ସୁରେନ୍ଦ୍ର କୁମାର ପାତ୍ର, ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ରଞ୍ଜିତ ମହାନ୍ତି, କ୍ରୀଡା ସମ୍ପାଦକ ଶିବାନନ୍ଦ ପଟ୍ଟନାୟକ, ଗଙ୍ଗାଧର ପଣ୍ଡା, ପ୍ରଶାନ୍ତ ସାହୁ, କ୍ରୀଡା ଆୟୋଜକ ଉପଦେଷ୍ଟା ମଣ୍ଡଳୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଭିତ୍ତିଚିତ୍ର କର୍ମଶାଳା

ଖଲ୍ଲିକୋଟ,୫।୨ (ପ୍ରଶାନ୍ତ କୁମାର ମିଶ୍ର):



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖଲ୍ଲିକୋଟ ସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଭିତ୍ତିଚିତ୍ର କର୍ମଶାଳା ଚାଲିଛି। ୭ ଦିନିଆ ଏହି କର୍ମଶାଳାକୁ ବୁଧବାର ଅନୁଷ୍ଠାନର ଅଧ୍ୟକ୍ଷ ଦେବୀ ପ୍ରସାଦ ଦାଶ ଓ ବିଶେଷଜ୍ଞ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ବାରାଣାସୀର ଚିତ୍ରକଳା ବିଭାଗର ପ୍ରଫେସର ସୁରେଶ କେ. ନାୟର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଉଦଘାଟନୀ ସଭାରେ ଭାସ୍କର୍ଯ୍ୟକଳା ବିଭାଗର ଅଧ୍ୟାପକ ସୋମନାଥ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ଆନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଚିତ୍ରଶିଳ୍ପୀ ପ୍ରଫେସର ନୟାରଙ୍କ କଳାଯାତ୍ରା ଓ କଳା ନିପୁଣତା ସମ୍ପର୍କରେ କହିଥିଲେ। ଅଧ୍ୟାପକ ବିପିନ ବିହାରୀ ମାର୍ଥା ସ୍ୱାଗତ ଭାଷଣ ଦେଇଥିଲେ। ବିଶେଷଜ୍ଞ ପ୍ରଫେସର ନାୟର ତାଙ୍କ ଅନୁଭୂତିକୁ ବ୍ୟାଖ୍ୟା କରିବା ସହ ଏହି ମହାବିଦ୍ୟାଳୟରେ ଏକ ବିଶାଳ ଭିତ୍ତିଚିତ୍ର ପ୍ରସ୍ତୁତ ନିମନ୍ତେ ତାଙ୍କୁ ନିମନ୍ତ୍ରିତ କରାଯାଇଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ସ୍ଲାଇଡ୍ ଶୋ ମାଧ୍ୟମରେ ତାଙ୍କର ବିଭିନ୍ନ କଳାକୃତି ପ୍ରଦର୍ଶିତ କରିବା ସହ ଛାତ୍ରୀଛାତ୍ରଙ୍କ ସହ କଳାର ଚର୍ଚ୍ଚା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବୀ ପ୍ରସାଦ ଦାଶ ଉକ୍ତକର୍ମଶାଳାର ରୂପରେଖ ବିଶେଷଜ୍ଞଙ୍କ କାର୍ଯ୍ୟ ଦକ୍ଷତା ଉପରେ କହିଥିଲେ। ଅନୁଷ୍ଠାନର ୭୦ବର୍ଷ ପୂର୍ତ୍ତି ଅବସରରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ ତ୍ରିନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଅଧ୍ୟାପକ ଜ୍ୟୋତିଷ ଦେବତା, ଆସୁମିତା ନାଏକ, କୁମାରୀ ଦୀପାଳି ଦେବସ୍ମିତା ଦାସ, ପ୍ରତ୍ୟୁଷ କୁମାର ଚୌଧୁରୀ, ତୀତଶ ଦଳବେହେରା, ଦିନେଶ କୁମାର ସାହୁ, ଦିପ୍ତି ରଞ୍ଜନ ଓଝା, କୁମାରୀ ସମିରା ଶ୍ରୀ ନାଏକ, ପ୍ରଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ, ବିପିନ ସେଠି ଓ ସମସ୍ତ ଛାତ୍ରୀଛାତ୍ର କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ।

# ସିଟି କଲେଜରେ ଉଦ୍ୟମ ଦକ୍ଷତା ବିକାଶ କୌଶଳ କାର୍ଯ୍ୟକ୍ରମ

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ପରିସରରେ କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ଉଦ୍ୟମ ଦକ୍ଷତା ବିକାଶ କୌଶଳ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। କାର୍ଯ୍ୟକ୍ରମରେ ସଭାପତି ରୂପେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟନ୍ତ ବାନାର୍ଜୀ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ଓ ସ୍ୱରୋଜଗାରକ୍ଷମ ହେବାପାଇଁ ପରାମର୍ଶ ଦେଇଥିଲେ। ନୂତନ ଚିନ୍ତାଧାରାରେ ଦିକ୍ଷୀତ ହୋଇ ଭବିଷ୍ୟତ ଗଠନ କରିବାପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଭାରତ ସରକାରଙ୍କ ପଂଜୀକୃତ ସୂକ୍ଷ୍ମଲଘୁ ଏବଂ ମଧ୍ୟମ ମନ୍ତ୍ରାଳୟ ବିକାଶ ଆୟୁକ୍ତ ଦ୍ୱାରା ନିଯୁକ୍ତି ପ୍ରାପ୍ତ କରିଥିବା ପ୍ରଶିକ୍ଷକ ଅଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଦୁଇଟି ପର୍ଯ୍ୟାୟରେ ୫୦ ଦିନ ଧରି ଶିକ୍ଷାଗ୍ରହଣ କରିଥିଲେ ଏବଂ ତାଙ୍କରି ପରାମର୍ଶରେ ଓମ ପଣ୍ଡା ଗ୍ରୁପ ସ୍ମାର୍ଟ ସିଡି ଓ ରୁଦ୍ର ପ୍ରସାଦ ଗ୍ରୁପ ସ୍ମାର୍ଟ ଡଷ୍ଟବିନର ନୂତନ ନମୁନା ପ୍ରଦର୍ଶନ କରିଥିଲେ । ଏହି ପରିପ୍ରେକ୍ଷୀରେ ଅନ୍ୟଛାତ୍ରମାନେ ଉଦ୍ୟୋଗ ସମ୍ପର୍କିତ ବିଭିନ୍ନ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଆଇ.ଟି ବିଜ୍ଞାନ ବିଭାଗର ମୁଖ୍ୟା ମଧୁସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଏବଂ ବାଣିଜ୍ୟ ବିଭାଗର ଅଧ୍ୟାପକ ଲେଫ୍‌ଟନାଣ୍ଟ ମେଘନାଦ ପ୍ରଧାନ କୋର୍ଡିନେଟର ରୂପେ ସହଯୋଗ କରିଥିଲେ। କମ୍ପ୍ୟୁଟର ବିଭାଗର ଅନ୍ୟତମ ଅଧ୍ୟାପକ ସତ୍ୟଜିତ ପଣ୍ଡା ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମରେ ପରାମର୍ଶ ତଥା ସହଯୋଗ କରିବାସହ ଧନ୍ୟବାଦ ଦେଇଥିଲେ।

# ୧୧ରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ

## ୨ୟ ପର୍ଯ୍ୟାୟରେ ୨ କୋଟି ଟଙ୍କା ଖର୍ଚ୍ଚ ହେବ



ଅଧିକାରୀମାନେ ଅସ୍ଥାୟୀ ବସଷ୍ଟାଣ୍ଡ ଅନୁଧ୍ୟାନ କରୁଛନ୍ତି।

ବ୍ରହ୍ମପୁର,୫।୨(ଅଶୋକ କୁମାର ସାହୁ)

ବ୍ରହ୍ମପୁରର ଟ୍ରାଫିକ ସମସ୍ୟା ବଢ଼ି ବଢ଼ି ଚାଲିଛି। ପୂର୍ବରୁ ଏହାର ସମାଧାନ କରିବା ପାଇଁ ଉଦ୍ୟମ ହେଉଥିଲେ ବି ତାହା କୌଣସି ନା କୌଣସି କାରଣରୁ ହୋଇପାରୁନଥିଲା। ତେବେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କ ଉଦ୍ୟମରେ ବହୁ ବିତର୍କ ପରେ ଫାଷ୍ଟଗେଟ ନିକଟରେ ଏକ ଅସ୍ଥାୟୀ ବସଷ୍ଟାଣ୍ଡର ପରିକଳ୍ପନା କରାଯାଇଥିଲା। ସେହି ସ୍ଥାନରେ ଓପିଟିସିଏଲର କିଛି ଜାଗା ଓ ଗୃହ ଥିଲା। ସେହି ଜାଗାରେ ଅସ୍ଥାୟୀ ବସଷ୍ଟାଣ୍ଡ କରିବାକୁ ସ୍ଥିର କରାଯାଇ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଜରିଆରେ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ସେଠାରେ ବସ ରହଣୀ ସ୍ଥାନ, ବିଦ୍ୟୁତୀକରଣ, ଜଳ ଯୋଗାଣ, ଯାତ୍ରୀ ବିଶ୍ରାମାଗୃହ ଆଦି ନିର୍ମାଣ ହୋଇଛି। ବିଇଏମସି ଦାୟିତ୍ୱରେ ବର୍ତ୍ତମାନ ଏହା ରହିଛି। ଗତ ମାସ ୧୫ ତାରିଖରେ ଏହା କାର୍ଯ୍ୟକ୍ଷମ ହେବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ବିଇଏମସି ପକ୍ଷରୁ କରାଯାଇଥିଲା। କିନ୍ତୁ ମହୋତ୍ସବ ପଡିଯିବାରୁ ଅଧିକାରୀମାନେ ସେପଟେ ବ୍ୟସ୍ତ ରହିଥିବା ଯୋଗୁ ଏଥିରେ ବିଳମ୍ବ ଘଟିଲା ବୋଲି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି। ଇଚ୍ଛାପୁର ପଟୁ ଗୋସାଇଁନୂଆଗାଁ ଦେଇ ସହର ଭିତରକୁ ଯାତ୍ରୀବାହୀ ବସ ଆସୁଥିବାବେଳେ ସେପଟେ ଦିଗପହଣ୍ଡି ପଟୁ ସହର ଭିତରକୁ ବସ୍‌ଗୁଡିକ ଆସୁଥିଲା। ଉକ୍ତ ରାସ୍ତାରେ ସବୁବେଳେ ଟ୍ରାଫିକ ଜାମ ହେଉଥିଲା। ବେଳେବେଳେ ଦୁର୍ଘଟଣା ବି ଘଟୁଥିଲା। ବିଶେଷ କରି ଗେଟ ବଜାର ଫ୍ଲାଇ ଓଭର ନିର୍ମାଣ ଚାଲିଥିବାରୁ ସେହି ରାସ୍ତାରେ ଯାତ୍ରୀମାନେ ନିଶ୍ୱାସ ମାରିପାରୁନାହାନ୍ତି। ସହର ସମ୍ପୂର୍ଣ୍ଣ ଅଣନିଃଶ୍ୱାସୀ ହୋଇପଡୁଛି। ତେଣୁ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ ଅନେକ ମାତ୍ରାରେ ଟ୍ରାଫିକ ସମସ୍ୟାରେ ସୁଧାର ଆସିପାରିଥାନ୍ତା। ଗତ ମାସରେ ଏହା କାର୍ଯ୍ୟକ୍ଷମ କରିବାକୁ ସମସ୍ତ ଯୋଜନା ସରିଥିଲା। ଏ ସଂକ୍ରାନ୍ତରେ ବିଇଏମସି କମିଶନର ରାଜଶିର୍କେଙ୍କୁ ପଚାରିବାରୁ ସେ କହିଲେ ଯେ, ଏହା କାର୍ଯ୍ୟକ୍ଷମ କରିବାକୁ ହେଲେ ଘରୋଇ ବସ ମାଲିକ ସଂଘ, ଘରୋଇ ବସ ୱାର୍କସ ଆସୋସିଏସନ ଓ ଡ୍ରାଇଭର ଆସୋସିଏସନ ସହିତ ଆଲୋଚନା କରିବାକୁ ପଡିଥିଲା। ସେମାନେ କହିଲେ ଯେ ଉକ୍ତ ଅସ୍ଥାୟୀ ବସଷ୍ଟାଣ୍ଡରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହ ଦରକାର। ତାହା ବି କରାଗଲା। ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବି ଦେଢ଼ କୋଟି ଟଙ୍କା ବ୍ୟୟରେ କରାଯାଇଛି। ପ୍ରଥମ ପର୍ଯ୍ୟାୟ କାମ ସରିଛି। ମହୋତ୍ସବ ପଡିଯିବାରୁ ବିଳମ୍ବ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨ କୋଟି ଟଙ୍କା ବ୍ୟୟରେ ବଳକା କାର୍ଯ୍ୟ କରାଯିବ। ବସଷ୍ଟାଣ୍ଡକୁ ପରିଚାଳନା ପାଇଁ ଆସନ୍ତା ୭ ତାରିଖରେ ଟେଣ୍ଡର ଖୋଲାଯିବ। ଅନ୍ୟପକ୍ଷରେ ଯେଉଁବସ୍‌ଗୁଡିକ ଇଚ୍ଛାପୁର ପଟୁ ଆସୁଛି ସେଗୁଡିକ ଅନ୍ଧପସରା ଦେଇ ବାଲୁଙ୍କେଶ୍ୱର ମନ୍ଦିର ଦେଇ ଫାଷ୍ଟଗେଟ ଆସୁଥିବାରୁ ସେଠାରେ ସମସ୍ୟା ଦେଖାଦେଇଥିଲା। ତାହା ବି ସମାଧାନ ହୋଇଛି। ତେଣୁ ଆସନ୍ତା ୧୧ ତାରିଖରେ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଥିଲେ।



ଗଞ୍ଜାମ ଜିଲା ବିଜେଡିର ନୂତନ କାର୍ଯ୍ୟକାରୀ ସଭାପତି ଭାବେ ଡ.ଭଗବାନ ଗନ୍ତାୟତ ନିଯୁକ୍ତ ହୋଇଥିବାରୁ ହିଲପାଟଣା ଏସ୍‌ଏମ୍‌ଆଇଟି ସମ୍ମିଳନୀ କକ୍ଷରେ ତାଙ୍କୁ ଶୁଭେଚ୍ଛା ଦିଆଯାଉଛି। ବ୍ରହ୍ମପୁର ମେୟର, ଡେପୁଟି ମେୟର ଓ ବହୁ କର୍ପୋରେଟର ଉପସ୍ଥିତ ଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ଖେଳକୁଦ ପ୍ରତିଯୋଗିତା

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ଗ୍ରାଉଣ୍ଡରେ ପିଜି ସମୂହ ବିଭାଗ ପକ୍ଷରୁ ୪୮ତମ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ହୋଇଥିଲା । ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଏହାକୁ ଉଦଘାଟନ କରିଥିଲେ। କ୍ରୀଡ଼ା ଦ୍ୱାରା ଉଚ୍ଚଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ମିଳିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ପ୍ରସନ୍ନ କୁମାର ଦୀକ୍ଷିତ,କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ଧ୍ରୁବ ଚରଣ ପଣ୍ଡା,ଡ଼.ପବିତ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ପୁରୁଷ ବର୍ଗରେ ୧୧ ଓ ମହିଳା ବର୍ଗରେ ୧୦ ପ୍ରତିଯୋଗିତା ହୋଇଥିଲା। ଜଗନ୍ନାଥ ଚୌଧୁରୀ, ସଚ୍ଚିଦାନନ୍ଦ ଦାଶ, ସୁନିତା ପାତ୍ର, ରାଜେଶ ମହାନ୍ତି, ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଟୁକୁ ସେଠୀ, ବିନୋଦ କୁମାର ଦୋରା, ଅରକ୍ଷିତ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ରାମ ନାରାୟଣ ସାହୁ, ଧନେଶର ଦାସ, ସନ୍ତୋଷ କୁମାର ବିଷୋୟୀ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

# ଆଇନଜୀବୀଙ୍କୁ ମାଡ଼ ମାରି ଟଙ୍କା, ସୁନା ଲୁଟ୍

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ)ଲାଠୀ ଗ୍ରାମର ଆଇନଜୀବୀ ବାଳକୃଷ୍ଣ ଚୌଧୁରୀଙ୍କୁ ମାଡ ମାରି ତାଙ୍କ ଅଫିସ୍‌ରୁ ଟଙ୍କା ଓ ପିନ୍ଧିଥିବା ସୁନା ଲୁଟ ହୋଇଛି। ରେ ରହୁଥିବା ଜଣେ ଆଇନଜୀବୀ ଙ୍କୁ ମାଡ ମାରି ତାଙ୍କ ଅଫିସରୁ ଟଙ୍କା ଓ ସେ ପିନ୍ଧିଥିବା ସୁନା ମୁଦି ଲୁଟି ନେଇଛନ୍ତି। ସେ ଏନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଗତ ୧ ତାରିଖ ଜଣେ ଯୁବକ ଉକ୍ତ ଆଇନଜୀବୀଙ୍କୁ ତାଙ୍କ ଅଫିସ ପାଖକୁ ଫୋନ କରି ଡାକିଥିଲା। ସେ ଯିବା ପରେ ତାଙ୍କୁ ଧମକ ଦେଇଥିଲା। ସେ ପ୍ରତିବାଦ କରିବାରୁ ତାଙ୍କ ଖଣ୍ଡା ଦେଖାଇ ଭୟଭୀତ କରିଥିଲା। ପରେ ବାଳକୃଷ୍ଣ ଅଫିସକୁ ଯିବା ପରେ ଅଫିସ ଭିତରକୁ ଯାଇ ଦୁର୍ବୃତ୍ତ ଜଣଙ୍କ ତାଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲା। ଦୁର୍ବୃତ୍ତ ଓ ତାଙ୍କର ସହଯୋଗୀ ଆଇନଜୀବୀଙ୍କୁ ଆକ୍ରମଣ କରି ୨୦ ହଜାର ଟଙ୍କା ଓ ସେ ପିନ୍ଧିଥିବା ସୁନା ମୁଦି ନେଇଯାଇଥିଲେ। ତାଙ୍କ ମୋବାଇଲ ବି ଭାଙ୍ଗି ଦେଇଥିଲେ। ପରେ ପରେ ଆଇନଜୀବୀ ଜଣଙ୍କ ୧୧୨ କୁ ଫୋନ କରିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ୩ ଦିନ ପରେ ସେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତ ଜଣଙ୍କ ପୂର୍ବରୁ ଲାଠୀ ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ଖଣ୍ଡା ଦେଖାଇ ଭୟଭୀତ କରିବା ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲେ। ସେ ଏବେ ଜାମିନରେ ଥିବା ବେଳେ ଜଣେ ଆଇନଜୀବୀଙ୍କୁ ଆକ୍ରମଣ କରିଥିବା ଘଟଣାକୁ ସାଧରଣରେ ନିନ୍ଦା କରାଯାଉଛି।

# ଧରାପଡ଼ିଲେ ୬ ଜଣିଆ ଆନ୍ତଃରାଜ୍ୟ ଠକ ଗ୍ୟାଙ୍ଗ୍

## ୪ ବାଇକ୍, ୨୫ ବୋତଲ ନକଲି ‘ଏ ଟୁ ଜେଡ୍ କ୍ଲିନର୍’ ଜବତ

ବ୍ରହ୍ମପୁର, ୫।୨(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଗୁରୁବାର ଆନ୍ତଃରାଜ୍ୟ ଠକ ଗ୍ୟାଙ୍ଗର ୬ ଜଣଙ୍କୁ କାବୁ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ନେହାଟୁର ଥାନା ଅନ୍ତର୍ଗତ କାୟାସ୍ଥାନର ସାନୁ ସିଂ , ତେଲେଙ୍ଗାନା କେ.ଭି. ରାଙ୍ଗାରେଡ୍ଡୀ ଜିଲାର ହରମିତ ସିଂ, ଉତ୍ତରପ୍ରଦେଶର ପରମଜିତ ସିଂ, ମନେନ୍ଦ୍ର ସିଂ, ଅମନ ରାଜା ଓ ତେଲେଙ୍ଗାନାର ଗୁରୁପ୍ରିତ ସିଂ ଓରଫ ବିଙ୍କଲ। ଅଭିଯୁକ୍ତମାନେ ‘ଏ ଟୁ ଜେଡ୍ କ୍ଲିନର୍’ ନାମରେ ବହୁମୁଖୀ କ୍ଲିନିଂ ପ୍ରଡକ୍ଟ ପ୍ରଚାର କରି ୪୫୦ ଟଙ୍କାରେ ବିକ୍ରି କରି ଲୋକଙ୍କୁ ଠକୁଥିଲେ ପୋଲିସ ଜେରା ବେଳେ ଜାଣିବାକୁ



ପାଇଛି। ‘ଇଣ୍ଡିଆନ ହର୍ବାଲ ପ୍ରଡକ୍ଟ’ ଓ ‘ଏ ଟୁ ଜେଡ କ୍ଲିନର୍’ ନାମରେ ନକଲି ଉତ୍ପାଦ ବିକ୍ରି କରି ସାଧାରଣ ଲୋକଙ୍କୁ ଠକୁଥିବା ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ କାବୁ କରାଯାଇଥିଲା ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୪ଟି ବାଇକ୍, ୧୩,୧୦୦ ଟଙ୍କା, ୨୫ ବୋତଲ ତରଳ ପଦାର୍ଥ, ୪୦୦ ଖାଲି ବୋତଲ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ମାମଲା ନଂ.୫୩/୨୬ରେ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଉତ୍ପାଦ ‘ଏ ଟୁ ଜେଡ କ୍ଲିନର୍’ରେ କାଚ, ବାସନ, ଟିଭି, ଫ୍ରିଜ, ଆସବାବପତ୍ର, ମାର୍ବଲ, ଟାଇଲ୍ସ, ସୋଫା, ପିତଳ, ରୂପା ଆଦି ସଫା ପାଇଁ କାମରେ ଆସିବ ବୋଲି ଅଭିଯୁକ୍ତମାନେ ମିଛ ଆଶ୍ୱାସନା ଦେଉଥିଲେ। ପ୍ରତ୍ୟେକ ବୋତଲକୁ ୪୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ମ୍ୟାନୁଫାକ୍ଚରିଂ ତାରିଖ ଜାନୁଆରୀ ୨୦୨୫, ଏକ୍ସପାୟାର ତାରିଖ ନ ଥିଲା।


ଭା.କ.ନି. C.C.I.

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ, ରାୟଗଡ଼ା**
ପ୍ଲଟ ନଂ. ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା – ୭୬୫୦୦୧ (ଓଡ଼ିଶା)
ମୋବାଇଲ ଆପ୍ କପାସ କିସାନ

ସଂଖ୍ୟା: ଭାକନି/ରାୟଗଡ଼ା/୨୦୨୫–୨୬ ତାରିଖ: ୦୫.୦୨.୨୦୨୬

**କପା ଚାଷୀମାନଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ ବର୍ତ୍ତମାନ ଫସଲ ବର୍ଷ ୨୦୨୫–୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।
କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପା ଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ।
ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟ୍‌ସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./– ଶାଖା ପ୍ରମୁଖ



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, TITILAGARH**
No.25001/29/2526
E-Mail ID : eerw_titilagarh@yahoo.co.in

**e-Procurement Notice**

Letter No. 1220 Date : 31.01.2026

**IFB IDENTIFICATION NO. EETIG-online-18/2025-26**

1. Name of the work : **Road Work**, 2. Total No. of works : **01 (One) No.**, 3. Approximate Estimated Cost : **Rs.89.00 lakh**, 4. Time for completion : **01 (One) calendar month**, 5. Mode of Submission of tender : **Tender should be submitted online in www.tenders.ori.nic.in**, 6. Other details are as follow : **As per TCN No. EETIG-online-18/2025-26.**

| Procurement Officer | Bid Identification No. | Availability of Tender on line for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W. Divn., Titilagarh | EETIG-Online-18/2025-26 | 09.02.2026 at 11.00 A.M. | 18.02.2026 upto 5.00 P.M. | 17.02.2026 to 11.00 A.M. | 19.02.2026 at 11.00 A.M. | The date will be intimated to the technically qualified bidders |

• Further details can be seen from the website www.tenders.ori.nic.in
• Any Corrigendum/Addendum will be displayed in the above e tender website only.

Sd./- Executive Engineer
R.W. Division, Titilagarh

OIPR-25001/25078/1/25-26/0029



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, GUNUPUR**
E-mail : eerwgunupur@gmail.com

**e-Procurement Notice**

No.25001/34/2526

**Bid Identification No. : EERWGNP - Online - 11/2025-26**

**No.:476 / Date : 03.02.2026**

1. Name of the Work : Repair & Maintenance of Road Works, 2. Total No. of Works : 02 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Gunupur | EERWGNP-Online-11/2025-26 | 07.02.2026 at 10.00 A.M. | 16.02.2026 upto 5.00 P.M. | 13.02.2026 upto 2.00 P.M. | 17.02.2026 at 10.00 A.M. | Will be intimated later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur

OIPR-25001/25170/1/25-26/0034



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank
Together for the better

ମଣ୍ଡଳ କାର୍ଯ୍ୟାଳୟ : ବ୍ରହ୍ମପୁର, ୨ୟ ମହଲା, ଶିବ ଆର୍କେଡ୍, ଟାଟା ବେଞ୍ଚ ସ୍କୋୟାର, ବ୍ରହ୍ମପୁର-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**[ରୁଲ ୮(୧)] ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ମାଧ୍ୟମରେ ଦର୍ଶିତ ଅର୍ଥ ରାଶି ସହିତ ଲାଗୁହୋଇନଥିବା ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର//ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲକୁ** ନେଇଛନ୍ତି। **ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା ୮ ଅନୁସାରେ ତାଙ୍କର ସୁରକ୍ଷିତ ସମୟମତେ ବନ୍ଧକ ମୁକ୍ତ କରନ୍ତୁ।** ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର//ବନ୍ଧକଦାତାମାନଙ୍କୁ ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଶେରଗଡ଼ ଶାଖା (୭୪୨୩୦୦) /** **ଋଣଗ୍ରହୀତା: ସ୍ୱ ବାଞ୍ଛାନିଧି ପଟ୍ଟନାୟକ,** ପିତା: ଶିବରାମ ପଟ୍ଟନାୟକ, ତାଙ୍କୁ ପ୍ରତିନିଧିତ୍ୱ କରୁଥିବା **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ତାରିଣୀସେନ ପଟ୍ଟନାୟକ,** ପିତା: ସ୍ୱ ବାଞ୍ଛାନିଧି ପଟ୍ଟନାୟକ, **୨) ଶ୍ରୀମତୀ ମହାଦେଇ ପଟ୍ଟନାୟକ,** ସ୍ୱାମୀ: ସ୍ୱ ବାଞ୍ଛାନିଧି ପଟ୍ଟନାୟକ, **୩) ଶ୍ରୀ ରାଜକୁମାର ପଟ୍ଟନାୟକ,** ପିତା: ସ୍ୱ ବାଞ୍ଛାନିଧି ପଟ୍ଟନାୟକ, **୪) ଶ୍ରୀମତୀ ଦମୟନ୍ତୀ ଦାଶ,** ପିତା: ସ୍ୱ ବାଞ୍ଛାନିଧି ପଟ୍ଟନାୟକ, **୫) ଶ୍ରୀମତୀ ରାଧା ପଟ୍ଟନାୟକ,** ସ୍ୱ ବାଞ୍ଛାନିଧି ପଟ୍ଟନାୟକଙ୍କ ବୋହୂ (ପିତା: ସ୍ୱ ଦିଲ୍ଲୀପ କୁମାର ପଟ୍ଟନାୟକ) / **ସହ-ଋଣଗ୍ରହୀତା: ଶ୍ରୀ ତାରିଣୀସେନ ପଟ୍ଟନାୟକ,** ପିତା: ସ୍ୱ ବାଞ୍ଛାନିଧି ପଟ୍ଟନାୟକ, ସମସ୍ତଙ୍କ ଠିକଣା- ସା/ଗ୍ରାମ: ହରେକୃଷ୍ଣପୁର, ପୋ: ଶେରଗଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୬ | ୨୫.୦୮.୨୦୨୫ / ୦୩.୦୨.୨୦୨୬ | ୩୧.୦୭.୨୦୨୫ ସୁଦ୍ଧା ଟ.୭,୨୯,୦୬୫.୪୪ ଯୁକ୍ତ ୦୧.୦୮.୨୦୨୫ ଠାରୁ ସେବାବଦ ପରବର୍ତ୍ତୀ ସୁଧ | **ସ୍ୱ ବାଞ୍ଛାନିଧି ପଟ୍ଟନାୟକ,** ପିତା: ଶିବରାମ ପଟ୍ଟନାୟକ (ମୃତକ), ତାଙ୍କୁ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: **(୧) ଶ୍ରୀମତୀ ମହାଦେଇ ପଟ୍ଟନାୟକ,** ସ୍ୱାମୀ: ସ୍ୱ ବାଞ୍ଛାନିଧି ପଟ୍ଟନାୟକ, **(୨) ଶ୍ରୀ ତାରିଣୀସେନ ପଟ୍ଟନାୟକ (ସହ-ଋଣଗ୍ରହୀତା), (୩) ରାଜକୁମାର ପଟ୍ଟନାୟକ,** ଉଭୟଙ୍କ ପିତା: ସ୍ୱ ବାଞ୍ଛାନିଧି ପଟ୍ଟନାୟକ, **(୪) ଦମୟନ୍ତୀ ଦାଶ,** ପିତା: ସ୍ୱ ବାଞ୍ଛାନିଧି ପଟ୍ଟନାୟକ, **(୫) ରାଧା ପଟ୍ଟନାୟକ:** ପିତା: ସ୍ୱ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଗିରି, ତହସିଲ/ଥାନା: ଶେରଗଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୫୮, ପ୍ଲଟ୍ ନଂ.: ୭୨, କ୍ଷେତ୍ର: ଏକର୦.୦୫୫ ଡିସିମିଲି କିମ୍ବା ୦.୦୨୨ ହେକ୍ଟର |

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୨.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ


# ମହୁଡ଼ା ଭୈରବୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିକଟ ମହୁଡା ଭୈରବୀ ଉଚ୍ଚବିଦ୍ୟାଳର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଧନୁ ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଅଧ୍ୟକ୍ଷ କାମରାଜୁ ମହାରଣା, ସମ୍ମାନିତ ଅତିଥି ରୂପେ ମହୁଡା ଫାର୍ମାସିଷ୍ଟ ମହାବିଦ୍ୟାଳୟରଆଧ୍ୟକ୍ଷ ଡ଼କ୍ଟର ଦେବାଶିଷପଣ୍ଡା, ମୁଖ୍ୟ ବକ୍ତା ରୂପେ ଆରଏସ ଏସର ଜିଲା ବିଭାଗ ବିମର୍ଶ ସଂଯୋଜକ ରାମପ୍ରସାଦ ପଟ୍ଟନାୟକ,ଗଞ୍ଜାମର ବିଶିଷ୍ଟ କଣ୍ଠଶିଳ୍ପୀ ମନୋଜ କୁମାର ପାଣିଗ୍ରାହୀ,ସ୍ଥାନୀୟ ସରପଞ୍ଚ ସୁଦେଷ୍ଣା ସାହୁ ଯୋଗ ଦେଇ ଛାତ୍ରୀଛାତ୍ର ମାତାପିତାଙ୍କୁ ଭକ୍ତି କରିବାକୁ କହିଥିଲେ।ପ୍ରାରମ୍ଭରେ ସ୍କୁଲ ପ୍ରତିଷ୍ଠାତା ସ୍ୱର୍ଗତ ଉଦ୍ଧବ ବିଶୋଇଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୁଦର୍ଶନ ମଣ୍ଡଳ ବିଦ୍ୟାଳୟ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ନାୟକ, ସୁନନ୍ଦା ମଧୁସ୍ମିତା କୁଁଅର, ବିଷ୍ଣୁପ୍ରିୟା ସାହୁ, ଶିକ୍ଷକ ଆଶିଷ କୁମାର ପାଢ଼ୀ, ନିଶିଥ କୁମାର ପ୍ରଧାନ, ଲାଲମୋହନ ନାହାକ, ବିଜୟ ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

ଶେରଗଡ଼,୫।୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ହାଟବନ୍ଧ ହୁଡାରେ ମୁନିକା ଗଛରୁ ମୁନିକା ତୋଳିବାକୁ ଯାଇ ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଶେରଗଡ଼ ଗ୍ରାମର ସୂର୍ଯ୍ୟ ବେହେରା (୫୨)। ସୂର୍ଯ୍ୟ ଗୁରୁବାର ସକାଳ ୭ଟା ବେଳେ ହାଟବନ୍ଧ ହୁଡାରେ ଥିବା ଏକ ମୁନିକା ଗଛରେ ଚଢି ମୁନିକା ତୋଳୁଥିବା ବେଳେ ଉକ୍ତ ଗଛକୁ ଲାଗି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଶେରଗଡ ଡାକ୍ତରଖାନା, ବ୍ରହ୍ମପୁର ଓ ପରେ ଭୁବନେଶ୍ୱର ପଠାଯାଇଥିଲା।


5001/1/2526

ଓଡ଼ିଶା ସରକାର
ଅର୍ଥ ବିଭାଗ

**ଚିଟ୍ ଫଣ୍ଡ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ସମ୍ବନ୍ଧୀୟ ବିଶେଷ ସୂଚନା**

**ଏତଦ୍ୱାରା ସୂଚାଇ ଦିଆଯାଉଛି ଯେ, ପୂର୍ବରୁ ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟାର ଶେଷ ତାରିଖ ୩୧ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା । ତେବେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କେତେକ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରି ପାଇନାହାଁନ୍ତି । ଅବଶିଷ୍ଟ ଜମାକାରୀଙ୍କ ସୁବିଧା ନିମନ୍ତେ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସମସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଉଛି ।**

**(କ) କେଉଁମାନେ ଏହି ସୁଯୋଗର ସୁଫଳ ପାଇବେ ?**

୧. ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ।
୨. ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ।

**(ଖ) ଜମାକାରୀମାନେ ସେମାନଙ୍କର ଆବେଦନ ପତ୍ରର ସ୍ଥିତି କିପରି ଜାଣି ପାରିବେ ?**

ନିଜ ଜିଲ୍ଲାର ସରକାରୀ websiteରେ ଫେରସ୍ତ ପାଇ ନଥିବା ଜମାକାରୀ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି । ଏତଦ୍ ବ୍ୟତିତ, ମାନ୍ୟବର ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / Affidavit ନମ୍ବର ଏବଂ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କର ନାମ / Application ନମ୍ବର www.opid.odisha.gov.in ରେ ଦେଇ, ସେମାନଙ୍କର ଆବେଦନ ପତ୍ରର ବର୍ତ୍ତମାନ ସ୍ଥିତି ସଂପର୍କରେ ଜାଣି ପାରିବେ ।

**(ଗ) ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ରଜମାକାରୀ କଣ କରିବେ ?**

ଜମାକାରୀ ମାନେ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (R.I.)ଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି ।

୧. ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ ଇତ୍ୟାଦି ।
୨. ମୂଳ ଜମା ରସିଦ୍ (Original Money Receipts) ।
୩. ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଯଥା ଖାତା ନମ୍ବର, ବ୍ୟାଙ୍କ ନାମ, IFSC (ବି: ଦ୍ର- କେବଳ ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଆବେଦନକାରୀଙ୍କ ପାଇଁ ଉଦ୍ଦିଷ୍ଟ) ।

**ଅର୍ଥ ବିଭାଗ, ଓଡିଶା ସରକାର**

***

OIPR-5001/5001/1/25-26/0001

## ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

**ଢେଙ୍କିକୋଟ,୫।୨(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଘଟଗାଁ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ବାନ୍ଧବୀଙ୍କୁ ଜବରଦସ୍ତି ବଳାତ୍କାର କରି ଯୁବକ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଘଟଗାଁ ଥାନା ଅନ୍ତର୍ଗତ ମଣତା ଗ୍ରାମର ବାଦଲ ସାହୁ(୨୩)। ଯୁବତୀ ଓ ବାଦଲ ଭଲ ବନ୍ଧୁ ଥିଲେ। ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବାରୁ ବାନ୍ଧବୀ ବାଦଲଙ୍କଠାରୁ ଟଙ୍କା ମାଗିଥିଲେ। ବାଦଲ ଟଙ୍କା ଦେବାକୁ ୨୬ ଡିସେମ୍ବର ୨୦୨୫ରେ ଘଟଗାଁ ବସ୍‌ଷ୍ଟାଣ୍ଡକୁ ଡାକିଥିଲେ। ସେଠାରୁ ଯୋଜନାବଦ୍ଧ ଭାବେ ଲଜ୍‌କୁ ନେଇ ବଳାତ୍କାର କରିଥିଲେ। ଏହାର ଭିଡିଓ ଉତ୍ତୋଳନ କରି ବ୍ଲାକ୍‌ମେଲିଂ କରିଥିଲେ। ମାନସିକ ଦୁଶ୍ଚିନ୍ତାରେ ଯୁବତୀ ଜଣକ ରହିଥିଲେ। ତେଣୁ ଗତ ଜାନୁଆରୀ ୨ରେ ଅଭିଯୋଗ କରିଥିଲେ। ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏକ ମାମଲା(ନଂ.୨୬/୨୬) ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ଶୁଭ୍ରାନ୍ତ ଜେନା କହିଛନ୍ତି।

# ୧୪ ଅଭିଯୁକ୍ତଙ୍କ ତଥ୍ୟ ପ୍ରଦାନ କଲା କ୍ରାଇମବ୍ରାଞ୍ଚ

**ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପରିଚାଳନା ଅନିୟମିତତା ମାମଲା**

**କଟକ,୫।୨(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପରୀକ୍ଷା-୨୦୨୪ ପରିଚାଳନାରେ ଅନିୟମିତତା ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କମିଶନରେଟ ପୋଲିସକୁ ପ୍ରଦାନ କରିଛି। ହାଇକୋର୍ଟ ଏଏସଓ ପରୀକ୍ଷା ପରିଚାଳନା ଅନିୟମିତତା ମାମଲାରେ ଥିବା ଅଭିଯୁକ୍ତ ପୋଲିସ ଏସ୍‌ଆଇ ପରୀକ୍ଷା ଅନିୟମିତତାରେ ସାମିଲ ଥିବାରୁ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ତଥ୍ୟ ପ୍ରଦାନ କରିବାକୁ କ୍ରାଇମବ୍ରାଞ୍ଚକୁ ଚିଠି ଲେଖାଯାଇଥିଲା। ତଦନୁସାରେ ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡର ମାଲିକ ଶଙ୍କର ପୃଷ୍ଟିଙ୍କ ସମେତ ୧୪ଜଣଙ୍କ ତଥ୍ୟ କମିଶନରେଟ ପୋଲିସକୁ କ୍ରାଇମବ୍ରାଞ୍ଚ ପ୍ରଦାନ କରିଛି। ଏଥିରେ ସମସ୍ତ ଅଭିଯୁକ୍ତଙ୍କ ନାମ, ଠିକଣା, କଲ ଡିଟେଲ ରେକର୍ଡ, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ, ଇଣ୍ଟରନେଟ ପ୍ରୋଟୋକଲ ଡିଟେଲ ରେକର୍ଡ, ମୋବାଇଲ ନମ୍ବର ଆଦି ସଂକ୍ରାନ୍ତୀୟ ତଥ୍ୟ କ୍ରାଇମବ୍ରାଞ୍ଚ ଦେଇଥିବା ଜଣାଯାଇଛି।

ସୂଚନାନୁସାରେ, ଏକ ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା ପରିଚାଳିତ ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପ୍ରଶ୍ନପତ୍ରର ମଡେଲ ଉତ୍ତର ଲିକ ଏବଂ ଅନୁଚିତ ଉପାୟ ବ୍ୟବହାର ସମେତ ପରୀକ୍ଷାର ପରିଚାଳନାରେ ଅନିୟମିତତା ହୋଇଥିବା ସମ୍ପର୍କରେ ଲାଲବାଗ ଥାନାରେ ହାଇକୋର୍ଟ ପକ୍ଷରୁ ପ୍ରଦତ୍ତ ଏତଲାକୁ ନେଇ ମାମଲା ପଞ୍ଜୀକୃତ ହୋଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪)/୩୧୬(୨)/୩୧୬(୫)/୧୧୧/୬୧(୨)/୩(୫) ଧାରା ଲାଗୁ କରାଯାଇଛି। ଫୋନ ରେକର୍ଡ ବିଶ୍ଳେଷଣ ସମେତ ବୈଷୟିକ ତଦନ୍ତ, ଏଜେନ୍ସି ଅଧିକାରୀ, ମଧ୍ୟସ୍ଥି ଏବଂ ପ୍ରାର୍ଥୀଙ୍କ ମଧ୍ୟରେ ସନ୍ଦେହଜନକ ଯୋଗାଯୋଗ ଲିଙ୍କ ସଂକ୍ରାନ୍ତରେ ପୋଲିସ ତଦନ୍ତରେ ଉନ୍ମୋଚନ କରିଛି। ଲାଲବାଗ ଥାନା ପୋଲିସ ଡକ୍ୟୁମେଣ୍ଟାରି, ଡିଜିଟାଲ ଏବଂ ବୈଷୟିକ ପ୍ରମାଣ ଆଧାରରେ ୬ଜଣ ଅଭିଯୁକ୍ତଙ୍କୁ ଗତ ୩୧ ତାରିଖରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶକ୍ତି ବିହାରର ହିମାଂଶୁ ଶେଖର ଦାସ, ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନ ବିହାର ଡୁଆଲ ହାଇଟ ଆପାର୍ଟମେଣ୍ଟର ଶ୍ରୀଧାରା ମନ୍ତ୍ରୀ, ଭୁବନେଶ୍ୱର ଖଣ୍ଡଗିରି ଥାନା ଡୁମଡୁମାର ଆଲୋକ ସାହୁ, ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ମଣିଖମ, ମୋତିଗଞ୍ଜର ନିର୍ମଳାୟ କୁମାର ଦାସ, କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ନିସ୍ତିପୁରର ଗଙ୍ଗାଧର ଜେନା ଓ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ବ୍ରାହ୍ମଣଛାଇର ଜ୍ୟୋତିର୍ମୟୀ ସାହୁ। ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର ଅନୁଧ୍ୟାନ କରାଯାଉଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ଏବଂ ବ୍ୟାପକ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ମା'**

**ଫୁଲବାଣୀ,୫।୨(ରାକେଶ କୁମାର ରାଉତ)**

ଫୁଲବାଣୀ ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଝିଅକୁ ଶାଶୁଘର ଲୋକେ ନିର୍ଯାତନା ଦେଇ ହତ୍ୟା କରିଥିବା ମା' ବଲାଙ୍ଗୀର ଅଞ୍ଚଳର କବିତା ରାଣୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏ ନେଇ ସେ ସଦର ଥାନାରେ ଏତଲା ଦେଇଛନ୍ତି।

କବିତା ରାଣୀଙ୍କ ଝିଅ ପ୍ରିୟମ୍ବଦା ୨୦୨୦ରେ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ମଜୁରିବିଡାର ଅରବିନ୍ଦ ମହାନ୍ତିଙ୍କୁ ବିବାହ କରିଥିଲେ। ବିବାହର ୨ ବର୍ଷ ପରେ ଶାଶୁଘର ଲୋକେ ପ୍ରିୟମ୍ବଦାଙ୍କୁ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏ ନେଇ ପ୍ରିୟମ୍ବଦା ସ୍ୱାମୀଙ୍କୁ ଜଣାଇବାରୁ ସେ ୫୦ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଚାପ ପକାଇଥିଲେ ବୋଲି କବିତା ରାଣୀ ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୧ ତାରିଖରେ ପ୍ରିୟମ୍ବଦା ଅସୁସ୍ଥ ହେବାରୁ ଶାଶୁଘର ଲୋକେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ କବିତାରାଣୀ ବ୍ରହ୍ମପୁର ମେଡିକାଲକୁ ଯାଇଥିଲେ। ୨ ତାରିଖରେ ପ୍ରିୟମ୍ବଦାଙ୍କ ମୃତ୍ୟୁ ହୋଇଥିଲା। କବିତାରାଣୀ ଅଭିଯୋଗ କରିଛନ୍ତି ଯେ, ଶାଶୁଘରେ ଝିଅଙ୍କୁ ପ୍ରବଳ ମାଡ ସହିତ ବ୍ଲଡପ୍ରେସର ବଟିକା ଖୁଆଇବା ପରେ ଅଚେତ ଅବସ୍ଥାରେ ବ୍ରହ୍ମପୁର ମେଡିକାଲ ଆଣିଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ପ୍ରିୟମ୍ବଦାଙ୍କ ମା'ଙ୍କ ଏତଲା ଆଧାରରେ ସଦର ଥାନାରେ ନଂ.୩୨/୨୬ରେ ଅନ୍ୟ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି। କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ କରାଯାଉଥିବା ସେ ସୂଚନା ଦେଇଛନ୍ତି।

## ୭ ସୁନା ଚେନ, ଗୋଟିଏ ବାଇକ୍ ଜବତ: ୩ ଗିରଫ

**ମଙ୍ଗୁଳି-ଜଗତପୁର/ ଚୌଦ୍ୱାର,୫।୨ (ମାନସ ସାମଲ/ଆଶୁତୋଷ ଦାସ)**

ଚୌଦ୍ୱାର ପୋଲିସ ଜଣେ ସୁନାଚେନ୍ ଲୁଟେରା ଓ ୨ଜଣ ବଣିଆଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଲୁଟେରା ହେଲେ କଟକ ଜିଲା ନେମାଳ ଥାନା ଅଧୀନ ବଳରାମପୁର ଗ୍ରାମର ବିଶାଳ ମଲ୍ଲିକ (୨୨), ୨ ବଣିଆ ହେଲେ ମର୍କତନଗର ଥାନା ଅଧୀନ ସିଡିଏ ସେକ୍ଟର ୭ ଅଞ୍ଚଳର ପ୍ରଭାକର ସାମନ୍ତ ଓ ମାହାଙ୍ଗା ଥାନା ଅଧୀନ ଭାରଙ୍ଗ ଗ୍ରାମର ହରେକୃଷ୍ଣ ସାହୁ ଓରଫ କାହ୍ନୁ (୩୧)। ସେମାନଙ୍କ ନିକଟରୁ ପୋଲିସ ୭ଟି ସୁନା ଚେନ (୯୭ ଗ୍ରାମ) ଓ ଗୋଟିଏ ବାଇକ୍ ଜବତ କରିଛି। ପୋଲିସ ଅନୁଯାୟୀ, ସନ୍ଧ୍ୟାରାଣି ପତି ତାଙ୍କ ସ୍ୱାମୀଙ୍କ ସହିତ ବିରୂପା ବ୍ରିଜ ନିକଟ ପରିବା ମାର୍କେଟକୁ ଯାଇ ଘରକୁ ଫେରୁଥିଲେ। ଲକ୍ଷ୍ମଣପୁର ନିକଟରେ ୨ଜଣ ଯୁବକ ଏକ ବାଇକ୍‌ରେ ପଛପଟୁ ଆସି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିବା ସହ ସହିତ ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଯାଞ୍ଚ ପରେ ୨୦୨୫ ଜାନୁଆରୀରେ ଚୌଦ୍ୱାର ଓ ଝାରପଡ଼ା ଜେଲରୁ ମୁକୁଳିଥିବା ଉପରୋକ୍ତ ଲୁଟେରାଙ୍କୁ ଦେଖିବାକୁ ମିଳିଥିଲା। ସନ୍ଦେହରେ ସେମାନଙ୍କୁ ଗିରଫ କରି ପଚରାଉଚରା ସମୟରେ ଅଭିଯୁକ୍ତମାନେ ଚୌଦ୍ୱାର, ଜଗତପୁର, ସଦର ଥାନା ଅଞ୍ଚଳ ସହିତ କଟକ, ଭୁବନେଶ୍ୱର ଅନ୍ୟାନ୍ୟ ଥାନା ଅଞ୍ଚଳରେ ସୁନା ଚେନ ଛିନତାଇ ଏବଂ ଡକାୟତି ମାମଲାରେ ସମ୍ପୃକ୍ତି ଥିବା ଜଣାପଡିଥିଲା। ପୂର୍ବରୁ ସେମାନଙ୍କ ନାମରେ ଚୌଦ୍ୱାର, ଜଗତପୁର, ସଦର ଥାନାରେ ୬ଟି ମାମଲା ରହିଛି।

## ହତ୍ୟାକାରୀ କାହ୍ନାଙ୍କୁ ଆଜୀବନ ଜେଲ

**ମହିଳାଙ୍କୁ ଛୁରି ଭୁସି ହତ୍ୟା ମାମଲା**

**ଭୁବନେଶ୍ୱର,୫।୨(ତ୍ରିନାଥ ମହାନ୍ତି)**



ନନ୍ଦ କଶୋର ଓଝା ଓରଫ କାହ୍ନା।

ଏକତରଫା ପ୍ରେମକୁ ନେଇ ଭୁବନେଶ୍ୱର କ୍ୟାପିଟାଲ ଥାନାଞ୍ଚଳରେ ଜଣେ ମହିଳାଙ୍କୁ ଛୁରି ଭୁସି ହତ୍ୟା ମାମଲାର ରାୟ ଗୁରୁବାର ଜିଲା ଦୌରାଜଜ୍ କୋର୍ଟରେ ପ୍ରକାଶ ପାଇଛି। ଅଭିଯୁକ୍ତ ନନ୍ଦ କଶୋର ଓଝା ଓରଫ କାହ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଜା ଶୁଣାଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ସଜା ଭୋଗିବାକୁ ପଡିବ ବୋଲି ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୩ଜଣ ସାକ୍ଷୀ ଓ ଅନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ହତ୍ୟାକରୀ ନନ୍ଦ କିଶୋରଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାରୁ ପ୍ରକାଶ, ହତ୍ୟାର ଶିକାର ହୋଇଥିଲେ ଭୁବନେଶ୍ୱର ଶିଶୁ ଭବନ ଛକ ନିକଟରେ ଭଡ଼ାରେ ରହୁଥିବା ବାଲେଶ୍ୱର ଜିଲା ଜଳେଶ୍ୱର ନିବାସୀ କୁଞ୍ଜବିହାରୀ ଦତ୍ତଙ୍କ ସ୍ତ୍ରୀ ଦୀପିକା ରଣଜିତ। କୁଞ୍ଜ ବିହାରୀଙ୍କର ଶିଶୁଭବନ ଛକ ନିକଟସ୍ଥ ଝରଣା ବସ୍ତିରେ ଏକ ମୋବାଇଲ ଦୋକାନ ଥିଲା। ଏହାକୁ ତାଙ୍କ ସ୍ତ୍ରୀ ଦୀପିକା ବୁଝାଶୁଝା କରୁଥିଲେ। ଅଭିଯୁକ୍ତ କାହ୍ନା ଜଣେ ବଢେଇ ହୋଇଥିବାବେଳେ ସେ ଉକ୍ତ ମୋବାଇଲ ଦୋକାନରେ କାଠ କାମ କରିବା ଭିତରେ ଦୀପିକାଙ୍କୁ ଏକତରଫା ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ଦୀପିକା ଘଟଣା ସମ୍ପର୍କରେ ଜଣାଇବାରୁ ସ୍ୱାମୀ କୁଞ୍ଜ ବିହାରୀ ଅଭିଯୁକ୍ତ କାହ୍ନାକୁ ଭୀଷଣ ଗାଳିଦେବା ସହ ତାଗିଦ କରିଥିଲେ। ପ୍ରେମରେ ବିଫଳତା ଓ କାହ୍ନା ପ୍ରତିଶୋଧପରାୟଣ ହୋଇ କାହ୍ନା ଦୀପିକାଙ୍କୁ ହତ୍ୟା ଯୋଜନା କରିଥିଲେ। ୨୦୨୪ ଫେବୃୟାରୀ ୨୭ ସନ୍ଧ୍ୟାରେ ଦୀପିକା ମୋବାଇଲ ଦୋକାନ ବନ୍ଦ କରି ୩ ବର୍ଷର ଝିଅ ସହ ଘରକୁ ଫେରୁଥିବାବେଳେ ଘର ନିକଟସ୍ଥ ଅନ୍ଧାରୁଆ ସ୍ଥାନରେ ଛପି ରହିଥିବା କାହ୍ନା ଛୁରି ଭୁସି ହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ସ୍ୱାମୀ କୁଞ୍ଜ ବିହାରୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ତତ୍କାଳୀନ ଏସ୍‌ଆଇ ମାନସ ସାହୁ ଅଭିଯୁକ୍ତ କାହ୍ନାଙ୍କୁ ଗିରଫ କରିଥିଲେ।

## ପୂର୍ବତନ ଭାରପ୍ରାପ୍ତ ସମ୍ପାଦକଙ୍କୁ ୩ ବର୍ଷ ଜେଲ୍

**ପାଇକସିଦା ସମବାୟ ସମିତିରେ ଅର୍ଥ ହେରଫେର ମାମଲା**

**ବାଲେଶ୍ୱର, ୫।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ସେବା ସମବାୟ ସମିତିରେ ଅର୍ଥ ହେରଫେର ମାମଲାର ବିଚାର କରି ଗୁରୁବାର ଭିଜିଲାନ୍ସ ସ୍ପେଶାଲ କୋର୍ଟ ଜଜ୍ ଲଳିତ କୁମାର ଦାଶ ପୂର୍ବତନ ଭାରପ୍ରାପ୍ତ ସମ୍ପାଦକ କୃତ୍ତିବାସ ବେହେରା(୬୯)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

କୃତ୍ତିବାସ ବେହେରା ଉକ୍ତ ସମିତିରେ ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱରେ ଥିବା ସମୟରେ ୨୦୦୯-୧୦ ଆର୍ଥିକ ବର୍ଷରେ ଚାଷୀଙ୍କଠାରୁ ଖରିଫ ଧାନ କିଣା ଟଙ୍କା ଆତ୍ମସାତ କରିଥିଲେ। ଜାଲିଆତି କରି ୨୫ଜଣ ଚାଷୀଙ୍କ ଜମାଖାତାରୁ ୫ଲକ୍ଷ ୪୧ହଜାର ୧୧୫ଟଙ୍କା ଆତ୍ମସାତ କରିଥିଲେ। ଏହି ଘଟଣା ସ୍ପେଶାଲ ଅଡିଟ୍ ସମୟରେ ଜଣାପଡ଼ିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୨୮/୨୦୧୨) ରୁଜୁ ହୋଇଥିଲା। ତଦନ୍ତ ପୂର୍ବକ ଚାର୍ଜଶିଟ୍ ଦାଖଲ ହୋଇଥିଲା। ୨୮ଜଣ ସାକ୍ଷ୍ୟ ଓ ୨୧୭ଟି ଦଲିଲ୍ ଦସ୍ତାବିଜ୍‌କୁ ଆଧାର କରି ଜଜ୍ ଦାଶ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

**Business**

# ଓଡ଼ିଶା ପାଇଁ ମାଇଣ୍ଡ ଇକୋନୋମି ଗୁରୁତ୍ୱପୂର୍ଣ୍ଣ

**ବ୍ଲାକ୍ ସ୍ୱାନ ସମିଟ୍ ଉଦ୍‌ଘାଟିତ**

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍) ସହିତ ସହଭାଗିତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ପ୍ରଥମ ବ୍ଲାକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ଓଡ଼ିଶା ପାଇଁ ମାଇନ୍ସ ଇକୋନୋମି ସହ ବର୍ତ୍ତମାନ ସମୟରେ ମାଇଣ୍ଡ ଇକୋନୋମି ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଗର୍ଗ ଆହୁରି କହିଛନ୍ତି, ଓଡ଼ିଶାର ଭବିଷ୍ୟତ ହେଉଛି ଡିଜିଟାଲ ଇକୋନୋମି । ବ୍ଲାକ୍ ସ୍ୱାନ ସମ୍ମିଳନୀ ପରି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ପାଇଁ ବଡ଼ ସୁଯୋଗ ଆଣିବାର ଲକ୍ଷ୍ୟ ରଖାଯାଇଛି। ଏହାକୁ ନେଇ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏହାରି ମାଧ୍ୟମରେ ଓଡ଼ିଶାର ଯୁବତୀ ଯୁବକ ଦକ୍ଷ ହେବେ । ଫିନ୍‌ଟେକ୍, ଇନ୍ସଟେକ୍, ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚରରେ ଯାହା ଉନ୍ନତି ହେଉଛି ରାଜ୍ୟର ଯୁବତୀ ଯୁବକ କିଭଳି ଏହାକୁ ନେଇ ନିଜର ପ୍ରସ୍ତୁତି କରିବେ ତାହା ଉପରେ ଫୋକସ କେନ୍ଦ୍ରୀଭୂତ ହେବ । ଏହା ୫୦୦ ବିଲିଅନ ଡଲାର ଅର୍ଥନୀତିର ଲକ୍ଷ୍ୟ ସାଧନ କରିବାରେ ସହାୟକ ହେବ । ଏହି ପ୍ରୋଗ୍ରାମ ଗ୍ଲୋବାଲ ଶିକ୍ଷା, ମାନସିକତା ଓ ଇନୋଭେଶନ ସେଣ୍ଟର ଆଡ଼କୁ ଓଡ଼ିଶାକୁ ଗତି କରାଇବ। ସୂଚନା ଥାଉକି, ଏହି ସମ୍ମିଳନୀ ଭାରତନେତ୍ର ପଦକ୍ଷେପର ଏକ ଅଂଶ ଏବଂ ଫିନ୍‌ଟେକ୍, ଇନ୍‌ସୁରଟେକ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ରାଜ୍ୟର ଇକୋସିଷ୍ଟମକୁ ବିକଶିତ କରିବା ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମ କର୍ମଶକ୍ତି ପ୍ରସ୍ତୁତି ଏବଂ ଡିଜିଟାଲ ଆବଶ୍ୟକତା ପୂରଣ କରିବା ପାଇଁ ଶିକ୍ଷାରୁ ନିଯୁକ୍ତି ପର୍ଯ୍ୟନ୍ତ ଏକ ପାଇପଲାଇନ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତକରେ। ଏହି ପଦକ୍ଷେପର ଏକ ପ୍ରମୁଖ ଅଂଶ ହେଉଛି ୫ ମାସିଆ ଫିନ୍‌ଟେକ୍ ଏବଂ ଇନ୍‌ସୁରଟେକ ହାଇବ୍ରିଡ୍ ତାଲିମ କାର୍ଯ୍ୟକ୍ରମ। ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ ଫାଇନାନ୍ସ ସହିତ ସହଯୋଗରେ ବିକଶିତ ଏହି କାର୍ଯ୍ୟକ୍ରମରୁ ପ୍ରଥମ ବ୍ୟାଚ୍ ଛାତ୍ର ସ୍ନାତକ ହୋଇଛନ୍ତି। ଏହି ସ୍ନାତକମାନଙ୍କୁ ସମର୍ଥନ କରିବା ପାଇଁ, ରାଜ୍ୟ ଷ୍ଟାର୍ଟଅପ୍ ପାଇଁ ସିଧାସଳଖ ନିଯୁକ୍ତି ଏବଂ ବଜାର ପ୍ରବେଶ ସୁନିଶ୍ଚିତ କରିବା ପାଇଁ ବଜାଜ ଜେନେରାଲ ଇନ୍‌ସ୍ୟୁରାନ୍ସ, ସ୍ୱାଇସ୍ ମନି ଏବଂ ଭାୟାନା ଭଳି କମ୍ପାନୀଗୁଡ଼ିକ ସହିତ ୧୭ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଜିଏଫ୍‌ଟିଏନ୍‌ର ଉପାଧ୍ୟକ୍ଷ ନୀଲ ପାରେଖ କହିଛନ୍ତି, ଆର୍ଥିକ ପ୍ରଯୁକ୍ତିବିଦ୍ୟା ଏବଂ ବୀମା ପ୍ରଯୁକ୍ତିବିଦ୍ୟା ଭବିଷ୍ୟତର ଚାକିରିକୁ ପ୍ରତିନିଧିତ୍ୱ କରେ। ବିଭିନ୍ନ ପ୍ରଯୁକ୍ତିର ଦକ୍ଷତା ଯୁବପିଢ଼ିଙ୍କୁ ଫିନ୍‌ଟେକ ଏବଂ ଇଓ ସହିତ ପରିଚିତ କରାଇବା ଜରୁରୀ ହୋଇପଡ଼ିଛି। ପାରେଖ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ୭ ହଜାର ଛାତ୍ରୀଛାତ୍ରଙ୍କ ତାଲିମ ଅଧିକ ଷ୍ଟାର୍ଟଅପ ଏବଂ ସୁଯୋଗ ସୃଷ୍ଟି କରିବ। ସେ ଆହୁରି କହିଛନ୍ତି , ଉଚ୍ଚ ଦରମାପ୍ରାପ୍ତ ନିଯୁକ୍ତି ସୃଷ୍ଟିକରିବା ଉପରେ ଧ୍ୟାନ ଦିଆଯାଇଛି। ଜିଏଫଟିଏନ୍‌ର ସିଇଓ ଜେମ୍ସ ବୋଇ କହିଛନ୍ତି, ଏହି ସମ୍ମିଳନୀ ନୀତି ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବିତର୍କ କରିବାକୁ ଏବଂ ନବସୃଜନକୁ ଉତ୍ସାହିତ କରିବାକୁ ଅଂଶୀଦାରମାନଙ୍କୁ ସକ୍ଷମ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସେ କହିଛନ୍ତି, ବିଶ୍ୱ ନେତାମାନଙ୍କୁ ଏକତ୍ରିତକରି ଆଲୋଚନା କରିବା ପ୍ରଥମ ସଂସ୍କରଣର ମୁଖ୍ୟ ଉଦ୍ଦେଶ୍ୟ।

## ପୂର୍ବତଟ ରେଳପଥ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଏମ୍‌ଓୟୁ



**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଭୁବନେଶ୍ୱରର ରେଳ ସଦନ ଅନ୍ତର୍ଗତ ସଭାଗୃହରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଅନୁଯାୟୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଅନେକ କର୍ମଚାରୀ ଅନୁକୂଳ ସୁବିଧା ପ୍ରଦାନ କରିବ, ଯେଉଁଥିରେ ଅସୀମିତ ମାଗଣା ଏଟିଏମ୍ କାରବାର, ମାଗଣା ଡିମାଣ୍ଡ ଡ୍ରାଫ୍ଟ, ରିହାତି ଲକର ଭଡ଼ା ବ୍ୟବସ୍ଥା, ବ୍ୟକ୍ତିଗତ ଦୁର୍ଘଟଣା ବୀମା, ପିଲାମାନଙ୍କ ପାଇଁ ଶିକ୍ଷାଗତ ଅନୁଦାନ ଏବଂ ପ୍ରିମିୟମ ବିକଳ୍ପ ସହ ସ୍ୱାସ୍ଥ୍ୟ ବୀମା କଭରେଜ ଅନ୍ତର୍ଭୁକ୍ତ, ଯାହାର ଲକ୍ଷ୍ୟ ରେଳ କର୍ମଚାରୀମାନଙ୍କ ପାଇଁ ଅଧିକ ଆର୍ଥିକ ସୁରକ୍ଷା ଏବଂ ସୁବିଧା ସୁନିଶ୍ଚିତ କରିବା। ଏହି ଅବସରରେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ଚୁକ୍ତିନାମା କର୍ମଚାରୀ କଲ୍ୟାଣ ପ୍ରତି ସଂଗଠନର ନିରନ୍ତର ପ୍ରତିବଦ୍ଧତା ଏବଂ ଆକର୍ଷଣୀୟ ସର୍ତ୍ତାବଳୀରେ ବ୍ୟାପକ ଆର୍ଥିକ ସେବା ଉପଲବ୍ଧତା ପ୍ରଦାନକୁ ପ୍ରତିଫଳିତକରେ। ଏହି ଚୁକ୍ତିନାମା ମାଧ୍ୟମରେ ଏକକ ବେତନ ଆକାଉଣ୍ଟ ଢାଞ୍ଚା ଅଧୀନରେ ଉନ୍ନତ ବ୍ୟାଙ୍କିଙ୍ଗ୍ ସୁବିଧା ଏବଂ ମୂଲ୍ୟଯୁକ୍ତ ସେବା ପ୍ରଦାନକରି ବହୁ ସଂଖ୍ୟକ କାର୍ଯ୍ୟରତ ରେଳ କର୍ମଚାରୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସବୁଜ ଇସ୍ପାତ ପ୍ରମାଣପତ୍ର

AM/NS INDIA

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ଦେଶର ପ୍ରଥମ ସମନ୍ୱିତ ଇସ୍ପାତ ଉତ୍ପାଦକ ଭାବେ ଇସ୍ପାତ ମନ୍ତ୍ରଣାଳୟର ନୂତନ ସବୁଜ ଇସ୍ପାତ ବର୍ଗୀକରଣ ଅଧୀନରେ ସବୁଜ ଇସ୍ପାତ ପ୍ରମାଣପତ୍ର ହାସଲ କରିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ହଟ୍ ରୋଲ୍ (ଏଚ୍‌ଆର୍) କଏଲ ଏବଂ ସିଟ ୪-ଷ୍ଟାର ରେଟିଂ ପାଇଥିବାବେଳେ କୋଲ୍ଡ ରୋଲ (ସିଆର୍) କଏଲ ଏବଂ ସିଟ ୩-ଷ୍ଟାର ରେଟିଂ ହାସଲ କରିଛି। ଏହି ଉତ୍ପାଦଗୁଡ଼ିକ ଯାହା ଅଟୋମୋଟିଭ, ଭିତ୍ତିଭୂମି, ପ୍ରତିରକ୍ଷା, ନିର୍ମାଣ ଉପକରଣ ଏବଂ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ କ୍ଷେତ୍ର ପାଇଁ ପ୍ରମୁଖ ଉପାଦାନ, ଏବେ ଆଧିକାରିକ ଭାବେ ସରକାରଙ୍କ ଦ୍ୱାରା ସବୁଜ ଇସ୍ପାତ ରୂପେ ମାନ୍ୟତାପ୍ରାପ୍ତ। ଏହା ଗ୍ରାହକମାନଙ୍କୁ ସେମାନଙ୍କର ମୂଲ୍ୟ ଶୃଙ୍ଖଳରେ ସ୍କୋପ ୩ ନିର୍ଗମନ ହ୍ରାସ କରିବାକୁ ସକ୍ଷମ କରିବ। ପ୍ରମାଣପତ୍ର ପାଇଁ ଯୋଗ୍ୟତା ଇସ୍ପାତ ଉତ୍ପାଦନର ନିର୍ଗମନର ତୀବ୍ରତା ଉପରେ ଆଧାରିତ, ଯେଉଁଥିରେ ପ୍ରତି ଟନ୍ ପିଛା ଚୂଡ଼ାନ୍ତ ଇସ୍ପାତ ଉତ୍ପାଦନ ନିମନ୍ତେ ୨.୨ ଟନ୍‌ରୁ କମ୍ ଅଙ୍ଗାରକାମ୍ଳ ସମତୁଲ୍ୟ ଯୋଗ୍ୟତା ସୀମା ରଖାଯାଇଛି। ଏହି ସୀମା ତଳେ ନିର୍ଗମନ ସହ ଉତ୍ପାଦିତ ଇସ୍ପାତକୁ ଏକ ୩ ସ୍ତରୀୟ ବ୍ୟବସ୍ଥା ଅଧୀନରେ ମୂଲ୍ୟାଙ୍କନ କରାଯାଏ, ଯାହା ୩-ଷ୍ଟାର, ୪-ଷ୍ଟାର, କିମ୍ବା ୫-ଷ୍ଟାର ସବୁଜ ଇସ୍ପାତ। ଏହି ପ୍ରମାଣପତ୍ର ହାସଲ କରିବା ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରି ଷ୍ଟିଲ୍ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଏସ୍‌ଟି) ଦ୍ୱାରା ଏକ କଠୋର ସମୀକ୍ଷା ପ୍ରଣାଳୀର ସାମ୍ନା କରିବାକୁ ପଡ଼ିଥିଲା ଯାହା ସୁନିଶ୍ଚିତ କରିଥିଲା ଯେ କମ୍ପାନୀର ପ୍ରମୁଖ ଫ୍ଲାଟ ଷ୍ଟିଲ ପୋର୍ଟଫୋଲିଓ ସବୁଜ ଇସ୍ପାତ ମାନଦଣ୍ଡ ପୂରଣ କରୁଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ଭାରତର ସବୁଜ ଇସ୍ପାତ ବର୍ଗୀକରଣ ଇସ୍ପାତ ଶିଳ୍ପର ଭବିଷ୍ୟତ ଏବଂ ଏହାର ଡିକାର୍ବୋନାଇଜେଶନ ପାଇଁ ଏକ ସ୍ପଷ୍ଟ ଦିଗ ନିର୍ଦ୍ଧାରିତ କରୁଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏହାର କାର୍ବନ ପଦଚିହ୍ନକୁ ହ୍ରାସ କରିବା ପାଇଁ ମାପନୀୟ ପ୍ରୟାସ ସହ କମ୍ କାର୍ବନ ଇସ୍ପାତ ଉତ୍ପାଦନ କରିଆସୁଛି ଏବଂ ନୂତନ ଢାଞ୍ଚା ଏହି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

## ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ, ସ୍ମାର୍ଟ ସିଷ୍ଟମ୍ ଦ୍ୱାରା ସ୍ଥାୟୀ ପ୍ରଯୁକ୍ତିଗତ ଉନ୍ନତି ସମ୍ଭବ




**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ)ରେ ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ, କଗ୍ନିଟିଭ୍ ନେଟ୍‌ୱର୍କ ଓ ସ୍ମାର୍ଟ ସିଷ୍ଟମ୍(ଆଇସି୨ଏନ୍‌ଏସ୍୨-୨୦୨୬) ବିଷୟରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ପ୍ରିଞ୍ଜରର ଟେକ୍ନିକାଲ ସହଯୋଗରେ ଅନୁଷ୍ଠିତ ଏହି ୨ଦିନିଆ ସମ୍ମିଳନୀରେ ଡେସ୍ ଡିଆର୍‌ଡିଓର ନିର୍ଦ୍ଦେଶକ ଡ. ଜଗନ୍ନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ ଓ ସ୍ମାର୍ଟ ସିଷ୍ଟମ୍ ଦ୍ୱାରା ସ୍ଥାୟୀ ପ୍ରଯୁକ୍ତିଗତ ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। କୋଲକାତାସ୍ଥିତ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ଡ. ସ୍ୱାଗତମ ଦାସ ସମ୍ମାନିତ ଅତିଥି, ମ୍ୟାଲେସିଆର ଏମ୍‌ଏଆର୍‌ଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ପ୍ରଫେସର ନଇମ୍ ହାନ୍ନୁନ୍ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସିଜିୟୁର କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ ଭାଇସ ଚାନ୍ସେଲର ପ୍ରଫେସର ଡ. ଗୁଡ଼ାଦେବୀ ଓ ପରାମର୍ଶଦାତା ଡ. ଗଣପତି ପଣ୍ଡା, ପ୍ରୋଗ୍ରାମ୍ ଚେୟାର ଡ. ମୋନାଲିସା ମିଶ୍ର, ଡ. ମମତାରାଣୀ ଦାସ ଓ ଡ. ମଧୁସ୍ମିତା ସାହୁ, ପ୍ରୋଗ୍ରାମ୍ ଆଡଭାଇଜର ପ୍ରଫେସର ସୁକାନ୍ତ କିଶୋର ବିଶୋୟୀ, ସମ୍ମିଳନୀର ଆବାହକ ଡ. ଦେବେନ୍ଦ୍ର ମୁଦୁଲି, ଡ. ରାକେଶ ରଞ୍ଜନ କୁମାର ଓ ଡ. ଆଦ୍ୟାଶା ରଥ ପ୍ରମୁଖ ଯୋଗଦେଇଥିଲେ। ଡ. ଗଣପତି ପଣ୍ଡାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା।

## ସୋନାଲିକା ଟ୍ରାକ୍ଟର୍ସର ଉଲ୍ଲେଖନୀୟ ପ୍ରଦର୍ଶନ

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା):** ସୋନାଲିକା ଟ୍ରାକ୍ଟର୍ସ ଏପ୍ରିଲ ୨୦୨୫-ଜାନୁଆରୀ ୨୦୨୬ ମଧ୍ୟରେ ଉଲ୍ଲେଖନୀୟ ବିକ୍ରି ରେକର୍ଡ ହାସଲ କରିଛି। ଏହି ସମୟରେ କମ୍ପାନୀ ମୋଟ ୧୫୧,୬୦୪ଟି ଟ୍ରାକ୍ଟର୍‌ର ଦ୍ରୁତତମ ୱାଇଟିଡି ବିକ୍ରି ହାସଲ କରିଛି। ଏହି ସଫଳତା ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, 'ଆମେ ୨୦୨୫ ଏପ୍ରିଲରୁ ୨୦୨୬ ଜାନୁଆରୀ ମଧ୍ୟରେ କେବଳ ୧୦ ମାସରେ ଆମର ୧.୫୧ ଲକ୍ଷର ଦ୍ରୁତତମ ଟ୍ରାକ୍ଟର ବିକ୍ରି ରେକର୍ଡ ହାସଲ କରି ଖୁବ୍ ଉତ୍ସାହିତ ଅଛୁ । ଭାରତର ଅର୍ଥନୀତି ଉତ୍ପାଦକତା ଓ ନିବେଶର ସ୍ତମ୍ଭ ଉପରେ ଅଗ୍ରଗତି କରିବା ସହିତ ଆମେ 'ଜିତ୍‌ନେ କା ଦମ୍' ଦ୍ୱାରା ପରିଚାଳିତ ନିର୍ଭରଯୋଗ୍ୟ ଭବିଷ୍ୟତ ପ୍ରସ୍ତୁତ ଟେକ୍ନୋଲୋଜି ସହ ଶକ୍ତି, ବ୍ୟାପକତା ଏବଂ କୃଷକଙ୍କୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

## ଗିଫ୍ଟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

ଭୁବନେଶ୍ୱରସ୍ଥିତ ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ 'ଅକ୍ଟାଥାଲନ୍-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜାତୀୟସ୍ତରୀୟ ଫୁଟ୍‌ବଲ ଖେଳାଳି ପ୍ରଦୀପ୍ତ କୁମାର ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଗିଫ୍ଟର ନିର୍ଦ୍ଦେଶକ ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଡିନ୍(ଏକାଡେମିକ) ଡ. ରବିନାରାୟଣ ପଣ୍ଡା, ଇଂ ସମୀର ରଞ୍ଜନ ପଣ୍ଡା, ପିଆଇସି ଷ୍ଟୁଡେଣ୍ଟ ୱେଲ୍‌ଫେୟାର ପ୍ରଫେସର ସୌମେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୩୫ଟି ଖେଳରେ ୮୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ରାୟ, ପ୍ରତାପ କୋର ମିଶ୍ର, ଅସିତ ପାହାଡ଼ସିଂ, ଅବଦୁଲ ଅଜିଜୀ ଖାନ, ଏସ୍ .କେ. ସିରାଜ ଓ ଏ ଚୈତନ୍ୟ ପ୍ରମୁଖ ପରିଚାଳନା କରିଥିଲେ।




ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

**ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି**

ସୋର,(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ତଳନଗର ପଞ୍ଚାୟତ କୃଷ୍ଣନଗର ଓ ତିରିଶିବାଟି ଗ୍ରାମରେ ଥିବା ୩ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମରେ ଥିବା ହନୁମାନ ମନ୍ଦିର , ଶିରିଡି ସାଇ ମନ୍ଦିର ଓ ଠାକୁରାଣୀ ମନ୍ଦିରକୁ ସକାଳେ ପୂଜକ ପୂଜା କରିବାକୁ ଆସିବା ବେଳେ ମନ୍ଦିରର ତାଲା ଗ୍ୟାସକଟର କଟାଯାଇଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ହନୁମାନ ମନ୍ଦିରରୁ ରୁପା ମୁକୁଟ, ମୁଦି, ରୁପା ହାର ସମେତ ପିତ୍ତଳ ସାମଗ୍ରୀ, ସାଇବାବା ମନ୍ଦିରରୁ ରୁପା ମୁକୁଟ ଓ ଠାକୁରାଣୀ ମନ୍ଦିରରୁ ରୁପା ମୁକୁଟ, ସୁନା ଟିକା ଚୋରି ହୋଇଥିବା ଗ୍ରାମବାସୀ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୫ ଦେଶର ସେନା ଅଧିକାରୀ

ଭୁବନେଶ୍ୱର, ୫।୨(ସୁନିତ୍ ମିଶ୍ର)

ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀସ୍ଥିତ ନ୍ୟାଶନାଲ ଡିଫେନ୍ସ କଲେଜର ପ୍ରଶିକ୍ଷାର୍ଥୀ ଅଧିକାରୀମାନେ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀମାନଙ୍କ ସମେତ ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମାଙ୍ଗୋଲିଆ ଏବଂ ନେପାଳର ସୈନ୍ୟବାହିନୀର ଅଧିକାରୀମାନେ ମଧ୍ୟ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ପାଇଁ ଦେଶର ଅର୍ଥ ହେଉଛି କେବଳ ଜାତୀୟ ସେବା। ଏହା ସେମାନଙ୍କ ପ୍ରତିବଦ୍ଧତା। ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହ ତାଙ୍କର ଏହି ମନୋଭାବ ଗଭୀର ଭାବେ ଜଡ଼ିତ ବୋଲି ସେ ଅଧିକାରୀମାନଙ୍କୁ କହିଛନ୍ତି।

ସେ ଆହୁରି କହିଛନ୍ତି, ଅପରେଶନ ସିନ୍ଦୂରର ସଫଳତା ଓ ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟ ପ୍ରଶଂସନୀୟ। ଅପରେଶନ ସିନ୍ଦୂର ସମୟରେ ସୈନ୍ୟବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତା ସମାଲ। ଏହି ଅପରେଶନ ସେନାର ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ। ଏହାସହ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡ଼ା ଏବଂ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି ସେ ବିଷୟରେ କହିଛନ୍ତି। ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ସେମାନେ ପ୍ରଶଂସା କରିଛନ୍ତି। ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ଏୟାର ମାର୍ଶଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ସି.ପି. ସାଙ୍ଗରା, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଲୋକସେବା ଭବନଠାରେ ଦିଲ୍ଲୀସ୍ଥିତ ନ୍ୟାଶନାଲ ଡିଫେନ୍ସ କଲେଜର ପ୍ରଶିକ୍ଷାର୍ଥୀ ଓ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସାକ୍ଷାତ କରୁଛନ୍ତି।

# ପାଠ ପଢ଼ାଇଲା ବେଳେ ଟଳିପଡ଼ିଲେ ଶିକ୍ଷକ

ଫୁଲବାଣୀ/ଫିରିଙ୍ଗିଆ,୫।୨
(ରାକେଶ କୁମାର ରାଉତ/ ବିମଳ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ପକାରୀ ପଞ୍ଚାୟତ ଗଞ୍ଜୁଗାଁ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପାଠ ପଢ଼ାଉଥିବା ବେଳେ ଜଣେ ଶିକ୍ଷକ ଟଳି ପଡ଼ିଛନ୍ତି। ସେ ହେଲେ କୃଷ୍ଣଚନ୍ଦ୍ର ସାହୁ(୫୭)। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା କୃଷ୍ଣଚନ୍ଦ୍ର ପୂର୍ବାହ୍ନ ୧୦ଟାରେ ଛାତ୍ରୀଛାତ୍ରଙ୍କୁ ପ୍ରାର୍ଥନା କରାଇଥିଲେ। ପରେ ଶ୍ରେଣୀ ଗୃହକୁ ଆସି ପାଠ ପଢ଼ାଉଥିବା ବେଳେ ହଠାତ୍ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ଛାତ୍ରୀଛାତ୍ରଙ୍କଠାରୁ ଏହା ଶୁଣି ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ଅଟୋ ଯୋଗେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାହୁଙ୍କୁ ବାଲାନ୍ଦାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୋଛାପଡ଼ା ବିଇଓ ଆଲୋକ କୁମାର ପ୍ରଧାନ, ସିଆର୍‌ସିସି ଦିଲୀପ କୁମାର ବେହେରା ମେଡିକାଲରେ ପହଞ୍ଚି ଥିଲେ। ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଛି। ଶିକ୍ଷକ କୃଷ୍ଣଚନ୍ଦ୍ରଙ୍କ ଘର ନୟାଗଡ଼ ଜିଲାରେ ବୋଲି ଜଣାପଡ଼ିଛି।



ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ।

# କଲେଜ ପରିସରରେ ବିଷ ଖାଇଲେ ଛାତ୍ରୀଛାତ୍ର

ବୌଦ୍ଧ,୫।୨(ଅଜିତ କୁମାର ବାରିକ)

ବୌଦ୍ଧ ମଡେଲ ଡିଗ୍ରୀ କଲେଜରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପାଠପଢ଼ା ଚାଲିଥିବାବେଳେ କଲେଜ ପରିସରରେ ଜଣେ ଛାତ୍ରୀ ଏବଂ ଜଣେ ଛାତ୍ର କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନରେ ଉକ୍ତ କଲେଜରେ ସବୁ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଜଣେ ଦ୍ୱିତୀୟ ବର୍ଷ ଛାତ୍ରୀ ଏବଂ ଜଣେ ପ୍ରଥମ ବର୍ଷ ଛାତ୍ର କଲେଜ ପରିସରରେ କୌଣସି କାରଣରୁ କୀଟନାଶକ ପିଇ ଦେଇଥିଲେ। ବିଷ ପିଇ ତଳେ ପଡ଼ିଥିବା ଦେଖି ସହପାଠୀମାନେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାପ୍ତ ଖବର ସୁଦ୍ଧା ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡିଛି। ଛାତ୍ର ଜଣକ ବୌଦ୍ଧ ସହର ମାଳିସାହିର ଆକାଶ ଷାଣ୍ଢ ବୋଲି ଜଣାପଡ଼ିଥିବା ବେଳେ ଛାତ୍ରୀଙ୍କ ଘର ବଘାରପାଲି ଗ୍ରାମରେ ବୋଲି ସୂଚନା ମିଳିଛି। ଏହା ପ୍ରେମଜନିତ ଘଟଣା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଲେ, ଛାତ୍ର ଜଣକ ପ୍ରଥମ ବର୍ଷର ହୋଇଥିବା ବେଳେ ଛାତ୍ରୀ ଜଣକ ଦ୍ୱିତୀୟ ବର୍ଷର। ତେବେ ଉକ୍ତ ଛାତ୍ରୀଛାତ୍ର ବିଷ ଖାଇବାର କାରଣ ଜଣାପଡିନାହିଁ।

# ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୫।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ସୋମବାର ଅନୁଷ୍ଠିତ ହେବ। ସ୍ଥାନୀୟ ୟୁନିଟ୍-୨ ଅଶୋକନଗରସ୍ଥିତ କ୍ୟାପିଟାଲ ନର୍ସରି ନିକଟସ୍ଥ ଆଗରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଥିବା ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ। ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଏନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

# ମାଓବାଦୀ ନେତା ଉଦ୍ଧମ ସିଂ ନିହତ

ମାଲକାନଗିରି, ୫।୨(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ପେଡ୍ଡାଗାଲୁର ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ସକାଳେ ପୁଣି ଥରେ ଗୁଳି ବିନିମୟ ଘଟିଛି। ଏନ୍‌କାଉଣ୍ଟରରେ ମାଓବାଦୀ ନେତା ଉଦ୍ଧମ ସିଂ ନିହତ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବିଜାପୁର ଜିଲାର ପେଡ୍ଡାଗାଲୁର ଘଞ୍ଚ ଜଙ୍ଗଲରେ ଡିଆର୍‌ଜି, ସିଆର୍‌ପିଏଫ୍ ଓ ସ୍ୱତନ୍ତ୍ର କୋବ୍ରା ବାଟାଲିୟନର ଯବାନମାନେ ଗୁରୁବାର ସକାଳେ ତଲାସି ଅଭିଯାନ ଜାରି ରଖିଥିଲେ। ଏହି ସମୟରେ ମାଓବାଦୀମାନେ ସୁରକ୍ଷା ବାହିନୀଙ୍କୁ ଦେଖି ପ୍ରଥମେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ପାଲଟା ଗୁଳିଚାଳନା ଆରମ୍ଭ ହୋଇଥିଲା। ଏହାପରେ ମାଓବାଦୀମାନେ ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ପରେ ଅଞ୍ଚଳରେ ତଲାସି ସମୟରେ କୁଖ୍ୟାତ ମାଓବାଦୀ କମାଣ୍ଡର ଉଦ୍ଧମ ସିଂଙ୍କ ମରଶରୀର ସହ ଏକ ସ୍ୱୟଂଚାଳିତ ଏକେ ୪୭ ବନ୍ଧୁକ, ମାଓବାଦୀ ସମଗ୍ରୀ ଆଦି ଜବତ କରାଯାଇଛି। ସମଗ୍ର ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଛି। ସୁରକ୍ଷା ବାହିନୀ ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି ଏବଂ ନିକଟରେ ଅନ୍ୟ କୌଣସି ମାଓବାଦୀ ଉପସ୍ଥିତ ଅଛନ୍ତି କି ନାହିଁ ତାହା ଯାଞ୍ଚ କରୁଛନ୍ତି। ଯବାନଙ୍କ ଫେରିବା ପରେ ହିଁ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ବିଜାପୁର ପୋଲିସ ଅଧୀକ୍ଷକ ଡ. ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।



ଉଦ୍ଧମ ସିଂ

ପ୍ରଥମ ପୃଷ୍ଠାରୁ...

## ଚେନ୍ନାଇ ଏକ୍ସପ୍ରେସ୍...

ଟ୍ରେନ ଚଳାଚଳ କରୁଛି। ଏହି ଦୃଷ୍ଟିରୁ ଏହି ଷ୍ଟେଶନ ପରିସରରେ ଅଧିକାଂଶ ସମୟରେ ମରାମତି ଓ ନୂତନ ରେଳଲାଇନ କାର୍ଯ୍ୟ ଜାରି ରହିଛି। ଏହି ମରାମତି କାର୍ଯ୍ୟ ଚାଲିଥିବା ସମୟରେ ଚେନ୍ନାଇ ସେଣ୍ଟ୍ରାଲ ନ୍ୟୁ ଜଲପାଇଗୁଡି ଏକ୍ସପ୍ରେସ୍ ଟ୍ରେନ୍ ଯଖପୁରା ଷ୍ଟେଶନକୁ ପଶିଥିଲା। ରେଳ ଟ୍ରାକ ପରିବର୍ତ୍ତନ କରିଥିବାରୁ ଟ୍ରେନଟି ମନ୍ଥର ଗତିରେ ଚାଲିଥିଲା। ତେଣୁ ଟ୍ରେନ ଲାଇନ୍‌ଚ୍ୟୁତ ହୋଇଥିଲେ ମଧ୍ୟ ୩ଟି ବଗି ସୁରକ୍ଷିତ ଭାବେ ଠିଆହୋଇ ରହିଥିଲା, ଯଦ୍ୱାରା ଏକ ବଡ଼ ଦୁର୍ଘଟଣାରୁ ଟ୍ରେନ୍ ବର୍ତ୍ତିଯାଇଥିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଦୁର୍ଘଟଣାର ପ୍ରାୟ ୨ ଘଣ୍ଟା ପରେ ଅର୍ଥାତ ପୂର୍ବାହ୍ନ ୧୧ଟା ସମୟରେ ଦୁର୍ଘଟଣାଗ୍ରସ୍ତ ଟ୍ରେନରୁ ଇଞ୍ଜିନକୁ ଅଲଗା କରି ଅବଶିଷ୍ଟ ବଗିଗୁଡିକ ସହ ସଂଯୋଗ କରାଯାଇଥିଲା। ସେଠାରୁ ଟ୍ରେନ୍‌କୁ ପଛରେ ଥିବା ଜେନାପୁର ରେଲୱେ ଷ୍ଟେଶନକୁ ନିଆଯାଇଥିଲା। କଟକରୁ ଆଉ ୩ଟି ବଗି ଆଣି ଦୁର୍ଘଟଣାଗ୍ରସ୍ତ ଟ୍ରେନ ସହିତ ଜେନାପୁର ଷ୍ଟେଶନରେ ସଂଯୋଗ କରି ମଧ୍ୟାହ୍ନ ପ୍ରାୟ ୧୨ଟା୩୦ମିନିଟ୍‌ରେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ନିଆଯାଇଥିଲା ବୋଲି ସୂଚନା ମିଳିଛି।

## ରାଜ୍ୟ ବାହାରକୁ...

କାଠଚୋରମାନେ ଫେରାର ହୋଇଯାଉଥିବାରୁ ବନ ବିଭାଗର କେତେଜଣ କର୍ମଚାରୀ ଓ ଅଧିକାରୀଙ୍କ ସମ୍ପୃକ୍ତିକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ବୋଲି ଚର୍ଚ୍ଚା ହେଉଛି। ଏନେଇ ବଲାଙ୍ଗୀର ଡିଏଫ୍‌ଓ ଅଜିତ ବିଶିଙ୍କୁ ପଚରାଯିବାରୁ ଗତ ୧୦ ମାସ ମଧ୍ୟରେ ଜିଲାରେ କାଠ ଚୋରାଚାଲାଣ ଉପରେ ବଡଧରଣର ଚଢ଼ାଉ ଅଭିଯାନ କରାଯାଇଛି। ୪୦ରୁ ଉର୍ଦ୍ଧ୍ୱ ଟ୍ରିପ୍ କଳାକେନ୍ଦୁ, ଖଇର ଓ ଅନ୍ୟ ଗଛ ଜବତ କରାଯାଇଛି। ଅନେକ ସ୍ଥାନରୁ ଲୋକେ ନିଜର ଘରୋଇ ଜମିରୁ କଳାକେନ୍ଦୁ ଓ ଖଇର ଗଛ କାଟି ବିକ୍ରି କରୁଥିବା ଖବର ମିଳୁଛି। ଏହା ଉପରେ ବି କାର୍ଯ୍ୟାନୁଷ୍ଠାନ କରାଯାଉଛି। ସଚେତନତା ଜାରି ରହିଛି। ଜଙ୍ଗଲ ସୁରକ୍ଷା ଉପରେ ବନ ବିଭାଗ ଟିମ୍ ଗୁରୁତ୍ୱ ଦେଉଛି। କଳାକେନ୍ଦୁ ଏବଂ ଖଇର ଗଛ ସହ ଅନ୍ୟ ଗଛ ଚୋରାଚାଲାଣ ରୋକିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

# ୩ ଛାତ୍ରୀଙ୍କୁ ପ୍ରିନ୍ସିପାଲ ମାଡ଼ ମାରି କ୍ଷତାକ୍ତ କରିଥିବା ଅଭିଯୋଗ

## ସ୍କୁଲ ଗସ୍ତ ବେଳେ ଘଟଣା ସମ୍ପର୍କରେ ଅବଗତ ହେଲେ ଜିଲା ପରିଷଦ ସଭ୍ୟ

ନନ୍ଦାହାଣ୍ଡି,୫।୨(ପ୍ରଦୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ସରୁଗୁଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କୁ ପ୍ରିନ୍ସିପାଲ କୋଠର ଦଣ୍ଡ ଦେଇଥିବା ଅଭିଯୋଗ ଆଣିଛନ୍ତି ନନ୍ଦାହାଣ୍ଡି ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର। ଉକ୍ତ ଆଦର୍ଶ ବିଦ୍ୟାଳୟକୁ ଗସ୍ତ ସମୟରେ ୩ ଛାତ୍ରୀଙ୍କୁ ପ୍ରିନ୍ସିପାଲ ମାଡ଼ମାରି କ୍ଷତାକ୍ତ କରିଥିବା ସେ ଦେଖିବାକୁ ପାଇଥିବା ନେଇ ନିଜ ଫେସ୍‌ବୁକ୍‌ରେ ଭିଡିଓ ପୋଷ୍ଟକରି ଅଭିଯୋଗ କରିଛନ୍ତି। ଜିଲା ପରିଷଦ ସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଚାଉଳରେ ମଧ୍ୟାହ୍ନଭୋଜନ ଦିଆଯାଉଥିବା ନେଇ ତାଙ୍କ ନିକଟରେ ଅଭିଯୋଗ ଥିଲା। ଏହାର ସତ୍ୟାସତ୍ୟ ଜାଣିବାକୁ ଗୁରୁବାର ସ୍କୁଲରେ ପହଞ୍ଚି ଷ୍ଟକ୍ ରୁମ୍ ଯାଞ୍ଚକରିଥିଲେ। ଏହି ସମୟରେ ମାଟି, ଧୂଳି, ମୂଷା ମଳ, ଅଖା ଗୁଣ୍ଡ ଓ ପୋକ ସାଲୁବାଲୁ ହେଉଥିବା ଚାଉଳ ଦେଖିବାକୁ ପାଇଥିଲେ। ଏହି ସମୟରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଥିବାବେଳେ ପ୍ରିନ୍ସିପାଲ ମାଡ଼ମାରି କ୍ଷତାକ୍ତ କରିଥିବା ୩ ଜଣ ଛାତ୍ରୀ ଅଭିଯୋଗ କରିଥିଲେ। ନିମ୍ନମାନର ଚାଉଳ ଓ ଛାତ୍ରୀଙ୍କୁ ମାଡ଼ ମାରିବା ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଡିଇଓ ଛତ୍ରପତି ସାହୁଙ୍କୁ ଜଣାଇଥିଲେ। ଘଟଣା ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଜାଣିବାକୁ ପ୍ରିନ୍ସିପାଲ ସିପ୍ରାଙ୍କିତା ପଣ୍ଡାଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାହା ବନ୍ଦ କରିଥିବାରୁ ଏ ନେଇ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଡିଇଓ ଛତ୍ରପତି ସାହୁଙ୍କୁ ପଚାରିବାରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟାଳୟକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ତାଙ୍କ ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଗୋମାଂସ ଚାଲାଣ ବେଳେ କାର୍ ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ

ଧାମନଗର,୫।୨(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବିଷ୍ଣୁପୁର ଛକ ନିକଟରେ ଗୁରୁବାର ସକାଳେ ଏକ କାର୍ ଗୋମାଂସ ନେଇ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେବା ଫଳରେ କାର୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାମନଗର ଏନ୍‌ଏସି ଅଧୀନ ପଠାଣମହଲାର ସେକ ମୁସ୍ତାକ(୨୮)।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୫ଟା ୩୦ ବେଳେ ଏକ କାର୍(ଓଆର୍ ୦୫ ଏଏଚ୍ ୯୫୭୫) ପ୍ରାୟ ୪ କୁଇଣ୍ଟାଲ ଗୋମାଂସ ନେଇ ଧାମନଗରରୁ ଭଦ୍ରକ ଅଭିମୁଖେ ଯାଉଥିଲା। ବିଷ୍ଣୁପୁର ଛକ ନିକଟରେ ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଅଜଣା ଗାଡ଼ି ପଛକୁ କାର୍ ଧକ୍କା ଦେଇଥିଲା। ଅନ୍ୟ ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ କାର୍‌ଟିର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବା ସହ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ପରେ ଧାମନଗର ପୋଲିସ ଏସ୍‌ଆଇ ନାରାୟଣ ନାୟକ ଓ ଏଏସ୍‌ଆଇ ସୁଜିତ୍ ରାଉତ ସଦଳବଳ ଉକ୍ତ ସ୍ଥାନରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଜବତ ଗୋମାଂସକୁ ନିକଟସ୍ଥ ପଡ଼ିଆରେ ମାଟି ଖୋଳି ପୋତାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରି ଧାମନଗର ଥାନାକୁ ନେଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୧/୨୬) ରୁଜୁ ହୋଇଛି।



ଦୁର୍ଘଟଣାଗ୍ରସ୍ତ କାର୍।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
No.25001/21/2526
Ph. No.-0674-2301787, Fax No.-0674-2300965, E.Mail I.D.-eerw_bbsr@yahoo.co.in
NO:-Tender-Online-BBSR Divn.-36 — Date : 27.01.2026

**e-Procurement Notice**

1. Name of the work : Repair / Maintenance Building
2. Total No. of Projects : 01 No. of Project
3. Class of contractor
   a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.16.82 lakh
5. Time for completion : As per annexure of TCN Col. No.5
6. Other details

| Procurement Officer | Bid Identification No. | Availability of Tender online for Bidding From | Availability of Tender online for Bidding To | Date & Time of opening of tender |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-33 | 03.02.2026 at 11.00 A.M. | 11.02.2026 up to 5.00 P.M. | 12.02.2026 at 11.00 A.M. |

Further details can be seen from the website www.tendersorissa.gov.in
Sd./- Superintending Engineer Rural Works Divn., BBSR
OIPR-25001/25066/1/25-26/0021

# ୧୪ ଲକ୍ଷ ଠକେଇ, ଗାଁରୁ ପରିବାର ବାସନ୍ଦ

## ନ୍ୟାୟ ନ ମିଳିଲେ ଜିଲାପାଳ, ଏସ୍‌ପିଙ୍କ ଅଫିସ ଆଗରେ ଦେବେ ଧାରଣା

ଛତ୍ରପୁର,୫।୨ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲାରେ ସାମାଜିକ ବାସନ୍ଦ ଭଳି ଘଟଣାରେ ରୋକ ଲାଗୁନାହିଁ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ସଚେତନତା ସହ କାର୍ଯ୍ୟକ୍ରମମାନ କରାଯାଉଥିଲେ ମଧ୍ୟ ଏହା କମିବା ଲକ୍ଷ୍ୟ କରାଯାଉନାହିଁ। ଜିଲା ସଦର ମହକୁମା ଛତ୍ରପୁରରେ ଏକ ଠକେଇ ଘଟଣାରେ ଗୋଟିଏ ପରିବାର ବର୍ଷେ ହେଲା ଗ୍ରାମରୁ ବାସନ୍ଦ ହୋଇ ରହିଛନ୍ତି। ଏନେଇ ପ୍ରଶାସନକୁ ଅବଗତ କରି ମଧ୍ୟ କିଛି ସୁଫଳ ମିଳିନାହିଁ। ତାଙ୍କ ପରିବାରକୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଜିଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି ଠକେଇର ଶିକାର ହୋଇଥିବା ପି. ନାରାୟଣ ରେଡ୍ଡୀ।

ଖବରରୁ ଜଣାପଡ଼ିଛି, ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବାସନାପଲ୍ଲୀ ଗ୍ରାମରେ ପି. ନାରାୟଣ ରେଡ୍ଡୀଙ୍କ ପରିବାର ବାସ କରନ୍ତି। ପରିବାରରେ ପି. ନାରାୟଣଙ୍କ ସ୍ତ୍ରୀ ପି. ସରସ୍ୱତୀ, ପୁଅ ପି. ଅନୀଲ ରେଡ୍ଡୀ ଓ ବୋହୂ ଜି. ଚାନ୍ଦିନୀ ରହୁଛନ୍ତି। ଗ୍ରାମର କେତେଜଣ ମହିଳା ଏକାଠି କିଛି ଟଙ୍କା ରଖି ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ଆବଶ୍ୟକ ସମୟରେ ନେଉଥିଲେ। ଏଥିପାଇଁ ସେମାନେ ପି. ନାରାୟଣଙ୍କ ଘରେ ବସି ଟଙ୍କାପଇସାର ହିସାବକିତାବ କରୁଥିଲେ। ୨୦୨୩ ଅକ୍ଟୋବରରେ ଗ୍ରାମର ବନ୍ଦନା ଚୌଧୁରୀ ପି. ନାରାୟଣଙ୍କ ଘରେ ଆଲୋଚନା ବେଳେ ତାଙ୍କର ଜରୁରୀ ଥିବାରୁ ୧୪ ଲକ୍ଷ ଟଙ୍କା ନେଇଥିଲେ। ପରେ ସେ ନେଇଥିବା ଟଙ୍କା ବାବଦ ସୁଧ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। କିଛିଦିନ ବ୍ୟବଧାନରେ ତାଙ୍କୁ ଟଙ୍କା ପାଇଁ କହିବାରୁ ବନ୍ଦନା ଗ୍ରାମରୁ ଫେରାର ହୋଇଯାଇଥିଲେ। ଏଯାଏ ସେ ଗ୍ରାମକୁ ଫେରିନାହାନ୍ତି।

ପି. ନାରାୟଣଙ୍କୁ ୨୦୨୫ ନଭେମ୍ବରରେ ଗ୍ରାମବାସୀ ତାଙ୍କ ଟଙ୍କା ମାଗିଥିଲେ। ଏହି ଟଙ୍କା ଦେବାକୁ ପି. ନାରାୟଣ ଅସମର୍ଥ ପ୍ରକାଶ କରିଥିଲେ। ଗ୍ରାମବାସୀ ବାରମ୍ବାର ଟଙ୍କା ମାଗି ବିଫଳ ହେବାରୁ ପି. ନାରାୟଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୬/୨୫ରେ ଏକ ମାମଲା ରୁଜୁ କରିଥିଲା। ଏହି ଟଙ୍କାକୁ ନେଇ ପରବର୍ତ୍ତୀ ସମୟରେ ଗ୍ରାମର କେତେଜଣ ବ୍ୟକ୍ତି ପି. ନାରାୟଣଙ୍କ ସହ ଝଗଡ଼ା କରି ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ସେ ଛତ୍ରପୁର ଥାନାରେ ଅଭିଯୋଗକ୍ରମେ ୭/୨୬ରେ ଏକ ମାମଲା ରୁଜୁ ହୋଇଥିଲା।

ଅନ୍ୟପକ୍ଷରେ ଘଟଣା ଥାନାକୁ ଯିବା ଦେଖି ଏହାକୁ ପ୍ରତ୍ୟାହାର କରିବାକୁ ଗ୍ରାମବାସୀ ପି. ନାରାୟଣଙ୍କୁ ବାଧ୍ୟ କରିଥିଲେ। ଉଭୟ ପକ୍ଷରୁ ଏହି ଅଭିଯୋଗ ହୋଇଛି। ଉଭୟ ପକ୍ଷ ଏହା ପ୍ରତ୍ୟାହାର କରି ଆଣିବାକୁ ପି. ନାରାୟଣ କହିଥିଲେ। ତାଙ୍କ କଥାରେ ଗ୍ରାମବାସୀ ରାଜି ହୋଇ ନ ଥିଲେ। ପରେ ଗ୍ରାମବାସୀ ତାଙ୍କୁ ଗ୍ରାମରୁ ସାମାଜିକ ବାସନ୍ଦ କରିବା ସହ ଗ୍ରାମରେ କୌଣସି ଭୋଜିଭାତରେ ପି. ନାରାୟଣଙ୍କ ପରିବାରକୁ ସାମିଲ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଟଙ୍କାକୁ ନେଇ ତାଙ୍କ ଘରକୁ ନିଲାମ କରିବାକୁ ମଧ୍ୟ ଗ୍ରାମର କେତେଜଣ ବ୍ୟକ୍ତି ଉଦ୍ୟମ କରୁଥିବା ପି. ନାରାୟଣ ଓ ପୁଅ ପି. ଅନୀଲ ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତାଙ୍କ ପରିବାରକୁ ନ୍ୟାୟ ଦେବାକୁ ବାପପୁଅ ନିବେଦନ କରିଛନ୍ତି।



ପି.ନାରାୟଣଙ୍କ ପରିବାର।

**ODISHA MINING CORPORATION LTD**
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
OMC ODISHA MINING CORPORATION LTD. — Mining Happiness

No.30001/5/2526 **NOTICE INVITING REQUEST FOR PROPOSAL (RFP)**
RfP No.01/OMC/CIVIL/2026 — Dated : 30.01.2026

1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : https://www.tendersodisha.gov.in
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.

All other details can be seen from RfP Document at https://www.tendersodisha.gov.in.
Odisha Mining Corporation Limited reserves the right to reject any or all RfPs received without assigning any reason thereof.
OIPR-30001/30005/1/25-26/0005 — Sd./- GM (Civil)

**Odisha State Museum**
No.3001/3/2526
Kalpana Square, Bhubaneswar-751014 (Odisha), Dist.-Khordha, Tel/Fax-0674-2431597
Email: supdt.museum@hotmail.com Website:www.odishamuseum.nic.in/index.htm

**NOTICE INVITING TENDER (NIT)**
RFP No.196/OSM/Dated 02.02.2026

Name of Work: For Selection of Service Provider Agency for Providing Manpower through out-sourcing basis to Odisha State Museum, Bhubaneswar & Anand Bhawan Museum & Learning Centre, Cuttack.

| Sl. No. | Name of Work | Eligibility | Total Period | E.M.D. in Rs. | Cost of Tender Document in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Vendors to Submit Their Bids For Selection of Service Provider Agency for Providing Manpower through outsourcing basis to Odisha State Museum, Bhubaneswar & Anand Bhawan Museum & Learning Centre, Cuttack | Eligible Agency Experienced in Similar Works as Specified in the Tender Document | 1 Year | 3,00,000/- | 11,200/- (Non- Refundable) |

Date of Issue of RFP: 03.02.2026 at 10.00 A.M.
Deadline for receipt of Proposal: 10.02.2026 on 05.30 P.M.
Date of Opening of technical proposal: 11.02.2026 on 11.30 A.M.
The RFP will be available in the office of the Superintendent, Odisha State Museum, Bhubaneswar, Amendment, Corrigendum/ Cancellation if any shall be posted online only.
OIPR-3001/3015/1/25-26/0003 — Sd./- Superintendent of Museum, Odisha, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହକି ଇଣ୍ଡିଆର ୨୪ ଜଣିଆ ଦଳ ଘୋଷଣା

**ନୂଆଦିଲ୍ଲୀ, ୫।୨(ପି.ଟି.)**

ଓଡ଼ିଶାର ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଇଣ୍ଟରନ୍ୟାଶନାଲ ହକି ଷ୍ଟାଡିୟମରେ ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ହେବାକୁଥିବା ପୁରୁଷ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ହକି ଇଣ୍ଡିଆ (ଏଚ୍‌ଆଇ) ଏକ ୨୪ ଜଣିଆ ଭାରତୀୟ ହକି ଦଳ ଘୋଷଣା କରିଛି। ସିଜନ ଆରମ୍ଭ ପୂର୍ବରୁ ହକି ଇଣ୍ଡିଆ ଗତ ମାସରେ ଏକ ୩୩ଜଣିଆ ସମ୍ଭାବ୍ୟ ଦଳ ମନୋନୟନ କରାଯାଇଥିଲା। ତେବେ ଇଭେଣ୍ଟର ରାଉରକେଲା ପର୍ଯ୍ୟାୟ ପାଇଁ ୨୪ ଜଣିଆ ଦଳ ଘୋଷଣା କରାଯାଇଛି।

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

ଘରୋଇ ପର୍ଯ୍ୟାୟରେ ଭାରତ ବ୍ୟତୀତ ଆର୍ଜେଣ୍ଟିନା ଓ ବେଲଜିୟମ ଭଳି ଅନ୍ତର୍ଜାତୀୟ ହେଭିଓ୍ୱେଟ ଦଳ ଅଂଶଗ୍ରହଣ କରିବେ। ଏହି ଅବସରରେ ମୁଖ୍ୟ କୋଚ୍ କ୍ରେଗ୍ ଫଲ୍‌ଟନ କହିଛନ୍ତି, ଇଭେଣ୍ଟ ପାଇଁ ଏକ ଯୁବ ଓ ଅଭିଜ୍ଞ ମିଶ୍ରିତ ଖେଳାଳି ଦଳ ଚୟନ କରାଯାଇଛି। ଏଥିରେ ରୋସନ କୁଜୁର ଓ ମନମିତ୍ ସିଂଙ୍କ ଭଳି ଯୁବ ପ୍ରତିଭା ଖେଳାଳିଙ୍କୁ ସାମିଲ କରାଯାଇଛି। ଗୋଲ୍‌କିପିଂ ଦାୟିତ୍ୱରେ ରହିବେ ସୁରଜ କରକେରା ଓ ପଓ୍ୱନ। ଡିଫେନ୍‌ସିଭ ୟୁନିଟ୍ ସମ୍ଭାଳିବେ ଅଧିନାୟକ ହରମନପ୍ରୀତ ସିଂ, ଅମିତ ରୋହିଦାସ, ଜର୍ମନପ୍ରୀତ ସିଂ, ଯୁଗରାଜ ସିଂ, ସୁମିତ ସଞ୍ଜୟ ଓ ନିଲମ ସଞ୍ଜୀପ ଖେସ୍। ନିକଟରେ ହକି ଇଣ୍ଡିଆ ଲିଗ୍ ପ୍ରଭାବୀ ପ୍ରଦର୍ଶନ ସହ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ଡିଫେଣ୍ଡର ଅମନଦୀପ ଲାକ୍ରାଙ୍କୁ ଦଳରେ ସାମିଲ କରାଯାଇଛି। ମିଡ୍‌ଫିଲ୍ଡରେ ଖେଳିବେ ରାଜିନ୍ଦର ସିଂ, ମନମିତ ସିଂ, ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ନୀଳକାନ୍ତ ଶର୍ମା ଓ ରୋସନ କୁଜୁର। ଓଡ଼ିଶାର ୨୧ ବର୍ଷୀୟ ରୋସ କୁଜୁର ପ୍ରଥମ ଥର ଜାତୀୟ ସିନିୟର ଦଳରେ ସ୍ଥାନ ପାଇଛନ୍ତି। ଚେନ୍ନାଇରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଜୁନିୟର ବିଶ୍ୱକପ୍ ୨୦୨୫ରେ ବ୍ରୋଞ୍ଜ ଜିତିଥିବା ଭାରତୀୟ ଦଳର ସେ ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ସେ ଆହୁରି ମଧ୍ୟ ଘରୋଇ ସିଜନରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳର ଜଣେ ପ୍ରମୁଖ ଖେଳାଳି ଥିଲେ। ଏହି ଦଳ ହକି ଇଣ୍ଡିଆ ଲିଗ୍ ୨୦୨୫-୨୬ ଟାଇଟଲ ବିଜେତା ହୋଇଥିଲା। ସେହିପରି ଭାରତର ଫରଓ୍ୱାର୍ଡ ଲାଇନ୍ ପାଇଁ ଅଭିଷେକ, ସୁଖଜିତ୍ ସିଂ, ଶିଳାନନ୍ଦ ଲାକ୍ରା, ସେଲ୍‌ଭାମ୍ କାର୍ଥି, ମନଦୀପ ସିଂ, ଅରାଇଜିତ୍ ସିଂ ହୁଣ୍ଡାଲ ଓ ଆଦିତ୍ୟ ଅର୍ଜୁନଙ୍କୁ ମନୋନୀତ କରାଯାଇଛି। ଗତ ସିଜନରେ ଭାଗ ନେଇଥିବା ୯ଟି ଦଳ ମଧ୍ୟରେ ଭାରତ ୮ମ ସ୍ଥାନ ଅଧିକାର କରିଥିଲା। ଏଥର ଭାରତ ପ୍ରଥମେ ଫେବୃଆରୀ ୧୧ରେ ବେଲଜିୟମ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏହାର ଦିନକ ପରେ ଦଳ ଆର୍ଜେଣ୍ଟିନାକୁ ଭେଟିବ। ହରମନପ୍ରୀତଙ୍କ ନେତୃତ୍ୱାଧୀନ ଦଳ ପରେ ରିଟର୍ନ ଫିକ୍ସରରେ ପ୍ରଥମେ ଫେବୃଆରୀ ୧୪ରେ ବେଲଜିୟମ ଏବଂ ୧୫ରେ ଆର୍ଜେଣ୍ଟିନା ସହ ମୁକାବିଲା କରିବ। ଦଳ ପରେ ହୋବାର୍ଟ ଗସ୍ତ କରିବ। ସେଠାରେ ସ୍ପେନ ବିପକ୍ଷରେ ଭାରତ ଫେବୃଆରୀ ୨୧ ଓ ୨୪ରେ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଫେବୃଆରୀ ୨୨ ଓ ୨୫ରେ ଖେଳିବ। ଟୁର୍ନାମେଣ୍ଟର ୟୁରୋପିଆନ ପର୍ଯ୍ୟାୟ ଜୁନ୍‌ରେ ଆରମ୍ଭ ହେବ।


## ଜନ୍ମଦିନ ଶୁଭେଚ୍ଛା



**ଜ୍ୟୋତିଲିପ୍ସା ବିଶ୍ୱାଳ**

୧୩୨ ଡେଲ୍ଟା କଲୋନୀ, ପାଇକ ନଗର ରୋଡ୍, ଡେଲ୍ଟା କଲୋନୀ, ଭୁବନେଶ୍ୱର, ଓଡ଼ିଶା- ୭୫୧୦୧୨

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ- ବାପା, ମାମା, ଇଶା, ମାମୁନ୍, ସ୍ମୃତି, ବାପୁନ୍, ଲକି, ମାନବ୍, ଲିପୁ, କଣ୍ଢେଇ, ଦିପୁ

ଧ-୩୩୧୫


### ଟି୨୦ ବିଶ୍ୱକପ୍ ଉଦ୍‌ଘାଟନୀ

# ପର୍‌ଫର୍ମ କରିବେ ନୋରା, ବାଦ୍‌ଶା

**ମୁମ୍ବାଇ,୫।୨**

ଆଗାମୀ ଟି୨୦ ବିଶ୍ୱକପ୍ ଏକ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ସହ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ଶନିବାର ଓ୍ୱାଙ୍ଖେଡେ ଷ୍ଟାଡିୟମରେ ସନ୍ଧ୍ୟାରେ ଭାରତ ଓ ଆମେରିକା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ହେବ। ଏ ନେଇ ଏକ ଜାତୀୟ ଇଂରାଜୀ ଖବର କାଗଜରେ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ମୁତାବକ, ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଓ ପପ୍ ମ୍ୟୁଜିକ ଶୋ' ସହିତ ବଲିଉଡ୍ ତାରକାଙ୍କ ଡ୍ୟାନ୍ସ ଦେଖିବାକୁ ମିଳିବ। ଏଥିରେ ଜଣାଶୁଣା ତବଲା ବାଦକ ଶିବମଣି ଓ ସିତାର ବାଦକ ରିଷଭ ରିଖିରାମ ଶର୍ମା, ବଲିଉଡ୍ ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେଇ, ରାପର-ସିଙ୍ଗର ବାଦଶା ପର୍ଫମ କରିବେ। ଏଥିସହିତ ଆଇସିସି ପକ୍ଷରୁ ଟୁର୍ନାମେଣ୍ଟ ଲାଗି ଅଫିସିଆଲ ଥେମ ସଙ୍ଗ 'ଫିଲ ଦି ଥ୍ରିଲ' ଉନ୍ମୋଚନ କରାଯିବାର ଯୋଜନା ରହିଛି। ଏହି ଟ୍ରାକକୁ ଲୋକପ୍ରିୟ ଗୀତକାର ଅନିରୁଦ୍ଧ ରବିଚନ୍ଦର କମ୍ପୋଜ କରିଛନ୍ତି। ସେ ଉଦ୍‌ଘାଟନୀ ଉତ୍ସବରେ ପର୍ଫମ କରିବେ ବୋଲି ଆଶା କରାଯାଉଛି।

# ଦିଲ୍ଲୀ କ୍ୟାପିଟାଲ୍ସର ଦୃଢ଼ ବ୍ୟାଟିଂ

**ଭଦୋଦରା,୫।୨**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଚତୁର୍ଥ ସଂସ୍କରଣରେ ଗୁରୁବାର ଖେଳାଯାଇଥିବା ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ପରସ୍ପରକୁ ଭେଟିଛନ୍ତି। ଅଧିନାୟିକା ଜେମିମା ରୋଡ୍ରିଗ୍ସଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ପ୍ରତିପକ୍ଷ ଆର୍‌ସିବି ଆଗରେ ୨୦୪ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଛିଡ଼ା କରିଛି। ଏହା ଡବ୍ଲ୍ୟୁପିଏଲ୍ ଫାଇନାଲ ଇତିହାସରେ ସର୍ବାଧିକ ଦଳଗତ ସ୍କୋର।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀକୁ ଲିଜେଲ ଲି ଓ ଶେଫାଳି ବର୍ମା ୪୮ ରନର ଭଲ ଆରମ୍ଭ ପ୍ରଦାନ କରିଥିଲେ। ପାଓ୍ୱରପ୍ଲେର ଅନ୍ତିମ ଓଭରରେ ଲଗାତର ଦୁଇ ଚୌକା ମାରିବା ପରେ ଶେଫାଳି (୨୦ ରନ, ୩ ଚୌକା) ପାଭିଲିଅନ ଫେରିଥିଲେ। ସେଟ୍ ହେବା ପରେ ଆଟାକିଂ ବ୍ୟାଟିଂ କରୁଥିବା ଲିଜେଲ ୩୦ ବଲରେ ୩୭ (୩ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଲୌରା ଓ୍ୱଲଭାର୍ଡଟ ଓ ଅଧିନାୟିକା ଜେମିମା ଦ୍ରୁତ ୭୬ ରନ ଯୋଡ଼ି ଦଳକୁ ଏକ ବଡ଼ ସ୍କୋର ଦିଗରେ ଆଗେଇ ନେଇଥିଲେ। ପ୍ରାୟତଃ ସିଜନରେ ସଂଘର୍ଷ କରିଥିବା ଜେମିମା ୩୭ ବଲରେ ୮ ଚୌକା ସହ ୫୭ ରନ କରିବା ପରେ ପାଭିଲିଅନ ଫେରିଥିଲେ। ଏହିଠାରୁ ଚିନେଲ ହେନରୀ ଓ ଓ୍ୱଲଭାର୍ଡଟ ଆଟାକିଂ ବ୍ୟାଟିଂ କରିଥିଲେ। ଦୁହେଁ ଅବିଭାଜିତ ଚତୁର୍ଥ ଉଇକେଟରେ ୨୪ ବଲରେ ଦ୍ରୁତ ୫୪ ରନ ଯୋଡ଼ିଥିଲେ। ଏପରିକି ଦୁଇ ବ୍ୟାଟର ଅନ୍ତିମ ଦୁଇ ଓଭରରେ ୩୯ ରନ ଯୋଡ଼ିଥିଲେ। ଟୁର୍ନାମେଣ୍ଟର ସର୍ବାଧିକ ଉଇକେଟ ନେଇଥିବା ନାଦିନେ ଡି କ୍ଲର୍କଙ୍କ ୧୯ତମ ଓଭରରେ ଦୁହେଁ ୪ ଚୌକା ଓ ୧ ଛକା ସହ ୨୪ ରନ କରିଥିଲେ। ଫଳରେ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୩ ରନ କରିଥିଲା।

## ଡବ୍ଲ୍ୟୁପିଏଲ ଫାଇନାଲ

ଓ୍ୱଲଭାର୍ଡଟ ୨୫ ବଲରେ ୪୪ (୩ ଚୌକା ଓ ୨ ଛକା) ରନ କରି ରନ୍‌ଆଉଟ୍ ହୋଇଥିବା ବେଳେ ହେନରୀ ୧୫ ବଲରେ ୩୫ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ଆର୍‌ସିବି ପାଇଁ ସୟାଲି ସାଟଘରେ, ଅରୁନ୍ଧତୀ ରେଡ୍ଡୀ ଓ ନାଦିନେ ଡି କ୍ଲର୍କ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୦୩/୪ (ଜେମିମା ରୋଡ୍ରିଗ୍ସ-୫୭, ଲୌରା ଓ୍ୱଲଭାର୍ଡଟ-୪୪, ଲିଜେଲ ଲି-୩୭, ଚିନେଲ ହେନରୀ-୩୫*, ଅରୁନ୍ଧତୀ ରେଡ୍ଡୀ-୧/୪୦, ସୟାଲି ସାଟଘରେ-୧/୪୬)।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଜେମିମା ରୋଡ୍ରିଗ୍ସ।



ବିଜୟନଗରମ ଓ୍ୱାରିୟର୍ସର ବି. ସାତଭିକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ସେମିରେ ବିଜୟନଗରମ୍ ଓ୍ୱାରିୟର୍ସ

**ଧାମନଗର, ୫।୨(ଦେବେନ୍ଦ୍ର ଆଦ୍ଦିଆ)**

## ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆନ୍ଧ୍ରପ୍ରଦେଶର ବିଜୟନଗରମ ଓ୍ୱାରିୟର୍ସ ଓ ବାଲେଶ୍ୱର ଆଦର୍ଶ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବିଜୟନଗରମ ଓ୍ୱାରିୟର୍ସ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ବିଜୟନଗରମ ଓ୍ୱାରିୟର୍ସ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୩ ରନ୍ କରିଥିଲା। ଦଳ ପକ୍ଷରୁ କେ. ଈଶ୍ୱର ପ୍ରସାଦ ୩୦ ବଲ୍‌ରେ ୪୫ ରନ୍, ଓରାମତି ହରିଷ ୩୦ ବଲ୍‌ରେ ୨୨ ଓ ଭିତଲ କୁମାର ୧୦ ବଲ୍‌ରେ ୨୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଶେଖର ମାଝୀ ୫ ଓଭରରେ ୨୭ ରନ୍ ଦେଇ ୩ ଉଇକେଟ, ମୁକେଶ କୁମାର ୫ ଓଭରରେ ୩୨ ରନ୍ ଦେଇ ୨ ଉଇକେଟ ଓ ସାର୍ଥକ ଚୌଧୁରୀ ୪.୫ ଓଭରରେ ୪୩ ରନ୍ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଆଦର୍ଶ କ୍ରିକେଟ କ୍ଲବ୍ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ୍ କରିଥିଲା। ଦଳ ପକ୍ଷରୁ ଏସ୍.କେ. ମିନହାଜ ଚାନ୍ଦ ୨୯ ବଲ୍‌ରେ ୨୨ ରନ୍, ମୁକେଶ କୁମାର ୧୪ ବଲ୍‌ରେ ୧୫ ଓ ପ୍ରବୀଣ କୁମାର ୧୬ ବଲ୍‌ରେ ୧୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ବି. ସାତଭିକ ୫ ଉଇକେଟ ଓ ଭିତଲ କୁମାର ୩ ଉଇକେଟ ଅକ୍ତିଆର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ବିଜୟନଗରମ ଓ୍ୱାରିୟର୍ସର ବି. ସାତଭିକଙ୍କୁ ଯାଜପୁର କ୍ରିକେଟ ଆସୋସିଏଶନ ସମ୍ପାଦକ ଶ୍ରୀଜୟ ମହାପାତ୍ର ଓ ପୂର୍ବତନ ସରପଞ୍ଚ ଶରତ ମାଝୀ ପୁରସ୍କୃତ କରିଥିଲେ। ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଦେବବ୍ରତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

Own Gharabari Residential Plot 3100sqft. with Compoundwall & Electricity at Brahmanjharilo, 7km from Phulnakhara, Cuttack & 12km from Bhubaneswar. Total Rs.41Lakhs (Including Registr ation charges). 7809525452. D-240

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

**Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995.** D-75860



3BHK with car parking, ground floor and second floor for residential office, godown at Gangotrinagar near Nuagan petrolpump. Contact: 6370641665. D-3308



All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

AFFIDAVIT

By virtue of an affidavit sworn before Notary Public, Borigumma, dated- 03.01.2026, I, LABANI MUDULI, Address: Bamuniaguda, P.O.- Sosahandi, P.S.-Kotpad, Dist.- Koraput, Odisha- 764056 declare that I have changed the name of my son from DUSHMANTA MUDULI (Old name) to DRONA MUDULI (New name). Henceforth, he shall be known as DRONA MUDULI (New name) for all purposes.
Labani Muduli
D-3311

By virtue of an affidavit sworn before Notary Public, Borigumma, dated- 22.01.2026, I, BHAGABATI BHATARA (New name), Address: At- Sanaparia, P.O.- Sanaparia, P.S.- Borigumma, Dist.- Koraput, Odisha- 754056 declare that I have changed my name from BHAGABATI DISHARI (Old name) to BHAGABATI BHATARA (New name). Henceforth, I shall be known as BHAGABATI BHATARA (New name) for all purposes.
Bhagabati Bhatara
D-3312

By virtue of an affidavit sworn before Notary Public, Borigumma, dated- 03.01.2026, I, DEBA BHATBHOI, Address: Hordali, P.O.- Hordali, P.S.- Borigumma, Dist.- Koraput, Odisha- 764056 declare that I have changed the name of daughter from PRATIBHA BHATABHOYI (Old name) to RAKHI BHATBHOI (New name). Henceforth, he shall be known as RAKHI BHATBHOI (New name) for all purposes.
Deba Bhatbhoi
D-3313

By virtue of an affidavit sworn before Notary Public, Borigumma, dated- 03.01.2026, I, KHAGAPATI GOUDA, Address: Nuaguda, P.O.- Gujuniguda, P.S.- B.Singhpur, Dist.- Koraput, Odisha- 764056 declare that I have changed the name of son from MOHAN GOUDA (Old name) to MANOJ GOUDA (New name). Henceforth, he shall be known as MANOJ GOUDA (New name) for all purposes.
Khagapti Gouda
D-3314

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Bharat Bhushan Sahoo, aged about 29 years, S/o.- Himanshu Chandra Sahoo, resident of Mathasahi, Kanti Vihar, Saikrupa Nivas, P.S./ Dist.- Bhadrak, PIN- 756100, Odisha declare by this affidavit No. 1082, dated- 05.02.2026 that now onwards my father's name shall be HIMANSU CHANDRA SAHOO for all future purposes. D-7694

I, SHEKH ARIF ALLI, S/o. Sk. Saukat Ali, R/o. At- Sunapali, P.O.- Dhankauda, P.S.- Dhanupali, Dist.- Sambalpur- 768006, (Odisha) declare by this affidavit No.667 date 29.01.2026 that now onwards I shall be known as Sk. Arif Alli for all future purposes. D-3306

I, Mohammad(MD) Aslamur Rahman, S/o. Late Afzalur Rahman, resident of Vill.- Badamangalpur, P.O./ P.S.- Dharmasala, Dist.- Jajpur, PIN- 755008, Odisha declare by this affidavit No. VI-158/26 dated 02.02.2026 that now onwards I shall be known as Aslamur Rahman for all future purposes. D-3307


# ଧାବିକା ପୂଜା ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୫।୨ (ପି.ଟି.)**

ଡୋପ୍ ଟେଷ୍ଟକୁ ଏଡ଼ାଇ ଭାରତର ଜଣେ କମ୍ ଜଣାଶୁଣା ଲଙ୍ଗ ଡିଷ୍ଟାନ୍ସ ଧାବିକା ପୂଜା ଆତ୍ମାରାମ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ୟୁଆଇୟୁ) ଦ୍ୱାରା ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ପୂଜା ୫୦୦୦ ମିଟର ଓ ୧୦,୦୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିଥାନ୍ତି। ୨୦୨୪ ଇଣ୍ଡିଆନ ଗ୍ରାଁ ପ୍ରି-୨ରେ ସେ ରାଜସ୍ଥାନ ତରଫରୁ ପ୍ରତିନିଧିତ୍ୱ କରି ୫,୦୦୦ ମିଟର ଓ ୧୦,୦୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରି ୩ୟ ସ୍ଥାନ ଅଧିକାର କରିଥିଲେ। ଏପର୍ଯ୍ୟନ୍ତ ଏହା ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ଗତବର୍ଷ ଏହି ୩୦ ବର୍ଷୀୟା ଲକ୍ଷ୍ନୌଠାରେ ଅନୁଷ୍ଠିତ ଜାତୀୟ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ୨୫ତମ ସ୍ଥାନ ଅଧିକାର କରିଥିଲେ। ଜଣେ ଖେଳାଳି ଡୋପ୍ ଟେଷ୍ଟକୁ କିମ୍ବା ସାମ୍ପଲ ସଂଗ୍ରହ କରିବା ଲାଗି ମନାକରିବା ଅଭିଯୋଗରେ ପୂଜା ଆତ୍ମାରାମଙ୍କୁ ସସ୍‌ପେଣ୍ଡ କରାଯାଇଥିବା ଏଆଇୟୁ ତରଫରୁ ଏକ ବିବୃତିରେ କୁହାଯାଇଛି। ପୂଜାଙ୍କୁ ଓ୍ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ଓ୍ୱାଡା)ର ଧାରା ୨.୩ ଅନୁସାରେ ସସ୍‌ପେଣ୍ଡ କରାଯାଇଛି।






## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଗଜେନ୍ଦ୍ର ନାଥ ଦାସ

ପିତା: ସ୍ୱ ଦାମୋଦର ଦାସ
ମାନ୍‌ସିଂ ବଜାର, ମୋତିଗଞ୍ଜ, ବାଲେଶ୍ୱର

ଆବିର୍ଭାବ: ୦୩.୦୨.୧୯୬୦
ତିରୋଧାନ: ୦୬.୦୨.୨୦୨୫

ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛୁ।

-: ଶୋକ ସନ୍ତପ୍ତ :-
କଳ୍ପନା ଦାସ, ଭବାନୀ ଶଙ୍କର ଦାସ, ଲଲାଟେନ୍ଦୁ ଦାସ, ନବୀନ କୁମାର ଦାସ, ସୁଚିସ୍ମିତା ମଲ୍ଲିକ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୩୩୦୯


# ଆଇଓସିରେ ଇରାନର ପ୍ରଥମ ମହିଳା ସଦସ୍ୟ

**ମିଲାନ, ୫।୨ (ଏପି)**

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପ୍ରଥମ ଥର ଇରାନରୁ ଜଣେ ମହିଳା ସଦସ୍ୟଙ୍କୁ ନିର୍ବାଚିତ କରିଛି। ବର୍ତ୍ତମାନ ରହିଥିବା ସଦସ୍ୟମାନଙ୍କ ମଧ୍ୟରେ ସେ ସର୍ବକନିଷ୍ଠ। ତାଙ୍କ ନାମ ହେଉଛି ସେରାୟା ଆଘାଇ। ଟୋକିଓ ଅଲିମ୍ପିକ୍ସରେ ସେ ଇରାନ ତରଫରୁ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେ ୯୫-୨ ଭୋଟ୍ ବ୍ୟବଧାନରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ୧୦୭ତମ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଆଇଓସିରେ ଇରାନରୁ ପ୍ରତିନିଧିତ୍ୱ କରିବାରେ ସେ ତୃତୀୟ ଏବଂ ୨୦୦୪ ପରେ ପ୍ରଥମ ବ୍ୟକ୍ତି। ଆଇଓସିରେ ବର୍ତ୍ତମାନ ମହିଳା ସଦସ୍ୟଙ୍କ ସଂଖ୍ୟା ୪୫% ରହିଛି। ଏହାର ୧୩୨ ବର୍ଷର ଇତିହାସରେ ପ୍ରଥମ ଥର ଜଣେ ମହିଳା ସଭାପତି ପଦବୀ ଅଳଙ୍କୃତ କରିଛନ୍ତି। ସେ ହେଉଛନ୍ତି କିର୍ଷ୍ଟି କୋଭେଣ୍ଟ୍ରି।

# ଭାରତ ପାଇଁ ବଡ଼ ସୁଯୋଗ



ନିର୍ମଳ କୁମାର ମିଶ୍ର



### କେଉଁ ଦେଶ କେବେ

| ସିଜନ | ଆୟୋଜକ | ଚାମ୍ପିୟନ | ରନରଅପ୍ |
|---|---|---|---|
| ୨୦୦୭ | ଦ.ଆଫ୍ରିକା | ଭାରତ | ପାକିସ୍ତାନ |
| ୨୦୦୯ | ଇଂଲଣ୍ଡ | ପାକିସ୍ତାନ | ଶ୍ରୀଲଙ୍କା |
| ୨୦୧୦ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୨୦୧୨ | ଶ୍ରୀଲଙ୍କା | ୱେଷ୍ଟଇଣ୍ଡିଜ | ଶ୍ରୀଲଙ୍କା |
| ୨୦୧୪ | ବାଂଲାଦେଶ | ଶ୍ରୀଲଙ୍କା | ଭାରତ |
| ୨୦୧୬ | ଭାରତ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ |
| ୨୦୨୧ | ୟୁଏଇ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୨୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ | ପାକିସ୍ତାନ |
| ୨୦୨୪ | ୱେଷ୍ଟଇଣ୍ଡିଜ/ ଆମେରିକା | ଭାରତ | ଦକ୍ଷିଣ ଆଫ୍ରିକା |



ସୂର୍ଯ୍ୟକୁମାର ଯାଦବ

**ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଯାଉଛି ଟି୨୦ କ୍ରିକେଟ ବିଶ୍ୱକପ୍। ତେଣୁ ଭାରତ ପାଇଁ ଇତିହାସ ରଚିବାକୁ ସୁଯୋଗ ରହିଛି। ଏପର୍ଯ୍ୟନ୍ତ କୌଣସି ଆୟୋଜକ ଦେଶ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇନାହିଁ। ସେହିପରି କ୍ରମାଗତ ସଂସ୍କରଣରେ ମଧ୍ୟ କୌଣସି ଦଳ ଟାଇଟଲ ଜିତିନାହିଁ। ଭାରତ ଏହି ଧାରାରେ ବ୍ରେକ୍ ଲଗାଇବାର ଦକ୍ଷତା ରଖିଛି..**

ଇସିସି ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ପାଖେଇ ଆସିଛି। ଭାରତ ଓ ଶ୍ରୀଲଙ୍କାରେ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଖେଳାଯିବ। ଇତିମଧ୍ୟରେ ୱାର୍ମଅପ୍ ମ୍ୟାଚଗୁଡ଼ିକ ଆରମ୍ଭ ହୋଇ ପରିବେଶକୁ ଉଷ୍ମ କରିଛି। ୟୁଏସ୍ ଏବଂ ୱେଷ୍ଟଇଣ୍ଡିଜରେ ହୋଇଥିବା ନବମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ତେଣୁ ଭାରତ ଏଥର ଡିଫେଣ୍ଡିଂ ଚାମ୍ପିୟନଭାବେ ଟୁର୍ନାମେଣ୍ଟ ଖେଳିବ। ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ୯ଟି ସଂସ୍କରଣ ହୋଇ ସାରିଥିବାବେଳେ ୨୪ଟି ଦେଶ ଭାଗ ନେଇଛନ୍ତି ଏବଂ ଏଥିମଧ୍ୟରୁ ୬ଟି ଚାମ୍ପିୟନ ହୋଇଛନ୍ତି। ୱେଷ୍ଟଇଣ୍ଡିଜ, ଇଂଲଣ୍ଡ ଏବଂ ଭାରତ ଦୁଇଥର ଲେଖାଏ ଚାମ୍ପିୟନ ହୋଇଥିବା ବେଳେ ପାକିସ୍ତାନ, ଅଷ୍ଟ୍ରେଲିଆ ଏବଂ ଶ୍ରୀଲଙ୍କା ଥରେ ଲେଖାଏ ଟାଇଟଲ ସ୍ୱାଦ ଚାଖିଛନ୍ତି। ୱେଷ୍ଟଇଣ୍ଡିଜ ୨୦୧୨ ଓ ୨୦୧୬, ଇଂଲଣ୍ଡ ୨୦୧୦ ଓ ୨୦୨୨ ଏବଂ ଭାରତ ୨୦୦୭ ଓ ୨୦୨୪ରେ ଚାମ୍ପିୟନ ହୋଇଛି। ପାକିସ୍ତାନ ୨୦୦୯, ଶ୍ରୀଲଙ୍କା ୨୦୧୪ ଏବଂ ଅଷ୍ଟ୍ରେଲିଆ ୨୦୨୧ ସଂସ୍କରଣରେ ଟାଇଟଲ ଜିତିଛି।

ଏଥର ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଯାଉଛି ଏହି ମେଗା ଇଭେଣ୍ଟ। ତେଣୁ ଭାରତ ପାଇଁ ଇତିହାସ ରଚିବାକୁ ସୁଯୋଗ ରହିଛି। ଏପର୍ଯ୍ୟନ୍ତ କୌଣସି ଆୟୋଜକ ଦେଶ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇନାହିଁ। ସେହିପରି କ୍ରମାଗତ ସଂସ୍କରଣରେ ମଧ୍ୟ କୌଣସି ଦଳ ଟାଇଟଲ ଜିତିନାହିଁ। ବର୍ତ୍ତମାନ ଭାରତ ଚମତ୍କାର ଫର୍ମରେ ଅଛି। ୨୦୨୪ ବିଶ୍ୱକପ୍ ପରେ କ୍ରମାଗତ ଭାବେ ଜିମ୍ବାୱେକୁ ୪-୧, ଶ୍ରୀଲଙ୍କାକୁ ୨-୦, ବାଂଲାଦେଶକୁ ୩-୦, ଦକ୍ଷିଣ ଆଫ୍ରିକାକୁ ୩-୧, ଇଂଲଣ୍ଡକୁ ୪-୧ରେ ହରାଇବା ସହ ଏସିଆ କପ୍ ଚାମ୍ପିୟନ ଅଷ୍ଟ୍ରେଲିଆକୁ ୨-୧ରେ, ସାଉଥ ଆଫ୍ରିକା ସହିତ ସିରିଜ ବିଜୟ ଯୋଗୁ ଭାରତ ପୁଣି ଚାମ୍ପିୟନ ହେବାର ସୁଯୋଗ ସୃଷ୍ଟି ହୋଇଛି। ଭାରତ ବିଶ୍ୱର ନଂ.୧ ଟି୨୦ ଟିମ୍ ଏବଂ ଆଇସିସି ର୍ୟାଙ୍କିଙ୍ଗ୍‌ର ବ୍ୟାଟିଂରେ ଅଭିଷେକ ଶର୍ମା ନଂ-୧ ବ୍ୟାଟର । ସେହିପରି ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ ନଂ.୧ ବୋଲର ଏବଂ ଆଇସିସି ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟର୍ସ ଏବଂ ବୋଲରମାନେ ଆଧିପତ୍ୟ ବିସ୍ତାର କରିଛନ୍ତି। ଭାରତ ଜବରଦସ୍ତ ଫର୍ମରେ ରହିଛି।

ଆଗାମୀ ସଂସ୍କରଣରେ ୨୦ଟି ଟିମ୍ ଭାଗନେଇଥିବା ବେଳେ ମୋଟ ୫୫ଟି ମ୍ୟାଚ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟରେ ୪୦ଟି ମ୍ୟାଚ ହେବା ପରେ ୮ ଦଳ ସୁପର ୮ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଭାରତରେ ଗ୍ରୁପ୍ ପର୍ଯ୍ୟାୟ, ସୁପର ୮ ଏବଂ ନକଆଉଟକୁ ମିଶାଇ ମୋଟ ୩୫ଟି ମ୍ୟାଚ ୫ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଶ୍ରୀଲଙ୍କାର ୩ଟି ଭେନ୍ୟୁରେ ମୋଟ ୨୦ଟି ମ୍ୟାଚ ଅନୁଷ୍ଠିତ ହେବ। ଭାରତର ଅହମଦାବାଦ, ଚେନ୍ନାଇ, ଦିଲ୍ଲୀ, କୋଲକାତା ଏବଂ ମୁମ୍ବାଇଠାରେ ମ୍ୟାଚଗୁଡିକ ହେବାକୁ ଥିବା ବେଳେ ଶ୍ରୀଲଙ୍କାର ତିନୋଟି ଭେନ୍ୟୁ ମଧ୍ୟରେ କଲମ୍ବୋର ୨ଟି ଷ୍ଟାଡିୟମ ଏବଂ କାଣ୍ଡିରେ ସମସ୍ତ ମ୍ୟାଚ ଖେଳାଯିବ। ବାଂଲାଦେଶ ଭାରତ ଗସ୍ତରେ ଆସୁ ନ ଥିବାରୁ ଏବଂ ତା'ର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବାକୁ ଜିଦ ରଖିବାରୁ ଶେଷ ମୁହୂର୍ତ୍ତରେ ଆଇସିସି କଠୋର ପଦକ୍ଷେପ ନେଇ ଟି୨୦ ର୍ୟାଙ୍କିଙ୍ଗ୍‌ରେ ୧୪ଶ ସ୍ଥାନରେ ଥିବା ସ୍କଟଲାଣ୍ଡକୁ ସୁଯୋଗ ଦେଇଛି। ଗ୍ରୁପ 'ସି'ରେ ବାଂଲାଦେଶକୁ ବାଦ୍ ଦିଆଯାଇ ସ୍କଟଲାଣ୍ଡକୁ ସୁଯୋଗ ଦିଆଯାଇଛି।

ଏଥର ଖୁବ୍ ଚର୍ଚ୍ଚାରେ ରହିଛି ଟି୨୦ ବିଶ୍ୱକପ୍। ବାଂଲାଦେଶୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ବିଦା କରାଯିବାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ବିସିସିଆଇର ଏହି ନିଷ୍ପତ୍ତିକୁ କେନ୍ଦ୍ର କରି ଭାରତରେ ବାଂଲାଦେଶ ଖେଳାଳିଙ୍କ ସୁରକ୍ଷା ପ୍ରତି ବିପଦ ଥିବା ଦର୍ଶାଇ ଦଳର ମ୍ୟାଚ୍‌କୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବାକୁ ବିସିବି(ବାଂଲାଦେଶ କ୍ରିକେଟ ବୋର୍ଡ) ଅନୁରୋଧ କରିଥିଲା। ମାତ୍ର ଏହାକୁ ଆଇସିସି ପ୍ରତ୍ୟାଖ୍ୟାନ କରିଥିଲା। ନିଜ ଜିଦ୍‌ରେ ଅଟଳ ରହିବାରୁ ବାଂଲାଦେଶ ବଦଳରେ ଆଇସିସି ସ୍କଟଲାଣ୍ଡକୁ ବିଶ୍ୱକପ୍‌ରେ ସାମିଲ କରିଥିଲା। ଏହି ନିଷ୍ପତ୍ତିକୁ ବିରୋଧ କରି ପାକିସ୍ତାନ ବିଶ୍ୱକପ୍‌ରୁ ଓହରିବାକୁ ଧମକ ଦେଇଥିଲା। ଏହି ପ୍ରସଙ୍ଗରେ ଆଇସିସି ଆପେକ୍ସ କମିଟି ବୈଠକରେ ଆଲୋଚନା ଅବସରରେ ନିଷ୍ପତ୍ତି ସପକ୍ଷରେ ୧୪-୨ ଭୋଟ ପଡ଼ିଥିଲା। ଏହାପରେ ପାକିସ୍ତାନ ଟୁର୍ନାମେଣ୍ଟରେ ଭାଗ ନେବାକୁ ଶ୍ରୀଲଙ୍କାରେ ପହଞ୍ଚି ସାରିଥିଲେ ମଧ୍ୟ ୧୫ ତାରିଖରେ କଲମ୍ବୋଠାରେ ହେବାକୁଥିବା ଭାରତ ବିପକ୍ଷ ମ୍ୟାଚକୁ ବର୍ଜନ କରିବ ବୋଲି ପ୍ରକାଶ କରିଛି। ଏହାକୁ ନେଇ ବିବାଦ କ୍ରମେ ଘନେଇବାରେ ଲାଗିଛି। ଆଇସିସି ପକ୍ଷରୁ ପିସିବିକୁ କଡା ଚେତାବନୀ ଦିଆଯାଇଛି। ବିଚଳିତ ପାକିସ୍ତାନ କ୍ରିକେଟ ବୋର୍ଡ ଅଭିଯୋଗ ଆଣିଛି ଯେ ବାଂଲାଦେଶ ପ୍ରତି ଆଇସିସି ଅନ୍ୟାୟ କରିଛି ଏବଂ ଭାରତକୁ ଅଧିକ ପ୍ରାଥମିକତା ଦେଉଛି। ତେଣୁ ହାଇଡ୍ରାମା ଅବ୍ୟାହତ ରହିଛି।

ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରହିଲେ ଆଇସିସିର କାର୍ଯ୍ୟନିର୍ବାହୀ ପରିଷଦ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)କୁ ଦଣ୍ଡିତ କରିପାରେ। ଏଥିଯୋଗୁ ପିସିବି ବଡ଼ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ। ଆଇସିସିର ଆର୍ଥିକ ସାଇକେଲ ୨୦୨୪-୨୭ରେ ପିସିବିକୁ ୧୪୪ ମିଲିଅନ ଡଲାର ମିଳିବାର ଅଛି। ଯଦି ଆଇସିସି ଦଣ୍ଡିତ କରିବାକୁ ନିଷ୍ପତ୍ତି ନିଏ ତେବେ ପିସିବି ପାଖାପାଖି ୪୦୦ କୋଟି ହରାଇବ। ୨୦୨୪ ଟି୨୦ ବିଶ୍ୱକପ୍ ଓ ଗତବର୍ଷ ଚାମ୍ପିୟନ୍ସ ଟ୍ରଫି ପାଇଁ ପିସିବିକୁ ତା'ର ଅଂଶ ମିଳିସାରିଛି। ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନ ଆୟୋଜନ କରିଥିବାରୁ ଆଇସିସି ପକ୍ଷରୁ ଅତିରିକ୍ତ ୬ ମିଲିଅନ ଆମେରିକୀୟ ଡଲାର ପ୍ରଦାନ କରାଯାଇ ସାରିଛି। ଆଇସିସି ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ପିସିବି ଅନ୍ୟ ସମ୍ପୂର୍ଣ୍ଣ ସଦସ୍ୟଙ୍କ ସହ ଚୁକ୍ତି କରିଛି।

ପାକିସ୍ତାନ ଚୁକ୍ତିର ଅବମାନନା କଲେ ଆଇସିସି ପିସିବିକୁ ଅର୍ଥଦଣ୍ଡରେ ଦଣ୍ଡିତ କରିବା ସହ କ୍ଷତିପୂରଣ ମଧ୍ୟ ଦାବି କରିବ। ଚଳିତ ଆର୍ଥିକ ସାଇକେଲ ଲାଗି ଆଇସିସିକୁ ୩୦୦ କୋଟି ଡଲାର ପ୍ରଦାନ କରୁଥିବା ପ୍ରସାରଣକାରୀ ସଂସ୍ଥା ଲାଭ ପାଇଁ ମୁଖ୍ୟତଃ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ଉପରେ ନିର୍ଭର କରେ। କାରଣ ଏହି ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ହେଉଥିବା ପ୍ରତ୍ୟେକ ମ୍ୟାଚ୍‌ରୁ ପାଖାପାଖି ଅଢ଼େଇ ଲକ୍ଷ ମିଲିଅନ ଡଲାର ଆୟ ହୋଇଥାଏ। ୨୪-୨୭ ସାଇକେଲରେ ୪ଟି ଆଇସିସି ଇଭେଣ୍ଟ ଥିବାରୁ ପ୍ରସାରଣକାରୀ ସଂସ୍ଥା ଏଥିରୁ ୧୦୦ କୋଟି ଟଙ୍କା ଆୟ କରିବା ଏକପ୍ରକାର ନିଶ୍ଚିତ। ପିସିବି ଆୟର ଅନ୍ୟ ବାଟ ହେଉଛି ପିଏସ୍ଏଲ୍। ଚଳିତବର୍ଷ ୧୧ତମ ପିଏସ୍ଏଲ୍‌ରେ ଦୁଇଟି ନୂଆ ଦଳ ଯୋଡ଼ାଯାଇଛି। ୬ ଦଳବିଶିଷ୍ଟ ଲିଗ୍‌ରୁ ବାର୍ଷିକ ଫି' ବାବଦକୁ ୨୦ ମିଲିଅନ ଡଲାର ଆୟ କରିବ। ପିସିବି ପିଏସ୍ଏଲ୍‌ର ପ୍ରସାରଣ ଅଧିକାର, ଟାଇଟଲ ସ୍ପନ୍‌ସରଶିପ୍ ଓ ବିଜ୍ଞାପନରୁ ଆସିଥିବା ରାଜସ୍ୱର ୯୫ ପ୍ରତିଶତ ବଣ୍ଟନ କରିଥାଏ। ଫ୍ରାଞ୍ଚାଇଜ୍‌ଗୁଡ଼ିକ ଟିକେଟ ବିକ୍ରିରୁ ୯୦ପ୍ରତିଶତ ଆୟ କରିଥାନ୍ତି। ଜାତୀୟ ଦଳର ସ୍ପନ୍‌ସରଶିପ୍ ଓ ଘରୋଇ ମ୍ୟାଚ୍‌ର ପ୍ରସାରଣ ଅଧିକାରରୁ ମଧ୍ୟ ପିସିବି ଆୟ କରିଥାଏ। ଏଥିରୁ ପିସିବି ଘରୋଇ ଟୁର୍ନାମେଣ୍ଟରେ ଖେଳୁଥିବା ଖେଳାଳି, ଅଫିସିଆଲଙ୍କୁ ଦରମା ପ୍ରଦାନ କରେ। ଏଣୁ ପିସିବି ଉପରେ ଆର୍ଥିକ କଟକଣା ଜାରି କରାଗଲେ, ପାକିସ୍ତାନ କ୍ରିକେଟ୍‌କୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ।

ଆଗାମୀ ବିଶ୍ୱକପ୍‌ର ଗ୍ରୁପ 'ଏ'ରେ ଭାରତ, ପାକିସ୍ତାନ, ଆମେରିକା, ନେଦରଲାଣ୍ଡ୍ସ, ନାମିବିୟା ରହିଥିବା ବେଳେ ଗ୍ରୁପ 'ବି'ରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଆୟର୍ଲାଣ୍ଡ, ଜିମ୍ବାୱେ ଓ ଓମାନ ସ୍ଥାନ ପାଇଛି। ସେହିପରି ଗ୍ରୁପ 'ସି'ରେ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ନେପାଳ, ଇଟାଲୀ ଓ ସ୍କଟଲାଣ୍ଡ ଏବଂ ଗ୍ରୁପ୍ 'ଡି'ରେ ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ, କାନାଡା ଏବଂ ୟୁଏଇ ରହିଛି। ପ୍ରତି ଗ୍ରୁପ୍‌ରୁ ଦୁଇଟି ଲେଖାଏ ଦଳ ସୁପର-୮କୁ ଉନ୍ନୀତ ହେବେ। ଇଟାଲୀ ପ୍ରଥମ ଥର ପାଇଁ ଏହି ମର୍ଯ୍ୟାଦାଜନକ ଟି୨୦ରେ ଭାଗ ନେଉଛି। ଭାରତ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳିବ। ପ୍ରତିଯୋଗିତା ଏବେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବାବେଳେ ରୋମାଞ୍ଚକର ଟି୨୦ ବିଶ୍ୱକପ୍ ଦେଖିବାକୁ କ୍ରିକେଟପ୍ରେମୀ ଆଶା ରଖିଛନ୍ତି। ସାମ୍ପ୍ରତିକ ଫର୍ମ ଦୃଷ୍ଟିରୁ ଭାରତ ପୁଣିଥରେ ଚାମ୍ପିୟନ ହେବାର ଦୃଢ଼ ଦାବିଦାର ରହିଛି।

# ଗ୍ରୁପ୍ 'ବି'ରେ କଡ଼ା ଟକ୍କର

ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ର ଗ୍ରୁପ୍ 'ବି' ମ୍ୟାଚ୍‌ଗୁଡ଼ିକ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ। ଏହି ଗ୍ରୁପ୍‌ରେ ୨ଟି ପୂର୍ବତନ ଚାମ୍ପିୟନ ଦଳ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ସ୍ଥାନ ପାଇଛନ୍ତି। ଅନ୍ୟ ଦଳଗୁଡ଼ିକ ହେଲେ ଆୟର୍ଲାଣ୍ଡ, ଓମାନ୍ ଓ ଜିମ୍ବାୱେ। ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଏହି ଗ୍ରୁପ୍‌ରେ ଫେଭରାଇଟ୍ ରହିଥିଲେ ହେଁ ଅନ୍ୟ ଦଳଗୁଡ଼ିକ ବିପର୍ଯ୍ୟୟ ଘଟାଇବାକୁ ସକ୍ଷମ।

**ଅଷ୍ଟ୍ରେଲିଆ:** ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳ ପାୱାର ହିଟିଂ ବ୍ୟାଟିଂ ଲାଇନ୍‌ଅପ୍ ଏବଂ ଅଭିଜ୍ଞ ବୋଲରଙ୍କୁ ନେଇ ବେଶ୍ ସମୃଦ୍ଧ। ଟି୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ମିଶ୍ରିତ ଫଳ ପାଇଛି। ୨୦୧୨ ପରେ ଦଳ ଥରେ ମାତ୍ର ସେମିଫାଇନାଲରେ ପ୍ରବେଶ କରିପାରିଛି। ୨୦୨୧ରେ ଦଳ କେବଳ ସେମିଫାଇନାଲ ନୁହେଁ, ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଚାମ୍ପିୟନ ହୋଇଥିଲା। କ୍ରମାଗତଭାବେ ମିଚେଲ ମାର୍ଶ ଦ୍ୱିତୀୟଥର ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଟ୍ରାଭିସ୍ ହେଡ୍, ଗ୍ଲେନ୍ ମ୍ୟାକ୍ସୱେଲ ଓ କାମେରନ ଗ୍ରୀନ୍ ବିସ୍ଫୋରକ ବ୍ୟାଟିଂ କରିବାକୁ ସକ୍ଷମ। ସ୍ପିନର ଆଡାମ ଜାମ୍ପା ଓ କୁପର କୋନୋଲି ପ୍ରଭାବୀ ସାବ୍ୟସ୍ତ ହୁଅନ୍ତୁ ବୋଲି ଦଳ ନିଶ୍ଚିତ ଚାହିଁବ। ଆୟର୍ଲାଣ୍ଡ ବିପକ୍ଷରୁ ଅଷ୍ଟ୍ରେଲିଆର ଅଭିଯାନ ଆରମ୍ଭ ହେବ।

**ଆୟର୍ଲାଣ୍ଡ:** ୨୦୦୭ରେ ଉଦ୍‌ଘାଟନୀ ସଂସ୍କରଣକୁ ଛାଡ଼ିଦେଲେ ଆୟର୍ଲାଣ୍ଡ ଅନ୍ୟ ସମସ୍ତ ବିଶ୍ୱକପ୍‌ରେ ଖେଳି ଆସିଛି। ଏଥର ଏହି ଦଳ ସୁପ୍‌ର-୮ରେ ପ୍ରବେଶ କରିବା ଆଶାରେ ରହିଛି। ୨୦୨୨ରେ ଦଳ ପ୍ରଥମ ରାଉଣ୍ଡ ଅତିକ୍ରମ କରିଥିବାବେଳେ ଚାମ୍ପିୟନ ଇଂଲଣ୍ଡଠାରୁ ଏକମାତ୍ର ପରାଜୟ ବରଣ କରିଥିଲା। ପଲ୍ ଷ୍ଟିର୍ଲିଂ ପୁଣିଥରେ ଦଳର ନେତୃତ୍ୱ ନେଉଛନ୍ତି। ଭେଟେରାନ ସ୍ପିନର ଜର୍ଜ ଡକ୍‌ରେଲ ଓ ଉଇକେଟ୍‌କିପର ଲୋରକାନ ଟୁକରଙ୍କ ସମେତ ଷ୍ଟିର୍ଲିଂଙ୍କଠାରେ ପ୍ରଚୁର ଅଭିଜ୍ଞତା ରହିଛି। ଜୋଶ୍ ଲିଟିଲ ବୋଲିଂ ବିଭାଗର ନେତୃତ୍ୱ ନେବାକୁ ଯାଉଥିବାବେଳେ ନିକଟରେ ୟୁଏଇ ଓ ଇଟାଲୀ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିବା ୨୩ ବର୍ଷୀୟ ସ୍ପିନର ମାଥ୍ୟୁ ହମ୍ଫ୍ରେସଙ୍କ ଉପରେ ନଜର ରହିବ।

**ଓମାନ୍:** ଓମାନ୍ ଚତୁର୍ଥ ଥର ଲାଗି ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏସିଆନ୍ ଆଣ୍ଡ ଇଷ୍ଟ ଏସିଆ-ପାସିଫିକ୍ କ୍ୱାଲିଫାୟର ଦେଇ ଦଳ ଆଗକୁ ବଢ଼ିଛି। ପୂର୍ବରୁ ଭାଗ ନେଇଥିବା ୩ ବିଶ୍ୱକପ୍ ମଧ୍ୟରୁ ୨ଥର ଓମାନ ଗୋଟିଏ ଲେଖାଏ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ୨୦୧୬ରେ ନିଜର ଡେବ୍ୟୁ ବିଶ୍ୱକପ୍‌ରେ ଏହି ଦଳ ପ୍ରଥମ ଗେମ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଓପ୍‌ନର ଯତୀନ୍ଦର ସିଂ ଦଳର ଅଧିନାୟକ ଅଛନ୍ତି। ବୋଲିଂ ହେଉଛି ଓମାନ୍ ଦଳର ମୁଖ୍ୟ ଅସ୍ତ୍ର। ଯୋଗ୍ୟତା ପର୍ଯ୍ୟାୟରେ ଜିତେନ ରାମାନନ୍ଦି, ସୁଫୟାନ ମେହମୁଦ ଓ ନଦିମ୍ ଖାଁ ବହୁତ ଭଲ ପ୍ରଦର୍ଶନ କରିଥିଲେ। ୪୪ ବର୍ଷୀୟ ଅମିର ଖଲିମ ଓ ୪୩ ବର୍ଷୀୟ ମହମ୍ମଦ ନଦିମ ହେଉଛନ୍ତି ଟୁର୍ନାମେଣ୍ଟରେ ଓମାନ୍‌ର ଦୁଇ ବୟସ୍କ ଖେଳାଳି।

**ଶ୍ରୀଲଙ୍କା:** ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ର ପ୍ରଥମ ୫ ସଂସ୍କରଣ ମଧ୍ୟରୁ ଶ୍ରୀଲଙ୍କା ୩ଥର ଫାଇନାଲ ଏବଂ ଥରେ ସେମିଫାଇନାଲ ଖେଳିଛି। ୨୦୧୪ରେ ଚାମ୍ପିୟନ ଶ୍ରୀଲଙ୍କା ଗତ ଦଶନ୍ଧିରେ ସେହି ପ୍ରଦର୍ଶନ ଦୋହରାଇବାକୁ ସଂଘର୍ଷ କରୁଛି। ଦୁଇବର୍ଷ ତଳେ କାରିବିୟନ ମାଟିରେ ଦଳ ଅତି ଖରାପ ପ୍ରଦର୍ଶନ କରି ପ୍ରଥମ ୨ଟି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶଠାରୁ ହାରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏଥର ଘରୋଇ ପରିବେଶରୁ ଫାଇଦା ଉଠାଇବାକୁ ଦଳ ନିଶ୍ଚିତ ଚେଷ୍ଟା କରିବ। କାରଣ କଲମ୍ବୋ ଏବଂ କାଣ୍ଡିର ପରିବେଶ ଏହି ଦଳକୁ ସବୁଠାରୁ ଭଲଭାବେ ଜଣା। ଦସୁନ ଶନକା ଶ୍ରୀଲଙ୍କାର ନେତୃତ୍ୱ ନେବେ। ୱାନିନ୍ଦୁ ହସରଙ୍ଗା, ମହେଶ ପଥିରାନା ଓ ଦୁସ୍ମନ୍ଥ ଚାମିରାଙ୍କ ଉପସ୍ଥିତିରେ ଶ୍ରୀଲଙ୍କା ବୋଲିଂ ବିଭାଗ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ପଥୁମ ନିଶଙ୍କା ନିକଟରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ପ୍ରଭାବୀ ରହିଥିଲେ।

**ଜିମ୍ବାୱେ:** ଦୁଇବର୍ଷ ତଳେ ବିଶ୍ୱକପ୍ ମିସ୍ କରିଥିବା ଜିମ୍ବାୱେ ଏଥର ପୁଣି ପ୍ରତ୍ୟାବର୍ତ୍ତନ କରିଛି। ଅଧିନାୟକ ସିକନ୍ଦର ରାଜା, ଉଇକେଟ୍‌କିପର ବ୍ରେଣ୍ଡନ ଟେଲରଙ୍କ ପରି ଅନେକ ପରିଚିତ ମୁହଁ ଏହି ଦଳରେ ରହିଛନ୍ତି। ୨୨ ବର୍ଷୀୟ ବ୍ରେଣ୍ଡନ ବେନେଟ ଆଫ୍ରିକାନ୍ କ୍ୱାଲିଫାୟରରେ ୩ ଅର୍ଦ୍ଧଶତକ ଓ ଗୋଟିଏ ଶତକ ହାସଲ କରି ଦଳର ଯୋଗ୍ୟତା ହାସଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଗତ ନଭେମ୍ବରରେ ପାକିସ୍ତାନ ଓ ଶ୍ରୀଲଙ୍କାକୁ ନେଇ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ମଧ୍ୟ ଭଲ ବ୍ୟାଟିଂ କରିଥିଲେ। ୪ ବର୍ଷ ତଳେ ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଜିମ୍ବାୱେ ଏଥର ଓମାନ୍ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ।



ଦସୁନ ଶନକା



ମିଚେଲ ମାର୍ଶ

### କ୍ୱାଲିଟି

ଟିମ୍ ଇଣ୍ଡିଆର ନିର୍ଘାତ ମାଡ଼ରେ
ଘାଇଲା ନ୍ୟୁଜିଲାଣ୍ଡ
ସେ ମାଡ଼ରେ ପାକିସ୍ତାନର ଓଲଟା
କାମ କଲା ନାହିଁ ମୁଣ୍ଡ
ମିଛରେ ଖୋଲିଲା ତୁଣ୍ଡ
ଭାରତ ବିପକ୍ଷ ମ୍ୟାଚ ବର୍ଜନ
କରିବାକୁ କହେ ଧଣ୍ଡ.... ୧
ପାକ୍-ଟିମଇଣ୍ଡିଆ ମ୍ୟାଚ ନ ହେଲେ
ବାଇଶି ଶ' କୋଟି କ୍ଷତି
ପାକ୍ କ୍ୟାପଟେନ ସଲମାନ କହେ
ସରକାର, ବୋର୍ଡ ସାଥୀ
ସେ ଯାହା ନିଷ୍ପତ୍ତି ନେବେ ମାନିନେବୁ
ନାହିଁ ଆଉ ଅନ୍ୟ ଗତି... ୨



ଚାଲି ନ ଜାଣି ଯେ ଦିଏ ବାଟ ଦୋଷ
ସେ ମାରଇ ଡେଲି ମଶା
ସେମିତି କ୍ରିକେଟ ୱାର୍ଲ୍ଡରେ ପାକ୍
ଖେଳଇ ମିଛରେ ପଶା
ବଡି ଲଙ୍ଗୁଏଜ, ଭାଷା
ବତାଏ କ୍ୱାଲିଟି, ଭ୍ୟାଲୁଲେସ୍ ସଦା
ହେଉଥାଏ ଲୋକହସା... ୩

-ସୁବାସ ଚନ୍ଦ୍ର ପ୍ରଧାନ





# ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଭାରତ

ହରାରେ,୫।୨(ପି.ଟି.)

୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ର ୧୬ତମ ସଂସ୍କରଣ ଫାଇନାଲ ମ୍ୟାଚ୍ ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବଠାରେ ଶୁକ୍ରବାର ଖେଳାଯିବ। ଏହି ଟାଇଟଲ ମୁକାବିଲାରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ୫ ଥର ଚାମ୍ପିୟନ ହୋଇଥିବା ଭାରତ ତା'ର ରେକର୍ଡ ଷଷ୍ଠ ଥର ପାଇଁ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ଟାଇଟଲ ହାସଲ କରିବା ଲକ୍ଷ୍ୟରେ ମ୍ୟାଚ୍‌କୁ ଓହ୍ଲାଇବ। ଅନ୍ୟପକ୍ଷରେ ୧୯୯୮ ସଂସ୍କରଣର ଚାମ୍ପିୟନ ଇଂଲଣ୍ଡ ତୃତୀୟ ଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି।

ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଟୁର୍ନାମେଣ୍ଟରେ ଅପରାଜିତ ରହି ଫାଇନାଲରେ ପହଞ୍ଚିଛି। ଆଫଗାନିସ୍ତାନ ବିପକ୍ଷ ହାଇ ସ୍କୋରିଂ ସେମିଫାଇନାଲ ମ୍ୟାଚ୍‌କୁ ଭାରତ ଏକତରଫା ଭାବେ ଜିତି ନେଇଥିଲା। ଭାରତ ଭଳି ପ୍ରତିପକ୍ଷ ଇଂଲଣ୍ଡ ମଧ୍ୟ ଏପର୍ଯ୍ୟନ୍ତ ଅପରାଜିତ ହୋଇ ରହିଛି। ଇଂଲଣ୍ଡ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇଥିଲା। ଏଣୁ ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଫାଇନାଲକୁ ଓହ୍ଲାଇବ।

ଭାରତକୁ ଜିତିବାକୁ ହେଲେ ଦଳର ସମସ୍ତ ଖେଳାଳିଙ୍କୁ ମିଳିତ ପ୍ରଦର୍ଶନ କରିବାକୁ ପଡ଼ିବ। ବୈଭବ ସୂର୍ଯ୍ୟବଂଶୀ, ଆରୋନ ଜର୍ଜ, ଅଧିନାୟକ ଆୟୁଷ ମାହାତ୍ରେ, ଅଭିଜ୍ଞାନ କୁଣ୍ଡୁଙ୍କୁ ନେଇ ଗଠିତ ଭାରତୀୟ ଦଳର ବ୍ୟାଟିଂ ଲାଇନ ବଡ଼ ସ୍କୋର ଛିଡ଼ା କରିବାକୁ ପଡ଼ିବ। ଇନିଂସ ଆରମ୍ଭରୁ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ପ୍ରତିପକ୍ଷ ଦଳର ବୋଲିଂ ରଣନୀତିକୁ ଧ୍ୱଂସ କରି ଦେଉଛି। ପୂରା ଟୁର୍ନାମେଣ୍ଟରେ ସାଧାରଣ ପ୍ରଦର୍ଶନ କରିଥିବା ମାହାତ୍ରେ ଓ ଜର୍ଜ ସେମିଫାଇନାଲରେ ଯଥାକ୍ରମେ ଅର୍ଦ୍ଧଶତକ ଓ ଶତକ ହାସଲ କରି ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ମଧ୍ୟକ୍ରମରେ ବିହାନ ମାଲହୋତ୍ରା ଓ କୁଣ୍ଡୁ ଦଳ ଲାଗି ଆବଶ୍ୟକ ସମୟରେ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଦୀପେଶ ଦେବେନ୍ଦ୍ରନ, ହେନିଲ ପଟେଲ ଓ ଆର୍ ଏସ୍ ଅମ୍ବ୍ରିଶଙ୍କୁ ନେଇ ଗଠିତ ପେସ ଆଟାକ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଛି। ସ୍ପିନର ଭାବେ କନିଷ୍କ ଚୌହାନ ଓ ଖିଲାନ ପଟେଲ ଖେଳିପାରନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡ ପାଖରେ ଶକ୍ତିଶାଳୀ ପେସ୍ ଆଟାକ ରହିଛି। ଟୁର୍ନାମେଣ୍ଟରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାର ଟପ୍-୫ ମଧ୍ୟରେ ଭାରତୀୟ ବୋଲର ନ ଥିବା ବେଳେ ଇଂଲଣ୍ଡର ମାନି ଲମ୍ବ୍‌ଡେନ ୧୫ ଉଇକେଟ ସହ ଶୀର୍ଷରେ ରହିଛନ୍ତି। ସେ ଭାରତୀୟ ବ୍ୟାଟିଂ ଲାଇନ ପାଇଁ ସମସ୍ୟା ଛିଡ଼ା କରିପାରନ୍ତି। ଇଂଲଣ୍ଡର ବ୍ୟାଟରଙ୍କ ମଧ୍ୟରେ ବେନ ମାୟେସ ଏକ ଶତକ ଓ ୨ ଅର୍ଦ୍ଧଶତକ ସହ ଟୁର୍ନାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ୩୯୯ ରନ କରିଛନ୍ତି। ଅଧିନାୟକ ଥୋମାସ ରି ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଶତକୀୟ ପାଳି ଖେଳିଥିଲେ। ସେ ଏପର୍ଯ୍ୟନ୍ତ ୨୯୯ ରନ କରିଛନ୍ତି, ଯାହାକି ଚତୁର୍ଥ ସର୍ବାଧିକ। କିନ୍ତୁ ସେମାନଙ୍କ ଦୁଇ ଓପନର ବେନ ଡକିନ୍ସ ଓ ଯୋଶେଫ ମୁରେସ ସଂଘର୍ଷ କରୁଛନ୍ତି।

**ସମ୍ଭାବ୍ୟ ଭାରତୀୟ ଦଳ:** ଆରୋନ ଜର୍ଜ, ବୈଭବ ସୂର୍ଯ୍ୟବଂଶୀ, ଆୟୁଷ ମାହାତ୍ରେ (ଅଧିନାୟକ), ବିହାନ ମାଲହୋତ୍ରା, ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ, ଆର୍‌ଏସ୍ ଅମ୍ବ୍ରିଶ, କନିଷ୍କ ଚୌହାନ, ଖିଲାନ ପଟେଲ, ହେନିଲ ପଟେଲ, ଦୀପେଶ ଦେବେନ୍ଦ୍ରନ।

**ସମ୍ଭାବ୍ୟ ଇଂଲଣ୍ଡ ଦଳ:** ବେନ ଡକିନ୍ସ, ଯୋଶେଫ ମୁରେସ, ବେନ ମାୟେସ,ଥୋମାସ ରି (ଅଧିନାୟକ), କାଲେବ ଫାଲକନର, ରାଲଫି ଆଲବର୍ଟ ଫର୍ହରନ ଅହମଦ, ସେବାଷ୍ଟିଆନ ମୋର୍ଗାନ, ଜେମ୍ସ ମିଣ୍ଟୋ, ମାନି ଲମ୍ବସଡେନ, ଆଲେକ୍ସ ଫ୍ରେଞ୍ଚ।




ବିଶ୍ୱକପ୍ ଟ୍ରଫି ସହ ଭାରତର ଅଧିନାୟକ ଆୟୁଷ ମାହାତ୍ରେ ଓ ଇଂଲଣ୍ଡ ଅଧିନାୟକ ଥୋମାସ ରି।

# ୱିଣ୍ଟର ଅଲିମ୍ପିକ୍ସ ଇଭେଣ୍ଟ ଆରମ୍ଭ



ୱିଣ୍ଟର ଅଲିମ୍ପିକ୍ସର କର୍ଲିଙ୍ଗ ଇଭେଣ୍ଟରେ ଭାଗନେଇଥିବା ଜଣେ ପ୍ରତିଯୋଗୀ।

କୋର୍ଟିନା ଡି' ଆମ୍ପିଜୋ (ଇଟାଲୀ), ୫।୨ (ଏପି)

କୋର୍ଟିନାଠାରେ ବୁଧବାର ପ୍ରଥମ କର୍ଲିଙ୍ଗ ମ୍ୟାଚ ସହ ୱିଣ୍ଟର ଅଲିମ୍ପିକ୍ସର ଦୁଇ ଦିନ ପୂର୍ବରୁ କେତୋଟି ଇଭେଣ୍ଟର ପ୍ରତିଯୋଗିତା ହୋଇଛି। ମାତ୍ର ବିଦ୍ୟୁତ ବିଭ୍ରାଟ ଯୋଗୁ କିଛି ସମୟ ଖେଳକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। କିଛି ସମୟ ମଧ୍ୟରେ ବିଦ୍ୟୁତ ସେବା ଫେରିବା ପରେ ଖେଳ ଆରମ୍ଭ ହୋଇଥିଲା। ମ୍ୟାଚଟି ଚେକ୍ ରିପବ୍ଲିକ ଓ କାନାଡ଼ା ମଧ୍ୟରେ ହୋଇଥିବାରୁ ଦୁଇଦେଶର ବହୁ ସମର୍ଥକ ଉପସ୍ଥିତ ଥିଲେ। ଇଭେଣ୍ଟର ମିକ୍ସଡ ଡବଲ୍ସରେ କାନାଡା ଦମ୍ପତି ଜୋସିଲିନ୍ ପିଟରମାନ ଓ ବ୍ରେଟ୍ ଗାଲାଣ୍ଟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ଅନ୍ୟ ୩ଟି ଦଳରେ ମଧ୍ୟ ଦମ୍ପତି ପ୍ରତିଯୋଗୀ ଥିଲେ। କର୍ଲିଂରେ ଇସ୍ତୋନିଆ ପାଇଁ ପ୍ରଥମ ଥର ଭାଗ ନେଇଥିଲେ। ମ୍ୟାରି କାଲ୍‌ଡଭି ଓ ହାରି ଲିଲ୍। ଇଟାଲିଆନ ଯୋଡ଼ି କୋର୍ଟିନାର ଷ୍ଟିସଫାନିଆ କନଷ୍ଟାଣ୍ଟିନ ଓ ଆମୋସ ମୋସାନେର ହେଉଛନ୍ତି ମିକ୍ସଡ ଡବଲ୍ସରେ ଗତଥରର ବିଶ୍ୱ ଓ ଅଲିମ୍ପିକ୍ସ ଚାମ୍ପିୟନ। ୱିଣ୍ଟର ଅଲିମ୍ପିକ୍ସ ଶୁକ୍ରବାରଠାରୁ ଫେବୃଆରୀ ୨୨ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୬ଟି କ୍ରୀଡ଼ା ସ୍ଥାନ ପାଇଛି।

# ଅନୁରାଗ ଠାକୁରଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୫।୨(ପି.ଟି.)



ବିସିସିଆଇର ପୂର୍ବତନ ମୁଖ୍ୟ ତଥା ଭାଜପା ଏମ୍‌ପି ଅନୁରାଗ ଠାକୁରଙ୍କୁ ଗୁରୁବାର ସୁପ୍ରିମକୋର୍ଟ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। କ୍ରିକେଟ ପ୍ରଶାସନକୁ ଫେରିବା ପାଇଁ ତାଙ୍କ ପଥ ପରିଷ୍କାର ହୋଇଛି। ସର୍ବୋଚ୍ଚ କୋର୍ଟ ୨୦୧୭ ଜାନୁଆରୀରେ ଦେଇଥିବା ନିର୍ଦ୍ଦେଶରେ ପରିବର୍ତ୍ତନ କରିଛନ୍ତି, ଯେଉଁଥିରେ ଠାକୁରଙ୍କୁ ଭାରତୀୟ କ୍ରିକେଟ ବୋର୍ଡ ସହ ଜଡ଼ିତ କାର୍ଯ୍ୟରୁ ଦୂରେଇ ରହିବାକୁ କୁହାଯାଇଥିଲା। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସଂଶୋଧନ କରିଛନ୍ତି। ୨୦୧୭ରେ ମୁଖ୍ୟ ବିଚାରପତି ଟିଏସ୍ ଠାକୁର ବିସିସିଆଇରେ ଲୋଧା ପ୍ୟାନେଲ ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ ସେତେବେଳେ ସଭାପତି ଥିବା ଠାକୁର ଓ ସମ୍ପାଦକ ଅଜୟ ଶିର୍କେଙ୍କୁ ହଟାଇଥିଲେ।




ଗୁରୁବାର ମୁମ୍ବାଇ ଓ କଲମ୍ବୋଠାରୁ ଅନୁଷ୍ଠିତ କ୍ୟାପ୍ଟେନ୍ସ କାର୍ନିଭାଲ ଅବସରରେ ଟି୨୦ ବିଶ୍ୱକପ୍ ଟ୍ରଫି ସହ ଭାଗନେଇଥିବା ସମସ୍ତ ଦଳର ଅଧିନାୟକ।

# ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଚାମ୍ପିୟନ

ଭୁବନେଶ୍ୱର, ୫।୨ (ବିଜୟ ରଣା)

**ଆନ୍ତଃ ବିଭାଗୀୟ କ୍ୟାରମ୍ ଉଦ୍‌ଯାପିତ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ବିଭାଗୀୟ କ୍ୟାରମ୍ ପ୍ରତିଯୋଗିତାର ଚତୁର୍ଥ ସଂସ୍କରଣ ୟୁନିଟ-୧ସ୍ଥିତ ବିଭାଗର ଆର୍କିଭିଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି। ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ ପରିଷଦର ଉପଦେଷ୍ଟା ବିପିନ ବିହାରୀ ହାଁସଦା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ବିଜେତା ଖେଳାଳିମାନଙ୍କୁ ଟ୍ରଫି, ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ଚଳିତ ସଂସ୍କରଣର କ୍ୟାରମ ପ୍ରତିଯୋଗିତାରେ ଆୟୋଜକ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ଚାମ୍ପିୟନ ହୋଇଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରଥମ ଉପବିଜେତା ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱିତୀୟ ଉପବିଜେତା ହୋଇଛି। ପ୍ରତିଯୋଗିତାରେ ସଚିବାଳୟର ୧୯ଟି ବିଭାଗର ୮୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ ପରିଷଦ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତଜାତି ଉନ୍ନୟନ ବିଭାଗର ସଭାପତି ଦିବ୍ୟରଞ୍ଜନ ସାହୁ, ଉପ-ସଭାପତି ଅମିତ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶିବ ପ୍ରସାଦ ହାଁସଦା, ଯୁଗ୍ମ ସମ୍ପାଦକ ନାରାୟଣ ପ୍ରସନ୍ନ ମହାପାତ୍ର, କ୍ରୀଡ଼ା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ, ସାଂସ୍କୃତିକ ସମ୍ପାଦକ ପ୍ରିୟମାଧବ ସାହୁ, କୋଷାଧ୍ୟକ୍ଷ ସିକନ୍ଦର ଦିଗଲ ଉପସ୍ଥିତ ଥିଲେ। ମୁଖ୍ୟ କ୍ରୀଡ଼ା ପରିଚାଳକ ଏସ.କେ. ଅବଦୁଲ୍ଲା ଏବଂ ଟୁର୍ନାମେଣ୍ଟର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାସ ଚଳିତ ସଂସ୍କରଣର କ୍ୟାରମ ପ୍ରତିଯୋଗିତାର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀର ଅବ୍ୟବହିତ ପୂର୍ବରୁ ଦିବଂଗତ ସୁନିଲ କୁମାର ପଟ୍ଟନାୟକ, ରେଫରିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାକାର୍ଯ୍ୟକୁ ସଞ୍ଚାଳନା କରିଥିଲେ ସୁରେଶ କୁମାର ନାଗ୍।




ପୁରସ୍କାର ସହ କୃତୀ ପ୍ରତିଯୋଗୀ।

# କ୍ୟାପ୍ଟେନ୍ସ କାର୍ନିଭାଲ

ମୁମ୍ବାଇ, ୫।୨

ଶନିବାରଠାରୁ ଆରମ୍ଭ ହେଉଥିବା ଟି୨୦ କ୍ରିକେଟ୍ ବିଶ୍ୱକପ୍ ଲାଗି ଗୁରୁବାର ମୁମ୍ବାଇ ଓ କଲମ୍ବୋଠାରେ କ୍ୟାପ୍ଟେନ୍ସ କାର୍ନିଭାଲ ଆୟୋଜିତ ହୋଇଯାଇଛି। ଏହି ଇଭେଣ୍ଟରେ ଭାଗ ନେଉଥିବା ସମସ୍ତ ୨୦ ଦଳର ଅଧିନାୟକ ଏକତ୍ରିତ ହୋଇଛନ୍ତି। ବିସିସିଆଇ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ସୂର୍ଯ୍ୟକୁମାର ଯାଦବ, ଆଫଗାନିସ୍ତାନର ରଶିଦ ଖାନ, କାନାଡାର ଦିଲପ୍ରୀତ ବାଜୱା, ଇଂଲଣ୍ଡର ହ୍ୟାରୀ ବ୍ରୁକ, ଇଟାଲିର ୱେନ ମାଡସେନ, ନାମିବିଆର ଜେରାର୍ଡ ଏରାସମସ, ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରମ, ଆମେରିକାର ମୋନାଙ୍କ ପଟେଲ ଓ ୱେଷ୍ଟଇଣ୍ଡିଜର ଶାଇ ହୋପ ଯୋଗ ଦେଇଥିଲେ। ସେହିଭଳି କଲମ୍ବୋରେ ଶ୍ରୀଲଙ୍କାର ଦାସୁନ ଶନକା, ଅଷ୍ଟ୍ରେଲିଆର ମିଚେଲ ମାର୍ଶ, ଆୟର୍ଲାଣ୍ଡର ପଲ ଷ୍ଟରଲିଂ, ନେଦରଲାଣ୍ଡ୍ସ ସ୍କଟ ଏଡୱାର୍ଡ୍ସ, ପାକିସ୍ତାନର ସଲମାନ ଅଲୀ ଆଘା, ୟୁଏଇର ମହମ୍ମଦ ୱାସିମ ଓ ଜିମ୍ବାୱେର ଶିକନ୍ଦର ରାଜା ଏକତ୍ରିତ ହୋଇଥିଲେ।

# ଆମେ ବାଂଲାଦେଶ ସହ ଅଛୁ: ଶରିଫ

କରାଚୀ,୫।୨(ପି.ଟି.)

ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌କୁ ବୟକଟ କରିବା ନିଷ୍ପତ୍ତି ଉଚିତ ଏବଂ ବାଂଲାଦେଶ ପ୍ରତି ସମର୍ଥନ ବ୍ୟକ୍ତ କରିବା ପାଇଁ ଏହି ନିଷ୍ପତ୍ତି ନେଇଛୁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶହବାଜ ଶରିଫ ଗୁରୁବାର ଏଭଳି କହିଛନ୍ତି। ସୁରକ୍ଷା କାରଣ ଦର୍ଶାଇ ଭାରତରେ ଖେଳିବାକୁ ମନା କରିବାରୁ ବାଂଲାଦେଶ ବଦଳରେ ସ୍କଟଲାଣ୍ଡକୁ ବିଶ୍ୱକପ୍‌ରେ ସାମିଲ କରାଯିବା ପରେ ପାକିସ୍ତାନ ଦଳକୁ ସରକାରଙ୍କ ପକ୍ଷରୁ କଲମ୍ବୋରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ମ୍ୟାଚ୍‌କୁ ବର୍ଜନ କରିବାକୁ କୁହାଯାଇଛି। "ଆମେ ଟି୨୦ ବିଶ୍ୱକପ୍ ଲାଗି ଏକ ସ୍ପଷ୍ଟ ପକ୍ଷ ରଖିଛୁ। ଆମେ ଭାରତ ବିପକ୍ଷ ମ୍ୟାଚ୍‌ରେ ଖେଳିବୁ ନାହିଁ। କାରଣ ଖେଳରେ ରାଜନୀତି କରାଯିବା ଉଚିତ ନୁହେଁ। ଆମେ ବହୁ ଆଲୋଚନା କରି ପକ୍ଷ ରଖିଛୁ ଏବଂ ଆମେ ବାଂଲାଦେଶ ସହ ଛିଡ଼ା ହେବା ଉଚିତ। ମୋ ମତରେ ଏହା ଏକ ଉଚିତ ନିଷ୍ପତ୍ତି। ଆମେ ବାଂଲାଦେଶ ସହ ଅଛୁ" ବୋଲି ଶରିଫ ଏକ ସରକାରୀ ବୈଠକ ପରେ କହିଛନ୍ତି। ଏହାର ପ୍ରତିକ୍ରିୟାରେ ବାଂଲାଦେଶ ସ୍ପୋର୍ଟ୍ସ ଆଡ୍‌ଭାଇଜର ଅସିଫ ନଜରୁଲ ଫେସ୍‌ବୁକ୍‌ରେ ଶରିଫଙ୍କ ବୟାନକୁ କୋଟ୍ କରି ଧନ୍ୟବାଦ ପାକିସ୍ତାନ ବୋଲି ପୋଷ୍ଟ କରିଛନ୍ତି।










4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ